# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁଲାଇ ୧/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, July 1/2023 Page 16 ₹ 7.00 | SAMBALPUR

୪୯ଶ ଭାଗ ୨୧୬ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 216 ମୂଲ୍ୟ ₹୭/-




**ମେରୀ କମ୍ ସମ୍ମାନିତ**

କିମ୍ବଦନ୍ତୀ ବକ୍ସର ଏମ୍.ସି.ମେରୀ କମ୍ ଗ୍ଲୋବାଲ ଇଣ୍ଡିଆନ ଆଇକନ ଅଫ୍ ଦି ଇୟର ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।

୧୬

୧୩

**ରାମ ଚରଣଙ୍କ ଝିଅକୁ ଅମ୍ବାନୀଙ୍କ ଉପହାର**

ଅଭିନେତା ରାମ ଚରଣ, ସ୍ତ୍ରୀ ଉପାସନାଙ୍କ ଝିଅର ନାମକରଣ ଉତ୍ସବରେ ମୁକେଶ ଅମ୍ବାନୀଙ୍କ ପରିବାର ପକ୍ଷରୁ ଉପହାର ସ୍ୱରୂପ ସୁନା ଝୁଲଣା ମିଳିଥିବା ଶୁଣିବାକୁ ମିଳିଛି।





ପୁରୀ: ଶୁକ୍ରବାର ନନ୍ଦିଘୋଷ ରଥରେ ମହାପ୍ରଭୁଙ୍କ ଅଧରପଣା ନୀତି ସମ୍ପନ୍ନ କରାଯାଉଛି। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

# ବିକାଶ ନାମରେ ଲକ୍ଷେ ବୃକ୍ଷ ବଳି

**ଆହୁରି ଶିଳ୍ପ ବସିବା ଅଧିକ ସ୍ଥାନରେ ଖଣିଜ ଖନନ ହେବା ଜାତୀୟ ସମ୍ପତ୍ତି ପରିବହନ ପାଇଁ ନୂଆ ରେଳପଥ ଲମ୍ବିବା ରାଜ୍ୟ ଅର୍ଥନୀତିରେ ଏପରି ଅଭିବୃଦ୍ଧି ନିମନ୍ତେ ଅନୁଗୋଳରେ ପ୍ରକୃତିକୁ ପହଞ୍ଚାଯାଇଛି ପ୍ରଭୂତ କ୍ଷତି। ବଳି ପକାଯାଇଛି ଲକ୍ଷେରୁ ଅଧିକ ବୃକ୍ଷ। ଗତ ୬ ବର୍ଷ ମଧ୍ୟରେ ଜିଲାରୁ କଟାଯାଇଛି ୧ ଲକ୍ଷ ୩୬ ହଜାର ୪୬ ଗଛ। ଏହି ସମୟ ଭିତରେ ୨ଲକ୍ଷରୁ ଅଧିକ ଚାରା ରୋପଣ କରାଯାଇଥିଲେ ମଧ୍ୟ ଏହା ପରିବେଶଗତ କ୍ଷତି ଭରଣାରେ କେତେଦୂର ସକ୍ଷମ ହେବ ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ପରିବେଶବିତ୍। ବିକାଶ ଆଳରେ ପ୍ରାକୃତିକ ସମ୍ପଦର ଏପରି ବିନାଶ ପ୍ରକ୍ରିୟା ଘୋର ବିପର୍ଯ୍ୟୟର କାରଣ ହେବ ବୋଲି ସେମାନେ ମତ ରଖିଛନ୍ତି।**

**ଅନୁଗୋଳ, ୩୦।୬ (ଅମିତ କୁମାର ସାମଲ)**

୨୦୧୭ରୁ ୨୦୨୩ ମଧ୍ୟରେ ଅନୁଗୋଳ ଜିଲାର ଶତାଧିକ ହେକ୍ଟର ଜଙ୍ଗଲ ଜମିରୁ ହୋଇଛି ବ୍ୟାପକ ବୃକ୍ଷ ଛେଦନ। ତାଳଚେର–ବିମଳାଗଡ଼ ଓ ଅନ୍ୟ ରେଳପଥ ପାଇଁ କଟାଯାଇଛି ୭ ହଜାର ୯୩୫ ଗଛ। ଜାତୀୟ ଓ ରାଜ୍ୟ ରାଜପଥ ନିମନ୍ତେ ୧୯ ହଜାର ୧୮୫ ବୃକ୍ଷ କାଟ ହୋଇଥିବା ବେଳେ ଗେଲ୍ ଇଣ୍ଡିଆର ଗ୍ୟାସ୍ ପାଇପ୍ ଲାଇନ୍ ପାଇଁ ୩ ହଜାର ୪୮୯, ନାଲ୍କୋ କୋଲ୍ ମାଇନିଂ ପାଇଁ ୫ ହଜାର ୭୩୦, ଏମ୍ସିଏଲ୍‌ର ଜଗନ୍ନାଥ ଖଣି ପାଇଁ ୧୮ ହଜାର ୨୨୧, ହିଙ୍ଗୁଳା ଓସିପି ପାଇଁ ୩୬ ହଜାର ୭୩୮ ଗଛ କଟାଯାଇଛି। ସେହିପରି ତାଳଚେରରେ ନିର୍ମାଣ ଚାଲିଥିବା ତାଳଚେର ଫର୍ଟିଲାଇଜର ଲିମିଟେଡ୍ (ଟିଏଫ୍ଏଲ୍) ପାଇଁ ୧୦ ହଜାର ୫୦୦, ଏନ୍‌ଟିପିସି/ଟିଟିପିଏସ୍ ପାଇଁ ୧୩ ହଜାର ୧୩୨ ବୃକ୍ଷ ଉଚ୍ଛେଦ ହୋଇଛି। ଏଥିସହ ଅନ୍ୟାନ୍ୟ କାରଣ ପାଇଁ ଅବଶିଷ୍ଟ ଗଛ କଟାଯାଇଥିବା ଓଡ଼ିଶା ଫରେଷ୍ଟ ଡେଭଲପମେଣ୍ଟ କର୍ପୋରେଶନ ଲିମିଟେଡ୍ (ଓଏଫ୍‌ଡିସିଏଲ୍) ପକ୍ଷରୁ କୁହାଯାଇଛି।

ଏ ନେଇ ଓଏଫ୍‌ଡିସିଏଲ୍ ଖଣ୍ଡୀୟ ପରିଚାଳକ ପ୍ରଦୀପ କୁମାର ଧଳ କହିଛନ୍ତି, ଶିଳ୍ପ, ଖଣି ଓ ରେଳପଥ ଆଦିର ବିକାଶ କାର୍ଯ୍ୟ ପାଇଁ ଅନୁଗୋଳ ଜିଲାରେ ଗତ ୬ ବର୍ଷ ମଧ୍ୟରେ କଟାଯାଇଥିବା ଗଛ ତୁଳନାରେ ଯଥେଷ୍ଟ ଅଧିକ ପରିମାଣରେ ଚାରା ରୋପଣ କରାଯାଉଛି। ଗ୍ରାମ୍ୟ ଜଙ୍ଗଲ, ପତ୍ରା ଜଙ୍ଗଲ, ଜଙ୍ଗଲ–୨ କିସମ ଅଞ୍ଚଳରେ ଏହି ଚାରା ଲଗାଯାଉଛି। କିନ୍ତୁ ରାଜସ୍ୱ ବିଭାଗ ପକ୍ଷରୁ ଜାଗା ନ ମିଳିବାରୁ ୨୦୨୨–୨୩ ବର୍ଷରେ ଆଦୌ ଚାରା ରୋପଣ ହୋଇପାରି ନାହିଁ। ଆବଶ୍ୟକ ପଡୁଥିବା ଜାଗା ଅଭାବ ଦୂର କରିବାକୁ ପ୍ରତ୍ୟେକ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଲ୍ୟାଣ୍ଡ ବ୍ୟାଙ୍କ ପ୍ରସ୍ତୁତ କରି ଓଏଫ୍‌ଡିସିଏଲ୍‌କୁ ପ୍ରଦାନ ନିମନ୍ତେ ପରାମର୍ଶ ଦିଆଯାଇଥିବା ଓଏଫ୍‌ଡିସିଏଲ୍ ଖଣ୍ଡୀୟ ପରିଚାଳକ ଧଳ ପ୍ରକାଶ କରିଛନ୍ତି। ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଖଣି ଅଞ୍ଚଳ ହୋଇଥିବାରୁ ଚାରା ରୋପଣ ପାଇଁ ଆବଶ୍ୟକ ଜାଗାର ଅଭାବ ରହୁଛି। ରାଜସ୍ୱ ବିଭାଗକୁ ହଠାତ୍ ବିଭିନ୍ନ ସମୟରେ ଜାଗା ଆବଶ୍ୟକ ପଡୁଛି। ତଥାପି ଯେଉଁଠାରେ ସମ୍ଭବ ହେଉଛି, ସେଠାରେ ନୂଆ ଚାରା ରୋପଣ ନିମନ୍ତେ ଜାଗା ପ୍ରଦାନ କରାଯାଉଛି।

ପରିବେଶବିତ୍ ପ୍ରସନ୍ନ ବେହେରା କହିଛନ୍ତି, ଅନୁଗୋଳ ଜିଲାରେ ଆଖିବୁଜା ଜଙ୍ଗଲ ଧ୍ୱଂସ କରାଯାଉଛି। ଏପରିକି ସରକାରୀ ରେକର୍ଡ ବାହାରେ ମଧ୍ୟ ସରକାରୀ ଓ ବେସରକାରୀ ସ୍ତରରେ ବ୍ୟାପକ ଗଛ କଟାଯାଉଛି। କିନ୍ତୁ ନୂଆ ଜଙ୍ଗଲ ସୃଷ୍ଟି ପାଇଁ ବନୀକରଣ ସେହି ତୁଳନାରେ ହେଉନାହିଁ। କେବଳ ସରକାରୀ ରେକର୍ଡ ଓ କାଗଜ କଲମରେ ଏହା ଦେଖାଯାଉଛି। ପରିବେଶବିତ୍ ଅଶୋକ ଶତପଥୀ କହିଛନ୍ତି, ବୃହତ୍ ତଥା ପୁରୁଣା ଗଛଗୁଡ଼ିକୁ କାଟିବା ଦ୍ୱାରା ପରିବେଶ ଉପରେ ବିଶେଷ ପ୍ରଭାବ ପଡୁଛି। ଜିଲାରେ ପ୍ରଦୂଷଣର ମାତ୍ରା ବଢ଼ି ବଢ଼ି ଚାଲିଛି। ନୂତନ ଚାରା ରୋପଣର ପ୍ରକୃତ ସ୍ଥିତି ନେଇ ଅନେକ ସନ୍ଦେହ ରହିଛି। ପୁରାତନ ଗଛଗୁଡ଼ିକୁ ନ କାଟି ବୈଷୟିକ ଜ୍ଞାନକୌଶଳର ସହାୟତା ନିଆଯାଇ ସ୍ଥାନାନ୍ତର କରାଗଲେ ପରିବେଶକୁ ☞ପୃଷ୍ଠା–୪

## ବିଦ୍ୟାଭାରତୀ, ଡିଏଫ୍‌ଓଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ

**ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲା**



**ପାରଳାଖେମୁଣ୍ଡି,୩୦।୬(ଗିରିଧାରୀ ପରିଚ୍ଛା)**

ଗଜପତି ଜିଲା ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାର ୨ ଅଭିଯୁକ୍ତଙ୍କ ବିରୋଧରେ ଶୁକ୍ରବାର ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି ହୋଇଛି। ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ ସୌମ୍ୟଙ୍କ ସ୍ତ୍ରୀ ବିଦ୍ୟାଭାରତୀ ଓ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରାଙ୍କ ନାଁରେ ୱାରେଣ୍ଟ ଜାରି କରିବା ସହ ଜୁଲାଇ ୭ ତାରିଖରେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୌମ୍ୟ ମୃତ୍ୟୁ ମାମଲାର ମୁଖ୍ୟ ଅଭିଯୁକ୍ତ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଓ ସୌମ୍ୟଙ୍କ ସ୍ତ୍ରୀ ବିଦ୍ୟାଭାରତୀଙ୍କୁ ଗତ ୨୭ ତାରିଖରେ ବ୍ୟକ୍ତିଗତ ☞ପୃଷ୍ଠା–୪


**ଆଜିର ସମ୍ପାଦକୀୟ**

**ଆତ୍ମବିଶ୍ୱାସର ସଙ୍କଟ**


## ଏକଜିଦିଆ ଛତିଶଗଡ଼, ଖୋଲିଲା କଲମାର ସବୁ ଗେଟ୍





**ସମ୍ବଲପୁର, ୩୦।୬(ଶୁଭାଶିଷ ପାଢ଼ୀ)**

ଆସନ୍ତା ୪ ତାରିଖରେ ଲଘୁଚାପ ଯୋଗୁ ଓଡ଼ିଶାରେ ପ୍ରବଳ ବର୍ଷିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଅନୁମାନ କରାଯାଇଛି। ଏଭଳିସ୍ଥଳେ ହୀରାକୁଦ ଡ୍ୟାମର ଉପରମୁଣ୍ଡ ମହାନଦୀରେ ଥିବା ଛତିଶଗଡ଼ର କଲମା ବ୍ୟାରେଜ୍‌ର ସମସ୍ତ ୬୬ ଗେଟ୍‌କୁ ଖୋଲିଦିଆଯାଇଛି। ଫଳରେ ୬୩୦ ଫୁଟ କ୍ଷମତା ବିଶିଷ୍ଟ ହୀରାକୁଦ ଡ୍ୟାମ୍‌ର ଜଳପତ୍ତନ ବୃଦ୍ଧି ପାଉଛି। ଶୁକ୍ରବାର ସନ୍ଧ୍ୟା ୬ ସୁଦ୍ଧା ଏଠାରେ ୬୦୪.୧୯ ଫୁଟ ପାଣି ରହିଛି, ଯାହାକି ଧୀରେ ଧୀରେ ବଢ଼ିବାରେ ଲାଗିଛି। ଏଥିଯୋଗୁ ହୀରାକୁଦ ଡ୍ୟାମ୍‌ର ଗେଟ୍ ଖୋଲିବା ସ୍ଥିତି ସୃଷ୍ଟି ହୋଇଥିବାବେଳେ ରାଜ୍ୟରେ ଲଗାଣ ବର୍ଷା ରହିଲେ ତଳମୁଣ୍ଡରେ ବଡ଼ଧରଣର ବନ୍ୟା ଆଶଙ୍କାକୁ ଏଡ଼ାଇ ହେବନାହିଁ। ନିଜକୁ ସୁରକ୍ଷିତ ରଖିବାକୁ ଯାଇ ଛତିଶଗଡ଼ ସରକାର ଏକଜିଦିଆ ଭାବେ କଲମାର ସବୁ ଗେଟ୍ ଖୋଲିଦେଇଥିବାରୁ

### ବର୍ଷା ହେଲେ ତଳମୁଣ୍ଡରେ ବନ୍ୟା ଆଶଙ୍କା

ଓଡ଼ିଶା ପାଇଁ ଆସନ୍ନ ବିପଦ ଦେଖାଦେଇଛି। ମହାନଦୀ ଜଳକୁ ନେଇ ଉଭୟ ଛତିଶଗଡ଼ ଏବଂ ଓଡ଼ିଶା ମଧ୍ୟରେ ବିବାଦ ଲାଗିରହିଥିବାବେଳେ ଏହାର ସମାଧାନ ପାଇଁ ଟ୍ରିବ୍ୟୁନାଲ ଗଠନ କରାଯାଇ ତଦନ୍ତ ଜାରି ରହିଛି। ଜଳ ପରିଚାଳନା ବିଶେଷ କରି ବନ୍ୟାଜଳ ପରିଚାଳନାକୁ ନେଇ ଉଭୟ ରାଜ୍ୟ ମଧ୍ୟରେ ସମନ୍ୱୟର ଅଭାବ ରହୁଥିବା ଅନେକ ସମୟରେ ଦେଖିବାକୁ ମିଳିଥାଏ। ଗତ ବର୍ଷାଋତୁରେ ଛତିଶଗଡ଼ ତା'ର ବ୍ୟାରେଜଗୁଡ଼ିକର ଗେଟ୍ ଖୋଲିଦେଇଥିବା ବେଳେ ଗ୍ରୀଷ୍ମ ଋତୁରେ ସମସ୍ତ ଗେଟ୍ ବନ୍ଦ କରି ମହାନଦୀକୁ ଶୁଖିଲା କରିଦେଇଥିଲା। ଏବେ ହୀରାକୁଦ ଉପର ଓ ତଳମୁଣ୍ଡରେ ବର୍ଷା ଲାଗିରହିଥିବା ବେଳେ ଛତିଶଗଡ କଲମା ବ୍ୟାରେଜର ୬୬ ଗେଟ୍ ☞ପୃଷ୍ଠା–୪

# ତାପମାତ୍ରା ବୃଦ୍ଧି ବଢ଼ାଉଛି ଘରୋଇ ହିଂସା

**ୱାଶିଂଟନ୍,୩୦।୬**

ଜଳବାୟୁ ପରିବର୍ତ୍ତନ ଦ୍ୱାରା କେବଳ ପ୍ରାକୃତିକ ସମ୍ପଦ ନଷ୍ଟ ହେଉଛି ତା' ନୁହେଁ, ଏହାର ପ୍ରଭାବ ଏବେ ଦାମ୍ପତ୍ୟ ଜୀବନ ଉପରେ ପଡ଼ିବା ଆରମ୍ଭ କଲାଣି। ବୈଶ୍ୱିକ ତାପମାତ୍ରା ବର୍ଷକୁ ହାରାହାରି ୧ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇବା ଦ୍ୱାରା ୪.୫% ଇଣ୍ଟିମେଟ୍ ପର୍ଟନର ଭାଓଲେନ୍ସ (ଆଇପିଭି) ବୃଦ୍ଧି ପାଉଥିବା ଆମେରିକୀୟ ଜେଏଏମ୍ଏ ସାଇକାଟ୍ରି ଜର୍ନାଲରେ ପ୍ରକାଶିତ ଅଧ୍ୟୟନ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏକବିଂଶ ଶତାବ୍ଦୀ ଶେଷ ସୁଦ୍ଧା ଦକ୍ଷିଣ ଏସୀୟ ଦେଶ ଭାରତ, ପାକିସ୍ତାନ ଓ ନେପାଳରେ ପାରିବାରିକ ହିଂସା ୨୧% ବୃଦ୍ଧି ପାଇବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ନେପାଳ, ପାକିସ୍ତାନ ତୁଳନାରେ ଭାରତରେ ସର୍ବାଧିକ ୨୩.୫% ଆଇପିଭି ଘଟିବ ବୋଲି ଅଧ୍ୟୟନ ରିପୋର୍ଟରେ ଦର୍ଶାଯାଇଛି। ବିଶ୍ୱ ତୁଳନାରେ ଦକ୍ଷିଣ ଏସୀୟ ଦେଶରେ ସବୁଠାରୁ

**ଭାରତରେ ସର୍ବାଧିକ**



ଅଧିକ ଘରୋଇ ହିଂସା ଘଟିବାର ମୁଖ୍ୟ କାରଣ ଗ୍ରୀଷ୍ମ ପ୍ରବାହ। ୨୦୧୦ରୁ ୨୦୧୮ ମଧ୍ୟରେ ମହିଳାଙ୍କ ଉପରେ ହୋଇଥିବା ଶାରୀରିକ ଏବଂ ଯୌନ ହିଂସାର ତଥ୍ୟକୁ ଆଧାର କରି ଉକ୍ତ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ୧୫ରୁ ୪୯ ବୟସ ବର୍ଗର ମୋଟ ୧୯୪,୮୭୧ ଜଣ ଯୁବତୀ ଓ ମହିଳାଙ୍କୁ ଏଥିରେ ସାମିଲ କରାଯାଇଥିଲା। ବୈଶ୍ୱିକ ତାପମାତ୍ରା ବର୍ଷକୁ ହାରାହାରି ୧ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ଘଟିବା ଦ୍ୱାରା ଦକ୍ଷିଣ ଏସୀୟ ଦେଶରେ ୬.୩% ରୁ ଅଧିକ ଶାରୀରିକ ଓ ଯୌନ ହିଂସା ଘଟୁଥିବା ଆକଳନ କରାଯାଇଛି।

ଅନ୍ୟପକ୍ଷେ ତାପମାତ୍ରା ବୃଦ୍ଧି ଯୋଗୁ ଫସଲ ନଷ୍ଟ ହୁଏ, ଯେଉଁଥିଲାଗି କୃଷକର ଆୟ କମିଯାଏ। ଫଳରେ ସେମାନଙ୍କୁ ଘରେ ବସି ରହିବାକୁ ପଡ଼େ। ଅର୍ଥାଭାବ ଯୋଗୁ ଘର ଚଳାଇବା ଚିନ୍ତା ମାଡ଼ିବସେ, ଯେଉଁ କାରଣରୁ ଘରୋଇ ହିଂସା ଘଟୁଥିବା ୟାଲେ ୟୁନିଭର୍ସିଟିର ଏନ୍‌ଭାଇରନମେଣ୍ଟାଲ ହେଲ୍‌ଥ ପ୍ରଫେଶର ମାଇକେଲ ବେଲ୍ କହିଛନ୍ତି। ଖାଲି ଘରୋଇ ହିଂସା ନୁହେଁ ବରଂ ତାପମାତ୍ରା ବୃଦ୍ଧି ଲୋକଙ୍କ ମାନସିକ ଚିନ୍ତା ମଧ୍ୟ ବଢ଼ାଇ ଦେଇଛି।




## ଗୁଜରାଟରେ ବର୍ଷାବିପ୍ଳବ: ୯ ମୃତ

ଗୁଜରାଟର ଅନେକ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଛି। କେତେକ ଅଞ୍ଚଳରେ ଗତ ୩୦ ଘଣ୍ଟା ମଧ୍ୟରେ ୨୦୦ ମିଲିମିଟରରୁ ଅଧିକ ବର୍ଷା ହୋଇଛି। ରାଜ୍ୟରେ ଦୁଇଦିନରେ ବର୍ଷାବିପ୍ଳବରେ ୯ ଜଣଙ୍କ ମୃତ୍ୟୁ ଘଟିଛି। ଆଗାମୀ ୩ ଦିନ ଯାଏ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ଲାଗିରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଜୁନାଗଡ଼, ଜାମନଗର, ମୋର୍ବି, କଚ୍ଛ, ସୁରଟ ଓ ତାପି ଜିଲାରେ ପ୍ରବଳ ବର୍ଷା ଯୋଗୁ ବିଭିନ୍ନ ସହର ଜଳାର୍ଣ୍ଣବ ହୋଇଛି। ଶୁକ୍ରବାର ସକାଳେ ଗ୍ରାମାଞ୍ଚଳ ରାସ୍ତାଘାଟ ବର୍ଷା ଯୋଗୁ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା।

# ବୀରେନ୍ ସିଂଙ୍କ ଇସ୍ତଫା ଦ୍ୱନ୍ଦ୍ୱ

## ମୁଖ୍ୟମନ୍ତ୍ରୀଙ୍କୁ ଅଟକାଇଲେ ମହିଳା ବିକ୍ଷୋଭକାରୀ


ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ।


CHIEF MINISTER
MANIPUR
D.O.No 1/24/2023-CM
Imphal,
30 June, 2023

Hon'ble Governor Madam,

I hereby submit my resignation as Chief Minister of Manipur. I thank you for your cooperation and guidance during the past few months.

With kind regards,

Yours sincerely,
( N. Biren Singh )

Smt. Anusuiya Uikey,
Hon'ble Governor of Manipur,
Raj Bhawan,
Imphal

ଚିରାଯାଇଥିବା ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫାପତ୍ର।

ଇମ୍ଫାଲ, ୩୦।୬
(ପ୍ରସ୍ତୁତି: ଅରୂପାନନ୍ଦ ଦେଠୀ)

ମଣିପୁରରେ ପ୍ରାୟ ଦୁଇ ମାସ ହେଲା ଜାତିଗତ ହିଂସା ଲାଗି ରହିଥିବାବେଳେ ଶତାଧିକ ଲୋକଙ୍କ ଜୀବନ ଗଲାଣି। ଏହାକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବା ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ବିରୋଧୀ ଦଳଗୁଡ଼ିକ ଦାବି କରିଆସୁଥିଲେ। ଶୁକ୍ରବାର ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବା ନେଇ ଦିନ ସାରା ଚର୍ଚ୍ଚା ଲାଗିରହିଥିଲା। ସେ ଇସ୍ତଫା ଦେବା ପାଇଁ ଅପରାହ୍ନରେ ରାଜଭବନ ଯିବାକୁ ବାହାରିଥିଲେ। ଇମ୍ଫାଲସ୍ଥିତ ବାସଭବନ ବାହାରେ ତାଙ୍କ ପ୍ରତି ବିଶାଳ ସମର୍ଥନ ଦେଖି ସେ ନିଷ୍ପତ୍ତି ବଦଳାଇଥିଲେ। ବର୍ତ୍ତମାନ ସ୍ଥିତିରେ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି।

ବୀରେନ୍ ଇସ୍ତଫା ଦେବାକୁ ରାଜଭବନ ଅଭିମୁଖେ ବାହାରିବା ସମୟରେ ହଜାର ହଜାର ମହିଳା ତାଙ୍କ ବାସଭବନକୁ ଘେରି ମାନବ ଶୃଙ୍ଖଳ ସୃଷ୍ଟି କରିଥିଲେ। ସେ ଇସ୍ତଫା ଦେବାକୁ ଆମେ ଚାହୁଁନାହୁଁ ବୋଲି ବିକ୍ଷୋଭକାରୀମାନେ କହିଥିଲେ। ତାଙ୍କ ବାସଭବନରୁ ୨ ଜଣ ମନ୍ତ୍ରୀ ଇସ୍ତଫାପତ୍ରର ଏକ ନକଲ ଆଣି ବାହାରକୁ ଆସିବା ବେଳେ ଏହାକୁ ଚିରିଦିଆଯାଇଥିଲା। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ ନାହିଁ ବୋଲି ବୀରେନ୍ ପରେ ଟୁଇଟ୍ କରି ଜଣାଇଛନ୍ତି। ରିପୋର୍ଟ ଅନୁଯାୟୀ ମୁଖ୍ୟମନ୍ତ୍ରୀ ଇସ୍ତଫାପତ୍ର ଟାଇପ୍ କରିଥିଲେ। ତେବେ ସମର୍ଥକମାନେ ଏହାକୁ ଚିରିଦେବା ଲାଗି ତାଙ୍କୁ ପ୍ରବର୍ତ୍ତାଇଥିଲେ। ସୋସିଆଲ ମିଡିଆରେ ଉକ୍ତ ଚିରା ଇସ୍ତଫାପତ୍ର ଦେଖିବାକୁ ମିଳିଛି।

ଅନ୍ୟପକ୍ଷରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ମଣିପୁର ରାଜ୍ୟପାଳ ଅନସୂୟା ଉଇକେଙ୍କୁ ଭେଟି ରାଜ୍ୟରେ ସ୍ୱାଭାବିକ ସ୍ଥିତି ଫେରାଇଆଣିବା ନେଇ ଆଲୋଚନା କରିଛନ୍ତି। ମଣିପୁର ହିଂସାର ସମାଧାନ ସୂତ୍ର ଏପର୍ଯ୍ୟନ୍ତ ବାହାରିପାରୁ ନ ଥିବାରୁ ରାହୁଲ ସମାଜର ସବୁ ବର୍ଗଙ୍କୁ ଶାନ୍ତି ଫେରାଇ ଆଣିବା ଲାଗି ଅପିଲ କରିଛନ୍ତି। ମଣିପୁରରେ ଘଟିଯାଇଥିବା ଦୁଃଖଦ ଘଟଣା ରାଜ୍ୟ ଓ ଦେଶ ପାଇଁ ଯନ୍ତ୍ରଣାଦାୟକ। ରାଜ୍ୟରେ ଯେକୌଣସି ପ୍ରକାରେ ଶାନ୍ତି ଫେରାଇ ଆଣିବା ପାଇଁ ସହାୟତା କରିବା ନିମନ୍ତେ ସେ ମଣିପୁର ଆସିଥିବା ରାହୁଲ ରାଜଭବନ ବାହାରେ ଖବରଦାତାମାନଙ୍କୁ କହିଥିଲେ। ସେ ଇମ୍ଫାଲ, ଚୁରାଚାନ୍ଦପୁର ଏବଂ ମୋଇରାଙ୍ଗରେ ବିଭିନ୍ନ ରିଲିଫ କ୍ୟାମ୍ପ ପରିଦର୍ଶନ କରିବା ସହ ସବୁ ସମ୍ପ୍ରଦାୟର ଲୋକଙ୍କୁ ଭେଟିଥିଲେ। ଆଶ୍ରୟସ୍ଥଳଗୁଡ଼ିକରେ ଖାଦ୍ୟ ଓ ଅନ୍ୟାନ୍ୟ ମୌଳିକ ଆବଶ୍ୟକତାର ମାନରେ ଉନ୍ନତି ଆବଶ୍ୟକ। ହିଂସାକାଣ୍ଡ ଯୋଗୁ ଘରଦ୍ୱାର ଛାଡ଼ି ସେଠାରେ ଆଶ୍ରୟ ନେଇଥିବା ଲୋକମାନଙ୍କୁ ଔଷଧ ଯୋଗାଇଦେବାକୁ ରାହୁଲ କହିଥିଲେ। ଶାନ୍ତି ଫେରାଇ ଆଣିବାକୁ ସମସ୍ତ ଉଦ୍ୟମ କରାଯାଉଥିବା ରାଜ୍ୟପାଳ ପ୍ରତିଶ୍ରୁତି ଦେଇଥିଲେ।

## ରାଜ୍ୟପାଳଙ୍କୁ ଭେଟିଲେ ରାହୁଲ


ମଣିପୁର ରାଜ୍ୟପାଳ ଅନସୂୟା ଉଇକେଙ୍କ ସହ କଂଗ୍ରେସ ନେତା ରାହୁଲ ଗାନ୍ଧୀ।

## ଜାତୀୟ ପୁରୁଷ କମିଶନ ଗଠନ ନେଇ ୩ରେ ଶୁଣାଣି

**ନୂଆଦିଲ୍ଲୀ, ୩୦।୬:** ଜାତୀୟ ମହିଳା ଆୟୋଗ ଢାଞ୍ଚାରେ ପୁରୁଷ କମିଶନ ଗଠନ ପାଇଁ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ ହୋଇଛି। ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ ଜୁଲାଇ ୩ରେ ଏହାର ଶୁଣାଣି କରିବା ପାଇଁ ଧାର୍ଯ୍ୟ କରିଛନ୍ତି। ସୁପ୍ରିମକୋର୍ଟ ୱେବସାଇଟରେ ପ୍ରଦତ୍ତ ତଥ୍ୟ ଅନୁଯାୟୀ ଆଇନଜୀବୀ ମହେଶ କୁମାର ତିୱାରୀ ଏହି ପିଟିଶନ ଦାଏର କରିଛନ୍ତି। ଏଥିରେ ସେ ୨୦୨୧ରେ ପ୍ରକାଶିତ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ତଥ୍ୟର ଅବତାରଣା କରିଛନ୍ତି। ଭାରତରେ ୧,୬୪,୦୩୩ ଜଣ ଆତ୍ମହତ୍ୟା କରିଥିବାବେଳେ ସେମାନଙ୍କ ମଧ୍ୟରୁ ୮୧,୦୬୩ ବିବାହିତ ପୁରୁଷ ଏବଂ ୨୮,୬୮୦ ବିବାହିତା ମହିଳା ଅଛନ୍ତି। ୩୩.୨ ପ୍ରତିଶତ ପୁରୁଷ ପାରିବାରିକ ସମସ୍ୟା ଏବଂ ୪.୮ ପ୍ରତିଶତ ବିବାହ ସମ୍ପର୍କିତ ବିବାଦ ଯୋଗୁ ୨୦୨୧ରେ ଆତ୍ମହତ୍ୟା କରିଥିଲେ ବୋଲି ସେ ପିଟିଶନରେ ଦର୍ଶାଇଛନ୍ତି। ପୁରୁଷମାନଙ୍କ ସ୍ୱାର୍ଥ ପାଇଁ ପୁରୁଷ କମିଶନ ଗଠନ ସକାଶେ ଗାଇଡ୍‌ଲାଇନ ପ୍ରସ୍ତୁତ କରିବାକୁ ସେ ନିବେଦନ କରିଛନ୍ତି।

## କେନ୍ଦ୍ର ଅଧ୍ୟାଦେଶକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କଲେ ଏଏପି ସରକାର

**ନୂଆଦିଲ୍ଲୀ,୩୦।୬:** ଦିଲ୍ଲୀର ଗ୍ରୁପ୍-ଏ ଅଫିସରମାନଙ୍କ ବଦଳି ଓ ନିଯୁକ୍ତି ଉପରେ ନିୟନ୍ତ୍ରଣ ସଂକ୍ରାନ୍ତରେ କେନ୍ଦ୍ର ସରକାର ମେ' ୧୯ରେ ଆଣିଥିବା ଅଧ୍ୟାଦେଶକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ନେତୃତ୍ୱାଧୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। କେନ୍ଦ୍ରଶାସିତ ଅଞ୍ଚଳର ଅମଲାତନ୍ତ୍ରୀମାନଙ୍କ ଉପରେ ଦିଲ୍ଲୀ ସରକାରଙ୍କ କର୍ତ୍ତୃତ୍ୱ ରହିବ ବୋଲି ସର୍ବୋଚ୍ଚ ଅଦାଲତ ରାୟ ଦେବା ପରେ କେନ୍ଦ୍ର ଏହାକୁ ନ୍ୟୂନକରି ଅଧ୍ୟାଦେଶ ଆଣିଥିବା କେଜ୍‌ରିୱାଲ ଅଭିଯୋଗ ଆଣିଛନ୍ତି। ଏସମ୍ପର୍କିତ ବିଲ୍‌କୁ ରାଜ୍ୟ ସଭାରେ ଗୃହୀତ କରାଇ ନ ଦେବା ପାଇଁ ସମର୍ଥନ ଆଶାରେ ସେ ବିରୋଧୀ ନେତାମାନଙ୍କୁ ଭେଟି ସହଯୋଗ ଲୋଡ଼ିଛନ୍ତି। ଜୁଲାଇ ୩ରେ କେଜ୍‌ରିୱାଲଙ୍କ ସମେତ ଦଳୀୟ କର୍ମୀ ଓ ନେତା ୭୦ ନିର୍ବାଚନମଣ୍ଡଳୀରେ ଏହି ଅଧ୍ୟାଦେଶର କପି ପୋଡ଼ିବେ ବୋଲି ଏଏପି ପକ୍ଷରୁ କୁହାଯାଇଛି।

## ସୁନକ ଅଣଦେଖା କରିବାରୁ ମନ୍ତ୍ରୀଙ୍କ ଇସ୍ତଫା

**ଲଣ୍ଡନ,୩୦।୬:** ବ୍ରିଟେନ୍ ପରିବେଶ ମନ୍ତ୍ରୀ ଜାକ୍ ଗୋଲ୍ଡସ୍ମିଥ୍ ଶୁକ୍ରବାର ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ପରିବେଶ ବିଭାଗକୁ ନେଇ ପ୍ରଧାନମନ୍ତ୍ରୀ ଋଷି ସୁନକ ଅଣଦେଖା କରୁଥିବା ଅଭିଯୋଗ କରିଛନ୍ତି ଜାକ୍। ବିଭାଗ ପ୍ରତି ବ୍ରିଟେନ୍ ସରକାରଙ୍କ ଖାମଖିଆଲ ମନୋବୃତ୍ତି ତାଙ୍କ କାମରେ ପ୍ରତିବନ୍ଧକ ସାଜୁଥିବା ସେ କହିଛନ୍ତି। ସୂଚନାଯୋଗ୍ୟ ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍‌ଙ୍କ ସହ ଜାକ୍‌ଙ୍କର ଭଲ ସମ୍ପର୍କ ଥିବା ଚର୍ଚ୍ଚା ହେଉଛି।


ଜାକ୍ ଗୋଲ୍ଡସ୍ମିଥ୍

## ନାବାଳିକାଙ୍କ ଆପତ୍ତିଜନକ ଫଟୋ ଉଠାଇ ନିଲମ୍ବିତ ଥାନାବାବୁ ଫେରାର

ଗୁଆହାଟୀ,୩୦।୬

ଥାନା ଭିତରେ ନାବାଳିକାଙ୍କ ଆପତ୍ତିଜନକ ଫଟୋ ଉଠାଇବା ନେଇ ଆସାମ ନାଲବାରି ଜିଲା ଘୋଗ୍ରାପାର ଥାନା ଇନ୍‌ସ୍ପେକ୍ଟର ବିମନ ରାୟଙ୍କୁ ନିଲମ୍ବନ କରାଯାଇଛି। ଆସାମ ଡିଜିପି ଜି.ପି. ସିଂ ଟୁଇଟରରେ ଏକ ପୋଷ୍ଟ ଶେୟାର କରି ଘଟଣାର ସୂଚନା ଦେଇଛନ୍ତି। ବିମନଙ୍କୁ ଗିରଫ କରିବା ପାଇଁ ନିର୍ଦ୍ଦେଶ ଥିବାବେଳେ ସେ ଏବେ ଫେରାର୍ ଅଛନ୍ତି। ବିମନଙ୍କ ସମ୍ପର୍କିତ ସୂଚନା ପୋଲିସକୁ ଦେଲେ ପୁରସ୍କାର ମିଳିବ ବୋଲି ଡିଜିପି କହିଛନ୍ତି। ବାଲ୍ୟ ବିବାହ ଅଭିଯୋଗ କ୍ରମେ ଗତ ୨୧ ତାରିଖରେ ଜଣେ ନାବାଳିକା ଏବଂ ତାଙ୍କ ବୟଫ୍ରେଣ୍ଡଙ୍କୁ ଘୋଗ୍ରାପାର ପୋଲିସ ଅଟକ ରଖିଥିଲା। ବିମନ ଥାନା ଭିତରେ ନାବାଳିକାଙ୍କର ଆପତ୍ତିଜନକ ଫଟୋ ଉଠାଇବା ସହ ଅନ୍ୟ ଥାନା କର୍ମଚାରୀଙ୍କ ସାମ୍ନାରେ ତାଙ୍କୁ ଅପଦସ୍ଥ କରିବା ନେଇ ନାବାଳିକା ସୋମବାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବିମନଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିବାବେଳେ ଗିରଫ କରିବା ଲାଗି ପୋଲିସ ତାଙ୍କୁ ଖୋଜୁଛି।

## ଟଙ୍କା ବିଡ଼ା ଧରି ବସିଥିଲେ ଥାନାଧିକାରୀଙ୍କ ପିଲା

ଭିଡିଓ ଭାଇରାଲ ପରେ ତଦନ୍ତ ନିର୍ଦ୍ଦେଶ

ଉନ୍ନାଓ,୩୦।୬

ଉତ୍ତର ପ୍ରଦେଶ ବେହଟା ମୁଜାୱାର ଥାନା ଏସ୍ଏଚ୍ଓ ରମେଶ ଚନ୍ଦ୍ର ସାହାଣିଙ୍କ ପିଲା ଟଙ୍କା ବିଡ଼ା ନେଇ ଭିଡିଓ କରିବା ମହଙ୍ଗା ପଡ଼ିଛି। ଭିଡିଓଟି ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାର ହେବା ପରେ ରମେଶଙ୍କ ବିରୋଧରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏକ ଖଟରେ ୨୭ଟି ୫୦୦ ଟଙ୍କିଆ ନୋଟ୍ ବିଡ଼ା ରଖାଯାଇଥିବାବେଳେ ରମେଶଙ୍କ ଦୁଇ ପିଲା ସେଠାରେ ବସିଥିବା ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି। ଭିଡିଓ ସମ୍ପର୍କରେ ସୂଚନା ପାଇବା ପରେ ଏସ୍‌ପି ସିଦ୍ଧାର୍ଥ ଶଙ୍କର ମିନା ବଙ୍ଗାରମଉ ସର୍କଲ ଅଫିସ୍‌କୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାର ତଦନ୍ତ ଜାରିଥିବା ସର୍କଲ ଅଫିସର କହିଛନ୍ତି। ତେବେ ଏ ନେଇ ରମେଶ ଗଣମାଧ୍ୟମକୁ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି।



ଆମେରିକାର କଲେଜଗୁଡ଼ିକରେ ବର୍ଣ୍ଣଭିତ୍ତିକ ନାମଲେଖା ହୋଇପାରିବ ନାହିଁ ବୋଲି ଗୁରୁବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିବା ପରେ ଏହି ରାୟ ସପକ୍ଷରେ ସ୍ଲୋଗାନ ଦେଉଛନ୍ତି କୃଷ୍ଣକାୟ ଛାତ୍ରୀଛାତ୍ର। (ଫଟୋ ସୌଜନ୍ୟ: ଏନ୍‌ୱାଇଟି)

## ମଣିପୁରରେ ସାନି ଗୁଳିକାଣ୍ଡ: ୩ ମୃତ

ଇମ୍ଫାଲ, ୩୦।୬

ମଣିପୁରର କାଙ୍ଗପୋକ୍‌ପି ଜିଲାରେ ଗୁରୁବାର ସୁରକ୍ଷା ବଳ ଓ ସନ୍ଦିଗ୍ଧ ଦଙ୍ଗାକାରୀମାନଙ୍କ ମଧ୍ୟରେ ପୁଣି ଗୁଳିବିନିମୟ ହୋଇଥିଲା। ଗୁଳିକାଣ୍ଡ ଜନିତ ମୃତ୍ୟୁସଂଖ୍ୟା ଶୁକ୍ରବାର ୩କୁ ବୃଦ୍ଧି ପାଇଥିବାବେଳେ ଅନ୍ୟ ୫ ଜଣ ଆହତ ହୋଇଛନ୍ତି। ହାରାଓଥେଲ ଗ୍ରାମ ନିକଟରେ ସଶସ୍ତ୍ର ଦଙ୍ଗାକାରୀମାନେ ଆଖିବୁଜା ଗୁଳି ଚଳାଇବାରୁ ଯବାନମାନେ ସ୍ଥିତିକୁ ଆୟତ୍ତ କରିବା ଲାଗି ମାପିଚୁପି ପାଲଟା ଜବାବ ଦେଇଥିଲେ ବୋଲି ସେନା ପକ୍ଷରୁ କୁହାଯାଇଛି। ୨ ଦଙ୍ଗାକାରୀଙ୍କ ମୃତଦେହକୁ ସେମାନଙ୍କ ସମ୍ପ୍ରଦାୟର ଲୋକମାନେ ସଂଗ୍ରହ କରିନେବା ପରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଅଭିମୁଖେ ଶୋଭାଯାତ୍ରା ବାହାର କରିଥିଲେ। ମହିଳାମାନଙ୍କ ନେତୃତ୍ୱରେ ଉକ୍ତ ବିକ୍ଷୋଭକାରୀମାନେ ସେମାନଙ୍କୁ ଗିରଫ କରିବାକୁ ପୋଲିସକୁ ଚ୍ୟାଲେଞ୍ଜ ଦେଇଥିଲେ। ପୋଲିସକୁ ଅଟକାଇବା ପାଇଁ ସେମାନେ ରାସ୍ତା ମଝିରେ ଟାୟାର ଜାଳିଥିଲେ। ତେବେ ବିକ୍ଷୋଭକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଅଭିମୁଖେ ଯିବାବେଳେ ସୁରକ୍ଷା କର୍ମୀମାନେ ସେମାନଙ୍କୁ ଅଟକାଇବାରୁ ହିଂସାତ୍ମକ ସ୍ଥିତି ଉପୁଜିଥିଲା। ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ ସାଙ୍ଗକୁ ଲାଠିଚାଳନା କରି ଉତ୍ତ୍ୟକ୍ତ ଲୋକଙ୍କୁ ସେଠାରୁ ତଡ଼ିଦେଇଥିଲା।

## ମୋଦି ଋଷିଆର ବଡ଼ ବନ୍ଧୁ: ପୁଟିନ୍

ୟୁକ୍ରେନ୍, ସଶସ୍ତ୍ର ବିଦ୍ରୋହ ନେଇ ଫୋନ୍‌ରେ ଆଲୋଚନା

ମସ୍କୋ, ୩୦।୬ (ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଋଷିଆର ଜଣେ ବଡ଼ ବନ୍ଧୁ ବୋଲି ଏହାର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କହିଛନ୍ତି। ମୋଦିଙ୍କ 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନ ଦେଶର ଅର୍ଥନୀତି ଉପରେ ବାସ୍ତବରେ ଏକ ପ୍ରଭାବଶାଳୀ ପ୍ରୟାସ। ଏହାକୁ ଅନୁକରଣ କରିବାରେ କିଛି କ୍ଷତି ହେବ ନାହିଁ। ଋଷିଆର ଏଜେନ୍ସି ଫର୍ ଷ୍ଟ୍ରାଟେଜିକ୍ ଇନିସିଏଟିଭ୍ ପକ୍ଷରୁ ଗୁରୁବାର ଆୟୋଜିତ ଏକ ଫୋରମ୍‌ରେ ପୁଟିନ୍ ଏହା କହିଥିଲେ। ପାଶ୍ଚାତ୍ୟ ଦେଶଗୁଡ଼ିକର କଟକଣା ଯୋଗୁ ଋଷୀୟ କମ୍ପାନୀଗୁଡ଼ିକୁ ମିଳିଥିବା ସୁଯୋଗ ସମ୍ପର୍କରେ ଆଲୋଚନା ବେଳେ ପୁଟିନ୍ ଭାରତ କଥା କହିଥିଲେ। ନିଜ ଦେଶରେ ଉତ୍ପାଦନ ସାମର୍ଥ୍ୟ ବଢ଼ାଇବା ସହ ବିଦେଶୀ ନିବେଶକମାନଙ୍କୁ ପୁଞ୍ଜି ନିବେଶ ଲାଗି ପ୍ରଲୋଭିତ କରିବା ନିମନ୍ତେ ପ୍ରଭାବୀ ମଡେଲ୍‌ର ବିକାଶ କରିଥିବା ଭାରତୀୟ ନେତୃତ୍ୱକୁ ପୁଟିନ୍ ଶ୍ରେୟ ଦେଇଛନ୍ତି। ଉଭୟ ନେତା ଶୁକ୍ରବାର ଫୋନ୍ ଯୋଗେ ୟୁକ୍ରେନ୍ ସ୍ଥିତି ଏବଂ ଋଷିଆ ଘରୋଇ ସେନାର ସଶସ୍ତ୍ର ବିଦ୍ରୋହର ସମାଧାନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଗତ ଶନିବାର ୱାଗନର ଘରୋଇ ସେନାର ବିଦ୍ରୋହକୁ ଦମନ କରିବାରେ ଋଷିଆ ନେତୃତ୍ୱର ନିର୍ଣ୍ଣାୟକ ପଦକ୍ଷେପକୁ ପ୍ରଧାନମନ୍ତ୍ରୀ ସମର୍ଥନ ଜଣାଇଥିବା କ୍ରେମ୍‌ଲିନ ପକ୍ଷରୁ କୁହାଯାଇଛି।

# ସୀମିତ ଖାଦ୍ୟ, ୧୨ ଘଣ୍ଟା ଡ୍ୟୁଟି

## ଲୋକୋ ପାଇଲଟ୍‌ଙ୍କ ଦୁଃଖ: ଟଏଲେଟ୍ ନାହିଁ କି ପାଣି ନାହିଁ

କେନ୍ଦ୍ର ସରକାର ଦେଶରେ ହାଇ-ସ୍ପିଡ୍ ରେଳ ଟ୍ରାକ୍ ସିଷ୍ଟମ୍ ନିର୍ମାଣ କରି ବୁଲେଟ୍ ଟ୍ରେନ୍ ଗଡ଼ାଇବାକୁ ଯୋଜନା କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୋଟିଏ ପରେ ଗୋଟିଏ ୨୩ଟି 'ବନ୍ଦେ ଭାରତ ଏକ୍ସପ୍ରେସ୍'ର ଲୋକାର୍ପଣ କଲେଣି। କିନ୍ତୁ ଦୈନିକ ପ୍ରାୟ ୨.୫ କୋଟି ଯାତ୍ରୀଙ୍କ ପାଇଁ ଜୀବନରେଖା ଏବଂ ୨୦୩.୮୮ ନିୟୁତ ଟନ୍ ମାଲ ପରିବହନର ମାଧ୍ୟମ ପାଲଟିଥିବା ଭାରତୀୟ ରେଳପଥକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ଏହି ଅବହେଳା ଯୋଗୁ (ଆମେରିକା, ଚାଇନା ଓ ଋଷିଆ ପରେ) ବିଶ୍ୱର ଚତୁର୍ଥ ରେଳ ନେଟ୍‌ୱର୍କ ବିଶିଷ୍ଟ ଦେଶ ଭାରତର ୬୮,୧୦୩ କି.ମି. ଟ୍ରାକ୍ ପ୍ରତି ବିପଦ ସୃଷ୍ଟି ହୋଇଛି। ଭାରତୀୟ ରେଳପଥରେ ପ୍ରାୟ ୨.୭୪ ଲକ୍ଷ ପଦବୀ ଖାଲିପଡ଼ିଛି। ସେଥିରୁ ୧.୭ ଲକ୍ଷରୁ ଊର୍ଦ୍ଧ୍ୱ ସୁରକ୍ଷା ବର୍ଗରେ ଖାଲିପଡ଼ିଥିବା ତଥ୍ୟ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ହସ୍ତଗତ ହୋଇଛି। ଟ୍ରାକ୍ ମରାମତି ଓ ସୁରକ୍ଷା କାର୍ଯ୍ୟ ତଦାରଖ ସକାଶେ କର୍ମଚାରୀ ଅଭାବକୁ ଭାରତର ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଏଜି) ନିଜ ରିପୋର୍ଟରେ ଅତ୍ୟନ୍ତ ଗମ୍ଭୀର ବିଷୟ ବୋଲି ଦର୍ଶାଇସାରିଛନ୍ତି। ଲୋକୋ ପାଇଲଟ୍‌ଙ୍କ ସଂଖ୍ୟା ଆବଶ୍ୟକତାଠାରୁ ବହୁ କମ୍ ଥିବାରୁ ସେମାନଙ୍କୁ ଓଭର ଡ୍ୟୁଟି କରିବାକୁ ପଡୁଛି। ବାଲେଶ୍ୱର ଜିଲା ବାହାନଗା ବଜାର ଟ୍ରେନ୍ ଟ୍ରାଜେଡି ସମେତ ଓଡ଼ିଶା ତଥା ଅନ୍ୟ ରାଜ୍ୟଗୁଡ଼ିକରେ ଘଟିଚାଲିଥିବା ଅନେକ ଟ୍ରେନ୍ ଦୁର୍ଘଟଣା ପାଇଁ ଏହି ସବୁ କାରଣକୁ ଦାୟୀ କରାଯାଉଛି।

ନୂଆଦିଲ୍ଲୀ,୩୦।୬
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

୧୬୯ ବର୍ଷର ଯାତ୍ରା ଇତିହାସ, ବିଶ୍ୱର ଚତୁର୍ଥ ବୃହତ୍ ରେଳ ନେଟ୍‌ୱର୍କ। ଭାରତର ମୋଟ ଟ୍ରେନ୍ ସଂଖ୍ୟା ୨୨,୫୯୩ (ଯାତ୍ରୀବାହୀ ୧୩,୪୫୨ ଏବଂ ମାଲବାହୀ ୯,୧୪୧)। ଭାରତୀୟ ରେଳପଥରେ ଏହି ଟ୍ରେନ୍‌ଗୁଡ଼ିକୁ ଗତିଶୀଳ କରିବା ପାଇଁ ଟ୍ରେନ୍ ଚାଳକ ଲୋକୋ ପାଇଲଟ୍ ଅତି ଦୟନୀୟ ଅବସ୍ଥାରେ ଦାୟିତ୍ୱ ତୁଲାଉଛନ୍ତି। ପ୍ରାୟ ୧୪ ହଜାର ଇଞ୍ଜିନରେ ସେମାନଙ୍କ ଲାଗି ପାଣି ନାହିଁ କି ବସିବାକୁ ଚେୟାର ମଧ୍ୟ ନାହିଁ। ଲୋକୋ ପାଇଲଟ୍‌ଙ୍କୁ ୧୨ ଘଣ୍ଟା ଏପରି କି ବେଳେବେଳେ ୧୪ ଘଣ୍ଟା ପର୍ଯ୍ୟନ୍ତ ଛିଡ଼ାହୋଇ ଡ୍ୟୁଟି କରିବାକୁ ପଡୁଛି। ୧,୦୦୦ରୁ ଊର୍ଦ୍ଧ୍ୱ ମହିଳା ପାଇଲଟ୍ ମଧ୍ୟ ଏହି ଅସୁବିଧା ଭୋଗୁଛନ୍ତି। ମାତ୍ର ୯୭ ଟ୍ରେନ୍‌ରେ ଟଏଲେଟ୍ ରହିଛି। ଯେତେବେଳେ ବି ଟ୍ରେନ୍ ଦୁର୍ଘଟଣା ଘଟିଥାଏ, ଲୋକୋ ପାଇଲଟ୍‌ଙ୍କ ତ୍ରୁଟି ଖୋଜିବାରେ ସମସ୍ତେ ଲାଗିପଡ଼ନ୍ତି। କିନ୍ତୁ ସେମାନଙ୍କ ଅସୁବିଧା ଉପରେ କେହି ଦୃଷ୍ଟି ଦିଅନ୍ତି ନାହିଁ। ଦୁର୍ଘଟଣା ଘଟିଲେ ଅଫିସରମାନେ ଏହି ଅସୁବିଧା ଉପରେ ଆଲୋଚନା କରି କିଛିଦିନ ସୁଧାର ପାଇଁ ଉଦ୍ୟମ କରନ୍ତି। ପରେ ସବୁ ପୁଣି ପୂର୍ବ ଭଳି ହୋଇଯାଏ। ୨୦୧୬ରେ ମାନବାଧିକାର କମିଶନ ଟ୍ରେନ୍‌ଗୁଡ଼ିକରେ ଏସି ଏବଂ ଟଏଲେଟ୍ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହା ଉପରେ ଅଦ୍ୟାବଧି ପଦକ୍ଷେପ ନିଆଯାଇ ନାହିଁ। ରନିଂ ଷ୍ଟାଫ୍‌ଙ୍କୁ ୯ ଘଣ୍ଟାରୁ ଅଧିକ କାର୍ଯ୍ୟରେ ନିୟୋଜିତ ନ କରିବାକୁ ଗାଇଡ୍‌ଲାଇନ୍ ଆସିଥିଲା। ତାକୁ ମଧ୍ୟ କାର୍ଯ୍ୟକାରୀ କରାଗଲା ନାହିଁ। ବିଳାସପୁର ରେଳମଣ୍ଡଳର ସିଂହପୁର ଷ୍ଟେଶନରେ ଏପ୍ରିଲ ୧୯ରେ ଦୁଇଟି ମାଲଗାଡ଼ି ମଧ୍ୟରେ ଧକ୍କା ହେବାରୁ ଜଣେ ଲୋକୋ ପାଇଲଟ୍‌ଙ୍କ ମୃତ୍ୟୁ ଘଟିଥିଲା। ତଦନ୍ତରୁ ଜଣାପଡ଼ିଲା ଯେ, ମାଲଗାଡ଼ି ଚଳାଉଥିବା ଲୋକୋପାଇଲଟ୍ ଲଗାତର ୧୪ ଘଣ୍ଟା ଧରି ଡ୍ୟୁଟି କରି କ୍ଲାନ୍ତ ହୋଇଯାଇଥିଲେ। ଏହି ରିପୋର୍ଟ ମଧ୍ୟ ପୂର୍ବ ରିପୋର୍ଟଗୁଡ଼ିକ ଭଳି ନାଲିଫିତା ତଳେ ନିଖୋଜ ହେବାକୁ ବସିଲାଣି।

### ଓଭରଟାଇମ୍ ଖଟଣି

ଉସ୍‌ଲାପୁର ଷ୍ଟେଶନ, ସମୟ ଅପରାହ୍ନ ୩ଟା। ଏକ ମାଲବାହୀ ଟ୍ରେନ୍ ପ୍ରାୟ ଘଣ୍ଟାଏ ଧରି ମିଡିଲ ଲାଇନ୍ ଉପରେ ଛିଡ଼ା ହୋଇଥିଲା। ଏହାର ଲୋକୋ ପାଇଲଟ୍ ରେଲୱେର ନିୟମ ଅନୁସାରେ ସୂଚନା ଦେଇ ନ ଥିଲେ। ସେ କେବଳ ଏତିକି କହିଥିଲେ, ଷ୍ଟେଶନ, ଆଉଟର ବା ଘଞ୍ଚ ଜଙ୍ଗଲ-ପାହାଡ଼ଗୁଡ଼ିକରେ ଅପେକ୍ଷା କରିବା ଅଭ୍ୟାସ ହୋଇଗଲାଣି। ଲୋକୋ ପାଇଲଟ୍‌ଙ୍କ ସଂଖ୍ୟା ୫୦-୬୦ ହଜାରରେ ସୀମିତ ହୋଇଯାଇଛି। ଏଥିପାଇଁ ଓଭରଟାଇମ୍ କାମ କରିବାକୁ ସେମାନେ ବାଧ୍ୟ ହେଉଛନ୍ତି।

### ଗ୍ରୀନ୍ ସିଗ୍‌ନାଲ୍ ମିଳିବା ଯାଏ ପ୍ରତୀକ୍ଷା

ପାସେଞ୍ଜର ଟ୍ରେନ୍‌ଗୁଡ଼ିକର ଲୋକୋ ପାଇଲଟ୍‌ଙ୍କୁ ସିଗ୍‌ନାଲ ପାଇଁ ଅଧିକ ଅପେକ୍ଷା କରିବାକୁ ପଡ଼ି ନ ଥାଏ। କିନ୍ତୁ ମାଲବାହୀ ଟ୍ରେନ୍ ଚଳାଉଥିବା ଲୋକୋ ପାଇଲଟ୍‌ଙ୍କୁ ସବୁଜ ସଙ୍କେତ ପାଇଁ ଅନେକ ଘଣ୍ଟା ଧରି ଖରା ଓ ରାତିର ଅନ୍ଧାରରେ ପ୍ରତୀକ୍ଷା କରିବାକୁ ପଡ଼ିଥାଏ। ସେମାନେ ଟ୍ରେନ୍‌ରୁ ଓହ୍ଲାଇପାରନ୍ତି ନାହିଁ। ଟ୍ରେନ୍‌ରେ ହିଁ ଥାଇ ସଜାଗ ହେବାକୁ ପଡ଼େ, କେତେବେଳେ ଗ୍ରୀନ୍ ସିଗ୍‌ନାଲ ଆସିବ ଏବଂ ଟ୍ରେନ୍ ଗନ୍ତବ୍ୟସ୍ଥଳ ଆଡ଼କୁ ଅଗ୍ରସର ହେବ।



### ଜଣେ ମହିଳା ଲୋକୋ ପାଇଲଟ୍ କୁହନ୍ତି....

ଟଏଲେଟ୍ ବ୍ୟବହାର କରିବା ପାଇଁ ଆମକୁ ଇଞ୍ଜିନ୍ କ୍ୟାବିନେଟ୍‌ରୁ ଓହ୍ଲାଇ ପ୍ଲାଟ୍‌ଫର୍ମ କିମ୍ବା ନିକଟସ୍ଥ କୋଚ୍‌କୁ ଧାଇଁବାକୁ ପଡ଼ିଥାଏ। କିନ୍ତୁ ଟ୍ରେନ୍‌ର ସୀମିତ ରହଣି କାଳ ମଧ୍ୟରେ ଏହା ସାରିବାକୁ ପଡ଼େ। ତେଣୁ ଆମ ମଧ୍ୟରୁ ଅଧିକାଂଶ ଲୋକୋ ପାଇଲଟ୍ ଡ୍ୟୁଟି ସମୟରେ ଅଧିକ ପାଣି ପିଇବା ଓ ଖାଦ୍ୟ ଖାଇବାକୁ କୁଣ୍ଠାବୋଧ କରିଥାଆନ୍ତି। ଏକକାଳୀନ ୧୧ ଘଣ୍ଟିଆ ଡ୍ୟୁଟି ଭିତରେ ଖାଦ୍ୟ ଓ ପାନୀୟ ଉପରେ ନିୟନ୍ତ୍ରଣ କିଡ୍‌ନୀ ଷ୍ଟୋନ୍ ଭଳି ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାର କାରଣ ପାଲଟେ। ପରିସ୍ରା କରିବାକୁ ନ ଯିବା ଯୋଗୁ ମୂତ୍ରାଶୟରେ ସଂକ୍ରମଣ ମଧ୍ୟ ହୋଇଥାଏ। ରେଲୱେ ସ୍ଥିତିରେ ପରିବର୍ତ୍ତନ ଆଣିବାକୁ ପଡ଼ିବ।

## ସଂକ୍ଷେପରେ

### ଆଜି ମହାପ୍ରଭୁଙ୍କ ନୀଳାଦ୍ରିବିଜେ

**ପୁରୀ, ୩୦ା୬(ଅଜିତ୍ ମହାନ୍ତି):** ନବଦିନାତ୍ମକ ଯାତ୍ରା ସାରି ଜନ୍ମବେଦିରୁ ବାହୁଡ଼ି ଆସିଛନ୍ତି ମହାପ୍ରଭୁ। ଭାଇ ଭଉଣୀଙ୍କ ସହ ସିଂହଦ୍ୱାର ସମ୍ମୁଖସ୍ଥ ତିନିରଥ ଉପରେ ଏବେ ଅବସ୍ଥାନ କରୁଛନ୍ତି ମହାପ୍ରଭୁ। ଶୁକ୍ରବାର ରଥ ଉପରେ ମହାପ୍ରଭୁଙ୍କ ଅଧରପଣା ନୀତି ସମ୍ପନ୍ନ ହୋଇଛି। ଏବେ ମହାପ୍ରଭୁଙ୍କ ନୀଳାଦ୍ରି ବିଜେକୁ ଅପେକ୍ଷା କରିଛନ୍ତି ଭକ୍ତ। ଶନିବାର ଶ୍ରୀବିଗ୍ରହମାନଙ୍କ ନୀଳାଦ୍ରିବିଜେ ନୀତି ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ରତ୍ନବେଦିକୁ ବିଜେ କରିବେ ଦାରୁବିଗ୍ରହ। ଏଥିସହିତ ଚଳିତ ବର୍ଷର ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଶେଷ ହେବ। ସେହିପରି ନୀଳାଦ୍ରି ବିଜେ ପରେ ରବିବାରଠାରୁ ଶ୍ରୀମନ୍ଦିରରେ ଭକ୍ତମାନେ ନୀଳାଚଳ ଅବଢ଼ା ପାଇପାରିବେ। ପୁଣି ଭକ୍ତଙ୍କ ଗହଳି ସହ ଶ୍ରୀମନ୍ଦିର ଚଳଚଞ୍ଚଳ ହୋଇ ଉଠିବ। ମହାପ୍ରଭୁଙ୍କ ନୀଳାଦ୍ରିବିଜେ ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ନିର୍ଦ୍ଧାରିତ ସମୟରେ ଓ ଶୃଙ୍ଖଳିତ ଭାବେ ନୀତିକାନ୍ତି ହେବା ନେଇ ଶ୍ରୀମନ୍ଦିର ପ୍ରଶାସନ ଆଶା ବାନ୍ଧିଛି।

### ମହାପ୍ରଭୁଙ୍କ ଅଧରପଣା ନୀତି ସମ୍ପନ୍ନ

**ପୁରୀ, ୩୦ା୬(ଅଜିତ ମହାନ୍ତି):** ମହାପ୍ରଭୁଙ୍କ ଘୋଷଯାତ୍ରା ସରିଆସୁଛି। ଶୁକ୍ରବାର ତିନିରଥ ଉପରେ ଅଧରପଣା ନୀତି ସମ୍ପନ୍ନ ହୋଇଛି। ରଥାରୂଢ଼ ଠାକୁରମାନଙ୍କୁ ପଣା ଲାଗିକରାଯାଇଛି। ତିନି ବାଡ଼ରେ ୩ ରଥ ଉପରେ ୩ଟି ଲେଖାଏ ହିସାବରେ ମୋଟ ୯ଟି ହାଣ୍ଡିରେ ପଣାଭୋଗ ଅର୍ପଣ କରାଯାଇଛି। ମହାପ୍ରଭୁଙ୍କ ଅଧର ପର୍ଯ୍ୟନ୍ତ ମାଟିହାଣ୍ଡିରେ ପଣା ରଖାଯାଇ ଭୋଗ କରାଯାଉଥିବାରୁ ଏହି ନୀତିକୁ ଅଧରପଣା ନୀତି କୁହାଯାଇଥାଏ। ରାଘବଦାସ ମଠ, ବଡ଼ଓଡ଼ିଆ ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୩ଟି ଲେଖାଏ ଅଧରହାଣ୍ଡି ଓ ପଣା ସାମଗ୍ରୀ ଯୋଗାଇ ଦିଆଯାଇଥିଲା। ରଥ ଉପରେ ମଧ୍ୟାହ୍ନ ଧୂପ ସରିବା ପରେ ଅଧରପଣା ପ୍ରସ୍ତୁତି ଓ ନୀତି ଆରମ୍ଭ ହୋଇଥିଲା। ଛେନା, ସର, କଦଳୀ, ଛାଚି, ଗୋଲମରିଚ ଗୁଣ୍ଡ, କର୍ପୂର, ଜାଇଫଳ ପ୍ରଭୃତି ପଡ଼ି ଅଧରପଣା ପ୍ରସ୍ତୁତ କରାଯାଇଥିଲା। ନୀତି ପୂର୍ବରୁ ପାଣିଆ ଆପଟ ସେବକମାନେ ସିଂହଦ୍ୱାର ନିକଟ ଛାଉଣି ମଠ ସମ୍ମୁଖସ୍ଥ କୂପରୁ ଗରାରେ ଜଳ କାଢ଼ି ରଥ ଉପରକୁ ବୋହି ନେଇ ବଡ଼ ପିତ୍ତଳ ହଣ୍ଡାରେ ରଖିଥିଲେ। ପଣା ପ୍ରସ୍ତୁତ କରାଯାଇ ଅଧର ଚୁମ୍ବିତ ମାଟିହାଣ୍ଡିଗୁଡ଼ିକରେ ରଖାଯାଇଥିଲା। ପାଳିଆ ପୂଜାପଣ୍ଡା ସାମନ୍ତ ପଞ୍ଚ ଉପଚାରରେ ଭୋଗ କରିଥିଲେ। ଏହାପରେ ଠାକୁରମାନଙ୍କ ସମ୍ମୁଖରେ ପଣାହାଣ୍ଡିଗୁଡ଼ିକୁ ଭାଙ୍ଗି ଦିଆଯାଇଥିଲା। ବିଶ୍ୱାସ ରହିଛି, ତିନିରଥରେ ଠାକୁରଙ୍କ ସାଥିରେ ୩୩ କୋଟି ଦେବଦେବୀ, ଅସୁର, ଅଶରୀରୀ, କିନ୍ନର, ନାଗ, ଚଣ୍ଡୀଚାମୁଣ୍ଡା, ଭୂତପ୍ରେତ ଯାଇଥାନ୍ତି। ଠାକୁରମାନଙ୍କୁ ଅର୍ପିତ ଅଧରପଣା ରଥର ପାର୍ଶ୍ୱ ଦେବଦେବୀ, ଚଣ୍ଡୀ ଚାମଣ୍ଡା ଓ ଅଶରୀରୀମାନଙ୍କ ପାଇଁ ଉଦ୍ଦିଷ୍ଟ। ତେଣୁ ଅଧରପଣା ହାଣ୍ଡିଗୁଡ଼ିକୁ ରଥ ଉପରେ ଭାଙ୍ଗିଦିଆଯାଇଥାଏ। ଦେବ ଦାନବ ଚଣ୍ଡୀ ଚାମୁଣ୍ଡା ସେହି ପଣା ପାଇ ତୃପ୍ତ ହୋଇ ସ୍ୱସ୍ଥାନକୁ ଫେରିଯାଇଥାନ୍ତି। ଏହି କାରଣରୁ ଏହି ପଣାକୁ କାହାକୁ ଦିଆଯାଇ ନ ଥାଏ। ସେବକମାନେ ମଧ ପଣା ପିଅନ୍ତି ନାହିଁ।

### ହଷ୍ଟେଲ ଖାଦ୍ୟରେ ଝିଟିପିଟି
#### ଘରୋଇ ଆଇଟିଆଇର ୧୪ ଛାତ୍ର ଅସୁସ୍ଥ

**ଭଦ୍ରକ, ୩୦ା୬(ସନାତନ ରାଉତ):** ଭଦ୍ରକ ସହରର ଏକ ଘରୋଇ ଆଇଟିଆଇ କଲେଜ ହଷ୍ଟେଲରେ ଗୁରୁବାର ରାତିରେ ଖାଉଥିବା ବେଳେ ଖାଦ୍ୟରୁ ଝିଟିପିଟି ବାହାରିଥିଲା। ଏହି ଖାଦ୍ୟ ଖାଇ ୧୪ ଛାତ୍ର ଅସୁସ୍ଥ ହୋଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଛାତ୍ରମାନେ ବିଳମ୍ବିତ ରାତିରେ ହଷ୍ଟେଲକୁ ଫେରିଛନ୍ତି। ସୂଚନା ଅନୁଯାୟୀ, ଭଦ୍ରକ ସହରର ମୋଟେଲ ଛକଠାରେ ଥିବା ଆଇଟିଆଇର ଛାତ୍ରମାନେ ହଷ୍ଟେଲରେ ଖାଦ୍ୟ ଖାଇବା ବେଳେ ଏକ ଝିଟିପିଟି ପଡ଼ିଥିବା ଦେଖିଥିଲେ। ଏହାପରେ ଝିଟିପିଟିକୁ ବାହାର କରି ଦିଆଯାଇଥିଲା। ଯେଉଁମାନେ ଏହି ଖାଦ୍ୟ ଖାଇଥିଲେ, ସେମାନେ କିଛି ସମୟ ପରେ ଅସୁସ୍ଥ ହୋଇପଡ଼ିଥିଲେ। କର୍ତ୍ତୃପକ୍ଷ ତୁରନ୍ତ ୧୪ ଛାତ୍ରଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ବିଳମ୍ବିତ ରାତିରେ ସୁସ୍ଥ ଅନୁଭବ କରିବାରୁ ସମସ୍ତଙ୍କୁ ମେଡିକାଲରୁ ଡିସ୍‌ଚାର୍ଜ କରାଯାଇଥିଲା। କେତେଜଣ ଛାତ୍ର ଝିଟିପିଟି ପଡ଼ିଥିବା ଦେଖିଥିବା ବେଳେ ଆଉ କେତେଜଣ ଅସୁସ୍ଥ ଅନୁଭବ କରିଥିଲେ ମଧ ଝିଟିପିଟି ପଡ଼ିଥିବା କଥା ଜାଣି ନ ଥିବା କହିଛନ୍ତି।

# ରତ୍ନଭଣ୍ଡାରକୁ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

- ବିପଦସଙ୍କୁଳ ଅଂଶ ମରାମତି ପାଇଁ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା
- ପ୍ରସ୍ତୁତ ହେଉ ଅଳଙ୍କାର ତାଲିକା
- ରାଜ୍ୟପାଳ କିମ୍ବା ହାଇକୋର୍ଟ ବିଚାରପତିଙ୍କ ଅଧ୍ୟକ୍ଷତାରେ ଉଚ୍ଚକ୍ଷମତାସମ୍ପନ୍ନ କମିଟି ଗଠନ କରାଯାଉ
- ତ୍ୱରିତ ପଦକ୍ଷେପ ନିଆ ନ ଯିବା ନେଇ ସରକାର କାରଣ ଦର୍ଶାନ୍ତୁ

**କଟକ,୩୦ା୬ (କାର୍ତ୍ତିକ ସାହୁ)**



ଶ୍ରୀମନ୍ଦିର ରତ୍ନଭଣ୍ଡାର ମାମଲା ପୁଣି ଚର୍ଚ୍ଚାକୁ ଆସିଛି। ରତ୍ନଭଣ୍ଡାରର ବିପଦସଙ୍କୁଳ ସ୍ଥିତି ସମେତ ବିବିଧ ସମସ୍ୟା ନେଇ ହାଇକୋର୍ଟରେ ଶୁକ୍ରବାର ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଛି। ରାଜ୍ୟ ସରକାର ରତ୍ନଭଣ୍ଡାରର ସୁରକ୍ଷା ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ହାଇକୋର୍ଟ ତାଙ୍କୁ କାରଣ ଦର୍ଶାଇବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଏହି ଆବେଦନରେ ପ୍ରାର୍ଥନା କରିଛନ୍ତି। ଏଥିରେ ୧୧ ଜଣଙ୍କୁ ପ୍ରତିପକ୍ଷ ଭାବେ ସାମିଲ କରାଯାଇଛି।

ମାମଲାର ବିବରଣୀରୁ ପ୍ରକାଶ, ପ୍ରତିପକ୍ଷମାନେ ରତ୍ନଭଣ୍ଡାର ଖୋଲି ଅଳଙ୍କାରଗୁଡ଼ିକର ସବିଶେଷ ତାଲିକା ପ୍ରସ୍ତୁତ କରିବା ପାଇଁ ହାଇକୋର୍ଟରେ ଆବେଦନ କରାଯାଇଛି। ପୂର୍ବତନ ରାଜ୍ୟପାଳ ଭଗବତ ଦୟାଲ ଶର୍ମାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଢାଞ୍ଚାରେ ରାଜ୍ୟପାଳ କିମ୍ବା ଜଣେ କାର୍ଯ୍ୟରତ ହାଇକୋର୍ଟ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ ଯୁଗ୍ମ କମିଟି ଗଠନ କରାଯାଇ ଅଳଙ୍କାର ତାଲିକା ପ୍ରସ୍ତୁତ କରିବା ପାଇଁ ପ୍ରାର୍ଥନା କରାଯାଇଛି। ସେହିପରି ରତ୍ନଭଣ୍ଡାରର ବିପଦସଙ୍କୁଳ ଅଂଶ ମରାମତି କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ଓ ରତ୍ନଭଣ୍ଡାରର ଚାବି ହଜେଇବା ମାମଲାରେ ଦାୟୀ ପୁରୀ ଜିଲାପାଳ କିମ୍ବା ସଂପୃକ୍ତ ଅଧିକାରୀଙ୍କ ବିରୋଧରେ ଫୌଜଦାରି ମାମଲା ଦାୟର କରି ସିବିଆଇ ଦ୍ୱାରା ତଦନ୍ତ କରିବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ହାଇକୋର୍ଟର ବୈଷୟିକ କମିଟି ଏବଂ ଏଏସ୍‌ଆଇ ଚିଠି ସତ୍ତ୍ୱେ ରତ୍ନଭଣ୍ଡାର ମରାମତି ନ କରି ଏହାକୁ ବିପଦସଙ୍କୁଳ ଅବସ୍ଥାରେ ରଖିବା କାରଣରୁ ଏଥିପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ ସିବିଆଇ ଦ୍ୱାରା ତଦନ୍ତ କରିବାକୁ ପିଟିଶନ୍‌ରେ ଦର୍ଶାଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଆଇନ ସଚିବ, ଗୃହ ସଚିବ, ପୁରୀ ଜିଲାପାଳ, ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ଓ ମୁଖ୍ୟ ପ୍ରଶାସକ, ପୁରୀ ଗଜପତି ମହାରାଜା, ଏଏସ୍‌ଆଇ ମହାନିର୍ଦ୍ଦେଶକ, ସିବିଆଇ ନିର୍ଦ୍ଦେଶକ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି।

# ଆଜି ରାଜ୍ୟର ୩୦୭ କେନ୍ଦ୍ରରେ ଓଟିଇଟି

## ପ୍ରଶ୍ନପତ୍ର ଲିକ୍ ମିଛ : ବୋର୍ଡ ସଭାପତି

**କଟକ ,୩୦ା୬(ସୁପ୍ରିୟା ପ୍ରିୟଦର୍ଶିନୀ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ପକ୍ଷରୁ ପରିଚାଳିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)କୁ ନେଇ ପୁଣି ବିଭ୍ରାଟ ଦେଖାଦେଇଛି। ବିଗତ ଦିନରେ ପରୀକ୍ଷା କେନ୍ଦ୍ରରେ ଅନିୟମିତତା ଦେଖାଦେଇଥିବାବେଳେ ଏବେ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ନେଇ ଚର୍ଚ୍ଚା ଜୋର୍ ଧରିଛି। ହେଲେ ଏହାକୁ ବୋର୍ଡ ପକ୍ଷରୁ ଖଣ୍ଡନ କରାଯାଇଛି।

ଶନିବାର ରାଜ୍ୟର ୩୦୭ କେନ୍ଦ୍ରରେ ପରୀକ୍ଷାର୍ଥୀ ଓଟିଇଟି ଦେବେ। ହେଲେ ପରୀକ୍ଷା ପୂର୍ବରୁ ସାମାଜିକ ଗଣମାଧ୍ୟମରେ ପରୀକ୍ଷା ପ୍ରଶ୍ନପତ୍ର ଘୂରି ବୁଲୁଥିବା ଚର୍ଚ୍ଚା ହେଉଛି। ତେବେ ପରୀକ୍ଷାର ଗୋଟିଏ ଦିନ ପୂର୍ବରୁ ଏପରି ଘଟଣା ପରୀକ୍ଷାର୍ଥୀଙ୍କୁ ଚିନ୍ତାରେ ପକାଇଛି। ଏ ନେଇ ଶୁକ୍ରବାର ବୋର୍ଡ ସଭାପତି ରାମାଶିଷ ହାଜରା କହିଛନ୍ତି, ଓଟିଇଟି ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ଯେଉଁ ଚର୍ଚ୍ଚା ହେଉଛି, ତାହା ଅମୂଳକ। ସୋସିଆଲ ମିଡିଆରେ ଘୂରି ବୁଲୁଥିବା ପ୍ରଶ୍ନପତ୍ରରେ କୌଣସି ସତ୍ୟତା ନାହିଁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଶନିବାର ପରୀକ୍ଷାର୍ଥୀମାନେ ଦୁଇଟି ପେପରରେ ପରୀକ୍ଷା ଦେବେ। ପୂର୍ବାହ୍ନ ୮ଟାରୁ ସାଢେ ୧୦ଟା ପର୍ଯ୍ୟନ୍ତ ପେପର-୧ ଓ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ସାଢେ ୨ଟା ପର୍ଯ୍ୟନ୍ତ ପେପର-୨ ପରୀକ୍ଷା ହେବ।

# ଅନେକ ପ୍ରତିଭା ସୃଷ୍ଟି କରିଛି ଦିଲ୍ଲୀ ବିଶ୍ୱବିଦ୍ୟାଳୟ: ଧର୍ମେନ୍ଦ୍ର




**ଭୁବନେଶ୍ୱର, ୩୦ା୬(ସୁନିତ୍ ମିଶ୍ର)**

ଦିଲ୍ଲୀ ବିଶ୍ୱବିଦ୍ୟାଳୟ କେବଳ ଏକ ବିଶ୍ୱବିଦ୍ୟାଳୟ ନୁହେଁ, ବରଂ ଏକ ଆନ୍ଦୋଳନ। ଶୁକ୍ରବାର ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଶତବାର୍ଷିକୀ ସମାରୋହର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା କହିଛନ୍ତି। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଶତବାର୍ଷିକୀ ସମାରୋହ ଏପରି ସମୟରେ ହେଉଛି, ଯେତେବେଳେ ଭାରତ ନିଜର ସ୍ୱାଧୀନତାର ୭୫ ବର୍ଷ ପୂରଣ ହେବା ଅବସରରେ ଅମୃତ ମହୋତ୍ସବ ପାଳନ କରୁଛି। ଯେକୌଣସି ଦେଶର ବିଶ୍ୱବିଦ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନ ଏହାର ସଫଳତାକୁ ପ୍ରତିଫଳିତ କରେ। ୧୦୦ ବର୍ଷ ଯାତ୍ରାରେ ଅନେକ ଇତିହାସର ସାକ୍ଷୀ ହୋଇଛି ଦିଲ୍ଲୀ ବିଶ୍ୱବିଦ୍ୟାଳୟ। ଏହା ଅନେକ ବିଦ୍ୟାର୍ଥୀ, ଶିକ୍ଷକ ଏବଂ ଅନ୍ୟ ଲୋକଙ୍କ ଜୀବନକୁ ଯୋଡ଼ିଛି। ଏହା ସବୁ ମୁହୂର୍ତ୍ତରେ ଜୀବନର ପ୍ରତ୍ୟେକ ଅଂଶକୁ ପୂରଣ କରିଛି ବୋଲି ପ୍ରଧାନମନ୍ତ୍ରୀ କହିବା ସହ ସମସ୍ତ ବିଦ୍ୟାର୍ଥୀ, ଶିକ୍ଷକ ଏବଂ ବିଶ୍ୱବିଦ୍ୟାଳୟ ସହ ଜଡ଼ିତ ଲୋକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଶତାବ୍ଦୀ ସମାରୋହ ଭଳି ଐତିହାସିକ କ୍ଷଣକୁ ଦେଶର ପ୍ରଧାନମନ୍ତ୍ରୀଙ୍କ ସହ ପାଳିବା ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ସୌଭାଗ୍ୟର ବିଷୟ। ଶିକ୍ଷାର ମନ୍ଦିର ରୂପରେ ଏକ ଶତାବ୍ଦୀ ଧରି ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଦେଶର ବୌଦ୍ଧିକ ବିକାଶ ଏବଂ ଶିକ୍ଷାର ପ୍ରସାରରେ ଅଗ୍ରଣୀ ଭୂମିକା ତୁଲାଇଛି। ଗୌରବମୟ ୧୦୦ ବର୍ଷର ଯାତ୍ରାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ସହ ଜଡ଼ିତ ସମସ୍ତଙ୍କୁ ଧର୍ମେନ୍ଦ୍ର ଅଭିନନ୍ଦନ ଜଣାଇଛନ୍ତି। ସ୍ୱାଧୀନତା ସଂଗ୍ରାମରେ ଯୋଗଦାନଠାରୁ ଆରମ୍ଭକରି ଜରୁରିକାଳୀନ ପରିସ୍ଥିତିକୁ ବିରୋଧ କରିବାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଦେଶକୁ ମାର୍ଗ ଦେଖାଇଛି। ନିଜର ଜ୍ଞାନ ଏବଂ ସଂସ୍କାର ବଳରେ ବିଶ୍ୱବିଦ୍ୟାଳୟ ଦେଶକୁ ବିଭିନ୍ନ ସ୍ଥାନରେ ଅନେକ ପ୍ରତିଭାଙ୍କୁ ପ୍ରଦାନ କରିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଜୁନ୍‌ରେ ଉତ୍ତପ୍ତ ଓଡ଼ିଶା: ସ୍ୱାଭାବିକଠାରୁ ଅଧିକ ତାତି

## ୧୪ ଦିନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ

**ଭୁବନେଶ୍ୱର,୩୦ା୬ (ଅନିଲ ଦାସ)**

ଜୁନ୍ ମାସରେ ରାଜ୍ୟକୁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ସମ୍ମୁଖୀନ ହେବାକୁ ପଡିଛି। ଜୁନ୍ ପହିଲାରୁ ୩୦ ତାରିଖ ମଧ୍ୟରେ ରାଜ୍ୟରେ ୧୪ ଦିନ ହିଟ୍‌ୱେଭ ବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହୋଇଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଶୁକ୍ରବାର ଏ ନେଇ ଟୁଇଟ୍ କରି ସୂଚନା ଦିଆଯାଇଛି। ଏଥିଯୋଗୁ ରାଜ୍ୟବାସୀଙ୍କୁ କଲବଲ ହେବାକୁ ପଡ଼ିଛି। ରାଜ୍ୟରେ ଜୁନ୍ ମାସରେ ସ୍ୱାଭାବିକ ତାପମାତ୍ରା ୩୬ରୁ ୩୮ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିଥାଏ। ତେବେ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ସର୍ବୋଚ୍ଚ ତାପମାତ୍ରା ସ୍ୱାଭାବିକଠାରୁ ୪ରୁ ୬ ଡିଗ୍ରୀ ସେଲ୍‌ସିୟସ ଯାଏ ବୃଦ୍ଧି ହେବା ସହିତ ଆର୍ଦ୍ରତା ପରିମାଣ ପ୍ରାୟ ୮୦ ପ୍ରତିଶତକୁ ଛୁଇଁଛି। ଫଳରେ ରାଜ୍ୟର ଅଧିକାଂଶ ସ୍ଥାନରେ ପାରଦ ୪୨ ଡିଗ୍ରୀ ଉପରେ ରହିବା ସହ କେତେକ ସ୍ଥାନରେ ୪୪ରୁ ୪୬ ଡିଗ୍ରୀ ସେଲ୍‌ସିୟସକୁ ମଧ ଛୁଇଁଛି। ତାତି ବଢ଼ିବା ଯୋଗୁ ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହୋଇଥିବା ବେଳେ ଆର୍ଦ୍ରତା ବଢ଼ିବା ଯୋଗୁ ଉପକୂଳ ଓଡ଼ିଶାରେ ଅସହ୍ୟ ଗୁଳୁଗୁଳି ଅନୁଭୂତ ହୋଇଛି।

ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଜୁନ୍‌ରେ ଦେଶର ସର୍ବାଧିକ ଉତ୍ତପ୍ତ ୮ଟି ରାଜ୍ୟ ମଧ୍ୟରେ ଓଡ଼ିଶା ଅନ୍ୟତମ। ଜୁନ୍ ମାସରେ ପୂର୍ବ ବର୍ଷ ଅପେକ୍ଷା ଅଧିକ ଦିନ ହିଟ୍‌ୱେଭ ବା ଗ୍ରୀଷ୍ମ ପ୍ରବାହ ହୋଇଛି। ପୂର୍ବ ଭାରତରେ ସ୍ୱାଭାବିକଠାରୁ ଅଧିକ ଉତ୍ତପ୍ତ ବାୟୁ ପ୍ରବାହିତ ହୋଇଛି। ପଶ୍ଚିମବଙ୍ଗ, ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ବିହାର, ଝାଡ଼ଖଣ୍ଡ ଏବଂ ଛତିଶଗଡ଼ରେ ଚଳିତ ବର୍ଷ ଗ୍ରୀଷ୍ମର ପ୍ରକୋପ ବହୁ ମାତ୍ରାରେ ବଢ଼ିଯାଇଛି। ଜୁନ୍ ମାସରେ ବିହାରରେ ୧୯ ଦିନ ହିଟ୍‌ୱେଭ ପ୍ରବାହିତ ହୋଇଥିବା ବେଳେ ପଶ୍ଚିମବଙ୍ଗ ୧୭, ଓଡ଼ିଶା, ଝାଡ଼ଖଣ୍ଡ ଏବଂ ଆନ୍ଧ୍ର ପ୍ରଦେଶରେ ୧୪ ଦିନ ହିଟ୍‌ୱେଭ ପ୍ରବାହିତ ହୋଇଛି । ଏଥିସହିତ ମଧ୍ୟପ୍ରଦେଶ, ବିଦର୍ଭ ଏବଂ ତେଲଙ୍ଗାନାରେ ମଧ ସ୍ୱାଭାବିକଠାରୁ ଅଧିକ ଗ୍ରୀଷ୍ମ ପ୍ରବାହ ହୋଇଛି।






# ମହାନଦୀରେ ଧୋଇଗଲା ଅସ୍ଥାୟୀ ରାସ୍ତା

## କଂକ୍ରିଟ୍ ସେତୁ କାମ ନ ସରିବା ଯାଏ ଧବଳେଶ୍ୱରଙ୍କ ଦର୍ଶନ ବନ୍ଦ


ମହାନଦୀରେ ଧୋଇଯାଇଥିବା ଅସ୍ଥାୟୀ ରାସ୍ତା।

**ଖୁଣ୍ଟୁଣୀ, ୩୦ା୬ (ସଚ୍ଚିଦାନନ୍ଦ ପଣ୍ଡା)**

ମହାନଦୀରେ ପାଣି ଆସିବାରୁ କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱର ପୀଠକୁ ଯିବା ପାଇଁ ତିଆରି ହୋଇଥିବା ଅସ୍ଥାୟୀ ରାସ୍ତା ଧୋଇଯାଇଛି। ଫଳରେ ଶୁକ୍ରବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଉକ୍ତ ପୀଠକୁ ଭକ୍ତମାନେ ଯିବା ପାଇଁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଥିବା ଆଠଗଡ଼ ଭାରପ୍ରାପ୍ତ ଉପଜିଲାପାଳ ଦୀପ୍ତିମୟୀ ବେହେରା କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗୁଜରାଟର ମୋରବିସ୍ଥିତ ମାଛୁନଦୀରେ ଗତବର୍ଷ ଅକ୍ଟୋବରରେ ଏକ ଝୁଲାପୋଲ ଭୁଶୁଡି ପଡିବାରୁ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ରାଜ୍ୟ ସରକାର ଧବଳେଶ୍ୱର ପୀଠକୁ ସଂଯୋଗ ହୋଇଥିବା ଝୁଲାପୋଲ ଅସୁରକ୍ଷିତ ଦର୍ଶାଇଥିଲେ। ପୋଲରେ ଫାଟ ସୃଷ୍ଟି ହେବା ସହ କିଛି ବିମ୍‌ରେ କଳଙ୍କି ଲାଗି କଣା ହୋଇଯାଇଥିବା ଦେଖିବାକୁ ମିଳିଥିଲା। ଫଳରେ ମରାମତି ପାଇଁ ଗତ ନଭେମ୍ବର ୧ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଝୁଲାପୋଲରେ ଯିବାକୁ ବାରଣ କରାଯାଇଥିଲା। ଏହାକୁ ନେଇ ପୂଜକ ସମାଜ ଓ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ପ୍ରଶାସନ ପକ୍ଷରୁ ଟେଣ୍ଡର କରାଯାଇ ୩୫ ଲକ୍ଷ ଟଙ୍କା ବ୍ୟୟରେ ମହାନଦୀରେ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଇଥିଲା। ଅପରପକ୍ଷରେ ମହାନଦୀ ଉପରେ ୨୩ କୋଟି ଟଙ୍କା ବ୍ୟୟରେ କଂକ୍ରିଟ୍ ସେତୁ ନିର୍ମାଣ କରାଯାଉଛି। ୨୦୨୨ ମେ' ମାସରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟ ଚଳିତବର୍ଷ ଫେବୃୟାରୀରେ ଶେଷ କରିବା ପାଇଁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଠିକାଦାର ଏଥିପାଇଁ ଆଉ କିଛି ସମୟ ନେଇଥିଲେ। ପୁନର୍ବାର ଆର୍‌ଡିସି ଦଳାଇ ଏହି କାର୍ଯ୍ୟର ସମୀକ୍ଷା କରି ଗତ ମେ' ୩୧ ସୁଦ୍ଧା ଶେଷ ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଇତିମଧ୍ୟରେ କାର୍ଯ୍ୟ ଶେଷ ହୋଇପାରିନାହିଁ। ଏ ନେଇ ଭାରପ୍ରାପ୍ତ ଉପଜିଲାପାଳ ବେହେରା କହିଛନ୍ତି, କଂକ୍ରିଟ ସେତୁ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆପ୍ରୋଚ୍ ରୋଡ୍ କାମ ଦ୍ରୁତଗତିରେ ଚାଲିଛି। ଆସନ୍ତା ୩/୪ ଦିନ ମଧ୍ୟରେ କାମ ସରିବ। ଏହାପରେ ଶ୍ରଦ୍ଧାଳୁମାନେ ଧବଳେଶ୍ୱର ପୀଠକୁ ସୁବିଧାରେ ଯାତାୟାତ କରିପାରିବେ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚଷା କି ଜାଣେ ପଶାର କଥା**
**ପଡିଲେ ବୋଲେ ଦଶ;**
**ନ ପଡିଲେ ବୋଲେ ଦଶା।**

ସାଧାରଣତଃ ଯାହାକୁ ଯେଉଁ ବିଷୟ ଉପରେ ଆଦୌ ଧାରଣା ନ ଥାଏ, ସେହି ବ୍ୟକ୍ତି ଉକ୍ତ ବିଷୟ ଉପରେ ଠାସକ ମାରି ଏଣୁ ତେଣୁ କିଛି କହୁଥିବାର ଦେଖିବାକୁ ମିଳିଥାଏ। ବ୍ୟକ୍ତି ନିଜର ମୂର୍ଖତା ବା ଅଜ୍ଞତାକୁ ଅନ୍ୟ ଆଗରେ ଲୁଚାଇ ରଖିବାର ମିଛ ଅପଚେଷ୍ଟା କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଟାଖି ଖାଉଥାଏ ମାଇପ ଆଗେ**
**ବୁଦ୍ଧି ନ ଦିଶଇ ପାଇକ ଆଗେ।**

କେତେକ ବ୍ୟକ୍ତି ନିଜ ସ୍ତ୍ରୀ ଉପରେ ଅଯଥା ଟାଣପଣ ଦେଖେଇ ହୋଇଥାନ୍ତି, ବାହାଦୁରି ଦେଖେଇ ବଡ଼ ବଡ଼ କଥା କହିଥାନ୍ତି। ପରନ୍ତୁ ଅନ୍ୟ ଆଗରେ ଟାଣକରି କଥା କହିବାକୁ ସାହସ ଜୁଟାଇ ପାରି ନ ଥାନ୍ତି। ଘରେ ଟିକିନିଖି ବୁଦ୍ଧି ପ୍ରକାଶ କରୁଥିବା ଲୋକ ବାହାରେ ଅସଲ ଲୋକଙ୍କ ଆଗରେ ନିର୍ବୁଦ୍ଧିଆ ବୋଲି ଧରାପଡିଯାଉଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




# ହାତୀ ଆକ୍ରମଣରେ ଗଲା ୩ ଜୀବନ

ଭବାନୀପାଟଣା (ଉତ୍ତମ କୁମାର ଦାଶ)/ ଝୁମ୍ପୁରା (ଶଶିଭୂଷଣ ସାହୁ)/ ଯୋଡ଼ା (ମାନସ ମହାନ୍ତି)/ ଅନୁଗୋଳ (ଅମିତ କୁମାର ସାମଲ), ୩୦।୬

ହାତୀ ଆକ୍ରମଣରେ ୩ ଜିଲାରେ ୩ ଜଣଙ୍କ ଜୀବନ ଯାଇଛି। ଗୁରୁବାର ରାତିରେ କଳାହାଣ୍ଡି ଜିଲାର ଥୁଆମୂଳ ରାମପୁର ବ୍ଲକ ଅଞ୍ଚଳରେ ଜଣେ ୱାର୍ଡମେମ୍ବରଙ୍କୁ ହାତୀ ଦଳି ଦେଇଥିବାବେଳେ ସେହିଦିନ ଅପରାହ୍ନରେ କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜରେ ଜଣଙ୍କୁ କଚାଡ଼ି ମାରିଛି ହାତୀ। ସେହିପରି ଶୁକ୍ରବାର ଅନୁଗୋଳ ରେଞ୍ଜରେ ମଧ୍ୟ ଜଣଙ୍କ ଜୀବନ ହାତୀ ନେଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କାଣିଗୁମା ପଞ୍ଚାୟତ ଟେଭାମହୁଲ ଗ୍ରାମର ୱାର୍ଡମେମ୍ବର ପଞ୍ଚୁ ମାଝି (୫୦) ଗୁରୁବାର ରାତିରେ ଆମ୍ବ ଗୋଟାଇବାକୁ ଯାଇଥିବା ବେଳେ ହାତୀ ତାଙ୍କୁ କଚାଡି ଗୋଡ଼ରେ ଦଳି ଦେଇଥିଲା।

- **ଥୁଆମୂଳ ରାମପୁରରେ ୱାର୍ଡମେମ୍ବରଙ୍କୁ ଦଳିଦେଲା**
- **ଚମ୍ପୁଆ ରେଞ୍ଜରେ ଜଣଙ୍କୁ କଚାଡ଼ି ମାରିଲା**
- **ଅନୁଗୋଳ ରେଞ୍ଜରେ ଜଣେ ମୃତ**

ସ୍ଥାନୀୟ ଲୋକେ ପଞ୍ଚୁଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ଶୁକ୍ରବାର ଥୁଆମୂଳ ରାମପୁର ଦକ୍ଷିଣ ବନଖଣ୍ଡ ଅଧିକାରୀ ଓ ଥୁଆମୂଳ ରାମପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ମୃତ ପଞ୍ଚୁ ମାଝିଙ୍କ ପରିବାରକୁ ବନ ବିଭାଗ ପକ୍ଷରୁ ୬ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଯିବ ବୋଲି ଥୁଆମୂଳ ରାମପୁର ଦକ୍ଷିଣ ବନଖଣ୍ଡ ସାଇସୁରୁନୀ ରେଞ୍ଜ ଆସିଷ୍ଟାଣ୍ଟ କଞ୍ଜରଭେଟର ବିମଳ ଟୋପ୍ପୋ ସୂଚନା ଦେଇଛନ୍ତି। ସେହିପରି କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ବାମେବାରୀ ବନାଞ୍ଚଳ ଜମିରିଡ଼ିହି ଗ୍ରାମ ଜଙ୍ଗଲ ପାର୍ଶ୍ୱରେ ଗୁରୁବାର ହାତୀ ଆକ୍ରମଣରେ ପାଣ୍ଡୁ ମୁଣ୍ଡା(୫୦)ଙ୍କ ମୃତ୍ୟୁ ହୋଇଛି। ପାଣ୍ଡୁ କୌଣସି କାମରେ ବାହାରକୁ ଆସି ଅପରାହ୍ନରେ ଗାଁକୁ ଫେରୁଥିବା ବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ଗ୍ରାମବାସୀ ବନ ବିଭାଗ ଓ ବାମେବାରୀ ପୋଲିସକୁ ସୂଚନା ଦେଇଥିଲେ। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଚମ୍ପୁଆ ରେଞ୍ଜର ଅକ୍ଷୟ ଛତ୍ରିଆ କହିଛନ୍ତି, ମୃତକଙ୍କ ପରିବାରକୁ ୬ ଲକ୍ଷ ଟଙ୍କାର ସରକାରୀ ଅନୁକମ୍ପା ରାଶି ପ୍ରଦାନ କରାଯିବ। ସେହିପରି ଅନୁଗୋଳ ବନାଞ୍ଚଳ ତୁମୁଣୀ ଗ୍ରାମରେ ହାତୀ ଆକ୍ରମଣରେ ସାର୍ତ୍ତୁକ ଖୁଣ୍ଟିଆ(୫୫)ଙ୍କ ମୃତ୍ୟୁ ହୋଇଛି। ଏହାକୁ ନେଇ ଗାଁରେ ଚାପା ଉତ୍ତେଜନା ଦେଖାଦେଇଛି। ଅନୁଗୋଳ ବନାଞ୍ଚଳ ଅଧିକାରୀ ଦେବେନ୍ଦ୍ର ମାଝି କହିଛନ୍ତି, ସାହାରାଗୁଡ଼ା ଓ ନନ୍ଦା ରିଜର୍ଭ ଫରେଷ୍ଟ ଅଞ୍ଚଳରେ ଏକ ପଲରେ ୨୭ ହାତୀ ଥିବାରୁ ସେଠାରେ ଯିବାକୁ ବାରଣ କରାଯାଇଥିଲା। କିନ୍ତୁ ସାର୍ତ୍ତୁକ ବନ କର୍ମଚାରୀଙ୍କ କଥାକୁ ହେଙ୍ଗାନ କରି ଫାର୍ମ ହାଉସ୍‌କୁ ଚାଲିଯିବାରୁ ଏଭଳି ଅଘଟଣ ଘଟିଛି।

# ଶାରଳା, ଗୋରେଖନାଥ ମନ୍ଦିର ଉନ୍ନତୀକରଣ ଉପରେ ଗୁରୁତ୍ୱ

ଜଗତ୍‌ସିଂହପୁର, ୩୦।୬
(ପ୍ରମୋଦ କୁମାର ନାୟକ)

**୫-ଟି ସଚିବଙ୍କ ଜଗତ୍‌ସିଂହପୁର ଗସ୍ତର ଅନ୍ତିମ ଦିନ**

- **ଆମ ହସ୍ପିଟାଲ କାର୍ଯ୍ୟ ଡିସେମ୍ବର ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ**
- **ବୁଣାକାରମାନଙ୍କୁ ଆର୍ଥିକ ସହାୟତା ଦିଆଯିବ**
- **ବୟନ ଗ୍ରାମ ପାଇଁ ନୂଆ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ହେବ**

୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କ ୨ ଦିନିଆ ଜଗତ୍‌ସିଂହପୁର ଗସ୍ତର ଅନ୍ତିମ ଦିନରେ ସେ ଜଗତ୍‌ସିଂହପୁର ପୌରପାଳିକା ସମେତ ତିର୍ତ୍ତୋଲ, ରଘୁନାଥପୁର ଓ ବିରିଡ଼ି ବ୍ଲକର ବିଭିନ୍ନ ସ୍ଥାନ ଗସ୍ତ କରି ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ରୋଗୀଙ୍କ ସୁବିଧା, ଅସୁବିଧା ସମ୍ପର୍କରେ ବୁଝିଥିଲେ। ତା'ପରେ ଆମ ହସ୍ପିଟାଲ ଯୋଜନାରେ ନିର୍ମାଣାଧୀନ ଚିକିତ୍ସାଳୟ କାର୍ଯ୍ୟ ଡିସେମ୍ବର ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଆନ୍ତଃ ବିଭାଗ, ବହିଃ ବିଭାଗରେ ଉପଲବ୍ଧ ସୁବିଧା, ଚିକିତ୍ସାଳୟ ପରିସରରେ ନିର୍ମାଣାଧୀନ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ପାଣ୍ଡିଆନ ତିର୍ତ୍ତୋଲ ବ୍ଲକ କନକପୁରସ୍ଥିତ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳାଙ୍କ ମନ୍ଦିର ପରିଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ସେଠାରେ ମନ୍ଦିର ସେବାୟତ, ପୁରୋହିତ, ଜନସାଧାରଣଙ୍କ ସହ ମନ୍ଦିର ସମନ୍ୱିତ ବିକାଶ ଓ ପାରିପାର୍ଶ୍ୱିକ କାର୍ଯ୍ୟର ଉନ୍ନତୀକରଣ ଉପରେ ଆଲୋଚନା କରିଥିଲେ। ସହଜ ଟ୍ରାଫିକ ବ୍ୟବସ୍ଥା ନିମନ୍ତେ ମା' ଶାରଳାଙ୍କ ମନ୍ଦିରକୁ ଏକ ବିକଳ୍ପ ନୂଆ ରାସ୍ତା ନିର୍ମାଣ ସମ୍ପର୍କରେ ବିଚାର କରିବାକୁ କହିଥିଲେ । କେବଳ ଏତିକି ନୁହେଁ, ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ଜମି ଅଧିଗ୍ରହଣ ଉପରେ ଅଗ୍ରାଧିକାର ଦେଇଥିଲେ। ଏହାପରେ ରଘୁନାଥପୁର ବ୍ଲକ ଅନ୍ତର୍ଗତ ଛପଡ଼ା ଓ ଗୋରେଖନାଥ ପୀଠ ପରିଦର୍ଶନ କରି ପୂଜାର୍ଚ୍ଚନା ସାରି ଏହାର ବିକାଶ, ସୌନ୍ଦର୍ଯ୍ୟକରଣ ଓ ତୀର୍ଥଯାତ୍ରୀଙ୍କ ସୁବ୍ୟବସ୍ଥା ଉପରେ ସେବାୟତ, ପୁରୋହିତ, ନିର୍ବାହୀ ଅଧିକାରୀ ଓ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ । ପରେ ଏହି ବ୍ଲକ ଜଇପୁରସ୍ଥିତ ବୟନ ଗ୍ରାମ ପରିଦର୍ଶନ କରି ମହିଳା ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ହସ୍ତତନ୍ତ ସାମଗ୍ରୀ ଦେଖିଥିଲେ। ଏନେଇ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ବୟନ ଗ୍ରାମ ପାଇଁ ବୈଷୟିକ ଜ୍ଞାନକୌଶଳ, କାର୍ଯ୍ୟଦକ୍ଷତା ବୃଦ୍ଧି, ପ୍ରଶିକ୍ଷଣ ବିକାଶ ଓ ପରିଭ୍ରମଣ ନିମନ୍ତେ ଏକ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ବୟନ ଗ୍ରାମକୁ ସିସି ରୋଡ୍ ନିର୍ମାଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ଜଇପୁରଠାରେ ମହାନଦୀ ଉପରେ ନିର୍ମାଣାଧୀନ ଜଇପୁର-କଟିକଟା ପୋଲ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ। ଶେଷରେ ବିରିଡ଼ି ବ୍ଲକ ଅନ୍ତର୍ଗତ ପଞ୍ଚସଖା ଧାନକୁଦ ପୀଠ ପରିଦର୍ଶନ କରି ସେଠାରେ ମହାପ୍ରଭୁ ଜଗନ୍ନାଥଙ୍କ ପୂଜାର୍ଚ୍ଚନା କରିଥିଲେ। ଏହି ପୀଠର ପାରିପାର୍ଶ୍ୱିକ ବିକାଶ ପାଇଁ ପାଣ୍ଡିଆନ ସେବାୟତ, ପୁରୋହିତ ଓ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ। ଏହାବାଦ୍ ଧାନକୁଦ ପୀଠରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ଅଭିଯୋଗର ଶୁଣାଣି କରି ଏହାର ଆଶୁ ସମାଧାନ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ଜିଲାପାଳ ପାରୁଲ ପଟୱାରି ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।



ଗୋରେଖନାଥ ମନ୍ଦିରରେ ୫-ଟି ସଚିବ, ଜିଲାପାଳ, ସେବାୟତ ଓ ଅନ୍ୟମାନେ।

# ମୃତ ତତ୍କାଳୀନ ଯନ୍ତ୍ରୀଙ୍କ ସ୍ତ୍ରୀଙ୍କୁ ୨ବର୍ଷ ଜେଲ

ବ୍ରହ୍ମପୁର,୩୦।୬(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡ. ଅରୁଣ କୁମାର ସାହୁ ଶୁକ୍ରବାର ଏକ ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ଉପଯୁକ୍ତ ପ୍ରମାଣ ମିଳିଥିବାରୁ ସେ ଜଣେ ମୃତ ତତ୍କାଳୀନ ଯନ୍ତ୍ରୀଙ୍କ ସ୍ତ୍ରୀଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୧ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟ ଶୁଣାଇଛନ୍ତି। ଅଭିଯୁକ୍ତା ଜଣକ ହେଲେ ପୋଲସରା ଜନସ୍ୱାସ୍ଥ୍ୟ ବିଭାଗର ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ତଥା ସୋରଡ଼ାର ନବକୃଷ୍ଣ ଦାସଙ୍କ ସ୍ତ୍ରୀ ମମତା ଦାସ। ମାମଲାର ବିଚାର ବେଳେ ୨୦୧୬ ଡିସେମ୍ବର ୮ରେ ନବକୃଷ୍ଣଙ୍କର ମୃତ୍ୟୁ ହୋଇଥିଲା। ତେଣୁ ମାମଲାରୁ ତାଙ୍କୁ ବାଦ୍ ଦିଆଯାଇଛି। ପ୍ରକାଶ ଯେ, ୨୦୦୩ରେ ନବକୃଷ୍ଣ ପୋଲସରା ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ସେହିବର୍ଷ ଜୁଲାଇ ୨୧ରେ ସେ ଭିଜିଲାନ୍ସ

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

ଜାଲରେ ପଡ଼ିଥିଲେ। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୋରଡ଼ାସ୍ଥିତ ତାଙ୍କର ପୈତୃକ ବାସଭବନ, ବ୍ରହ୍ମପୁର ଗୋଦାବରୀଶ ନଗର ବାସଭବନ ସମେତ ୫ଟି ସ୍ଥାନରେ ଏକକାଳୀନ ଚଢାଉ ହୋଇଥିଲା। ସେ ସମୟରେ ନବକୃଷ୍ଣଙ୍କ ମୋଟ ୨୨ଲକ୍ଷ ୨୦ହଜାର ୩୪ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ସେଥିମଧ୍ୟରୁ ଯନ୍ତ୍ରୀ ୧୫ଲକ୍ଷ ୬୦ହଜାର ୯୩୦ ଟଙ୍କାର ହିସାବ ଭିଜିଲାନ୍ସକୁ ଦେଇ ପାରି ନ ଥିଲେ। ତାଙ୍କ ବିରୋଧରେ ୪୦/୦୩ରେ ମାମଲା ରୁଜୁ ହୋଇଥିଲା। ତଦନ୍ତକାରୀ ଅଧିକାରୀ, ଯନ୍ତ୍ରୀ ଓ ତାଙ୍କ ସ୍ତ୍ରୀ ମମତାଙ୍କ ବିରୋଧରେ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ପରେ ନବକୃଷ୍ଣ ଅବସର ଗ୍ରହଣ କରିଥିଲେ। ୨୦୧୬ରେ ତାଙ୍କର ମୃତ୍ୟୁ ଘଟିଥିଲା। ମାମଲାର ବିଚାର ବେଳେ ୨୮ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଶୁକ୍ରବାର ରାୟ ପ୍ରକାଶ ବେଳେ ମୃତ ନବକୃଷ୍ଣଙ୍କ ସ୍ତ୍ରୀ ମମତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀ ମାନଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଜଜ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପିପି ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ଏକଜିଦିଆ ଛତିଶଗଡ଼, ...

ଖୋଲି ଏକ ଖାମଖିଆଲି ମନୋଭାବର ପରିଚୟ ଦେଇଛନ୍ତି।

୬୬ ଗେଟ୍ ଖୋଲିବାର ୧୨ ଘଣ୍ଟା ପରେ ଅର୍ଥାତ୍ ଶନିବାର ଭୋର ୩ଟାରେ ୧,୩୬,୦୦୦ କ୍ୟୁସେକ ଜଳ ପ୍ରତି ସେକେଣ୍ଡରେ ପ୍ରବେଶ କରିବ ବୋଲି ହୀରାକୁଦ ବନ୍ଧ କର୍ତ୍ତୃପକ୍ଷ ଆକଳନ କରିଛନ୍ତି। ହୀରାକୁଦ ଜଳଭଣ୍ଡାରକୁ ମଧ୍ୟ ଜଳ ପ୍ରବେଶ ପରିମାଣ ବୃଦ୍ଧି ପାଇବ। ଏବେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୮୮,୨୮୬ କ୍ୟୁସେକ ଜଳ ପ୍ରବେଶ କରୁଛି। ଜଳସ୍ତର ୬୦୪.୧୯ ଫୁଟ୍ ରହିଛି। ସେଥିମଧ୍ୟରୁ ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର ଚ୍ୟାନେଲକୁ ୨୯,୦୨୯ କ୍ୟୁସେକ ପାଣି ଦିଆଯାଉଥିବା ବେଳେ ଚାଷକୁ ୬୦୦, ଶିଳ୍ପକୁ ୨୬୮ ଏଭଳି ମୋଟ ୨୯,୮୯୭ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ହାରାହାରି ଦେଖିବାକୁ ଗଲେ ଜଳ ପ୍ରବେଶ ପରିମାଣ ତୁଳନାରେ ଅଧା ନିଷ୍କାସନ ହେଉଛି। ଆଗକୁ ଜଳ ପ୍ରବେଶ ପରିମାଣ ବୃଦ୍ଧି ପାଇଲେ କିମ୍ବା ବର୍ଷା ଲାଗିରହିଲେ ସମସ୍ୟା ହୋଇପାରେ ବୋଲି କୁହାଯାଉଛି।

ହୀରାକୁଦ ଡ୍ୟାମ୍ କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ, କଲମାର ସମସ୍ତ ଗେଟ୍ ଖୋଲା ଯାଇଥିବା ନେଇ ଆମ ପାଖକୁ ସେଠାକାର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏହା ତାଙ୍କର ପ୍ରଥମ ବନ୍ୟା ଜଳ ନିଷ୍କାସନ। ଉକ୍ତ ବନ୍ୟା ଜଳ ହୀରାକୁଦ ଜଳଭଣ୍ଡାରକୁ ପ୍ରବେଶ କରିବାକୁ ୧୨ଘଣ୍ଟାରୁ ଅଧିକ ସମୟ ଲାଗିବ। ହୀରାକୁଦ ଜଳଭଣ୍ଡାରର ଜଳ ଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ବର୍ତ୍ତମାନ ଜଳସ୍ତର ୬୦୪ ଫୁଟ୍ ରହିଛି। ଏଥିରେ ଜଳ ଭଣ୍ଡାରକୁ ସମସ୍ୟା ହେବନାହିଁ। ଉପରମୁଣ୍ଡରେ ମଧ୍ୟ ବର୍ଷାର ପରିମାଣ କମିଯାଇଛି। ନିୟମିତ ବର୍ଷା ଲାଗିରହିଲେ ଓ ଏଭଳି ଜଳ ପ୍ରବେଶ କଲେ ସମସ୍ୟା ଦେଖାଦେଇପାରେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଜଳ ଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇବା ଯୋଗୁ ଜୁଲାଇ ୧୮ରୁ ବନ୍ୟାଜଳ ନିଷ୍କାସନ କରାଯାଇଥିଲା। ସେତେବେଳେ ଜଳସ୍ତର ୬୧୩.୧୭ ଫୁଟ୍ ରହିଥିଲା।

### ବିଦ୍ୟାଭାରତୀ, ଡିଏଫ୍‌ଓଙ୍କ ...

ହାଜର ପାଇଁ ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଦିନ ହାଜର ହେବା ପରିବର୍ତ୍ତେ ମାମଲାର ରହିତାଦେଶ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଅଭିଯୁକ୍ତଙ୍କ ଓକିଲ ଯୁକ୍ତି ଦର୍ଶାଇଥିଲେ। ହାଇକୋର୍ଟ ଉକ୍ତ ଆବେଦନକୁ ଗ୍ରହଣ କଲାଭଳି ସେ କୌଣସି ତଥ୍ୟ ଏସ୍‌ଡିଜେଏମ୍‌ଙ୍କ ନିକଟରେ ଉପସ୍ଥାପନ କରି ନ ପାରି ଏଥିପାଇଁ ସମୟ ଦେବାକୁ ଆବେଦନ କରିଥିଲେ। ଏହାକୁ ଏସ୍‌ଡିଜେଏମ୍ ଅଗ୍ରାହ୍ୟ କରି ଦେଇଛନ୍ତି । ୨୦୨୧ ଜୁଲାଇ ୧୨ରେ ସୌମ୍ୟ ଓ ବିଦ୍ୟାଭାରତୀ ସରକାରୀ କ୍ୱାର୍ଟର୍ସରେ ଥିଲେ। ରାତି ପ୍ରାୟ ୯ଟାରେ ସୌମ୍ୟଙ୍କ ଶରୀରରେ ନିଆଁ ଲାଗିଥିଲା। ବିଦ୍ୟାଭାରତୀ ଏ ନେଇ ପଡ଼ୋଶୀ ଓ ଆମ୍ବୁଲାନ୍ସକୁ ଫୋନ କରି ଜଣାଇଥିଲେ। ଠିକ୍ ସମୟରେ ଆମ୍ବୁଲାନ୍ସ ନ ଆସିବାରୁ ଅନ୍ୟ ଏକ ଗାଡ଼ିରେ ଗୁରୁତର ଅବସ୍ଥାରେ ସୌମ୍ୟଙ୍କୁ ପ୍ରଥମେ ପାରଳାଖେମୁଣ୍ଡି ମେଡିକାଲ ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା। ପରଦିନ ଅର୍ଥାତ୍ ୧୩ ତାରିଖରେ କଟକର ଏକ ଘରୋଇ ହସ୍ପିଟାଲକୁ ନିଆଯାଉଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୌମ୍ୟଙ୍କ ଦେହରେ ନିଆଁ କିଭଳି ଲାଗିଲା ତାହା ଏ ଯାଏ ଅସ୍ପଷ୍ଟ ରହିଛି। ବିଦ୍ୟାଭାରତୀ, ତାଙ୍କ ରୋଷେୟା ମନ୍ମଥ କୁମ୍ଭ ଓ ଡିଏଫ୍‌ଓ ମିଶି ସୌମ୍ୟଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଡିଏଫ୍‌ଓ ଓ ରୋଷେୟାଙ୍କୁ ପାରଳାଖେମୁଣ୍ଡିର ପୂର୍ବତନ ଏସ୍‌ପି କ୍ଲିନ୍‌ଚିଟ୍ ଦେଇଥିଲେ। ସୌମ୍ୟଙ୍କ ପରିବାର ଲୋକେ ଏହାକୁ ବିରୋଧ କରିଥିଲେ। ପରବର୍ତ୍ତୀ ସମୟରେ ପୋଲିସ ଏବଂ କ୍ରାଇମବ୍ରାଞ୍ଚ ଉଭୟେ ଘଟଣାର ତଦନ୍ତ କରିଥିଲେ। ସୌମ୍ୟଙ୍କ ବାପା ଅଭିରାମ ମହାପାତ୍ର ତଦନ୍ତରେ ସନ୍ତୁଷ୍ଟ ନ ଥିଲେ। ଏହାପରେ ଗତ ମାର୍ଚ୍ଚରେ ସେ ଘଟଣାର ତଦନ୍ତ ରିପୋର୍ଟ, ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଓ ଅନ୍ୟାନ୍ୟ ତଥ୍ୟକୁ ନେଇ ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିରାମଙ୍କ ତଥ୍ୟ ଆଧାରରେ ଗତ ଏପ୍ରିଲ ୧୨ରେ ମାମଲାରେ ୩୦୨ ଓ ୧୨୦ବି ଦଫାରେ ଗ୍ରହଣ କରି ୩ ଅଭିଯୁକ୍ତ ବିଦ୍ୟାଭାରତୀ, ଡିଏଫ୍‌ଓ ଓ ରୋଷେୟାଙ୍କୁ କୋର୍ଟରେ ବ୍ୟକ୍ତିଗତ ହାଜର ହେବା ପାଇଁ ଏସଡିଜେଏମ ନିର୍ଦ୍ଦେଶ ଦେଇଥିଲେ। ହେଲେ ୨ ମାସ ଧରି ଏମାନେ ବିଭିନ୍ନ କାରଣ ଦେଖାଇ ମାମଲାରେ ସମୟ ଗଡାଇ ଚାଲିଥିବାରୁ କୋର୍ଟ ମୁଖ୍ୟ ୨ ଅଭିଯୁକ୍ତ ବିଦ୍ୟାଭାରତୀ ଓ ଡିଏଫଓଙ୍କ ନାମରେ ଏନ୍‌ବିଡବ୍ଲ୍ୟୁ ଜାରି କରିଛନ୍ତି। ସୂଚନାଯୋଗ୍ୟ, ଡିଏଫଓ ସଂଗ୍ରାମ କେଶରୀ ଏବେ ପ୍ରମୋଶନ ପାଇ ଅନୁଗୋଳରେ କାର୍ଯ୍ୟରତ ଥିବା ବେଳେ ବିଦ୍ୟାଭାରତୀ ମୟୂରଭଞ୍ଜରେ ଅଛନ୍ତି।

### ବିକାଶ ନାମରେ ଲକ୍ଷେ ...

କମ୍ କ୍ଷତି ପହଞ୍ଚିପାରନ୍ତା। ପରିବେଶବିତ୍ ସ୍ୱପ୍ନା ଷଡ଼ଙ୍ଗୀ କହିଛନ୍ତି, ପ୍ରକୃତି ବିନା କୌଣସି ଅର୍ଥନୈତିକ ଅଗ୍ରଗତି ସମ୍ଭବ ନୁହେଁ। କିନ୍ତୁ କେବଳ ଅର୍ଥନୈତିକ ଅଭିବୃଦ୍ଧିକୁ ଧ୍ୟାନରେ ରଖି ଏପରି ଭାବେ ଜଙ୍ଗଲ ଧ୍ୱଂସ ବର୍ତ୍ତମାନର ପିଢ଼ି ନୁହେଁ, ଭବିଷ୍ୟତର ପିଢ଼ିକୁ ମଧ୍ୟ ପ୍ରଭାବିତ କରିବ। ଏହି ପ୍ରାକୃତିକ ସମ୍ବଳ ପୂର୍ବ ପୁରୁଷମାନଙ୍କ ଠାରୁ ଉତ୍ତରାଧିକାରୀ ସୂତ୍ରରେ ମିଳିଥିବା ସମସ୍ତେ ଭୁଲି ଯାଉଛନ୍ତି। ସେଥିପାଇଁ ଖଣି ଖାଦାନ, କଳକାରଖାନା, ରାସ୍ତା ନିମନ୍ତେ ଅନେକ ଲକ୍ଷ ବୃକ୍ଷକୁ ବଳି ପକାଯାଉଛି। ପ୍ରାକୃତିକ ଜଙ୍ଗଲ କାଟି ପଦା କରିବା ଦ୍ୱାରା ଏମିତି ବିପର୍ଯ୍ୟୟକୁ ଡାକି ଆଣିବା, ଯାହାର ପ୍ରତିକାର କରିବା ସମ୍ଭବ ହେବନାହିଁ। ବିକାଶ ନାମରେ ହେଉଥିବା ଏହି ବିନାଶକାରୀ କାର୍ଯ୍ୟକୁ ଅବିଳମ୍ବେ ବନ୍ଦ କରଯାଉ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଅଷ୍ଟମ ଚନ୍ଦ୍ର ରାଶ୍ୟାଧିପଙ୍କ ଦୃଷ୍ଟିରେ ଥିବାରୁ ସମସ୍ୟା ସମାଧାନ କରିବାରେ ସଫଳ ହେବେ। ବନ୍ଧୁମିଳନ ସାଙ୍ଗକୁ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ, କିନ୍ତୁ ଏଥିପାଇଁ ବୁଦ୍ଧି ଖର୍ଚ୍ଚ କରିବାକୁ ପଡ଼ିବ। ବାଣିଜ୍ୟ, ବ୍ୟବସାୟରେ ନୂଆ ଯୋଜନା ଉପରେ ଗୁରୁତ୍ୱ ଦେବେ।

**ବୃଷ** ଆଜି ବୁଧାଦିତ୍ୟ ଯୋଗ ପ୍ରଭାବରୁ ଅର୍ଥଲାଭ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିପାରେ। ଘରର କେତେକ ବ୍ୟତିକ୍ରମକୁ ନେଇ ଚିନ୍ତା ପ୍ରକଟ କରି ପାରନ୍ତି। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। କେତେକ କ୍ଷେତ୍ରରେ ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ।

**ମିଥୁନ** ରବି ପାପଗ୍ରହ ରାହୁ ନକ୍ଷତ୍ରସ୍ଥ ଯୋଗୁ ବନ୍ଧୁଙ୍କ କାର୍ଯ୍ୟରେ ଅସନ୍ତୋଷ ବ୍ୟକ୍ତ କରିପାରନ୍ତି। ରାଜନୀତି, ସଭାସମିତି ଓ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ଆଲୋଚନା ଫଳପ୍ରଦ ହୋଇପାରେ। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ଅଚାନକ ଭାବରେ ବନ୍ଧୁଙ୍କ ଆମନ୍ତ୍ରଣ ପାଇ ଯାତ୍ରା କରିପାରନ୍ତି।

**କର୍କଟ** ଶୁକ୍ରଙ୍କ ରାଶ୍ୟାବସ୍ଥାନ ହେତୁ ନିଜର ସ୍ୱାର୍ଥ ସାଧନ ଦିଗରେ ଅନ୍ୟକୁ ନିୟୋଜିତ କରିବା ସକାଶେ ଯୋଜନା କରିବେ। ବାଣିଜ୍ୟ, ଶିଳ୍ପ ଓ ବ୍ୟବସାୟରେ ଦ୍ୱନ୍ଦ୍ୱର ଅବସାନ ଘଟିବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**ସିଂହ** ମଙ୍ଗଳ ଏକାଦଶରେ ରହିବା ହେତୁ ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ସଫଳତା ପାଇବେ। ଅଧସ୍ତନଙ୍କ ସହମତିରେ କାମ କଲେ ଉପକୃତ ହେବେ। ସଭାସମିତି ଓ ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ଅନିୟମିତ ଆହାର ଗ୍ରହଣ ଫଳରେ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ପ୍ରତିଯୋଗିତାରେ ସଫଳତା ପାଇପାରନ୍ତି।

**କନ୍ୟା** ରାହୁ ରାଶିରେ ବୁଧ ରହିଥିବାରୁ ଯେକୌଣସି କାମ କଲେ ପ୍ରଥମେ ପ୍ରତିବନ୍ଧକ ଲାଗି ରହିଲେ ମଧ୍ୟ ପରେ ସଫଳତା ମିଳିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ଆଶାଜନକ ଫଳ ପାଇବେ। ପର କଥାରେ ମନଦେଇ ନିଜ ଘର କାମକୁ ଅବହେଳା କରିପାରନ୍ତି। ନିର୍ମାଣାଧୀନ କାମ ଅଟକି ରହିଯାଇପାରେ।

**ତୁଳା** ବନ୍ଧୁଙ୍କ ପ୍ରେରଣାରେ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବାର ସୌଭାଗ୍ୟ ମିଳିପାରେ। ଶନିଙ୍କ ଶୁଭ ସଂସ୍ଥାନରୁ ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ସାମାନ୍ୟ ଚେଷ୍ଟାରେ ପାଇବେ। ଆର୍ଥିକ ସ୍ଥିତି ପୂର୍ବପରି ରହିବା କାରଣରୁ ମନରେ ସରସତା ରହିବ ନାହିଁ।

**ବିଛା** ଭାଗ୍ୟାଧିପତି ରାଶିରେ ଥିବାରୁ ସମୟୋଚିତ ପଦକ୍ଷେପ ନେଇ ଅନିଶ୍ଚିତତାକୁ ନିଶ୍ଚିତ କରିବାରେ ସମର୍ଥ ହେବେ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଆକସ୍ମିକ ଭାବେ ଭ୍ରମଣ ସୁଯୋଗ ପାଇବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କଳା, ସାହିତ୍ୟ, ଚଳଚ୍ଚିତ୍ର ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ଧନୁ** ବୃହସ୍ପତିଙ୍କ ପ୍ରଭାବରୁ ଘରର କିଛି ସୁବିଧା ଓ ଅସୁବିଧା ସମ୍ପର୍କରେ ପରିବାର ଭିତରେ ଆଲୋଚନା କରି ପାରନ୍ତି। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଟେନସନ୍ କମିଯିବ। ବ୍ୟବସାୟ କ୍ଷେତ୍ରରେ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ରାଜନୀତି, ପ୍ରଶାସନ ଓ ପ୍ରକାଶନ ସକାଶେ ଆଜି ଦିନଟି ବହୁତ ଭଲ।

**ମକର** ପାପଗ୍ରସ୍ତ ଗୁରୁଙ୍କ ହେତୁ ଜମା ପଡୁ ନ ଥିବା ଲୋକଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହେବା ଠିକ୍ ହେବ ନାହିଁ। ବିବାଦୀୟ ଘଟଣାରେ ବିଜୟୀ ହେବେ ଓ ବ୍ୟବସାୟ ତଥା ପରିବହନରେ ସଫଳତା ମିଳିବ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କୁମ୍ଭ** ଶୁକ୍ରଙ୍କ କୃପାରୁ କୌଣସି ସଙ୍କଟଜନକ ପରିସ୍ଥିତି ମଧ୍ୟରେ ମନଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଯାହାକୁ ଯାହା କହିବେ ସେହି ମିତ୍ରମାନେ ସହଯୋଗର ହାତ ବଢ଼ାଇବେ। ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେ,ଅବଶ୍ୟ ସ୍ଥିର ମନନେଇ ବିଚାର କଲେ। ପୂର୍ବଭାଦ୍ରବ ନକ୍ଷତ୍ର ସ୍ୱାସ୍ଥ୍ୟହାନିଜନିତ ଚିନ୍ତିତ ରହିବେ।

**ମୀନ** କର୍ମସ୍ଥାନ ଗୁରୁଦୃଷ୍ଟ ହେତୁ କାର୍ଯ୍ୟଦକ୍ଷତା କାରଣରୁ କର୍ମକ୍ଷେତ୍ରରେ ସହକର୍ମୀ ସହାନୁଭୂତି ପ୍ରଦର୍ଶନ କରିବେ। କୌଣସି ସୂତ୍ରରୁ ଶୁଣା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦୂରେଇବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିପାରେ।

ଆଜି ଜଗତରନାଥ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନୀଳାଦ୍ରିବିଜେ, ରସଗୋଲା ଦିବସ, ଆଷାଢ଼ ଶୁକ୍ଳ ତ୍ରୟୋଦଶୀ, ଶନିବାର, ଜୁଲାଇ ୧ ତାରିଖ, ଚିକିତ୍ସକ ଦିବସ, ଜିଏସ୍‌ଟି ଦିବସ, ବନ ମହୋତ୍ସବ ସପ୍ତାହ ଆରମ୍ଭ, ରାଶି ନକ୍ଷତ୍ର-ଅନୁରାଧା/ବିଛା, ତ୍ରୟୋଦଶୀ ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୧୦।୧୧ ଗତେ ଘ.୧୨।୧୬ ମଧ୍ୟେ, ଘ.୦୩।୦୮ ଗତେ ଘ.୦୩।୪୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୨ ଗତେ ଘ.୧୦।୧୧ ମଧ୍ୟେ ରାହୁକାଳ।

# ନୀଳାଦ୍ରି ବିଜେରେ ରସଗୋଲା

ଦାରୁଦିଅଁଙ୍କ ଜଗତମଙ୍ଗଳ ଲୀଳାର ଶେଷ ଦିବସରେ ହୁଏ ନୀଳାଦ୍ରି ବିଜେ। ଏହି ଦିନକୁ ରସଗୋଲା ଦିବସ ଭାବେ ୨୦୧୫ରୁ ପାଳନ କରାଯାଇଆସୁଛି। ମହାପ୍ରଭୁଙ୍କ ଉପାସନାରେ ଦୁଇ ପ୍ରକାର ଭୋଗ ବ୍ୟବସ୍ଥା ରହିଛି। ତାହା ହେଲା ସଙ୍କୁଡ଼ି ଓ ନିଃସଙ୍କୁଡ଼ି। ସାଧାରଣତଃ ଅନ୍ନ, ଡାଲି, ବେସର ପ୍ରଭୃତିକୁ ସଙ୍କୁଡ଼ି ଭୋଗ ପର୍ଯ୍ୟାୟରେ ଗଣାଯାଏ। ନିଃସଙ୍କୁଡ଼ି ଭୋଗ କହିଲେ ପିଠାପଣାକୁ ବୁଝାଯାଏ। ଏହା ମଧ ଦୁଇଭାଗରେ ବିଭକ୍ତ। ପିଷ୍ଟାନ୍ନ ଓ ମିଷ୍ଟାନ୍ନ। ଘିଅ ବ୍ୟବହୃତ ହୋଇ ପ୍ରସ୍ତୁତ ହେଉଥିବା ପିଠାକୁ ପିଷ୍ଟାନ୍ନ ଓ ବିନା ଘିଅରେ ପ୍ରସ୍ତୁତ ଅମୁଣିଆକୁ ମିଷ୍ଟାନ୍ନ କୁହାଯାଏ। ଅମୁଣିଆ କହିଲେ ଦାରୁଦିଅଁଙ୍କ ପରମ୍ପରାରେ

**ଆଜି ରସଗୋଲା ଦିବସ**



ଯାହା ଭୋଗ ନ ହୋଇ ଭୋଗ ନିମନ୍ତେ ପ୍ରସ୍ତୁତ ରହିଥାଏ। ଉଭୟ ପିଷ୍ଟାନ୍ନ ଓ ମିଷ୍ଟାନ୍ନ ପ୍ରସ୍ତୁତିରେ ଛେନାର ବ୍ୟବହାର ମଧ ରହିଅଛି। ଘିଅ ବ୍ୟବହାର ହୋଇ ନଅ ପ୍ରକାର ପିଠା ଓ ପଣା ବର୍ଷସାରା ବିଭିନ୍ନ ନୀତିପର୍ବରେ ଭୋଗ ପାଇଁ ପ୍ରସ୍ତୁତ ହୋଇଥାଏ। ବର୍ଷକୁ ଥରେ ଘିଅ ବ୍ୟବହାର ନ ହୋଇ ଛେନାରେ ପ୍ରସ୍ତୁତ ଗୋଟିଏ ପ୍ରକାର ମିଠା ଦାରୁଦିଅଁଙ୍କ ଉପାସନାରେ ସାମିଲ ହୋଇଥିବାର ନଜିର ରହିଛି। ସେହି ଗୋଟିକ ମିଠା ହେଲା ରସଗୋଲା। ଏହା ଦାରୁଦିଅଁଙ୍କ ନୀତି ସହିତ ସମ୍ପୃକ୍ତ ହୋଇଅଛି। ଦାରୁଦିଅଁ ଆଡ଼ପ ମଣ୍ଡପରୁ ଆସି ନୀଳାଦ୍ରି ବିଜେ ଦିନ ଶ୍ରୀମନ୍ଦିରର ଭଣ୍ଡାର ଗୃହ ନିକଟରେ ପହଞ୍ଚିବା ପରେ ପାଞ୍ଚଗୋଟି ନୀତି ସମ୍ପନ୍ନ ହୋଇଥାଏ। ପ୍ରଥମେ ଗଇଁଠାଳ ଖୋଲାଯିବା ପରେ ବନ୍ଦାପନା ନୀତି ହୋଇଥାଏ। ତାହାପରେ ଭିତରଚ୍ଛ ମହାପାତ୍ର ଦାରୁଦିଅଁଙ୍କ ପ୍ରତିନିଧି ରୂପେ ସେଠାରେ ଉପସ୍ଥିତ ହୋଇ ରସଗୋଲା ଭୋଗ କରାଇଥାନ୍ତି। ଏହାପରେ ଘଷା ନୀତି ହୋଇ ବିଡ଼ିଆ ମଣୋହି ହୁଏ। ଏହି ପାଞ୍ଚନୀତି ପରେ ଦାରୁଦିଅଁ ରତ୍ନବେଦିକୁ ବିଜେ କରନ୍ତି।

ସେହିପରି ଛେନା ବ୍ୟବହାର ହୋଇ ପ୍ରସ୍ତୁତ ହେଉଥିବା ପିଠାପଣା ହେଉଛି କେଳି, ଘଉଡ଼ି, ଛେନାତାଡ଼ିଆ, ପାରିଜାତକ, ମାଣ୍ଡୁଆ, ରସାବଳି, ସୁଆରି, ଅଧରପଣା, ଚକଟା ଭୋଗ। ଅଟା ଓ ଛେନାରେ କେଳି ପ୍ରସ୍ତୁତ ହେଉଥିବା ବେଳେ ଅଟା ଓ ଛେନାରେ ମଧ ଘଉଡ଼ି ପ୍ରସ୍ତୁତ ହୋଇଥାଏ। ମାତ୍ର ପ୍ରସ୍ତୁତିରେ ସାମାନ୍ୟ ଫରକ ରହିଛି। ସୁଆରି ପିଠାଟି କ୍ଷୀରରେ ଛେନା ମିଶିବା ପରେ ତା' ମଧରେ ଛେନାମାଣ୍ଡୁଅ ମିଶ୍ରଣ କରାଯାଇ ପ୍ରସ୍ତୁତ କରାଯାଏ। ତେବେ ଏହି ନଅଟି ଛେନା ପ୍ରସ୍ତୁତ ଭୋଗ ମଧ୍ୟରୁ ଯଥା-ଅଧରପଣା ଓ ଚକଟା ସମର୍ପଣ ହୋଇଥାଏ। ସୂଚନାଯୋଗ୍ୟ, ଅଧରପଣାରେ ଛେନା ସହିତ ନଅଟି ଦ୍ରବ୍ୟ ମିଶାଯାଇ ଦାରୁଦିଅଁଙ୍କୁ ରଥ ଉପରେ ସମର୍ପଣ କରାଯାଇଥାଏ। ସେହିପରି ଅଣସର ଓ ମହାଅଣସରରେ ବିଶେଷ ଭାବେ ପତିମହାପାତ୍ର ଛେନାରେ ପ୍ରସ୍ତୁତ ଚକଟା ଭୋଗ ସମର୍ପଣ କରିଥାନ୍ତି। ଅତଏବ ଦାରୁଦିଅଁଙ୍କ ଷୋଡ଼ଶ ଉପଚାର ସମ୍ବଳିତ ଉପାସନାରେ ଛେନାର ବ୍ୟବହାର ବହୁ ପ୍ରାଚୀନ କାଳରୁ ରହିଅଛି। ଏହା ଶାସ୍ତ୍ରୀୟ ବ୍ୟବସ୍ଥା । ଶାସ୍ତ୍ରୀୟ ବ୍ୟବସ୍ଥା ସହିତ ପରମ୍ପରାଗତ ବ୍ୟବସ୍ଥା ମଧ ଦାରୁଦିଅଁଙ୍କ ଉପାସନାରେ ରହିଛି।

**- ଡ. ସୁରେନ୍ଦ୍ର କୁମାର ମିଶ୍ର**

# ଆସିଲା ୨୯ ଡିଏନ୍ଏ ରିପୋର୍ଟ, ୬ ମୃତଦେହ ହସ୍ତାନ୍ତର

**ବାହାନଗା ଟ୍ରେନ୍ ଦୁର୍ଘଟଣା**

- ସିବିଆଇ ଅଧିକାରୀଙ୍କ ଉପସ୍ଥିତିରେ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ
- ୨୩ ମୃତଦେହ ନେବାକୁ ପରିବାରକୁ ସୂଚନା ଦିଆଗଲା
- ଚିହ୍ନଟ ଅପେକ୍ଷାରେ ଆହୁରି ୫୨ ମୃତଦେହ

ଭୁବନେଶ୍ୱର,୩୦।୬(ଅଭିଜିତ ଦାସ)

ଜୁନ୍ ୨ ବାଲେଶ୍ୱର ବାହାନଗାଠାରେ ଘଟିଥିବା ଭୟଙ୍କର ଟ୍ରେନ୍ ଦୁର୍ଘଟଣାର ମୃତ୍ୟୁ ସଂଖ୍ୟା ୨୯୩କୁ ବୃଦ୍ଧି ପାଇଛି। ତେବେ ବିଳମ୍ବ ସତ୍ତ୍ୱେ ଚିହ୍ନଟ ହୋଇପାରି ନ ଥିବା ୮୧ ମୃତଦେହ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୨୯ଟିର ଡିଏନ୍ଏ ପରୀକ୍ଷା ରିପୋର୍ଟ ଆସିଛି। ଏହାପରେ ଏମ୍ସ ଭୁବନେଶ୍ୱରରେ ଶୁକ୍ରବାରଠାରୁ ପୁନଃ ମୃତଦେହ ଚିହ୍ନଟ ଓ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ୨ଟି ମୃତଦେହ ଓଡିଶାର ହୋଇଥିବାବେଳେ ବାକି ୨୭ଟି ପଶ୍ଚିମବଙ୍ଗ, ବିହାର ଓ ଝାଡ଼ଖଣ୍ଡର ବୋଲି ଜଣାପଡିଛି। ତେବେ ରାତି ୯ଟା ସୁଦ୍ଧା ୬ ମୃତଦେହକୁ ପ୍ରକୃତ ପରିବାରକୁ ହସ୍ତାନ୍ତର କରାଯାଇଥିବା ଏମ୍ସ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସିବିଆଇ ଏହି ଦୁର୍ଘଟଣାର ତଦନ୍ତ କରୁଥିବାବେଳେ ମୃତଦେହ ହସ୍ତାନ୍ତର ସମୟରେ ଏହାର ଅଧିକାରୀମାନେ ଉପସ୍ଥିତ ରହି ତନ୍ନତନ୍ନ କରି କାଗଜପତ୍ର ଯାଞ୍ଚ କରୁଥିବା ଦେଖାଯାଇଛି।

ପ୍ରଥମେ ବିହାର ବେଗୁସରାଇର ୨୩ ବର୍ଷୀୟ ସୁଜିତ କୁମାର ଓ ପୂର୍ଣ୍ଣିଆ ଅଞ୍ଚଳର ୨୧ ବର୍ଷୀୟ ସୁରଜ କୁମାରଙ୍କ ମୃତଦେହକୁ ହସ୍ତାନ୍ତର କରାଯାଇଥିଲା। ପରେ ପଶ୍ଚିମବଙ୍ଗ ମେଦିନାପୁରର ୩୮ ବର୍ଷୀୟ ମାନସ ମାଇତି ଓ ପୁରୁଲିୟା ଅଞ୍ଚଳର ୩୨ ବର୍ଷୀୟ ସମୀର ବାଉରି, ଝାଡଖଣ୍ଡର ୨୪ବର୍ଷୀୟ ଭୀମ ଚୌଧୁରୀ ଏବଂ ଶେଷରେ ଓଡ଼ିଶା ମୟୂରଭଞ୍ଜର ୩୪ବର୍ଷୀୟ ବ୍ରହ୍ମକାନ୍ତ ଚୌଧୁରୀଙ୍କ ମୃତଦେହକୁ ପରିବାର ଲୋକେ ଏମ୍ସରୁ ଗ୍ରହଣ କରି ନିଜ ଗାଁକୁ ନେଇଛନ୍ତି। ଅନ୍ୟପକ୍ଷରେ ଚିହ୍ନଟ ହୋଇଥିବା ବାକି ୨୩ଟି ମୃତଦେହକୁ ନେବା ଲାଗି ସେମାନଙ୍କ ପରିବାର ଲୋକଙ୍କୁ ସୂଚନା ଦିଆଯାଇଛି। ଆଞ୍ଚଳିକ ପରିବହନ ବିଭାଗର ଅଧିକାରୀ ବିକାଶ ଚନ୍ଦ୍ର ଚୌଧୁରୀ କହିଛନ୍ତି, ସମସ୍ତ ଚିହ୍ନଟ ମୃତଦେହଗୁଡିକୁ ସେମାନଙ୍କ ଠିକଣାସ୍ଥଳରେ ପହଞ୍ଚାଇବା ଲାଗି ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ୨୯ ମୃତଦେହ ଚିହ୍ନଟ ହୋଇଥିବା ସୂଚନା ଦିଆଯିବା ପରେ ତୁରନ୍ତ ୨୯ଟି ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଥିଲା। ଆମ୍ବୁଲାନ୍ସଗୁଡିକର ଫିଟ୍‌ନେସ ପେପର, ଲାଇସେନ୍ସ ଆଦି ଯାଞ୍ଚ କରାଯିବା ପରେ ମୃତଦେହ ପରିବହନରେ ନିୟୋଜିତ କରାଯାଇଛି।

ଦୁର୍ଘଟଣା ପରେ ୧୬୨ ମୃତଦେହକୁ ଚିହ୍ନଟ ଓ ହସ୍ତାନ୍ତର ଲାଗି ବିଭିନ୍ନ ପର୍ଯ୍ୟାୟରେ ଏମ୍ସକୁ ଅଣାଯାଇଥିଲା। ୮୧ ମୃତଦେହ ଚିହ୍ନଟ ପରେ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ବାକି ୮୧ ମୃତଦେହ ଚିହ୍ନଟ ହୋଇ ନ ପାରିବାରୁ ଓ କେତେକ ମୃତଦେହର ଏକାଧିକ ଦାବିଦାର ବାହାରିବାରୁ ଡିଏନ୍ଏ ପରୀକ୍ଷା ଶେଷ ବିକଳ୍ପ ହୋଇଥିଲା। ତେଣୁ ମୃତଦେହଗୁଡିକ ଏମ୍ସ ପରିସରରେ ୩ଟି କଣ୍ଟେନର ମଧ୍ୟରେ ସଂରକ୍ଷିତ କରି ରଖାଯିବା ସହ ଡିଏନ୍ଏ ପରୀକ୍ଷା ଲାଗି ଉଭୟ ମୃତଦେହ ଓ ଦାବିଦାର ପରିବାର ସଦସ୍ୟଙ୍କ ବାଳ, ଦାନ୍ତ, ହାଡ, ନଖ ଆଦି ଅଙ୍ଗର ନମୁନା ଦିଲ୍ଲୀ ଏମ୍ସକୁ ପଠାଯାଇଥିଲା। ଏବେ ଦିଲ୍ଲୀସ୍ଥିତ ସିବିଆଇ ଫୋରେନ୍ସିକ୍ ଲାବ୍‌ରେ ଡିଏନ୍ଏ ପରୀକ୍ଷା ଚାଲିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୨୯ ରିପୋର୍ଟ ଆସିଛି। ଭୁବନେଶ୍ୱର ଏମ୍ସ କର୍ତ୍ତୃପକ୍ଷ ଏହି ଡିଏନ୍ଏ ରିପୋର୍ଟକୁ ଆଧାର କରି ଚିହ୍ନଟ ଓ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ମାତ୍ର କେତେକ ମୃତଦେହର ହାଡ଼, ଦାନ୍ତ ଆଦି ନଷ୍ଟ ହୋଇଥିବାରୁ ସେମାନଙ୍କ ଡିଏନ୍ଏ ମ୍ୟାଚିଂ କରିବାରେ ସମସ୍ୟା ସୃଷ୍ଟି ହେଉଛି। ତେଣୁ ଡିଏନ୍ଏ ରିପୋର୍ଟ ଆସିବାରେ ବିଳମ୍ବ ହେଉଛି ବୋଲି ଭୁବନେଶ୍ୱର ଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି।

## ମୃତକଙ୍କ ଆତ୍ମୀୟଙ୍କ ପାଇଁ ୩ ଲକ୍ଷ ସହାୟତା ଘୋଷଣା

ଭୁବନେଶ୍ୱର,୩୦।୬ (ଅନିଲ ଦାସ)

ନବରଙ୍ଗପୁର ଜିଲା ଝରିଗାଁ ଉମରକୋଟ ରାସ୍ତାରେ ଶୁକ୍ରବାର ଭୋରୁ ସଡ଼କ ଦୁର୍ଘଟଣାରେ ୩ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକପ୍ରକାଶ କରିବା ସହ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି ।ଏହି ଦୁର୍ଘଟଣାରେ ଆହତଙ୍କୁ ମାଗଣାରେ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ତେନ୍ତୁଳିଗଛକୁ ପିଟିଲା କାର୍, ଚାଲିଗଲା ୩ ଜୀବନ

ଉମରକୋଟ, ୩୦।୬(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ସହରଠାରୁ ୩ କି.ମି. ଦୂର ବଡ଼ବାସିନୀ ଛକରେ ଗୋଟିଏ କାର୍ ରାସ୍ତାକଡ଼ରେ ଥିବା ତେନ୍ତୁଳିଗଛରେ ପିଟିହୋଇଯାଇଛି। ଏହି ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଉମରକୋଟ ନିକଟ ଅଞ୍ଚଳା ଗ୍ରାମର ସତ୍ୟରଞ୍ଜନ ବେପାରୀ, ଛତବେଡ଼ା ଗ୍ରାମର ସୁରେଶ ମଣ୍ଡଳ ଓ ରାଇଘର ନିକଟ ସୋନପୁର ବଙ୍ଗୀୟ ଗ୍ରାମର ଗୌରାଙ୍ଗ ରାୟ। ଦୁର୍ଘଟଣାରେ ସତ୍ୟରଞ୍ଜନଙ୍କ ସ୍ତ୍ରୀ ତରୁଲତା ଗୁରୁତର ଅଛନ୍ତି।

ସୂଚନାନୁଯାୟୀ, ସତ୍ୟରଞ୍ଜନଙ୍କର କିଛିଦିନ ହେଲା ପେଟ ବଥା ହେଉଥିଲା। ବୁଧବାର ପୁଣି ପେଟବ୍ୟଥା ହେବାରୁ ରାତି ପ୍ରାୟ ୧୦ଟାରେ ସୁରେଶଙ୍କ ଗାଡ଼ି (ଓଡି-୨୪ଜି-୪୯୬୨)ରେ ସେ ଛତିଶଗଡ଼ ଜଗଦଲପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସାଙ୍ଗରେ ସତ୍ୟଙ୍କ ସ୍ତ୍ରୀ ତରୁଲତା ଓ ସୋନପୁର ବଙ୍ଗୀୟ ଗ୍ରାମର ସମୁଦି ଗୌରାଙ୍ଗ ରାୟ ଯାଇଥିଲେ। ସେଠାରେ ଗୋଟିଏ ଦିନ ଚିକିତ୍ସା ହେବାପରେ ଗୁରୁବାର ରାତି ପ୍ରାୟ ୧୦ଟାରେ ସତ୍ୟରଞ୍ଜନଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଥିଲା। ଏହାପରେ ସେମାନେ ଉମରକୋଟ ଅଭିମୁଖେ ବାହାରିଥିଲେ। ତେବେ ରାତି ପ୍ରାୟ ୧ଟାରେ ବଡ଼ବାସିନୀ ଗ୍ରାମ ଛକରେ ଥିବା ତେନ୍ତୁଳିଗଛରେ କାର୍ ପିଟିହୋଇଯାଇଥିଲା। ସୁରେଶ ମଣ୍ଡଳ, ଗୌରାଙ୍ଗ ରାୟ ଓ ସତ୍ୟରଞ୍ଜନ ବେପାରୀ ଗାଡ଼ିରୁ ଛିଟିକି ପଡ଼ିଥିଲେ। ଏହି ସମୟରେ ରାସ୍ତାରେ ଯାଉଥିବା ଜଣେ ଯୁବକ ସତ୍ୟରଞ୍ଜନଙ୍କ ମୋବାଇଲରୁ ତାଙ୍କ ପରିବାର ଲୋକଙ୍କୁ ଦୁର୍ଘଟଣା ସମ୍ପର୍କରେ ଜଣାଇଥିଲେ। ଖବରପାଇ ସତ୍ୟରଞ୍ଜନଙ୍କ ପୁଅ ଶୁଭମ୍, ସୁବଳ ବିଶ୍ୱାସ, ରାକେଶ ବିଶ୍ୱାସ, ସଞ୍ଜୟ ବେପାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୁର୍ଘଟଣା ସମ୍ପର୍କରେ ଜାଣି ଉମରକୋଟ ଥାନା ସବ୍‌ଇନ୍‌ସପେକ୍ଟର ନୀଳିମା ପାଣିଗ୍ରାହୀ ପହଞ୍ଚି ଆମ୍ବୁଲାନ୍ସ ଓ ଅଗ୍ନିଶ୍ରମ ବିଭାଗର ଗାଡ଼ିକୁ ଡକାଇଥିଲେ। ୪ ଜଣଙ୍କୁ ଉମରକୋଟ ହସ୍ପିଟାଲକୁ ନିଆଯାଇଥିଲା। ସୁରେଶ, ଗୌରାଙ୍ଗ ଓ ସତ୍ୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତରୁଲତାଙ୍କ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ନବରଙ୍ଗପୁର ହସ୍ପିଟାଲକୁ ପଠାଯାଇଛି। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତରୁଲତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ହସ୍ପିଟାଲକୁ ପଠାଯାଇଛି। ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଶୁକ୍ରବାର ସକାଳେ ଉମରକୋଟ ଥାନାଧିକାରୀ ଗୋବିନ୍ଦ ଚନ୍ଦ୍ର ବୁରୁଦା ଓ ସବ୍‌ଇନ୍‌ସପେକ୍ଟର ସୌମେନ୍ଦ୍ର ସେଠ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରିଛନ୍ତି। ପୋଲିସ କେସ୍ ନଂ.୧୫୯/୨୩ରେ ମାମଲା ରୁଜୁ କରିଛି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଓ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ଗଭୀର ସମବେଦନା ଜଣାଇଛନ୍ତି।

# ସ୍କୁଲ ଅଟୋ ଓଲଟି ଛାତ୍ରୀ ମୃତ, ୨ ଆହତ

ବାସୁଦେବପୁର, ୩୦।୬
(ନାରାୟଣ ପ୍ରସାଦ ବାରିକ)

ଭଦ୍ରକ ଜିଲା ବାସୁଦେବପୁର-ଧାମରା ରାସ୍ତାର ମନ୍ଦାରୀ ଚାଚେରି ଛକ ନିକଟସ୍ଥ ହରିଜନବସ୍ତି ଛକଠାରେ ଶୁକ୍ରବାର ଅପରାହ୍ନରେ ଏକ ଘରୋଇ ସ୍କୁଲ ଅଟୋ ଓଲଟି ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ଏଥିରେ ୨ ଜଣ ଆହତ ହୋଇଛନ୍ତି। ମୃତ ଛାତ୍ରୀ ହେଉଛନ୍ତି ବାସୁଦେବପୁର ଶିଶୁବିହାର ଶିକ୍ଷାନୁଷ୍ଠାନର ୫ମ ଶ୍ରେଣୀ ଛାତ୍ରୀ ହିମାନୀ ରାଉଳ(୧୧)। ତାଙ୍କ ଘର କିସ୍ମତକୃଷ୍ଣପୁର ପଞ୍ଚାୟତର ନଳବାଙ୍କ ଗ୍ରାମରେ। ଦୁଇ ଆହତ ଛାତ୍ରୀ ସଞ୍ଜନା ରାଜନନ୍ଦିନୀ ଦାସ(୧୧) ଓ ମଧୁମିତା ବାରିକ୍(୧୦) ବାସୁଦେବପୁର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।



ପୋଲିସ ଦୁର୍ଘଟଣାଗ୍ରସ୍ତ ଅଟୋକୁ ଥାନାକୁ ନେଉଛି।

**ଡ୍ରାଇଭର ଥାନାରେ ଅଟକ**

ସୂଚନା ଅନୁଯାୟୀ, ବିଦ୍ୟାଳୟ ଛୁଟି ହେବା ପରେ ୫ ଛାତ୍ରୀଛାତ୍ରଙ୍କୁ ନେଇ ଅଟୋ (ନଂ. ଓଡି ୦୨ କେ ୪୬୦୫) କିସ୍ମତକୃଷ୍ଣପୁର ଅଭିମୁଖେ ଯାଉଥିଲା। ଚାଚେରି ଛକରେ ଭାରସାମ୍ୟ ହରାଇ ଡିଭାଇଡରକୁ ଧକ୍କାଦେଇ ରାସ୍ତା ମଝିରେ ଅଟୋ ଓଲଟି ପଡ଼ିଥିଲା। ହିମାନୀ ଅଟୋ ତଳେ ଚାପି ହୋଇଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏଥିରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ରାସ୍ତାରୋକୋ କରିଥିଲେ। ବାସୁଦେବପୁର ଓ ଚୂଡ଼ାମଣି ସାମୁଦ୍ରିକ ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲା। ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଘଟଣାସ୍ଥଳରେ ପହଞ୍ଚି ହସ୍ତକ୍ଷେପ କରିବା ପରେ ରାସ୍ତାରୋକୋ ହଟିଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଅଟୋକୁ ଜବତ କରିବା ସହ ଡ୍ରାଇଭରଙ୍କୁ ବାସୁଦେବପୁର ଥାନାରେ ଅଟକ ରଖିଛି। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ତହସିଲଦାର ସୌଭାଗ୍ୟ ପଣ୍ଡା ପ୍ରମୁଖ ମୃତ ଛାତ୍ରୀଙ୍କ ପରିବାରକୁ ସମବେଦନା ଜଣାଇଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

NABARANGPUR FOREST DIVISION
NOTICE No. 02 of 2023-24, Date: 27.06.2023
WALK IN INTERVIEW on 20.07.2023
No.MM-77:- Nabarangpur Forest Division requires qualified candidates with preferably M.Sc. in Veterinary Science and Animal Husbandry from a recognized university for temporary engagement as one Veterinary Officer. The Walk-in-Interview is scheduled on 21.07.2023 10:00 AM at Conference Hall of Nabarangpur Forest Division. The application form along with detail terms and conditions shall be available on the website www.nabarangpur.nic.in / www.odishaforest.in from 29.06.2023.
Sd./- Divisional Forest Officer
Nabarangpur Forest Division
OIPR-08158/11/0002/2324

WANTED
Job for Servant on Salary basis. Education below 10th. Salary after Interview Physically between 11 AM to 5 PM.
Mob:9438128790

ଆବଶ୍ୟକ
ଗୋଟିଏ ପ୍ରତିଷ୍ଠିତ ସିକ୍ୟୁରିଟି ସଂସ୍ଥା ପାଇଁ Supervisor & ସିକ୍ୟୁରିଟି ପିଲା ଆବଶ୍ୟକ।
9438004018, 7847099623
9658958536, 8249484909

Required
Experienced Female Therapist for Saikrupa Panchakarma Spa, Bhubaneswar. Attractive Salary. Interested candidates Please Contact :
7328880289, 8984068077

TATA
JOB OPPORTUNITIES in The Tata Power Company for its Distribution Business in Odisha
Tata Power has entered into a Joint Venture with Odisha Govt. for Distribution Business in Odisha. Distribution companies (TPCODL, TPWODL, TPNODL & TPSODL) have laid out an ambitious plan to improve reliability of power supply, enhance customer services and implement innovative technology in these areas. To meet the business requirements, Distribution companies plan to recruit suitable candidates in VIGILANCE functions and invites applications from interested and eligible candidates. Selected candidates shall be posted in different Circle and Division Offices across all Four Discoms in Odisha.
Candidate Profile:
- Candidates possessing minimum of Bachelor's degree of reputed University and preferably in the area of criminal justice system; anti-corruption law; Public Administration.
- Familiarity with best practices related to Vigilance and Compliance.
- Understanding of anti-corruption laws, regulations and guidelines issued by the Central Vigilance Commission and State Vigilance Commission, time to time.
- Sound analytic skills to evaluate evidence and draw logical conclusion on the allegation of corruption.
- Proven ability in developing and maintaining intelligent sources
- Strong people skills, office automation skills, report writing skills, and presentation skills.

Candidates with 1 - 7 years of relevant experience in Vigilance / Compliance / Law Enforcement Agency / Police Department of Government or Public Sector Undertaking with minimum of 60% marks throughout career from 10th Standard onwards, can apply on or before 08-07.2023.
Note: In line with the needs of specific role requirements, preference will be given to applicants from the state of Odisha.
Link for applying online to respective Discoms of interest, are as below.
TPCODL: recruitment@tpcentralodisha.com
TPWODL: careers@tpwesternodisha.com
TPNODL: resume@tpnodl.com
TPSODL: careers@tpsodl.com
Eligible and shortlisted candidates shall be invited to participate in the recruitment process. For any queries, candidates may communicate with the respective email id of the particular DISCOM being applied for.

DSPL-127
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
ଜଳବାହିତ ରୋଗ ପ୍ରତିରୋଧ ପାଇଁ ମାର୍ଗଦର୍ଶିକା
ରାଜ୍ୟରେ ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଥିବାରୁ ଡ଼ାଇରିଆ, ଟାଇଫଏଡ୍ ଓ ହେପାଟାଇଟିସ୍ ଆଦି ଜଳବାହିତ ରୋଗ ବ୍ୟାପିବାର ଆଶଙ୍କା ରହିଛି। ଏଥିରୁ ରକ୍ଷା ପାଇବା ପାଇଁ ନିମ୍ନଲିଖିତ ସାବଧାନତା ଅବଲମ୍ବନ କରନ୍ତୁ।
- କେବଳ ସୁରକ୍ଷିତ ଉତ୍ସ (ଗଭୀର ନଳକୂପ, ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ସ୍ଥାପିତ ନଳପାଣି, ଗଭୀର ତଥା ସୁରକ୍ଷିତ କୂପ / ଏଫ୍.ଏସ୍.ଏସ୍.ଏ.ଆଇ. ସ୍ୱୀକୃତ ବୋତଲ)ର ପାଣି ପିଇବା ପାଇଁ ବ୍ୟବହାର କରନ୍ତୁ।
- ପାଣିର ଶୁଦ୍ଧତା ସମ୍ପର୍କରେ ସନ୍ଦେହ ଥିଲେ ତାହାକୁ ଫୁଟାଇ କିମ୍ବା ସେଥିରେ ହାଲାଜୋନ ବଟିକା ପକାଇ (ଗୋଟିଏ ଲିଟର ପାଣିରେ ଗୋଟିଏ ବଟିକା) ଅଧଘଣ୍ଟା ପରେ ପିଅନ୍ତୁ।
- ଶୌଚ ପାଇଁ କେବଳ ପାଇଖାନା ବ୍ୟବହାର କରନ୍ତୁ। ବାହାରେ ଶୌଚ ହେଲେ ପାନୀୟ ଜଳ ଉତ୍ସ ସଂକ୍ରମିତ ହେବାର ଆଶଙ୍କା ଅଛି।
- ଖାଇବା ପୂର୍ବରୁ ଓ ଶୌଚ ପରେ ହାତକୁ ସାବୁନ୍‌ରେ ଭଲଭାବେ ଧୁଅନ୍ତୁ।
- ବାସି ଖାଦ୍ୟ, ମାଛି ବସୁଥିବା, ଦୁର୍ଗନ୍ଧ ହେଉଥିବା, ଖୋଲାରେ ବିକ୍ରି ହେଉଥିବା ଖାଦ୍ୟ ଖାଆନ୍ତୁ ନାହିଁ।
- ପନିପରିବା ଓ ଫଳମୂଳକୁ ଭଲ ଭାବରେ ପରିଷ୍କାର ପାଣିରେ ଧୋଇ ବ୍ୟବହାର କରନ୍ତୁ।
- ବାସନ କୁସନ ଭଲଭାବେ ସଫାକରି ପରିଷ୍କାର ପାଣିରେ ଧୁଅନ୍ତୁ।
- ତରଳ ଝାଡାହେଲେ ଓ.ଆର୍.ଏସ୍. ଦ୍ରବଣ ପିଅନ୍ତୁ ଏବଂ ଛୋଟ ପିଲାଙ୍କୁ ଏଥିସହ ସ୍ୱାସ୍ଥ୍ୟ କର୍ମୀ / ଡାକ୍ତରଙ୍କ ପରାମର୍ଶ କ୍ରମେ ଜିଙ୍କ୍ ବଟିକା ମଧ ଦିଅନ୍ତୁ।
- ଶିଶୁମାନଙ୍କୁ ଉପଯୁକ୍ତ ସମୟରେ ଟୀକା ଦିଅନ୍ତୁ ଓ ଭିଟାମିନ୍-ଏ ଦ୍ରବଣ ଖୁଆନ୍ତୁ।
OIPR-10003/13/0071/2324

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧ ଜୁଲାଇ, ୨୦୨୩

ମଧ୍ୟଯୁଗ ଏକ ରାତ୍ରି ଥିଲା। ତାହା ଥିଲା ଅଜ୍ଞାନୀ ଲୋକଙ୍କ ପାଇଁ ବିଜୟର ସମୟ। ଏହି ଆଧୁନିକ ଯୁଗ କିନ୍ତୁ ଜ୍ଞାନୀ ଲୋକଙ୍କର ବିଜୟର ସମୟ। ଯେଉଁ ଲୋକ ଅଧିକ ବୁଝିପାରିବ ଅଧିକ ଚିନ୍ତା କରିବା ଦ୍ୱାରା ସତ୍ୟକୁ ଶିକ୍ଷା କରିପାରିବ-ଅଧିକ ଖୋଜି ପାରିବ -ଅଧିକ ଶ୍ରମ କରିପାରିବ- ସେ ହିଁ ଅଧିକ ଶକ୍ତି ଲାଭ କରିବ। -ଶ୍ରୀଅରବିନ୍ଦ



# ଆତ୍ମବିଶ୍ୱାସର ସଙ୍କଟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କୋଭିଡ୍ ସେଣ୍ଟର ମହାଦୁର୍ନୀତି ଅଭିଯୋଗରେ ନିକଟରେ ଆଇଏଏସ୍ ଅଧିକାରୀ ସଞ୍ଜୀବ ଜୈସ୍ୱାଲଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପଦକ୍ଷେପ ନେଇଛି। ଏହାକୁ ଭିତ୍ତିକରି ମହାରାଷ୍ଟ୍ରର ଆଇଏଏସ୍ ଅଧିକାରୀମାନଙ୍କ ମଧ୍ୟରେ ଏକପ୍ରକାର ଭୟ ସୃଷ୍ଟି ହୋଇଛି। କ୍ଷମତା ସଂଗ୍ରାମରେ ଜଡ଼ିତ ଥିବା ହେତୁ ବିଗତ କିଛି ବର୍ଷ ହେଲା ଅନେକ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀଙ୍କୁ କାରାଗାରରେ ରଖାଯାଇଥିବାରୁ ଏହି ଆଶଙ୍କା ପ୍ରକାଶ ପାଇବା ସ୍ୱାଭାବିକ। ଫଳସ୍ୱରୂପ ନିକଟରେ ବରିଷ୍ଠ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀମାନେ ସେମାନଙ୍କ ସମସ୍ୟାର ସମାଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଓ ଉପମୁଖ୍ୟମନ୍ତ୍ରୀ ଫଡ଼ନବିସ୍‌ଙ୍କ ସହ ଏକ ବୈଠକ କରିଥିଲେ। ଅଧିକାରୀଙ୍କ ମଧ୍ୟରେ ଯେଉଁମାନେ ବିବାଦରେ ଜଡ଼ିତ, ସେମାନେ ହେଉଛନ୍ତି ଆଇପିଏସ୍ ଅଧିକାରୀ ରଶ୍ମି ଶୁକ୍ଳା ଏବଂ ପରମବୀର ସିଂ ଏବଂ ଉଭୟ ଅଧିକାରୀ ବିଭିନ୍ନ ମାମଲାର ଯାଞ୍ଚ ପରିସରରେ ରହିଛନ୍ତି। ଟିଇଟି ହେରଫେରରେ ଜଡ଼ିତ ଆଇଏଏସ୍ ଅଧିକାରୀ ସୁଶୀଲ ଖୋଡ଼୍‌ଭେକର ଗିରଫ ହୋଇଥଲେ। ଏହାସହ ଆଇପିଏସ୍ ଅଧିକାରୀ ସୌରଭ ତ୍ରିପାଠୀ ଏକ ଚୋରା ଚାଲାଣ ମାମଲାର ସମ୍ମୁଖୀନ ହେବା ପରେ ତାଙ୍କୁ ନିଲମ୍ବନ କରାଯାଇଥିଲା। ବିଏମ୍‌ସିରେ ଅନିୟମିତତା ଅଭିଯୋଗରେ ମ୍ୟୁନିସିପାଲ କମିଶନର ଇକ୍‌ବାଲ ସିଂ ଚହଲଙ୍କୁ ଇଡି ପଚରାଉଚୁରା କରିବା ପରେ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀମାନଙ୍କ ମଧ୍ୟରେ ଚିନ୍ତା ଆହୁରି ବଢ଼ିଯାଇଛି। ମ୍ୟୁନିସିପାଲ କର୍ପୋରେଶନ ଏବଂ ଅନ୍ୟ ବିଭାଗଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକୁ ଭିଜିଲାନ୍ସ ବିଭାଗ ଯାଞ୍ଚ କରି ସେ ସମ୍ପର୍କିତ ସବୁ ତଥ୍ୟ ବରିଷ୍ଠ ଅଧିକାରୀଙ୍କ ନିକଟରେ ଦାଖଲ କରିଛି। ବିଭିନ୍ନ ପ୍ରସଙ୍ଗରେ ରାଜନେତାମାନେ କେନ୍ଦ୍ରୀୟ ସଂସ୍ଥା ଦ୍ୱାରା ତଦନ୍ତ କରାଇ ସୃଷ୍ଟି କରୁଥିବା ଚାପରୁ ରକ୍ଷାପାଇବାକୁ ବାବୁମାନେ କଠିନ ପ୍ରୟାସ କରୁଛନ୍ତି। କିନ୍ତୁ କେନ୍ଦ୍ରୀୟ ସଂସ୍ଥା ଓ ରାଜ୍ୟର ବାବୁମାନଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିବା ଏକ କଠିନ ବ୍ୟାପାର ହୋଇପାରେ।

### ସାହସିକ ପଦକ୍ଷେପ

ପୂର୍ବ ଘଟଣାଗୁଡ଼ିକରୁ ଦେଖାଯାଇଛି ଯେ, ପଞ୍ଜାବରେ ଭଗୱନ୍ତ ମାନ୍‌ଙ୍କ ନେତୃତ୍ୱାଧୀନ ଏଏପି ସରକାର ପ୍ରଶାସନିକ ବିଷୟରେ କେନ୍ଦ୍ର ସହ କ୍ୱଚିତ ଏକମତ ହୋଇଥାଏ। ନିକଟରେ ରାଜ୍ୟ ସରକାର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ନିଯୁକ୍ତି ପାଇଁ ଏକ ବିଲ୍ ପାସ୍ କରିଛନ୍ତି। ଏହି ସାହସିକ ପଦକ୍ଷେପ ରାଜ୍ୟ ସରକାର ଏବଂ କେନ୍ଦ୍ର ମଧ୍ୟରେ କ୍ଷମତାର ସମନ୍ୱୟ ଉପରେ ପ୍ରଶ୍ନ ଉଠାଇଛି। କେବଳ କେନ୍ଦ୍ର ନୁହେଁ,ବରଂ ସୁପ୍ରିମକୋର୍ଟଙ୍କ ଅଧିକାରକୁ ଆହ୍ୱାନ ଦେବା ଲକ୍ଷ୍ୟରେ ଏହା ରାଜନୈତିକ ପଦକ୍ଷେପ ବୋଲି କେତେଜଣ ପର୍ଯ୍ୟବେକ୍ଷକ ବିଚାର କରୁଛନ୍ତି। ଡିଜିପି ପଦବୀ ପାଇଁ ପ୍ରାର୍ଥୀମାନଙ୍କ ତାଲିକା ଚୂଡ଼ାନ୍ତ କରିବାକୁ ଉଚ୍ଚନ୍ୟାୟାଳୟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିବା ସକାଶେ ସଂଶୋଧିତ ଆଇନ ସୂଚିତ କରିଛି। ତେବେ ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ପ୍ରାରମ୍ଭିକ ନିର୍ଦ୍ଦେଶକୁ ଅବମାନନା କରି ରାଜ୍ୟ ସରକାର ଉକ୍ତ ପ୍ୟାନେଲରୁ ହିଁ ଡିଜିପିଙ୍କୁ ନିଯୁକ୍ତ କରିବେ। ଆସନ୍ତା ମାସରେ ୧୯୯୨ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଗୌରବ ଯାଦବ ପଞ୍ଜାବର କାର୍ଯ୍ୟକାରୀ ଡିଜିପି ଭାବେ ୧ ବର୍ଷ ପୂରଣ କରିବେ। ମାନ୍ ସରକାର ବିଲ୍ ପାସ୍ କରି ନିଜର ଅଧିକାର ଏବଂ ରାଜ୍ୟକୁ ସିଧାସଳଖ ପ୍ରଭାବିତ କରିବା ଭଳି ନୀତି ନିର୍ଦ୍ଧାରଣ କ୍ଷମତା ଲାଗି ଇଚ୍ଛା ପ୍ରକାଶ କରୁଥିବାର ସଙ୍କେତ ଦେଉଛି। ପଞ୍ଜାବ ସରକାର ତା' ଅଧିକାର ମଧ୍ୟରେ ରହି କାର୍ଯ୍ୟପନ୍ଥା ପସନ୍ଦ କରୁଥିବାବେଳେ ଏହା ନିଶ୍ଚିତ କରିବା ଗୁରୁତ୍ୱପୂର୍ଣ୍ଣ ଯେ, ରାଜ୍ୟର ହିତରେ ଏବଂ ଉଚ୍ଚ ନ୍ୟାୟପାଳିକା ଓ କେନ୍ଦ୍ର ସହ ମୁହାଁମୁହିଁ ସ୍ଥିତିରୁ ଦୂରେଇ ରହିବା ଲାଗି ଏଭଳି ନିଷ୍ପତ୍ତି ନିଆଯାଇଛି।

### ପୁରସ୍କାର ପାଇଁ ଅନୁମତି

ସନ୍ଦେହାତ୍ମକ ସଙ୍ଗଠନରୁ ପୁରସ୍କାର ଗ୍ରହଣ କରିବାକୁ ନେଇ ବିଭିନ୍ନ ରାଜ୍ୟରେ ଅନେକ ଅଧିକାରୀଙ୍କ ସମାଲୋଚନାକୁ ସାମ୍ନା କରିବା ପରେ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ(ଡିଓପିଟି) ସକ୍ରିୟତା ପ୍ରକାଶ କରିଛି। କୌଣସି ଘରୋଇ ସଂସ୍ଥାଠାରୁ ପୁରସ୍କାର ଗ୍ରହଣ କରିବା ପୂର୍ବରୁ ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫ୍‌ଓଏସ୍ ଅଧିକାରୀମାନଙ୍କ ପାଇଁ ପୂର୍ବରୁ ଥିବା ଅନୁମୋଦନ ନିୟମକୁ ବାଧ୍ୟତାମୂଳକ କରିଛି। ଏହି ବିଭାଗ ପ୍ରକାଶ କରିଛି ଯେ, ବିଶେଷ ପରିସ୍ଥିତିରେ ଦକ୍ଷ ଅଧିକାରୀ ସ୍ୱୀକୃତି ଦେଇପାରିବେ। ଏଭଳି ଘଟଣାରେ ଘରୋଇ ସଂସ୍ଥା ଓ ଅନୁଷ୍ଠାନଗୁଡ଼ିକ ନିଃସନ୍ଦେହ ହେବା ଉଚିତ। କୌତୂହଳର ବିଷୟ, ଚଳିତ ବର୍ଷ ପ୍ରାରମ୍ଭରେ କେରଳ ସରକାର ସମାନ ପ୍ରକାର ନିର୍ଦ୍ଦେଶ ଜାରି କରିଥିଲେ ଏବଂ ସମସ୍ତ ଆଇଏଏସ୍, ଆଇପିଏସ୍ ଅଧିକାରୀ ବିନା ସ୍ୱୀକୃତିରେ ଘରୋଇ ସଂସ୍ଥା କିମ୍ବା ବ୍ୟକ୍ତିବିଶେଷଙ୍କଠାରୁ ପୁରସ୍କାର ଗ୍ରହଣ ନ କରିବାକୁ ଏଥିରେ କୁହାଯାଇଥିଲା। ଅନୁମୋଦନ ପାଇଁ ସାଧାରଣ ପ୍ରଶାସନ ବିଭାଗ ମାଧ୍ୟମରେ ଅଧିକାରୀମାନେ ଦରଖାସ୍ତ କରିବାକୁ ପଡ଼ିବ ଏବଂ ଏହା ନ କଲେ ସେମାନଙ୍କୁ ଦୃଢ଼ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ରାଜ୍ୟର ମୁଖ୍ୟ ଶାସନ ସଚିବ ଭି.ପି. ଜୟ ପ୍ରକାଶ କହିଥିଲେ। ଜଣେ ଆଇଏଏସ୍ ଅଧିକାରୀ ରାଜ୍ୟରେ ଏକ ପ୍ରତିଷ୍ଠିତ ମନ୍ଦିରରେ ଭକ୍ତଙ୍କର ପ୍ରଭାବଶାଳୀ ପରିଚାଳନା ପାଇଁ ପୁରସ୍କାର ଗ୍ରହଣ କରିବା ପରେ ଏ ସମ୍ପର୍କରେ କେରଳ ପୋଲିସ ଅଧିକାରୀମାନେ ଅଭିଯୋଗ ଆଣିଥିଲେ ଏବଂ ଏହାକୁ ଭିତ୍ତିକରି ନିର୍ଦ୍ଦେଶ ଜାରି କରାଯାଇଥିଲା। କେନ୍ଦ୍ରର ଏବକାର ନିର୍ଦ୍ଦେଶ ଦର୍ଶାଏ ଯେ, ଅନେକ ରାଜ୍ୟ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଏବଂ ବ୍ୟକ୍ତିଗତ ସ୍ୱୀକୃତି ଓ ସରକାରୀ ଡ୍ୟୁଟି ମଧ୍ୟରେ ଏକ ସ୍ପଷ୍ଟ ନିୟମ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛି। କିନ୍ତୁ ବାବୁମାନେ ଏହି ନିୟମକୁ ମାନିବେ ତ?

Email: dilipcherian@gmail.com

# ଆଦିପୁରୁଷ ବିବାଦ ଅନ୍ତରାଳେ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ନିକଟରେ ହିନ୍ଦୀ ଚଳଚ୍ଚିତ୍ର 'ଆଦିପୁରୁଷ'କୁ ନେଇ ବିବାଦ ସୃଷ୍ଟି ହୋଇଛି। ତିନି ମାସ ତଳେ ଏହି ଚଳଚ୍ଚିତ୍ରର ଟିଜର୍ ରିଲିଜ୍ ହେବାବେଳେ ଏହାକୁ ହିନ୍ଦୁତ୍ୱବାଦୀ ସଙ୍ଗଠନମାନେ ବିରୋଧ କରିଥିଲେ। ମଧ୍ୟପ୍ରଦେଶ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ରଙ୍କ ପରି ଭାଜପାର ଅନେକ ନେତା ଏହାକୁ ନେଇ ତିବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ବିଶେଷ କରି ଚଳଚ୍ଚିତ୍ରର ମୁଖ୍ୟ ଚରିତ୍ର ଭଗବାନ ରାମଙ୍କ ନିଶ ରହିବା, ହନୁମାନଙ୍କର ମୁସଲମାନଙ୍କ ପରି ଦାଢ଼ି ରହିବା ତଥା ରାବଣ ଚରିତ୍ରରେ ସୈଫ ଅଲ୍ଲୀ ଖାନ୍ ଅଭିନୟ କରିବାକୁ ସେମାନେ ବିରୋଧ କରିଥିଲେ। କିନ୍ତୁ ଗତ ତିନି ମାସ ମଧ୍ୟରେ ଚଳଚ୍ଚିତ୍ରର ପ୍ରଯୋଜକ ଓ ଅନ୍ୟମାନେ ଭାଜପା ଏବଂ ତା' ସହଯୋଗୀ ସଙ୍ଗଠନମାନଙ୍କ ଶୀର୍ଷ ନେତୃତ୍ୱକୁ ଚଳଚ୍ଚିତ୍ର ସମ୍ପର୍କରେ କ'ଣ ଉପସ୍ଥାପନ କଲେ ଯେ ସେମାନଙ୍କ ଉଗ୍ର ବିରୋଧ ସହମତିରେ ପରିଣତ ହୋଇଗଲା। ଏପରିକି ଚଳଚ୍ଚିତ୍ରର ନିର୍ଦ୍ଦେଶକ ତା'ର ନିର୍ମାଣରେ ସହଯୋଗ କରିଥିବାରୁ ଆନୁଷ୍ଠାନିକ ଭାବେ ଯୋଗୀ ଆଦିତ୍ୟନାଥ, ପୁଷ୍କର ସିଂ ଧାମି, ହେମନ୍ତ ବିଶ୍ୱଶର୍ମା ଓ ଦେବେନ୍ଦ୍ର ଫଡ଼ନବୀଶଙ୍କ ପରି ଭାଜପାର ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଆଜି ଚଳଚ୍ଚିତ୍ରକୁ ନେଇ ଦେଶରେ ଓ ଦେଶ ବାହାରେ ଏତେ ବ୍ୟାପକ ବିରୋଧ ହେବା ପରେ ବି ଭାଜପା କିମ୍ବା ତା'ର ସହଯୋଗୀ ସଙ୍ଗଠନମାନେ ଏହାକୁ ବିରୋଧ କରିବାକୁ ସାମ୍ନାକୁ ଆସି ନାହାନ୍ତି।

ଆମ ଦେଶରେ ଚଳଚ୍ଚିତ୍ରକୁ ନେଇ ବିବାଦ ନୂଆଁ ନୁହେଁ। ଅନେକ ଚଳଚ୍ଚିତ୍ର ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଉଦ୍ଦେଶ୍ୟ ନେଇ ନିର୍ମିତ ହୋଇଥିବାରୁ ତାକୁ ନେଇ ପକ୍ଷ ବିପକ୍ଷ ରହିବା ସ୍ୱାଭାବିକ। ୧୯୫୩ରେ ନିର୍ମିତ 'ଦୋ ବିଘା ଜମିନ୍' ହେଉ ଅଥବା ୧୯୯୬ରେ ନିର୍ମିତ 'ମାଚିସ୍' କିମ୍ବା 'ଚକ୍ରବ୍ୟୁହ' ଏଭଳି ଚଳଚ୍ଚିତ୍ର ଜରିଆରେ ନିର୍ଦ୍ଦେଶକମାନେ ଦର୍ଶକମାନଙ୍କୁ ଏକ ରାଜନୈତିକ ବାର୍ତ୍ତା ଦେବାକୁ ସୁଚିନ୍ତିତ ଭାବେ ଉଦ୍ୟମ କରିଥାନ୍ତି। ତେଣୁ ସ୍ୱାଭାବିକ ଭାବେ ଏଭଳି କୌଣସି ଚଳଚ୍ଚିତ୍ରକୁ ନେଇ ରାଜନୈତିକ ଦୃଷ୍ଟିରୁ ଭିନ୍ନମତ ବା ବିବାଦ ରହିଥାଏ। କିନ୍ତୁ ଏହି ବିରୋଧ ବା ବିବାଦ ମୂଳତଃ ବୌଦ୍ଧିକ ସ୍ତରରେ ସୀମିତ ରହୁଥିଲା। ତେବେ ଗତ କିଛି ବର୍ଷ ଧରି ଦେଶରେ ଚଳଚ୍ଚିତ୍ରକୁ ନେଇ ଯେଉଁଭଳି ଢଙ୍ଗରେ ବିରୋଧ କରାଯାଉଛି, ତାକୁ ଭିନ୍ନମତ ତ କୁହାଯିବନି ବରଂ ସାଂସ୍କୃତିକ ଦାଦାଗିରି ବୋଲି କୁହାଯିବା ଠିକ୍ ହେବ। ଏହି ବିପଜ୍ଜନକ ଧାରାର ଆରମ୍ଭ ପ୍ରଥମେ ବୋଧହୁଏ 'ୱାଟର' ଚଳଚ୍ଚିତ୍ରରୁ ହୋଇଥିଲା। ୨୦୦୦ରେ ଭାଜପା କ୍ଷମତାରେ ଥିବା ବେଳେ ବାରାଣସୀର ବିଧବା ହିନ୍ଦୁ ମହିଳାଙ୍କ ଦୁର୍ଦ୍ଦଶା ଉପରେ ନିର୍ଦ୍ଦେଶିକା ଦୀପା ମେହେଟ୍ଟାଙ୍କ ପ୍ରସ୍ତାବିତ ଏହି ଚଳଚ୍ଚିତ୍ରକୁ ଶୁଟିଂ ହେବାକୁ ଦିଆଯାଇ ନ ଥିଲା। ହିନ୍ଦୁତ୍ୱବାଦୀ ସଙ୍ଗଠନର ଲୋକମାନେ ଏହି ଚଳଚ୍ଚିତ୍ର ହିନ୍ଦୁମାନଙ୍କ ଭାବନାକୁ ଆହତ କରୁଛି ବୋଲି କହି ଶୁଟିଂ ସେଟ୍‌ରେ ପଣି ବ୍ୟାପକ ଭଙ୍ଗାରୁଜା କରିବା ପରେ ନିର୍ଦ୍ଦେଶକ ତାକୁ ଅଧାରେ ବନ୍ଦ କରିବାକୁ ବାଧ ହୋଇଥିଲେ।



ତେବେ ଧର୍ମ ଓ ବିଚାର ଆଧାରରେ ଚଳଚ୍ଚିତ୍ରକୁ ହିଂସ୍ର ଭିଡ଼ ଦ୍ୱାରା ବିରୋଧ କରିବାର ଅନେକ ଉଦାହରଣ ଅତୀତରେ ଦେଖିବାକୁ ପାଇଛେ। ଗତ କିଛି ବର୍ଷ ଧରି କେବଳ ଧର୍ମୀୟ ଆଧାରରେ ବିଭିନ୍ନ ଚଳଚ୍ଚିତ୍ରକୁ ବିରୋଧ କରିବା ଏପରିକି ବଳପୂର୍ବକ ପ୍ରଦର୍ଶନକୁ ବନ୍ଦ କରି ତାକୁ ଏକରକମ ଫ୍ଲପ୍ କରିଦେବା ଦେଖିବାକୁ ମିଳିଛି। ସାମ୍ପ୍ରଦାୟିକ ଦୃଷ୍ଟିଭଙ୍ଗୀ ନେଇ କିଛି ସଙ୍ଗଠନ ଚଳଚ୍ଚିତ୍ର ଉପରେ ଏକପ୍ରକାର ସାଂସ୍କୃତିକ ଦାଦାଗିରି କରୁଛନ୍ତି। ଏକ ଫାସିବାଦୀ ଆଭିମୁଖ୍ୟ ନେଇ ସେମାନେ ଲୋକେ କ'ଣ ଖାଦ୍ୟ ଖାଇବେ, କ'ଣ ପୋଷାକ ପିନ୍ଧିବେ, କ'ଣ ଗୀତ ଶୁଣିବେ, କ'ଣ ଚଳଚ୍ଚିତ୍ର ଦେଖିବେ ତାହା ସ୍ଥିର କରିବାକୁ ଚେଷ୍ଟା କରୁଛନ୍ତି। ଗୋମାଂସ ଭକ୍ଷଣ ଉପରେ କେବେ ନିଜର ଏକ ମତାମତ ଦେଇଥିଲେ ବୋଲି ଅଭିଯୋଗ କରି ଏଭଳି ସଙ୍ଗଠନମାନେ ରଣବୀର କପୁରଙ୍କୁ ବିରୋଧ କରିବା ସହିତ ତାଙ୍କର ଓ ଆଲିଆ ଭଟ୍ଟଙ୍କ ଅଭିନୀତ 'ବ୍ରହ୍ମାସ୍ତ୍ର' ଚଳଚ୍ଚିତ୍ରକୁ ବିରୋଧ କରିଥିବା ବେଳେ ମୋଦି ସରକାରଙ୍କ ଅସହିଷ୍ଣୁତା ନେଇ ନିଜର ମତ ପ୍ରକାଶ କରିବା ଅଭିଯୋଗରେ ଅମୀର ଖାନ୍‌ଙ୍କ ନିର୍ଦ୍ଦେଶିତ 'ଲାଲ୍ ସିଂ ଚଡ଼ା'କୁ ସେମାନେ ତିବ୍ର ବିରୋଧ କରିବା ଫଳରେ ଚଳଚ୍ଚିତ୍ରଟି ସମ୍ପୂର୍ଣ୍ଣ ରୂପେ ଫ୍ଲପ୍ ହୋଇଯାଇଥିଲା। କିଛିଦିନ ତଳେ ଦୀପିକା ପାଦୁକୋନ୍ ଏବଂ ଶାହରୁଖ୍ ଖାନ୍‌ଙ୍କ ଅଭିନୀତ 'ପଠାନ୍' ଚଳଚ୍ଚିତ୍ରରେ ଦୀପିକା ଏକ ଦୃଶ୍ୟରେ ଗେରୁଆ ବିକିନି ପିନ୍ଧିବାକୁ ନେଇ ସମ୍ପୂର୍ଣ୍ଣ ଚଳଚ୍ଚିତ୍ରକୁ ହିନ୍ଦୁତ୍ୱବାଦୀ ଶକ୍ତିମାନେ ବିରୋଧ କରିଥିଲେ। ତେବେ ସେମାନଙ୍କ ବିରୋଧ ସତ୍ତ୍ୱେ ଦର୍ଶକ ଏହି ଚଳଚ୍ଚିତ୍ରକୁ ଖୁବ୍ ପ୍ରଶଂସା କରିଥିଲେ, ଫଳରେ ତାହା ବକ୍ସ ଅଫିସ୍‌ରେ ବ୍ୟବସାୟରେ ଇତିହାସ ସୃଷ୍ଟି କରିଥିଲା। ତେବେ ସେମାନେ ନିଜର ସାମ୍ପ୍ରଦାୟିକ ବିଚାରରେ କେବଳ ଚଳଚ୍ଚିତ୍ରକୁ ବିରୋଧ କରୁନାହାନ୍ତି,ବରଂ ନିଜର ରାଜନୈତିକ ଏଜେଣ୍ଡାକୁ ସୁହାଉଥିବା କିଛି ଚଳଚ୍ଚିତ୍ରକୁ ଖୁବ୍ ପ୍ରୋତ୍ସାହିତ କରିବା ଦେଖିବାକୁ ମିଳୁଛି। ମୁସଲମାନ ସମ୍ପ୍ରଦାୟକୁ ଖରାପ ବା ନାକାରାତ୍ମକ ଭାବେ ପ୍ରଦର୍ଶିତ କରିବାକୁ ଜୋରଦାର ପ୍ରୟାସ କରିଥିବା ନିକଟ ଅତୀତରେ ମୁକ୍ତିଲାଭ କରିଥିବା ଦୁଇଟି ଚଳଚ୍ଚିତ୍ର 'କାଶ୍ମୀର ଫାଇଲ୍‌ସ' ଏବଂ 'କେରଳା ଷ୍ଟୋରି'କୁ ଦେଶର ଶାସକ ଭାଜପା ଦଳ ଓ ତା'ର ସମର୍ଥିତ ସଙ୍ଗଠନମାନେ ଯେଉଁଭଳି ପ୍ରଚାର କଲେ ତାହା ଅଭୂତପୂର୍ବ ଥିଲା। ମିଥ୍ୟା ତଥ୍ୟ ଓ ସାମ୍ପ୍ରଦାୟିକ ବିଦ୍ୱେଷ ଉପରେ ଆଧାରିତ 'କେରଳା ଷ୍ଟୋରି'କୁ ଖୋଦ୍ ପ୍ରଧାନମନ୍ତ୍ରୀ ଗତ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ସମୟରେ ପ୍ରଚାରିତ କରିଥିବା ବେଳେ ଉଭୟ ଚଳଚ୍ଚିତ୍ରକୁ ଭାଜପା ଶାସିତ ରାଜ୍ୟଗୁଡ଼ିକ ଟିକସ ମୁକ୍ତ କରି ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରିଥିଲେ।

ତେବେ ସଦ୍ୟ ମୁକ୍ତିଲାଭ କରିଥିବା 'ଆଦିପୁରୁଷ' ଚଳଚ୍ଚିତ୍ରକୁ ନେଇ ସେମାନଙ୍କ ଭୂମିକା ସବୁଠାରୁ ରୋଚକ ହୋଇଛି। ଅତୀତରେ ଜଣେ ଅଭିନେତ୍ରୀ ଚଳଚ୍ଚିତ୍ରରେ ପରିହିତ ବିକିନିର ରଙ୍ଗକୁ ନେଇ ସମ୍ପୂର୍ଣ୍ଣ ଚଳଚ୍ଚିତ୍ରକୁ ହିଂସ୍ର ବିରୋଧ କରିଥିବା ଏହି ଗୋଷ୍ଠୀ ଆଜି 'ଆଦିପୁରୁଷ'ରେ ଭଗବାନ ରାମ ଓ ହନୁମାନଙ୍କୁ ବିକୃତ କରିବାକୁ ନେଇ ଏକଦମ୍ ଚୁପ୍ ରହିବା ସେମାନଙ୍କ ରାଜନୈତିକ ଅସହାୟତାକୁ ଉଜାଗର କରୁଛି। ଅସଲ କଥା ହେଲା, ଚଳଚ୍ଚିତ୍ରର ପ୍ରଯୋଜକ, ନିର୍ଦ୍ଦେଶକ ଓ ସଂଳାପ ରଚୟିତା ସମସ୍ତେ ସେମାନଙ୍କ ବିଚାରଧାରାର ଲୋକ ହେବା ସହିତ ଚଳଚ୍ଚିତ୍ରଟିକୁ ସେମାନଙ୍କ ରାଜନୀତିକୁ ସୁହାଇବା ପାଇଁ ନିର୍ମାଣ କରାଯାଇଥିଲା। ନିଜର ଉଗ୍ର ହିନ୍ଦୁତ୍ୱ ରାଜନୀତିକୁ ସୁହାଇବା ପାଇଁ ସେଥିରେ ଉଭୟ ଭଗବାନ ରାମ ଓ ହନୁମାନଙ୍କ ଚେହେରାକୁ ଉଗ୍ର ଓ ହିଂସ୍ର ଭାବେ ଉପସ୍ଥାପିତ କରାଯାଇଥିଲା। କିନ୍ତୁ ସାଧାରଣ ଜନତା ଉଗ୍ର ରାଜନୀତିକୁ ଆଦୌ ଗ୍ରହଣ କଲେ ନାହିଁ। ସେଇଥିପାଇଁ ରାମାୟଣକୁ ବିକୃତ କରିବାକୁ ଦେଶର ସାଧାରଣ ହିନ୍ଦୁ ଧର୍ମାବଲମ୍ବୀ ଦର୍ଶକମାନେ ବିରୋଧ କରୁଥିବା ବେଳେ ହିନ୍ଦୁତ୍ୱର ରାଜନୀତି କରୁଥିବା ସଙ୍ଗଠନମାନେ ଏଥିରେ ଚୁପ ରହିଛନ୍ତି। ଅସଲ କଥା ହେଲା, ୨୦୨୪ ନିର୍ବାଚନ ପୂର୍ବରୁ ଦେଶରେ ଭାଜପା ଓ ତା'ର ସମର୍ଥକମାନେ ଏକ ସାମ୍ପ୍ରଦାୟିକ ପରିବେଶ ସୃଷ୍ଟି କରିବାକୁ ଚାହୁଁଛନ୍ତି। ଆଗାମୀ କିଛି ମାସ ମଧ୍ୟରେ ରାମାୟଣ ଉପରେ ଆଧାରିତ ଆହୁରି ଦୁଇଟି ଚଳଚ୍ଚିତ୍ର, ଆର୍‌ଏସ୍‌ଏସ୍‌ର ସ୍ଥାପନାର ଶହେ ବର୍ଷ ଉପରେ ଆଧାରିତ ଏବଂ ରାମଜନ୍ମଭୂମି ଆନ୍ଦୋଳନ ଉପରେ ଆଧାରିତ ଆଉ ଦୁଇଟି ଚଳଚ୍ଚିତ୍ର ନିର୍ମାଣ ହେବାକୁ ଯାଉଛି। ଅତଏବ ଉପରୋକ୍ତ ଚଳଚ୍ଚିତ୍ରଗୁଡ଼ିକ ହିନ୍ଦୁତ୍ୱବାଦୀ ରାଜନୀତି ଓ ଏଜେଣ୍ଡାର ଅନୁରୂପ। ସେହି କାରଣରୁ ହିଁ 'ଆଦିପୁରୁଷ' ବିବାଦରେ ସେମାନଙ୍କ ସମ୍ପୂର୍ଣ୍ଣ କ୍ୟାମ୍ପ୍ ଏକଦମ୍ ନୀରବ ମୁଦ୍ରାରେ ରହିଛନ୍ତି।

ମୋ : ୯୪୩୭୧୭୬୩୭୪

# ଶ୍ରୀଜଗନ୍ନାଥ ଓ ଗଜପତି



ହରିଶଙ୍କର ମିଶ୍ର

ଶ୍ରୀଜଗନ୍ନାଥଙ୍କ ସେବକ ତାଲିକାରେ ସର୍ବାଗ୍ରେ ଗଜପତିଙ୍କ ନାମ ଥିବାରୁ ସେ ଶ୍ରୀଜୀଉମାନଙ୍କର ଆଦ୍ୟ ସେବକ ଭାବେ ସ୍ୱୀକୃତ। ସ୍କନ୍ଦ ପୁରାଣ ବର୍ଣ୍ଣିତ ଇନ୍ଦ୍ରଦ୍ୟୁମ୍ନ, ବିଦ୍ୟାପତି, ନୀଳମାଧବ ପ୍ରମୁଖଙ୍କ ବ୍ୟାଖ୍ୟାନ ସମୟରୁ ଏ ଯାବତ ହିନ୍ଦୁ ମତବାଦୀଙ୍କ ଦୃଷ୍ଟିରେ ଶ୍ରୀଜଗନ୍ନାଥ, ହିନ୍ଦୁ ଏବଂ ଓଡ଼ିଶା ଏକ ଓ ଅଭିନ୍ନ ରହିଛନ୍ତି। ସମୟକ୍ରମେ ଗଙ୍ଗବଂଶୀୟ ଶାସକମାନେ ଶ୍ରୀଜଗନ୍ନାଥଙ୍କୁ ରାଷ୍ଟ୍ର ଦେବତା ଭାବେ ମାନ୍ୟତା ଦେଇଥିଲେ। ସେହି ବଂଶଜ ଅନଙ୍ଗ ଭୀମ ଦେବ(୩) ନୂତନ ମନ୍ଦିର ନିର୍ମାଣ କରି ନିଜକୁ ଶ୍ରୀଜୀଉଙ୍କ ରାଉତ (ସେବକ) ବୋଲାଇ ସମର୍ପିତ ଆଚରଣ ଓ ଉଚ୍ଚାରଣରେ ରାଜ୍ୟ ଶାସନ କରିବା ଯୋଗୁ ଜନମାନସରେ ରାଜାଙ୍କ ପ୍ରତି ସ୍ୱତନ୍ତ୍ର ସ୍ଥାନ ରହିଲା। ପରବର୍ତ୍ତୀ ସମୟରେ କପିଳେନ୍ଦ୍ର ଦେବ ନିଜକୁ ସୂର୍ଯ୍ୟବଂଶୀ ଓ ଗଜପତି ଘୋଷଣା କରି ଦାକ୍ଷିଣାତ୍ୟର ବହୁ ରାଜ୍ୟ ଜୟକରି ଆଣିଥିବା ଷୋହଳଟି ହାତୀ ପିଠିରେ ବହୁ ମହଣ ସ୍ୱର୍ଣ୍ଣ ଓ ରତ୍ନାଦିକୁ ଶ୍ରୀମନ୍ଦିରକୁ ସମର୍ପଣ କରିଥିଲେ। ନିଜ ବଡ଼ପୁଅକୁ ସେ ଖେମଣ୍ଡି ବା ବର୍ତ୍ତମାନର ପାରଳାଖେମୁଣ୍ଡି ରାଜ୍ୟ ଦାୟିତ୍ୱ ଦେଇଥିବାରୁ ଏବେବି ସେହି ରାଜବଂଶ ଗଜପତି ଭାବେ ନାମିତ ହେଉଛନ୍ତି। କପିଳେନ୍ଦ୍ର ଦେବ ନିଜକୁ ଶ୍ରୀଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟୀ କର୍ଣ୍ଣାଟ ଉତ୍କଳ କଳବର୍ଗେଶ୍ୱର ବିରାଧିବୀରବର ଉପାଧିରେ ଭୂଷିତ କରିଥିଲେ, ଯାହା କି ଏବେ ମଧ୍ୟ ଭୋଇ ବଂଶ ରାଜାଙ୍କ ଶାସନରେ ପ୍ରଚଳିତ ହୋଇଆସୁଛି। ତାଙ୍କ ସାନପୁଅ ପୁରୁଷୋତ୍ତମ କାଞ୍ଚି ଜୟ କରି ପଦ୍ମାବତୀଙ୍କ ସହ ଆଣିଥିବା ଧନରତ୍ନ ମଧ୍ୟ ଶ୍ରୀଜୀଉମାନଙ୍କ ସମ୍ପତ୍ତି ବୋଲି ବିବେଚନା କରିଥିଲେ। ସେତେବେଳକୁ ଶ୍ରୀଗୁଣ୍ଡିଚା ଯାତ୍ରାରେ ରଥ ଚତୁଃପାର୍ଶ୍ୱ ଓ ବାଇଶି ପାହାଚରେ ରାଜାଙ୍କ ଦ୍ୱାରା ସମାର୍ଜନୀ ସେବା ବା ଛେରାପହଁରା ହେଉଥିଲା, ଯାହାକି କାଞ୍ଚି ରାଜାଙ୍କ ଦୃଷ୍ଟିକଟୁ ହୋଇଥଲା। ତା' ପରବର୍ତ୍ତୀ ମୋଗଲ ଶାସନ ବେଳେ ଶ୍ରୀମନ୍ଦିର ୧୮ଥର ଲୁଣ୍ଠିତ ହୋଇଛି। ଶ୍ରୀଜୀଉମାନଙ୍କୁ କଳାପାହାଡ଼ ଅଗ୍ନିରେ ଦଗ୍ଧ କରିଥିଲା। ବିଶର ମହାନ୍ତି ଦ୍ୱାରା ଉଦ୍ଧାର ବ୍ରହ୍ମକୁ ନୂତନ ମୂର୍ତ୍ତିରେ ସ୍ଥାପନ ଓ ସେବାପୂଜା ପ୍ରଚଳନ କରି ଅଭିନବ ଇନ୍ଦ୍ରଦ୍ୟୁମ୍ନ ପଦପ୍ରାପ୍ତ ରାମଚନ୍ଦ୍ର ଦେବ(୧) ନିଜ ଶାସନ କାଳର ଯେଉଁ ଅଙ୍କ ପ୍ରଚଳନ କରିଥିଲେ ତାହା ପରମ୍ପରା ଭାବେ ଏବେବି ପୁରୁଷାନୁକ୍ରମେ ପ୍ରଚଳିତ ହୋଇ ପ୍ରତ୍ୟେକଙ୍କ ଜନ୍ମଜାତକରେ ଲିପିବଦ୍ଧ ରହୁଛି।

ଶ୍ରୀଜୀଉମାନଙ୍କ ସୁରକ୍ଷା ପାଇଁ ତାଙ୍କୁ ବିଭିନ୍ନ ସ୍ଥାନରେ ରଖିବାରେ ତତ୍କାଳୀନ ରାଜା, ପ୍ରଜା ଓ ସେବକ ଏକ ହେବା ନିଶ୍ଚିତ ବିରଳ ଘଟଣା। ଅତି ବିପଦ ଏବଂ ପ୍ରତିକୂଳ ସମୟରେ ଗଜପତି ରାମଚନ୍ଦ୍ର ଦେବ(୨) କେବଳ ଶ୍ରୀଜୀଉଙ୍କ ସୁରକ୍ଷା ପାଇଁ ବିଧର୍ମୀ ହେବାକୁ ମଧ୍ୟ ବାଧ ହୋଇଥିଲେ। କିନ୍ତୁ ଶ୍ରୀଜୀଉଙ୍କ ନିତ୍ୟ ଦର୍ଶନ ପାଇଁ ସେବକ ଓ ରାଜଗୁରୁଙ୍କ ପରାମର୍ଶ କ୍ରମେ ଶ୍ରୀମନ୍ଦିର ଗୁମୁଟରେ ପତିତପାବନଙ୍କୁ ସ୍ଥାପନା କରାଯାଇଥିଲା। ସମ୍ଭବତଃ ଶ୍ରୀଜୀଉମାନଙ୍କ ସ୍ଥାନାନ୍ତର ବେଳେ ରଥଯାତ୍ରା ବନ୍ଦ ଯୋଗୁ ପ୍ରତୀକାତ୍ମକ ଛେରାପହଁରା କେବଳ ରଥ ଉପରେ ସୀମିତ ଯୋଗୁ ତାହା କ୍ରମେ ବିଧି ହୋଇଯାଇଛି।

୧୮୦୪ରେ ଗଜପତି ମୁକୁନ୍ଦ ଦେବ ଶ୍ରୀମନ୍ଦିର ତତ୍ତ୍ୱାବଧାରକ ଓ ଶ୍ରୀଜୀଉମାନଙ୍କ ସେବା ଦାୟିତ୍ୱ ପାଇଥିଲେ। ବାର୍ଷିକ ୫୬,୩୪୨ଟଙ୍କା ପାଇ ୧୮୦୯ ମସିହାଠାରୁ ରାଜ୍ୟ ଓ ରାଜାପଦ ଛାଡ଼ି ପୁରୀରେ ସ୍ଥାୟୀ ଭାବେ ଅବସ୍ଥାନ କରିଥିଲେ। 'ରାଜ୍ୟ ବିହୀନ ରାଜା'ଭାବେ ଓଡ଼ିଶା ରାଜାଙ୍କ ସ୍ଥାନ ଭାରତରେ ଏକମାତ୍ର ଉଦାହରଣ ହୋଇଥିଲା। ଯାହାକି ବାସ୍ତବରେ ଗଜପତିଙ୍କୁ ନିଃସ୍ୱ କରିଦେଲା। ଶ୍ରୀମନ୍ଦିରରୁ ତାଙ୍କ ପାଇଁ ସ୍ୱତନ୍ତ୍ର ଭୋଗରୁ ପ୍ରାପ୍ତ ଶ୍ରୀମହାପ୍ରସାଦ ସେବନ ଓ ଶ୍ରୀଜୀଉଙ୍କର ସେବା ହିଁ ତାଙ୍କର ଏକାନ୍ତ କାମ୍ୟ ରହିଲା। ଫଳତଃ ଶ୍ରୀଜୀଉମାନଙ୍କ ସେବକ ଭାବେ ତାଙ୍କର ଅନନ୍ୟ ସମର୍ପିତ ଭାବ ଯୋଗୁ ଜନସମର୍ଥନ ଅତୁଟ ରହିଲା। ଓଡ଼ିଶାରେ ଗଡ଼ଜାତ ସୃଷ୍ଟି ପରେ ପ୍ରତ୍ୟେକ ଗଡଜାତରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ହେଲା। ସମ୍ପୃକ୍ତ ରାଜାମାନେ ନିଜକୁ ଶ୍ରୀଜୀଉମାନଙ୍କର ପୁରୀ ରାଜାଙ୍କ ଅନୁରୂପ ସେବକ ଭାବରେ ବିବେଚନା କରୁଥିଲେ। ଇଂରେଜ ଶାସନ କାଳରେ ଶ୍ରୀମନ୍ଦିର ଅକ୍ତିଆର ପାଇଁ ୧୮୮୨ରେ ପ୍ରଣୀତ ଆଇନ XIV ପୁରୀର ସେବକ ଓ ବ୍ରାହ୍ମଣମାନଙ୍କ ଆବେଦନ କ୍ରମେ ଲର୍ଡ ରିପନ୍‌ଙ୍କ ଦାରା ନିଷ୍କ୍ରିୟ ହୋଇଥିଲା। କିନ୍ତୁ ୧୮୮୪ ର ତତ୍କାଳୀନ ଗଜପତି ଦିବ୍ୟସିଂହ ଦେବ ଏକ ନରହତ୍ୟା ଅଭିଯୋଗରେ ଦେଶାନ୍ତରୀ ଦଣ୍ଡ ପାଇଥିଲେ। ନାବାଳକ ମୁକୁନ୍ଦ ଦେବଙ୍କୁ ନୂତନ ରାଜା ସ୍ୱୀକାର ପରିବର୍ତ୍ତେ ଇଂରେଜ ସରକାର ଶ୍ରୀମନ୍ଦିର ପୁନଃ ଅକ୍ତିଆର ପ୍ରୟାସ କେବଳ ଉତ୍କଳ ଗୌରବ ମଧୁବାବୁଙ୍କ ଯୋଗୁ ନିଷ୍ଫଳ ହୋଇଥିଲା।



ଶ୍ରୀଜଗନ୍ନାଥ ଆଦ୍ୟ ସେବକ ଭାବରେ ପୁରୀ ଗଜପତି ମହାରାଜାଙ୍କର ନିତ୍ୟ ଚଳଣି ଓ ଆଚରଣ ପାଇଁ ମଧ୍ୟ ଲକ୍ଷ୍ମଣରେଖା ରହିଛି। ତାଙ୍କ ପାଇଁ ବ୍ରାହ୍ମଣ, ରାଜଗୁରୁ, ଦେବଦେବୀଙ୍କ ବ୍ୟତୀତ ଅନ୍ୟ କାହାକୁ ମଥାନତ ପ୍ରଣାମ ଓ କନ୍ୟାଦାନ ନିଷେଧ। ପିତା ମାତାଙ୍କ ଦେହାନ୍ତରେ ଅଶୌଚ ହୁଅନ୍ତି ନାହିଁ। ଜଣେ ବ୍ରାହ୍ମଣ ମୃତକଙ୍କ କ୍ରିୟା କର୍ମ କରନ୍ତି। ଗଜପତିଙ୍କ ପାର୍ଥିବ ଶରୀର ରାଜନଅର ମୁଖ୍ୟ ଦ୍ୱାର ଦେଇ ବାହାରକୁ ଆସେନାହିଁ। ଗଜପତି ଦ୍ୱିଜ ଭାବେ ନିଜ ଇଷ୍ଟଦେବୀଙ୍କ ନିତ୍ୟ ଆରାଧନା କରନ୍ତି। କୌଣସି ଅନୁଗ୍ରହ ପ୍ରତିଗ୍ରହଠାରୁ ଦୂରରେ ରହିବା ଏବଂ ସ୍ୱପାକ ବା ସାତ୍ତ୍ୱିକ ଦେବପାକ ବ୍ୟତୀତ ପରପାକାନ୍ନ ଭୋଜନ ବାରଣ ରହିଛି। ଗଜପତି ରାଜନୀତି ସେବା ପାଇଁ ସିଂହଦ୍ୱାର ଦେଇ ଏବଂ ଅନ୍ୟବେଳେ ଦକ୍ଷିଣ ଦ୍ୱାର ଦେଇ ଶ୍ରୀମନ୍ଦିରକୁ ଯାଆନ୍ତି। ଶ୍ରୀଜୀଉମାନଙ୍କ ଶ୍ରୀଗୁଣ୍ଡିଚା, ବାହୁଡ଼ା ଯାତ୍ରାରେ ରଥ, ସ୍ନାନ ପୂର୍ଣ୍ଣିମା ସ୍ନାନବେଦୀ ଏବଂ ଚନ୍ଦନଯାତ୍ରାର ଆରମ୍ଭ ଓ ଶେଷ ଦିନ ବି ନୌକାରେ ଛେରାପହଁରା କରିବା ବିଧି ରହିଛି। ରାଜା ତାଙ୍କ ଅନୁପସ୍ଥିତିରେ ଶ୍ରୀଜୀଉମାନଙ୍କ ସେବା ପାଇଁ ଜଣେ ନାବାଳକ ପୁଷ୍ପାଳକଙ୍କୁ ମୁଦିରସ୍ତ ଭାବେ ନିଯୁକ୍ତ କରିଥାନ୍ତି। ଦେଶ ସ୍ୱାଧୀନ ହେବା ପରେ ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱ ରାଜ୍ୟ ସରକାରଙ୍କ ହାତକୁ ଗଲା। ଗଜପତିଙ୍କୁ ପରିଚାଳନା କମିଟିର ଅଧ୍ୟକ୍ଷ କରାଗଲା। କିନ୍ତୁ ଶ୍ରୀମନ୍ଦିରର ପରିଚାଳନାରେ ଧାର୍ମିକ ନିଷ୍ପତ୍ତିର ଗୁରୁତ୍ୱ ରହୁଥିବାରୁ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ପରିଚାଳନା ପରାମର୍ଶଦାତା, ଗଜପତିଙ୍କୁ ପାରମ୍ପରିକ ନୀତି ପାଳନରେ ବ୍ରତୀ ହେବା ପାଇଁ ସୁଯୋଗ ଦେବା ଉଚିତ ନୁହେଁ କି?

୧୧୩ ଗୁଣ୍ଡିଚା ବିହାର, ପୁରୀ
ମୋ- ୭୯୭୮୭୮୫୪୭୮୮

## ଏଇ ଭାରତରେ

୧୦ମ ଶ୍ରେଣୀର ୫ ଜଣ ପିଲାଙ୍କ ନୂତନ ଚିନ୍ତାଧାରା ଏକ ଉଦାହରଣ ସୃଷ୍ଟି କରିଛି। ଦିଲ୍ଲୀର ଶିବନଦାର ସ୍କୁଲର ଭି. ସହେଲି, ଲକ୍ଷ୍ୟ ଗୋସ୍ୱାମୀ, ଉଦୟ ସିଂ, ସୌରିଶ ଗ୍ରୋଭର ଏବଂ ଅର୍ମାନ ଶରନ ଏକାବେଳକେ ଦୁଇଟି କାମ କରୁଥିବା ଏକ କୁଲିଂ ଡିଭାଇସ ଆବିଷ୍କାର କରିଛନ୍ତି। ଏହା ମଧ୍ୟ ହିଟର ଭାବେ କାମ କରୁଛି। ଏହି କୁଲରର ନାମ ରଖାଯାଇଛି ଜେଫିରସ୍। ପୁରାତନ ଗ୍ରୀସ୍‌ର ବାୟୁ ଦେବତାଙ୍କ ନାମାନୁସାରେ ଏହାର ଏଭଳି ନାମକରଣ କରାଯାଇଛି। ଏହା ପାରମ୍ପରିକ କୁଲର ତୁଳନାରେ କମ୍ ପାଣି ଦରକାର କରୁଛି। ସାଧାରଣ କୁଲର ମାସକୁ ହାରାହାରି ୩,୦୦୦ ଲିଟର ପାଣି ଆବଶ୍ୟକ କରୁଥିବାବେଳେ ଜେଫିରସ୍ ୩୦୦ ମିଲିଲିଟର ପାଣି ଦରକାର କରୁଛି। ୨୪ ଇଞ୍ଚ ଚଉଡ଼ା ଓ ୧୨ ଇଞ୍ଚ ଲମ୍ବର ଏହି କୁଲିଂ ମେଶିନ ଆଲୁମିନିୟମ ଶିଟ୍‌ରେ ତିଆରି ହୋଇଛି। ଏହାକୁ ନିର୍ମାଣ କରିବାରେ ସ୍କୁଲ ଏମାନଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇ ଦେଇଛି ଓ ଏଥିରେ ମୋଟ ୫,୫୦୦ ଟଙ୍କା ଖର୍ଚ୍ଚ ହୋଇଛି। ଏହା ବଜାରରେ ଏବେ ଉପଲବ୍ଧ କୁଲରଠାରୁ ଶସ୍ତା। ଏହାକୁ ଏବେ ପରୀକ୍ଷା କରାଯାଇ ମାର୍କେଟକୁ ଛଡ଼ାଯିବାର ପଦକ୍ଷେପ ନିଆଯାଇଛି। ଏହାକୁ ଅଧିକ ଉତ୍ପାଦନ କରାଗଲେ ଏବକାର ମୂଲ୍ୟଠାରୁ ଆହୁରି କମ୍ ହେବ ବୋଲି କହନ୍ତି ଅର୍ମାନ।

## ୨୫ ବର୍ଷ ତଳର ଧରିତ୍ରୀ

୧ ଜୁଲାଇ ୧୯୯୮

- ରାଜ୍ୟରେ ସ୍ୱାସ୍ଥ୍ୟସେବା ପ୍ରକଳ୍ପ ପାଇଁ ବିଶ୍ୱବ୍ୟାଙ୍କ ପାଣ୍ଠିରୁ ୭୬ ନିଯୁତ ଡଲାର ଋଣ ମଞ୍ଜୁର।
- ଇରାକର ରାଡାର କେନ୍ଦ୍ର ଉପରେ ଆମେରିକାର ଏଫ୍-୧୬ ଲଢ଼ୁଆ ବିମାନରୁ ଏସ୍‌ଏ-୩ କ୍ଷେପଣାସ୍ତ୍ର ଆକ୍ରମଣ।
- ଦୁର୍ବୃତ୍ତମାନଙ୍କ ଆକ୍ରମଣରେ ନେପାଳର ପୂର୍ବତନ ମନ୍ତ୍ରୀ ତଥା ସାଂସଦ ଦିଲଶାଦ ବେଗ୍‌ଙ୍କ ମୃତ୍ୟୁ।

## ଚିରନ୍ତନୀ

ଶୂନ୍ୟପଥେ ଭାସଇ ନର
ବଢ଼ାଇ ଦୁଇ ହାତ
ଧରିବା ପାଇଁ ଆକାଶେ ଦେବ-ଧନୁ
ନିମେଷେ ସବୁ ମିଳାଇଯାଏ
ନ ପାଏ କାହିଁ କାତ,
ଝାଉଁଳିପଡ଼େ କୋମଳତମ ତନୁ!
(ଅମର ଆଶା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 9 | | 4 | 5 | | 3 | | 8 |
| | | | 3 | | | | 7 | |
| 8 | | | | 1 | | | | |
| | 4 | | | | | | | |
| | | | | | 7 | 4 | | 5 |
| 5 | | 6 | | 8 | | | | |
| 1 | | 7 | | | 9 | | | |
| | | | | | | | 6 | 1 |
| | | 8 | 6 | | | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 4 | 1 | 5 | 8 | 3 | 7 | 9 |
| 1 | 8 | 5 | 7 | 3 | 9 | 6 | 2 | 4 |
| 7 | 9 | 3 | 2 | 6 | 4 | 5 | 8 | 1 |
| 4 | 7 | 8 | 5 | 9 | 3 | 1 | 6 | 2 |
| 9 | 2 | 6 | 4 | 1 | 7 | 8 | 5 | 3 |
| 3 | 5 | 1 | 8 | 2 | 6 | 9 | 4 | 7 |
| 6 | 4 | 7 | 3 | 8 | 1 | 2 | 9 | 5 |
| 8 | 3 | 2 | 9 | 7 | 5 | 4 | 1 | 6 |
| 5 | 1 | 9 | 6 | 4 | 2 | 7 | 3 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆବାସ ଯୋଜନାରେ ଘର ମିଳୁନାହିଁ

ମହାଶୟ,

ମୁଁ ଜଣେ ବାସଗୃହହୀନ ଗରିବ ଚିତ୍ରକର ହୋଇଥିବାରୁ 'ଆବାସ' ଯୋଜନାରେ ସରକାରଙ୍କଠାରୁ ଘର ଖଣ୍ଡେ ପାଇବା ପାଇଁ ୨୦୧୫ରୁ ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ଆରମ୍ଭକରି ବିଭିନ୍ନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଆସିଛି। ସବୁଠୁ ନିରାଶା ହେବା ପରେ ରାଜ୍ୟ ମାନବ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲି। ସେ ସହୃଦୟତାର ସହ ବିଚାରକୁ ନେଇ 'ଆବାସ' କିମ୍ବା ଗୃହ ଉପଯୋଗୀ ଜାଗା ଦେବାକୁ ପରାମର୍ଶ ଦେଇଥିଲେ। ସେହି ଆଦେଶ କାର୍ଯ୍ୟକାରୀ କରିବା ପାଇଁ ବିଧାୟକ (ଉତ୍ତର) ଅନୁମୋଦନ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବିଏମ୍‌ସି କମିଶନରଙ୍କ ଠାରୁ କୌଣସି ଉତ୍ତର ମିଳୁନାହିଁ। ଏପଟେ କ୍ୟାବିନ୍ ଦେଇ ଜୀବିକା ନିର୍ବାହ କରିବାକୁ ସରକାର ଦେଉନାହାନ୍ତି କିମ୍ବା ଭେଣ୍ଡିଂ ଜୋନ୍‌ର ବ୍ୟବସ୍ଥା ମଧ୍ୟ ନାହିଁ। ଘରଭଡ଼ା ଦେଇ ୫ପ୍ରାଣୀ କୁଟୁମ୍ବ କିପରି ବଞ୍ଚିବୁ?

-ଲକ୍ଷ୍ମୀକାନ୍ତ ମହାରଣା, ୱେଷ୍ଟର୍ନ ଟେଲର, ଆଦିମାତା କଲୋନି, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜୁଆ ଚଢ଼ାଉ, ୭ ଗିରଫ

ଅମ୍ବାଭୋନା,୩୦।୬ (ଛନ୍ଦାଚରଣ ପ୍ରଧାନ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଉତ୍ତମ ଗ୍ରାମପଞ୍ଚାୟତ ଅଧୀନସ୍ଥ ଉଧେଇପାଲି ଛକ ଆମ୍ବତୋଟା ନିକଟରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ଶୁକ୍ରବାର ପୋଲିସ ଚଢାଉ କରିଥିଲା। ଚଢାଉ ବେଳେ ୭ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ୫ଟି ବାଇକ୍, ନଗଦ ୪୦୦୦ ଟଙ୍କା ଓ ୭ଟି ମୋବାଇଲ ଜବତ ହୋଇଛି। ବରଗଡ ଏସ୍‌ପି ପି. ଏସ୍ ମିନାଙ୍କ ନିର୍ଦ୍ଦେଶରେ ତଥା ଅମ୍ବାଭୋନା ଥାନା ଅଧିକାରୀ ବୁଲୁ ମୁଣ୍ଡାଙ୍କ ନେତୃତ୍ୱରେ ପୋଲିସ୍ ଚଢାଉ କରିଥିଲା। ଏ ନେଇ ଅମ୍ବାଭୋନା ଥାନାରେ ଏକ ମାମଲା (ନଂ.୧୪୦।୨୩) ରୁଜୁ ହୋଇଛି।

# ବିଜେଡିର ସଂଗଠନ ସଂପାଦକ ପ୍ରଣବଙ୍କ ବୌଦ୍ଧ ଗସ୍ତ

ବୌଦ୍ଧ,୩୦।୬(ଅଜିତ କୁମାର ବାରିକ)

ଶନିବାର ଦିନ ବିଜେଡିର ରାଜ୍ୟ ସଂଗଠନ ସଂପାଦକ ପ୍ରଣବ ପ୍ରକାଶ ଦାସ ଦଳୀୟ ସାଂଗଠନିକ କାର୍ଯ୍ୟକ୍ରମ ନେଇ ବୌଦ୍ଧ ଆସୁଛନ୍ତି। ଏଥିପାଇଁ ବିଜେଡି ଶିବିର ଚଳଚଞ୍ଚଳ ରହିଛି। ଶନିବାର ବୌଦ୍ଧ ଟାଉନହଲଠାରେ ଦଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଦାସ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ତାଙ୍କୁ ସ୍ୱାଗତ କରିବାକୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ମନ୍ତ୍ରୀ ପ୍ରଦିପ କୁମାର ଅମାତ, କଣ୍ଟାମାଳ ବିଧାୟକ ମହୀଧର ରଣା, ଦଳୀୟ ପର୍ଯ୍ୟବେକ୍ଷକ ସୌଭାଗ୍ୟ ରଞ୍ଜନ ନାୟକଙ୍କ ସମେତ ଜିଲାପରିଷଦ ଅଧକ୍ଷା, ଏନଏସି ଅଧକ୍ଷ ଅଧକ୍ଷା ଏବଂ ସଂଗଠନର ସମସ୍ତ କାର୍ଯ୍ୟକର୍ତ୍ତା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

# ଲୁଟ୍ ଅଭିଯୋଗ, ୨ ଗିରଫ

ପଦ୍ମପୁର,୩୦।୬(ପ୍ରଦୀପ୍ତ ଦାଶ)

ଲୁଟ୍ ଅଭିଯୋଗରେ ପଦ୍ମପୁର ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ରଜାପଡାର କାଳିଆ ସୁନା ଓ ଚାରପାଲି ଗ୍ରାମର ତନ୍ମୟ ନାଗ। ଉଭୟଙ୍କଠାରୁ ଟଙ୍କା ଓ ମୋବାଇଲ ଜବତ ହୋଇଛି। ଶୁକ୍ରବାର ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି।

# ୨ ଅଭିଯୁକ୍ତଙ୍କୁ ୧୦ ବର୍ଷ ଲେଖାଏ କାରାଦଣ୍ଡାଦେଶ

## ଗଞ୍ଜେଇ ଚୋରା ଚାଲାଣ ମାମଲା

■ଜଣେ ନିର୍ଦ୍ଦୋଷରେ ଖଲାସ

ବୌଦ୍ଧ,୩୦।୬(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ବିକ୍ରମ କୁମାର ପ୍ରଧାନ ଶୁକ୍ରବାର ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ବିଚାରକରି ୨ଜଣ ଅଭିଯୁକ୍ତଙ୍କୁ ୧୦ ବର୍ଷ ଲେଖାଏ କାରାଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ଏହାଛଡ଼ା ଜଣେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ମାମଲାରୁ ପ୍ରକାଶ, ବୌଦ୍ଧ ଜିଲାର ପେନାବାଲି ଜଙ୍ଗଲ ମଧ୍ୟରେ ଏକ ଖୋଲା ପଡ଼ିଆରେ ବିପୁଳ ପରିମାଣର ଗଞ୍ଜେଇ ବସ୍ତାରେ ଭର୍ତ୍ତି କରାଯାଇ ବାହାରକୁ ଚାଲାଣ କରିବାକୁ ଉଦ୍ୟମ କରାଯାଉଥିବା ପୋଲିସକୁ ସୂଚନା ମିଳିଥିଲା। ଫଳରେ ଗତ ୧୪।୩।୨୦୧୯ରେ ବୌଦ୍ଧ ଥାନାର ଏସ୍‌ଆଇ ସସ୍ମିତା ମଗର ଓ ଅନ୍ୟ ପୋଲିସ କର୍ମଚାରୀ ଉକ୍ତ ଜଙ୍ଗଲରେ ଚଢ଼ାଉ କରିଥିଲେ। ପୋଲିସକୁ ଦେଖି ଅଭିଯୁକ୍ତମାନେ ଫେରାରହେବା ପାଇଁ ଉଦ୍ୟମ କରିବା ବେଳେ ପୋଲିସ ୨ଅଭିଯୁକ୍ତ ପେନାବାଲି ଗ୍ରାମର ଯୋଗୀନ୍ଦ୍ର କହଁର (୬୫) ଓ ସିନ୍ଧୁ କହଁର (୪୮)ଙ୍କୁ ଧରିବାରେ ସଫଳ ହୋଇଥିଲା। ତେବେ ଅନ୍ୟ ଅଭିଯୁକ୍ତ ପେନାବାଲି ଗ୍ରାମର ଶିବ କହଁର, ରେଙ୍ଗୁଟୁ କହଁର, ଭଞ୍ଜ କହଁର ଓ ମଳିକପଡ଼ା ଗ୍ରାମର ଅଜିତ ମଲିକ ଫେରାର ହୋଇଯାଇଥିଲେ। ପୋଲିସ ଘଟଣାସ୍ଥଳରୁ ୯ ଗୋଟି ଜରିବସ୍ତାରୁ ୨ କୁଇଣ୍ଟାଲ ୬୯ କେଜି ଗଞ୍ଜେଇ ଜବତ କରିବା ସହ ଏକ ମାମଲା ବୌଦ୍ଧ ଥାନା କେସ୍ ନଂ. ୫୯/୧୯ରେ ରୁଜୁକରି ୨ ଅଭିଯୁକ୍ତ ଯୋଗୀନ୍ଦ୍ର ଓ ସିନ୍ଧୁଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା । ଏହି ମାମଲାରେ ପୋଲିସ ଅଭିଯୁକ୍ତ ଅଜିତ ମଲିକଙ୍କୁ ପରେ ଗିରଫ କରିବାରେ ସଫଳ ହୋଇଥିବା ବେଳେ ଅନ୍ୟ ୩ ଅଭିଯୁକ୍ତ ଏବେ ବି ଫେରାର ଅଛନ୍ତି । ପରବର୍ତ୍ତୀ ସମୟରେ ମାମଲାଟି ବୌଦ୍ଧ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ (ସ୍ପେଶାଲ କେସ୍ ନଂ. ୩୦/୧୯ ) ୩ ଅଭିଯୁକ୍ତ ଯୋଗୀନ୍ଦ୍ର, ସିନ୍ଧୁ ଓ ଅଜିତଙ୍କ ପାଇଁ ବିଚାର ହୋଇଥିଲା । ସରକାରଙ୍କ ପକ୍ଷରୁ ୧୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ଥିବା ନେଇ ଅଦାଲତ ଅଭିଯୁକ୍ତ ଯୋଗୀନ୍ଦ୍ର ଓ ସିନ୍ଧୁଙ୍କୁ ୧୦ ବର୍ଷ ଲେଖାଏ କାରାଦଣ୍ଡ ଦେବା ସହ ୧ ଲକ୍ଷ ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ପ୍ରମାଣ ଅଭାବରୁ ଅଭିଯୁକ୍ତ ଅଜିତ ମଲିକଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସରକାରଙ୍କ ପକ୍ଷରୁ ମାମଲାକୁ ସରକାରୀ ଓକିଲ ସବିତା କୁମାରୀ ପଣ୍ଡା ପରିଚାଳନା କରିଥିଲେ।

# ବିଜେଡି ସଂଗଠନ ସମ୍ପାଦକଙ୍କ ବିନିକା ଅଞ୍ଚଳ ଗସ୍ତ

ବିନିକା,୩୦।୬(ରାମ ଗୋପାଳ ବାଘ)

ଆସନ୍ତା ୪ ତାରିଖରେ ୫ଟି ସଚିବ ଭି.କେ ପାଣ୍ଡିଆନ ବିନିକା ଗସ୍ତରେ ଆସୁଛନ୍ତି। ତାଙ୍କ ଗସ୍ତ ପୂର୍ବରୁ ଶୁକ୍ରବାର ସନ୍ଧ୍ୟାରେ ବିଜେଡିର ରାଜ୍ୟ ସଂଗଠନ ସମ୍ପାଦକ ତଥା ଯାଜପୁର ବିଧାୟକି ପ୍ରଣବ ପ୍ରକାଶ ଦାଶ(ବବି) ବିନିକା ଗସ୍ତରେ ଆସି ବିଜୁ ପଟ୍ଟନାୟକ ଷ୍ଟାଡିୟମ ଓ ପର୍ଯ୍ୟଟନ ସ୍ଥଳୀ ପାପକ୍ଷୟ ଘାଟ ପରିଦର୍ଶନ କରିଥିଲେ। ସ୍ଥାନୀୟ ମହାନଦୀ ସେତୁ ନିକଟରେ ଥିବା ବିଜୁ ପଟ୍ଟନାୟକ ଷ୍ଟାଡିୟମ ନିକଟରେ ପହଞ୍ଚିବା ପରେ ସ୍ପୋର୍ଟସ କ୍ଲବ ସଭାପତି ସୋମନାଥ ମିଶ୍ର ତାଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଦାସଙ୍କ ସହ ଆସିଥିବା ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜୁ ପଟ୍ଟନାୟକ ଷ୍ଟାଡିୟମ ଉନ୍ନତୀକରଣ ପାଇଁ ଦାସ ତାର ପରିସର ବୁଲି ଦେଖିବା ସହିତ ସମସ୍ୟା ନେଇ ସ୍ପୋର୍ଟସ କ୍ଲବ ସଭାପତିଙ୍କ ଠାରୁ ଅବଗତ ହୋଇଥିଲେ। ପରେ ପାପକ୍ଷୟ ଘାଟ ପରିଦର୍ଶନ କରି ଏହାର ଐତିହ୍ୟ ଉପରେ ଅବଗତ ହୋଇଥିଲେ। ପରିଦର୍ଶନ ସମୟରେ ନଗରପାଳ ସୁବାଷ ଭୁଏ, ବୀରମହାରାଜପୁର ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ବିନିକା ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଅଶୋକ ନନ୍ଦ, ଭୀମସେନ ସାହୁ, ଦ୍ୱାରିକା ସାହୁ, ବିନୋଦ ନାଏକ, ପୀତବାସ ମେହେର, ସନ୍ତୋଷ ସାହୁ, ଦିନ ମେହେର ପ୍ରମୁଖ ସାମିଲ ହୋଇଥିଲେ ।

# ‘ଔଷଧ ସେବନ କଲେ ସଂକ୍ରମଣ ରୋକାଯାଇ ପାରିବ’

## ବ୍ଲକସ୍ତରୀୟ ସାମୂହିକ ଫାଇଲେରିଆ ଓ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ

ଡୁଙ୍ଗୁରିପାଲି,୩୦।୬(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶୁକ୍ରବାର ବ୍ଲକସ୍ତରୀୟ ସାମୁହିକ ଫାଇଲେରିଆ ଓ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡୁଙ୍ଗୁରିପାଲି ବିଡ଼ିଓ ତ୍ରିପୁର ମହାନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡା. ଆଲୋକ ରଞ୍ଜନ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। ପରିଦର୍ଶକ ପ୍ରଦୀପ ସାହୁ ଫାଇଲେରିଆ ଓ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ବର୍ଣ୍ଣନା କରିଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆଞ୍ଚଳିକ ଅଧିକାରୀ ଡା. ନିଶିଥ ଦାଶ ଫାଇଲେରିଆ ରୋଗର କାରଣ, ନିରାକରଣ, ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମର ସଫଳ ରୂପାୟନ ବିଷୟରେ ବୁଝାଇଥିଲେ।

ବିଡ଼ିଓ ମହାନନ୍ଦ କହିଥିଲେ ଯେ,ବଣ୍ଟନ ନୁହେଁ, ଔଷଧ ସେବନ କଲେ ହିଁ ସଂକ୍ରମଣକୁ ରୋକାଯାଇ ପାରିବ। ସମସ୍ତ ବିଭାଗୀୟ କର୍ମଚାରୀ ଓ ଜନସାଧାରଣଙ୍କ ସହଯୋଗରେ ସାମୁହିକ ଫାଇଲେରିଆ ଓ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମର ସଫଳ ରୂପାୟନ ହୋଇପାରିବ ବୋଲି ମତ ରଖିଥିଲେ। ସିଡିପିଓ ଜୟନ୍ତୀ ଗଡତିଆ ସମସ୍ତ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଓ ଅନ୍ୟାନ୍ୟ କର୍ମୀ ଘରକୁ ଘର ଯାଇ ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ଫାଇଲେରିଆ ଓ ବାତଜ୍ୱର ଔଷଧ ସେବନ କରାଇଲେ ଏହି କାର୍ଯ୍ୟକ୍ରମ ସଫଳ ହୋଇ ପାରିବ ବୋଲି ମତ ପ୍ରକାଶ କରିଥିଲେ। ଜନସାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ଶେଷଦେବ ଥନାପତି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଗ୍ରାମଗୁଡିକରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରିବାକୁ ପଡିବ ବୋଲି କହିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବଟକୃଷ୍ଣ ପାଢୀ, ବ୍ଲକ ମିଶନ ଶକ୍ତି କାର୍ଯ୍ୟକ୍ରମ ପରିଚାଳକ ବାବାଜୀ ଚରଣ ସାମଲ , ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀ ହିମାଦ୍ରୀ ପ୍ରଧାନ, ଆଇସିଡିଏସ ପରିଦର୍ଶିକା ଖ୍ରୀଷ୍ଟାଦ୍ରୀ ପୂଜାରୀ, ସୀତା ମେହେର, ସ୍ୱାସ୍ଥ୍ୟ ପରିଦର୍ଶକ ହରିଚନ୍ଦ୍ର ସୁନା, ପ୍ରଭାସ ପ୍ରଧାନ, ସିଆରସିସି ନରେନ୍ଦ୍ର ପୁରୋହିତ ପ୍ରମୁଖ ଉପସ୍ଥିତ ରହିଥିଲେ। ଫାଇଲେରିଆ ନିରାକରଣ ପାଇଁ ସମସ୍ତ ଶିକ୍ଷକ, ଛାତ୍ରୀଛାତ୍ର ତଥା ଅଭିଭାବକମାନଙ୍କୁ ସଚେତନ କରାଯିବା ସହ ମମତା ଦିବସ, ମାତୃ ସଭା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଆଦି ସ୍ଥାନରେ ଏହି ବିଷୟରେ ସୂଚନା ପ୍ରଦାନ କଲେ କାର୍ଯ୍ୟକ୍ରମ ସଫଳ ହୋଇପାରିବ ବୋଲି ଅତିଥିମାନେ ନିଜ ନିଜ ବକ୍ତବ୍ୟରେ କହିଥିଲେ। ଶେଷରେ କାର୍ଯ୍ୟକ୍ରମ ପରିଚାଳକ ନାରାୟଣ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ବୃନ୍ଦ।


## OFFICE OF THE DIRECTOR CAPITAL HOSPITAL, BHUBANESWAR

ରାଜଧାନୀ ମୁଖ୍ୟ ଚିକିତ୍ସାଳୟ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ

Unit-VI, Ganga Nagar, Udyan Marg, Bhubaneswar- 751001, Khordha
Email:substorechb@gmail.com/director.chb@gmail.com
Ph-0674-2391983/85/79
No.5974/Sub-store/2023, Date:30.06.2023

### TENDER CALL NOTICE

**No.E-211:**Sealed tenders are invited from local Manufacturers for **"Refilling of Medical Gases"** and local Wholesalers / Distributors for **"BCL, BMW, Laboratory Reagents & Cataract Surgery Items"**, for the year 2023-2024 through courier service/speed post/ registered post only. For details, please visit our website: www.capitalhospital.nic.in (WWW.CAPITALHOSPITAL.NIC.IN). The details of last date & time of receipt of tender, pre-bid meeting, date & time of opening of tender, venue etc. are as mentioned in the bid documents. The undersigned reserves the right to reject or cancel any or all the tender without any reason thereof.

**Sd./- Director, Capital Hospital, Bhubaneswar**
**OIPR-10078/11/0004/2324**



## PARADIP PORT AUTHORITY TENDER CALL NOTICE NO. EM/WS-19/2023

File No.EM/WS/TECH-07/2023/928
Date : 23/06/2023

Name of the work : " Grant of license for Supply, Installation Commissioning, Operation & Maintenance of 03 Nos. 100 Ton Capacity HMCs." Last date and time of submission of bid : Dt.02.08.2023 up to 1800 hrs.

Refer our website for details: https://eprocure.gov.in/eprocure/app .

Executive Engineer (M), Workshop Division-I, Paradip Port Authority
PPA/PR/28/2023-24, Dt.28/06/23



## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କନ୍ଧମାଳ, ଫୁଲବାଣୀ

(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)

ପତ୍ର ସଂଖ୍ୟା: 376 ତାରିଖ: 27.06.2023

### ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ଶିଶୁଙ୍କୁ ଉଦ୍ଧାର କରାଯାଇ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ବନବାସୀ ସେବା ସମିତି, ବାଲିଗୁଡ଼ାଠାରେ ସୁରକ୍ଷିତ ଭାବରେ ରଖାଯାଇଅଛି। ଏହି ଶିଶୁମାନଙ୍କର ଯଦି କେହି ପିତାମାତା/ଅଭିଭାବକ ବା ଆଇନ୍‌ସିଦ୍ଧ ଦାବିଦାର ଥାନ୍ତି ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ ଦିନ (୩୦) ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କନ୍ଧମାଳ, ମିଶନଶକ୍ତି ଭବନ, ଡି.ଆର୍.ଡି.ଏ. ଛକ, ଫୁଲବାଣୀ – ୭୬୨୦୦୧, ଫୋନ ନଂ. ୦୬୮୪୨-୨୫୪୪୫୩, ମୋ ନଂ.– ୯୪୩୭୪୨୩୪୨୭କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ ନିମ୍ନଲିଖିତ ଶିଶୁ ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ, ୨୦୧୫ ଧାରା ୩୮ ଅନୁଯାୟୀ ଥଇଥାନ କରାଯିବ।

| କ୍ର. ନଂ. | ଲିଙ୍ଗ | ଉଦ୍ଧାର ହୋଇଥିବା ସ୍ଥାନ ଓ ତାରିଖ | ଫଟୋ |
|---|---|---|---|
| ୧ | ଝିଅ | ଗ୍ରାମ: ଭେଟଖୋଲ (ଭେଟଖୋଲ ଘାଟି ରାସ୍ତାରେ), ପୋଷ୍ଟ: ସୁଦୁକୁମ୍ପା, ଥାନା: ଖଜୁରୀପଡ଼ା, ଜିଲ୍ଲା: କନ୍ଧମାଳ, ୧୯।୦୬।୨୦୨୩ |  |
| ୨ | ଝିଅ | ଗ୍ରାମ: ମହାସିଙ୍ଗ (ଏକଲବ୍ୟ ବିଦ୍ୟାଳୟ ରାସ୍ତା ନିକଟରେ) ପୋଷ୍ଟ: ମହାସିଙ୍ଗ, ଥାନା: କ.ନୂଆଗା, ତା: ୨୬।୦୬।୨୦୨୩ |  |
| ୩ | ଝିଅ | ଗ୍ରାମ: ମହାସିଙ୍ଗ (ଏକଲବ୍ୟ ବିଦ୍ୟାଳୟ ରାସ୍ତା ନିକଟରେ) ପୋଷ୍ଟ: ମହାସିଙ୍ଗ, ଥାନା: କ.ନୂଆଗା, ତା: ୨୬।୦୬।୨୦୨୩ |  |

ସ୍ୱା./– ଜିଲ୍ଲାପାଳ, କନ୍ଧମାଳ


# ଦଳିତ ନେତା ଦ୍ରୋଣ କୁମ୍ଭାରଙ୍କୁ ଆକ୍ରମଣ

ବଲାଙ୍ଗୀର, ୩୦।୬ (ବୀରେନ୍ଦ୍ର କୁମାର ଝାଙ୍କର)

ଦଳିତ ନେତା, ସଙ୍ଗଠକ ଦ୍ରୋଣ କୁମ୍ଭାରଙ୍କୁ ଧାରୁଆ ଅସ୍ତ୍ରରେ ଶୁକ୍ରବାର ସକାଳେ ଆକ୍ରମଣ କରାଯାଇଛି। ବଲାଙ୍ଗୀର ମାଲଗୋଦାମପଡାଠାରେ ଜଣେ ଯୁବକ ତାଙ୍କୁ ଧାରୁଆ ଅସ୍ତ୍ରରେ ଅତର୍କିତ ଆକ୍ରମଣ କରିଥିବା ଜଣାପଡିଛି। କୁମ୍ଭାରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଆକ୍ରମଣ ପରେ ଯୁବକ ଜଣକ ସେଠାରୁ ଫେରାର ହୋଇଯାଇଥିଲେ। ରକ୍ତାକ୍ତ ଅବସ୍ଥାରେ କୁମ୍ଭାରଙ୍କୁ ଉଦ୍ଧାର କରି ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଅଣାଯାଇ ସର୍ଜରୀ ୱାର୍ଡରେ ଭର୍ତ୍ତି କରାଯାଇ ଚିକିତ୍ସା ଆରମ୍ଭ କରାଯାଇଛି। କେଉଁ କାରଣରୁ ତାଙ୍କୁ ଯୁବକ ଜଣକ ଆକ୍ରମଣ କଲେ ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ପୁରୁଣା ବିବାଦରୁ ଆକ୍ରମଣ ହୋଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଟାଉନ୍ ଥାନା ଆଇଆଇସି ବିଶ୍ୱଜିତ ମନବୋଧ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ତଦାରଖ କରିଥିଲେ। ଏନେଇ ଟାଉନ୍ ଥାନାରେ ଏକ ମାମଲା (୩୦୭/୨୩) ରୁଜୁ ହୋଇଛି। ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ କରାଯାଇଥିବା ଜଣାପଡିଛି।

# ଅଧକ୍ଷାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ସୋନପୁର,୩୦।୬(ମୃତ୍ୟୁଞ୍ଜୟ ଶତପଥୀ):** ସୋନପୁର ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ଡ. କିରଣ ବାଳା ଦାସ ଶୁକ୍ରବାର ଅବସର ଗ୍ରହଣ କରିଛନ୍ତି। ବିଦ୍ୟାଳୟ ପରିଚାଳନା ସମିତି ଅଧକ୍ଷ ତଥା ଅତିରିକ୍ତ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧାପିକା ନଳିନୀ ପ୍ରଭା ପ୍ରଧାନ ବିଦାୟୀ ଅଧକ୍ଷାଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଡ. ଦାସ ତାଙ୍କ ଦୀର୍ଘ ୩୦ ବର୍ଷର ଚାକିରୀ ଜୀବନରେ ଅନେକ ଉଚ୍ଚ ଶିକ୍ଷିତ ଛାତ୍ରୀ ଏ ସମାଜରେ ତିଆରି କରି ପାରିଛନ୍ତି। ଶିକ୍ଷା ବିଭାଗର ଜଣେ ଦକ୍ଷ ଅଧାପିକା ଓ ଜଣେ ଶିକ୍ଷା ପ୍ରଶାସିକା ଭାବରେ ଡ. ଦାସଙ୍କ ପରିଚୟ ଥିଲା। ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧାପିକା ଅଧାପକ ତଥା ଅଣ ଶିକ୍ଷକ କର୍ମଚାରୀ ଉପସ୍ଥିତ ରହି ତାଙ୍କ ସୁସ୍ଥ, ନିରାମୟ ଜୀବନ କାମନା କରିଥିଲେ।


## ବିଦ୍ୟୁତ୍ ବ୍ୟବହାର ସମ୍ବନ୍ଧରେ ଜନସାଧାରଣଙ୍କ ପାଇଁ କେତେକ ସତର୍କବାଣୀ

- ସର୍ଟସର୍କିଟ୍‌ଜନିତ ବିଦ୍ୟୁତ୍ ଦୁର୍ଘଟଣାରୁ ରକ୍ଷାପାଇବା ପାଇଁ ମେନ୍‌ସୁଇଚ୍ ରେ ଉପଯୁକ୍ତ ରେଟିଂର ସର୍କିଟ୍ ବ୍ରେକର ଅଥବା ଫିଉଜ୍ ବ୍ୟବହାର କରନ୍ତୁ।
- ଆପଣଙ୍କ ବିଦ୍ୟୁତ୍ ୱାରିଂର ଆର୍ଥିଂ ଠିକ୍ ଅଛି କି ନାହିଁ ପରୀକ୍ଷା କରାଇ ନିଅନ୍ତୁ। ବିଦ୍ୟୁତ୍ ୱାରିଂ ଏବଂ ବିଦ୍ୟୁତ୍ ମିଟରକୁ ସତସତିଆ କାନ୍ଥ କିମ୍ବା ବର୍ଷା ପାଣିରୁ ରକ୍ଷା କରନ୍ତୁ । ଘରର ପରିସୀମା ବାହାରକୁ ବିଦ୍ୟୁତ୍ ତାରର ସଂପ୍ରସାରଣ କରନ୍ତୁ ନାହିଁ।
- ଘରର ବିଦ୍ୟୁତ୍ ୱାରିଂରେ କୌଣସି କାମ କରିବା ପୂର୍ବରୁ ମେନ୍ ସୁଇଚ୍‌କୁ ବନ୍ଦ କରି କାମ କରନ୍ତୁ।
- ଆଇ.ଏସ୍.ଆଇ ସ୍ୱୀକୃତି ପ୍ରାପ୍ତ ବିଦ୍ୟୁତ୍ ଉପକରଣ ବ୍ୟବହାର କରନ୍ତୁ।
- ବିଦ୍ୟୁତ୍ ଲାଇନ ତଳେ କିମ୍ବା ଅତି ନିକଟରେ ଘର ତିଆରି କରନ୍ତୁ ନାହିଁ ଏବଂ ଗଛ ମଧ୍ୟ ଲଗାନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ ଝୁଲି ପଡିଥିବା ବା ଛିଣ୍ଡି ପଡିଥିବା ବିଦ୍ୟୁତ୍ ତାରକୁ ଛୁଅଁନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ ବା ବିଦ୍ୟୁତ୍ ଖୁଣ୍ଟର ଷ୍ଟେ-ୱାୟାର୍ ଛୁଇଁବା ବା ବିଦ୍ୟୁତ୍ ଖୁଣ୍ଟକୁ ଅନ୍ୟ କୌଣସି କାର୍ଯ୍ୟରେ ବ୍ୟବହାର କରିବା ବିପଦ୍‌ଜନକ।
- ପୂଜାମଣ୍ଡପ, ବିବାହ ଅନୁଷ୍ଠାନ କିମ୍ବା ଏହିଭଳି ଅନ୍ୟ ଯେକୌଣସି ଅନୁଷ୍ଠାନରେ ହୁକିଂଦ୍ୱାରା ବେଆଇନ୍ ବିଜୁଳି ବ୍ୟବହାର ଧନଜୀବନ ନଷ୍ଟର କାରଣ ହୋଇପାରେ, ଏଥିରୁ ନିବୃତ୍ତ ରୁହନ୍ତୁ।

ଆପଣଙ୍କ ଜୀବନ ମୂଲ୍ୟବାନ । ସାମାନ୍ୟତମ ଅସାବଧାନତା କାରଣ ଯୋଗୁଁ ଏହାକୁ ହରାନ୍ତୁ ନାହିଁ।

GRIDCO Empowering Odisha
ଗ୍ରୀଡ୍‌କୋ ବିଜୁଳିଶକ୍ତି ଆମ ପ୍ରଗତିର ସହଯାତ୍ରୀ
ଗ୍ରୀଡ୍‌କୋ ଲିମିଟେଡ୍
ପଞ୍ଜିକୃତ କାର୍ଯ୍ୟାଳୟ: ଜନପଥ, ଭୁବନେଶ୍ୱର-୭୫୧୦୨୨



## OFFICE OF THE ASKA CO-OPERATIVE SUGAR INDUSTRIES LTD., NUAGAM (ASKA)

P.O.: Nuagam (Aska) - 761111, Ganjam District, Odisha
Phone: 06822-273464, email: askasugar@yahoo.co.in, website: askasugar.com
Letter No. Engg./543 Date: 30.06.2023

### TENDER CALL NOTICE

Sealed tenders are invited from licensed labour Contractors/Firm/ Agencies/ Organizations etc. for undertaking Dismantling, fabrication, erection including painting of different pipe lines & with M.S. Materials (like M.S. Plate, Angle, Channel etc.) at the Aska Co-operative Sugar Industries Ltd., Nuagam, Aska. Interested contractors can download the tender form our website **www.askasugar.com**. The cost of tender paper is Rs.210/- non-refundable including taxes in shape of D.D. in Nationalized Bank. Filled tender forms can be sent by Speed Post/Registered Post only which should reach in the office by dated 20.07.2023 by 3.00 P.M. Interested parties may visit our website **www.askasugar.com** for details of the tender call notice.

**Sd./- Secretary, A.C.S.I. Ltd., Aska**



## ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, କଟକ

### ବିଜ୍ଞାପନ

ପତ୍ର ସଂଖ୍ୟା: ୬୯୧୪/ଅ. ତା୨୭।୦୬।୨୦୨୩

No. F-87: ଏତଦ୍ୱାରା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ଶ୍ରୀ ଦିଲ୍ଲୀପ କୁମାର ଦଳେଇ, ପିତା: ମଙ୍ଗରାଜ ଦଳେଇ, ଗୋପୀନାଥ ମନ୍ଦିର ନିକଟ, ତଳସାହି, ପୋ.: କଲେଜ ସ୍କୋୟାର, ଥାନା: ଚାଉଳିଆଗଞ୍ଜ, ଜିଲ୍ଲା: କଟକଙ୍କ ନାମରେ କଟକ ଜିଲ୍ଲାର ଶିଖରପୁରଠାରେ ଥିବା ସରକାରୀ ଠିପି ବନ୍ଦ ବିଦେଶୀ ମଦ ଦୋକାନର ମାଲିକାନା ସ୍ୱତ୍ୱ ଶ୍ରୀ କନକ କୁମାର ଜେନା, ପିତା: କଣ୍ଣମଣି ଜେନା, ସା: ମଡ଼କେଶ୍ୱର, ପୋ.: ଅମ୍ବସାଲ, ଥାନା: ବାଲିକୁଦା, ଜିଲ୍ଲା: ଜଗତ୍‌ସିଂହପୁରଙ୍କ ନାମରେ ପରିବର୍ତ୍ତନ ହେବାକୁ ଯାଉଅଛି। ଏଣୁ, ଏହି ନୋଟିସ୍ ଜରିଆରେ ଜଣାଇ ଦିଆଯାଉଅଛି କି ଯେ, ଶ୍ରୀ ଦିଲ୍ଲୀପ କୁମାର ଦଳେଇଙ୍କର ଏହି ଦୋକାନର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ବିରୁଦ୍ଧରେ କେହି ଦାବିଦାର ଥିଲେ, ଏହି କାର୍ଯ୍ୟାଳୟକୁ ସାତଦିନ ମଧ୍ୟରେ ଜଣାଇବେ। ଉକ୍ତ ତାରିଖ ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ।

ଜିଲ୍ଲାପାଳ, କଟକଙ୍କ ନିର୍ଦ୍ଦେଶକ୍ରମେ
OIPR-36019/11/0005/2324 ସ୍ୱା./– ଅବକାରୀ ଅଧୀକ୍ଷକ, କଟକ



## OFFICE OF THE DIVISIONAL FOREST OFFICER, DEOGARH DIVISION

Phone No. 06641-291002 (Office/Fax), Email: dfo.deogarh@odisha.gov.in

Notice No. 02 of 2023-24 **WALK-IN-INTERVIEW on Dt.20.07.2023** Date: 30.06.2023

No. MM-79: Deogarh Forest Division invites applications from interested candidates for engagement of One Veterinary Surgeon for Mobile Veterinary Unit in Deogarh Forest Division, The Walk-in-Interview is scheduled to the held on 20.07.2023 at 11.00 A.M. in the Conference Hall of Deogarh Forest Division. The application form along with detailed terms and conditions shall be available on the website **www.deogarh.nic.in/www.odishaforest.in** from **Dt.02.07.2023 to 16.07.2023**.

| Sl. No. | Job Description | Name and Number of Posts | Educational Qualification | Consolidated Monthly Remuneration | Remarks |
|---|---|---|---|---|---|
| 1 | Veterinary Surgeon for Mobile Veterinary Services (MVS) unit in Deogarh Forest Division | Veterinary Surgeon - 01 (One) Post | M.V. Sc./ B.V. Sc. & A.H. | Rs.55,000/- inclusive of TA, DA etc. | Wildlife Veterinarians/ Retired Veterinarians having experience in wildlife will be engaged by following due procedure. |

Eligible candidates are requested to send their resumes and certified copies of the educational qualifications, Experience Certificate, Email ID, Mobile No. and Expression of Interest (EOI) to work at Deogarh (Deogarh Forest Division and Rourkela Circle as per the exigencies) to the mail id of the DFO, Deogarh. Authority reserves the right to cancel the engagement without assigning any reason thereof. **The candidates need to send all these documents to the Office of the undersigned by e-mail id/By Registered Post/Speed Post/By Courier before 05.00 P.M. of 16th July, 2023.**

**Email Id: dfo.deogarh@odisha.gov.in**

**Post/Courier: Divisional Forest Officer, Officer of the DFO, Deogarh Forest Division, At: Traffic Chowk, PIN - 768108.**

**OIPR-08041/11/0003/2324** **Sd./- Divisional Forest Officer, Deogarh Forest Division**



## OFFICE OF THE DEAN & PRINCIPAL, FAKIR MOHAN MEDICAL COLLEGE & HOSPITAL, BALASORE, ODISHA

**No. 2451/D/FMMCHB** **Dt.28.06.2023**

No. E-209: Sealed tenders (in two bid system) are invited from the registered firms/authorized dealers/manufacturers/ suppliers for supply and installation of 15 Nos. of 120 Ltr. Water Cooler cum Purifier Machine at FMMCH, Remuna, Balasore of FMMCH, Balasore. The last date of receipt tender is 25.07.2023 (04.00 P.M.). The bidders may download the tender documents directly from the website **(www.blsmch.nic.in/www.baleswar.nic.in)**. The cost of tender paper is Rs.1,000/- (Non refundable) & EMD of Rs.60,000/- in the form of a Bank Draft/Demand Draft in favour of **"DEAN & PRINCIPAL, FMMCH BLS MISC"** payable at Balasore from any Nationalized Bank. Any tender received after the due date and time will be rejected and returned to the sender unopened. The tender will be received through Regd. Post/Speed Post only.

**Sd./- Dean & Principal**
**Fakir Mohan Medical College & Hospital, Balasore**
**OIPR-10134/11/0009/2324**



## GOVERNMENT OF ODISHA
No.O-284

OFFICE OF THE SUPERINTENDING ENGINEER
RURAL WORKS DIVISION, GAJAPATI, PARALAKHEMUNDI

e-mail: rwd_gajapati@yahoo.co.in

**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 01/GJP/2023-24**

| | | | |
|---|---|---|---|
| 1. | Name of the Work | : | Road works |
| 2. | Total No. of Work | : | 01 (One) No. of Road work |
| 3. | Estimated Cost | : | Rs.54.62 lakhs |
| 4. | Class of Contractor | : | 'B' Class Contractor |
| 5. | Period of Completion | : | Furnished in Annexure |
| 6. | Availability of Tender Online for Bidding | : | 11.07.2023 to 17.07.2023 upto 5.00 PM |
| 7. | Date and Time of Opening of Tender | : | 18.07.2023 at 11.30 AM |
| 8. | Place of Opening | : | As per Annexure |

Further details can be seen from the Website **www.tenderorissa.gov.in**

**Sd./- SUPERINTENDING ENGINEER**
OIPR-25158/11/0001/2324 **R.W. DIVN., GAJAPATI**



## OFFICE OF THE SR. GENERAL MANAGER (ELECTRICAL)

OHPC
UPPER INDRAVATI HYDRO ELECTRIC PROJECT, MUKHIGUDA
DIST:KALAHANDI- 766026, E-mail:sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd.Office OSPH & W.C.Building, Vanivihar Chhak, Janpath,Bhoinagar, Bhubaneswar-751022
Tel: 91-0674-2542983, 2542802, 2545526, 2542826, Fax:2542102, E-mail:ohpc.co@gmail.com/md@ohpcltd.com
WEB:www.ohpcltd.com, CIN:U40101OR1995SGC003963

### NOTICE INVITING TENDER NO.UIHEP-12/2023-24 DATED 30.06.2023

**No.CAD-1107:**Sealed Tenders are invited in two part i.e. (i) Techno Commercial Bid & (ii) Price bid in separate sealed envelopes from the reputed manufacturers/authorized dealers/ channel partners/ reputed suppliers for supply of the materials as mentioned below.

| Description of Work | Cost of tender paper (Non-refundable) in Rs. | EMD in shape of DD/ Banker's Cheque (Refundable in Rs.) | Period of sale/download of tender document | Last date & time of receipt of tender | Date & Time of opening of Techno Commercial Bid |
|---|---|---|---|---|---|
| Procurement of Hot Weather Contingency for UIHEP, Mukhiguda | 708/- (inclusive of GST @ 18%) | 2,100/- | From 06.07.2023 to 19.07.2023 upto 12.00 Hrs. | 19.07.2023 (upto 13.00 Hrs.) | 19.07.2023 at 16.30 Hrs. |

For details of the tender documents, terms and conditions please visit our website www.ohpcltd.com
**OIPR-04008/11/0016/2324** **Sd./- C&P Head, UIHEP, Mukhiguda**



## DIRECTORATE OF MEDICAL EDUCATION & TRAINING, ODISHA

### NOTICE

ADMISSION INTO BASIC BSC NURSING COURSE THROUGH ENTRANCE EXAMINATION

**No. 9044** **Dt.19.06.2023**

No. E-213: As per the notification issued by INC on dated 08.06.2023, all the students of Basic B.Sc. Nursing Course shall be admitted only if they qualify in the Entrance Examination, conducted by the State Nursing Selection Committee, Odisha. If any candidate will not qualify the Entrance Examination, then the conerned candidate shall not be allowed to take admission into Basic B.Sc. Nursing Course for the academic session 2023-24 in Govt. Counseling/Management Quota.
This is the information for all concerned.

**Sd./- Convener**
**State Nursing Selection Committee, Odisha**
**OIPR-10211/11/0006/2324**



## GOVERNMENT OF ODISHA
No.O-286

OFFICE OF THE SUPERINTENDING ENGINEER
RURAL WORKS DIVISION, GAJAPATI, PARALAKHEMUNDI

e-mail: rwd_gajapati@yahoo.co.in

**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 02/GJP/2023-24**

| | | | |
|---|---|---|---|
| 1. | Name of the Work | : | Road works |
| 2. | Total No. of Work | : | 15 (Fifteen) Nos. of Road works |
| 3. | Estimated Cost | : | Rs.5.04 lakhs to 36.13 lakhs |
| 4. | Class of Contractor | : | 'D' & 'C' Class Contractor & 'C' & 'B' Class Contractor |
| 5. | Period of Completion | : | Furnished in Annexure |
| 6. | Availability of Tender Online for Bidding | : | 17.07.2023 at 10.00 AM to 24.07.2023 up to 5.30 PM |
| 7. | Date and Time of Opening of Tender | : | 25.07.2023 at 11.30 AM |
| 8. | Place of Opening | : | As per Annexure |

Further details can be seen from the Website **www.tenderorissa.gov.in**

**Sd./- SUPERINTENDING ENGINEER**
OIPR-25158/11/0003/2324 **R.W. DIVN., GAJAPATI**

# ଶେଷ ରଶ୍ମି



**କାଳିନ୍ଦୀଚରଣ ପାଣିଗ୍ରାହୀ** ଓଡ଼ିଆ ଭାଷାରେ ଜଣେ ଅସାମାନ୍ୟ, ଯୁଗନ୍ଧର ଭାରତୀୟ ଲେଖକ। ଛାତ୍ରାବସ୍ଥାରେ 'ସବୁଜ ସମିତି' ଗଠନ କରି ପାଞ୍ଚଜଣ ସତୀର୍ଥ ଯେଉଁ କବିତା ରଚନା କରିଥିଲେ, ତାହା ଓଡ଼ିଆ କବିତାର ଗତିପଥକୁ ଭିନ୍ନ ମୋଡ଼ ଦେଇଥିଲା। 'ସବୁଜ କବିତା' ଓ 'ବାସନ୍ତୀ' ଉପନ୍ୟାସର ସେ ଥିଲେ ଉଲ୍ଲେଖନୀୟ ଭାଗୀଦାରି ଲେଖକ। 'ମାଟିର ମଣିଷ' (୧୯୩୧) ଉପନ୍ୟାସ ରଚନା କରି ଫକୀରମୋହନଙ୍କ ପରେ ଓଡ଼ିଆ ଉପନ୍ୟାସରେ ସେ ଏକ ନୂଆ ମାଇଲ୍‌ଖୁଣ୍ଟ ପୋତିଥିଲେ। ହେଉ କବିତା, ଗଳ୍ପ, ଉପନ୍ୟାସ ବା ନାଟକ– କାଳିନ୍ଦୀ ଥିଲେ ଏସବୁ ସାହିତ୍ୟଧାରାର ନିୟତ କ୍ରିୟାଶୀଳ ଦୀନ, ନିପୀଡ଼ିତର ଅଭୀକ ସ୍ୱର। ୨ ଜୁଲାଇ ୧୯୦୧ରେ ଅବିଭକ୍ତ ପୁରୀ ଜିଲାର ବିଶ୍ୱନାଥପୁର ଗ୍ରାମରେ ତାଙ୍କର ଜନ୍ମ ଓ ପରଲୋକ ୧୫ ମେ ୧୯୯୧ରେ, କଟକରେ। ତାଙ୍କରି ମହାନ୍ ସ୍ମୃତିରେ 'କାଳିନ୍ଦୀ–କକ୍ଷ'ରେ ଉପସ୍ଥାପିତ ଲେଖକଙ୍କର ଏକ ଅଭୁଲା ଗଳ୍ପ 'ଶେଷ ରଶ୍ମି' ଓ କବିତା 'ସନ୍ଧ୍ୟା ପଥେ'...

**କାଳିନ୍ଦୀ-କକ୍ଷ**

"ସରମା!"
"ଶଙ୍କର!"
"ତୁମର ବୟସ କେତେ?"
"ଜାଣିଛ ତ – ଷାଠିଏ ପୂରି–"
"ହଁ, ଜାଣିଛି– ତୁମେ ବୃଦ୍ଧା – ଆଉ ମୁଁ?"
"ତୁନି ହୁଅ– ଆଉ ଗପି ପାରୁ ନାହିଁ–"
"ନା, ଗପି ପାରୁନାହିଁ, ସରମା– କିନ୍ତୁ ଏ ଯେ ମୋର ଶେଷ ଗପ!"
"ଆଉ ମୋର– ?"
"ନା, ନା, ତୁମର ନୁହେଁ– ତୁମର ଡାକ ଆସି ନାହିଁ– ଜୀବନକୁ ଅଧିକ–"
"ଅଧିକ କ'ଣ?"
"ଉପଲବ୍ଧି–"
"ଆଉ ଉପଲବ୍ଧି କରିବାକୁ ଅଛି!"
"ଅବଶ୍ୟ। ତୁମର ଯେ ଡାକରା ଆସି ନାହିଁ–"
"ହଁ, ଆସିନାହିଁ– କିନ୍ତୁ ଜୀବନକୁ ଆଉ କି ଉପଲବ୍ଧି କରିବାକୁ ଅଛି! – ରସାତଳଗାମୀ–"
"ଛି, ଛି, ଥାଉ, ଥାଉ, ମୁଁ ମଧ୍ୟ ସେହିପରି–"
"ତୁମେ କ'ଣ? ତୁମେ ତ ପୁରୁଷ– ମୁଁ ଯେ ନାରୀ– ନାରୀର ଧର୍ମ–"
"ଆଉ ପୁରୁଷର କ'ଣ ଧର୍ମ ନାହିଁ, ନାରୀ!"
"ପୁରୁଷର ଧର୍ମ ଅଲଗା– ନାରୀର ପ୍ରଭୁ ପୁରୁଷ– ନାରୀ ପୁରୁଷ–ନାରୀ ପୁରୁଷର ପ୍ରଭୁ ନୁହେଁ।"
"ପ୍ରଭୁର କଥା ନୁହେଁ, ସରମା! ପୁରୁଷ ନାରୀର ଦେବତା– ନାରୀ ପୁରୁଷର ଦେବୀ। ନାରୀ– ପୁରୁଷର ରାଜ୍ୟ, ଦେବତାର ରାଜ୍ୟ–ସ୍ୱର୍ଗ। ମୁଁ ପିଶାଚୀ ରାଜ୍ୟରୁ ଆସି ସେହି ଦେବୀର ପୂଜା କରିଛି।"
"କିନ୍ତୁ ଶଙ୍କର! ମୁଁ ଯେ ସେହି ପିଶାଚୀ–" (ଗଦ୍‌ଗଦ୍ ସ୍ୱରରେ)
"ଆ, ସେ ପୁଣି କ'ଣ–ତୁମେ ଯେ ଦେବୀ– ମୋର ଜୀବନର ମରଣର–"
"ଥାଉ, ଥାଉ–(ସଲୋତକ)
"ସରମା!"
"ପାଣି ଟିକିଏ ଦେବି?"
"ନାହିଁ ନାରୀ! ଓହୋ, କି ଦୟା! କି ସେବା।"
"କ'ଣ ଗୁଡ଼ାଏ ଗପୁଛ!"
"ସରମା! ଏ କିଏ?"
"କାହିଁ? କେହି ତ –"
"ଏହି ଯେ ସମ୍ମୁଖରେ–"
"ନା, କେହି ନାହିଁ।"
"ସମୟ ଆସେ, ତୁମେ ଯାହା ଦେଖ, ମୁଁ ତାହା ଦେଖେଁ ନାହିଁ, ମୁଁ ଯାହା ଦେଖିପାରେଁ, ତୁମେ ତାହା ପାର ନାହିଁ– ସେହି ସମୟ ମୋର ଆସିଛି।"
"କ'ଣ ଏ ସବୁ?"
"ଏହି ଯେ, ସେହି ଅସ୍ପଷ୍ଟ ଛାୟା– ଅଧୀର ଲୋତକରାଶିରେ ହାସ୍ୟର ମୃଦୁରେଖା! – ମୋ ଜୀବନର ଠିକ୍ ପ୍ରତିଛବି!"
"କପାଳରେ ଟିକିଏ ପାଣି ଦିଏଁ–"
"ବୁଝିପାରୁନାହିଁ ସରମା– ମୁଁ ନିରୀକ୍ଷଣ କରି ଦେଖୁଛି, ମୋର ଜୀବନ ଗୋଟାକ ଠିକ୍ ଏହିପରି କରୁଣ ବିଳାପ ମଧ୍ୟରେ ହସିଛି– କିନ୍ତୁ ଶେଷ ମୁହୂର୍ତ୍ତରେ– ଆହା!"
"ଓଃ, ତୁମ କପାଳଟା ଅତିରିକ୍ତ ଗରମ!"
"ଶେଷ ମୁହୂର୍ତ୍ତଟି ସରମା, ଏହି ହାସ୍ୟ–ଅଶ୍ରୁଳମିଶା ମଧୁରତାରେ–"
"ଜଳପଟିଟା କ୍ଷଣକରେ ତପ୍ତ ହୋଇ ଉଠୁଛି!"
"ଏହି ମଧୁରତାରେ ପରିପୂର୍ଣ୍ଣ – ଏହି ଅନ୍ତିମ ହାସ୍ୟରେଖାଟି ମୃତ୍ୟୁର କଷାଘାତରେ ନିଭିବ ନାହିଁ..."
"ତୁମ ଜୀବନ– କିପରି– କହ ସରମା– ନା, କହିବାକୁ ହେବ!"
"ମୋ ଜୀବନର ସହସ୍ର କ୍ଷତି ଯେ ପୂର୍ଣ୍ଣ ହୋଇ ଉଠୁଛି।"
"ଆହା! ହଁ ସରମା– ତୁମର ଏହା କହିବାର ଅଧିକାର ଅଛି– ତୁମେ ଯେ ଯୁବତୀ ନୁହଁ, ପ୍ରୌଢ଼ା ନୁହଁ, ବୃଦ୍ଧା ନୁହଁ– ଚିରନ୍ତନୀ ନାରୀ!"
"ନାରୀର ପୁଣି ଅଧିକାର କ'ଣ, ଶଙ୍କର?" (ଅଶ୍ରୁମୋଚନ)
"ପୁରୁଷ ଉପରେ ନାରୀର ଅଧିକାର, ପାପ ଉପରେ ପୁଣ୍ୟର ଅଧିକାର; ମୃତ ଉପରେ ଅମୃତର ଅଧିକାର, ଦେହ ଉପରେ ପ୍ରାଣର ଅଧିକାର– ମନ ଉପରେ ଜ୍ଞାନର, ଈର୍ଷା ଉପରେ ପ୍ରେମର!"
"ହଁ, ଏହା ସ୍ୱୀକାର କରିବା ପୁରୁଷର ଔଦାର୍ଯ୍ୟ, ପୁରୁଷର ମହତ୍ତ୍ୱ।"
"ନା, ନା, ଏହା ମୃତ୍ୟୁଠାରୁ ଅଧିକ ସତ୍ୟ, ସରମା! ଏହି ଯେ ସେହି ଛାୟାମୂର୍ତ୍ତି।"
"ଏ ପୁଣି କ'ଣ– ଓଃ, ମୁଣ୍ଡଟି ତମର ଅତ୍ୟନ୍ତ ଉତ୍ତପ୍ତ।"
"ସରମା– ସେହି ଛାୟା ମୋ ଦିଗକୁ ଯେ ଗତିକରୁଚି– ତୁମେ ନିକଟକୁ ଆସ।"
"ମୁଁ ତ ନିକଟରେ।"
"ନା, ନା, ତୁମେ ଅନେକ ଦୂରରେ– ଅ–ନେ–କ। – କିଏ ତୁମେ ଛାୟା... ?"
"ମୃତ୍ୟୁ!"
"ମୃତ୍ୟୁ!" କାହାର ମୃତ୍ୟୁ?"
"ବିଶ୍ୱ ଚରାଚରର।"
"ବେଶ୍! ମୋହ ପ୍ରତି ସୁଦୟା? –ହାତରେ କ'ଣ?"
"ପରୋୟାନା!"
"ସମୟ ହୋଇଛି? ବେଶ୍ ତ, ଏ ଉପହାସ ବ୍ୟଞ୍ଜକ ହାସ୍ୟ କାହିଁକି? ଜୀବନ ତ ମୋର ଗର୍ବଶୂନ୍ୟ ନୁହେଁ– ଗୌରବହୀନ ନୁହେଁ– ସରମା!"
"ତୁମେ ଏତେ ବେଳଯାକେ ଡାକିଲେ ନ ଶୁଣିଲ କାହିଁକି?"
"ମୋର ଯେ ଅନ୍ୟ ଜଣକର କଥା ଶୁଣା ସରି ନ ଥିଲା। ହଁ, ସରମା! ମୁଁ ଜୀବନରେ ଦେବୀର ସନ୍ଧାନ କରିବାକୁ ଯାଇ ପିଶାଚୀର ଗର୍ତ୍ତରେ ପଡ଼ିଛି– କିନ୍ତୁ ଶେଷ ମୁହୂର୍ତ୍ତରେ ତୁମେ–"
"ମୁଁ ତ ଏହି ବ୍ୟର୍ଥ ଜୀବନର କ୍ଷତ କାହାଣୀ–"
"ହଁ ସରମା, ସବୁ କହିଛ– କିନ୍ତୁ–"
"କିନ୍ତୁ ଆଉ କ'ଣ– ଏ ଦେହ ତ ଗୃଧ୍ରଶୃଗାଳମୁଖରେ ମେଲିଦେଇଛି, ଏ ଜୀବନ ତ ନରକର–"
"ଛି, ଛି, ସେ ସବୁ ପୁଣି ସରମା– !"
"ନା, କହିବି ନାହିଁ।"
"ସରମା! ନିକଟକୁ ଆସ।"
"ମୋର ଏହି ଅଶୁଚି ଶରୀର–"
"ସରମା!"
"ହଁ, ନିକଟକୁ ଆସିଛି।"
"ଏହି ତୁମର ହାତ– ଆହାଃ! କି ସୁନ୍ଦର ଏହି ଅଙ୍ଗୁଳିଗୁଡ଼ିକ– ଦିନେ ଏହାର କୋମଳତା, ଏହାର ମାଧୁରୀ–"
"ଦେଖାଯାଉଥିଲା ଏସ୍‌ରାଜର ଲାଲ ତାର ଉପରେ –"
"କାଳର କ୍ରୂର ପ୍ରହାରରେ ଏ ଅଙ୍ଗୁଳି କଠିନ– ଏ ଚର୍ମ ଲୋଳିତ–"
"ଟିକିଏ ନିଦ୍ରା ଯାଅ ଶଙ୍କର!"
"ପ୍ରଭାତ–କମଳ ପରି ଏହି ତୁମର ପଲ୍ଲବ ପଦଯୁଗଳ ଯେଉଁ ଭୂମିକୁ ସ୍ପର୍ଶ କରିଥିବ–"
"ନୃତ୍ୟର ତାଳେତାଳେ ସେ ଭୂମିକୁ ଚଞ୍ଚଳ କରି ତୋଳିଛି– ହାଟ ବଜାରର କ୍ରୀଡ଼ାର ସାମଗ୍ରୀ–"
"ଏତେ ଦିନ କାହିଁ ରହିଲ, ସରମା– ଏହି ଶେଷ ମୁହୂର୍ତ୍ତରେ..."
"ନିଦ୍ରା ଆସୁ ନାହିଁ?"
"ହଁ ଆସୁଛି, ସରମା– ଏହି ମହାନିଦ୍ରା– ଅସ୍ପଷ୍ଟ ଅନ୍ଧକାର– ବିରାଟ– ଅସୀମ! କିନ୍ତୁ ତାହାରି ମଧ୍ୟରେ ତୁମରି ପୁଣ୍ୟ ଜୀବନର ସ୍ନିଗ୍ଧ ମଧୁର ରଶ୍ମିରେଖା! – ଏହି ଯେ! – ପୁଣି ସେହି ଅସ୍ପଷ୍ଟ ଛାୟାମୂର୍ତ୍ତି!"
"ଶରୀରର ଉତ୍ତାପ କ୍ରମେ ବଢ଼ିଯାଉଛି!"
"ସରମା!"
"ଏ କ'ଣ! ତୁମ ପାଦତଳ ଏପରି ସିକ୍ତଶୀତଳ ହୋଇ ଉଠୁଛି କାହିଁକି?"
"ସରମା, ତୁମେ ଏତେ ଦୂରରେ କାହିଁକି – ନିକଟକୁ–"
"ତୁମ ପାଦତଳେ ପରା ବସିଛି!"
"ହାଃ ମୋର ପୁଣି ପାଦ କିଏ? କ୍ଷଣ! ପରେ ଏ ଦେହ, ଏ ପାଦକୁ ଚିହ୍ନିପାରିବି ନାହିଁ– ମୋ ପାଦ ଦେଖ– ତାହା ତ ଚଳାଇବାକୁ ମୋର ଶକ୍ତି ନାହିଁ, ସରମା!"
"କାହିଁକି?"
"କାହିଁକି! ସେ ଯେ ଅତି ମୁକ୍ତଗୋପନ କଥା– ଆସ ସରମା, ତୁମ କର୍ଣ୍ଣ ନିକଟରେ କହିଦିଏ?–"
"ଏ ଗଣ୍ଡ ଯେ ସ୍ୱଚ୍ଛ ନୁହେଁ ଶଙ୍କର– ଏହା ଯେ ଶତକଳୁଷରେ ହୀନପ୍ରଭ!"
"କାହିଁ ସରମା! ଏ ସବୁ ମୁଁ ଯେ କିଛି ଦେଖିପାରୁ ନାହିଁ– ଏହି ଯେ ତୁମର ଚିକୁରଦାମରେ ନୀଳଢେଉ ଖେଳି ଉଠୁଛି– ତୁମର ଚାରୁ ଭ୍ରୂଲତା ଚଞ୍ଚଳ– ଚକ୍ଷୁପଲ୍ଲବ ସଜଳ– କମ୍ପିତ ପଲାଶ–ଅଧର, ଭ୍ରୂଭଙ୍ଗ ବକ୍ର–ଗ୍ରୀବା– ଆଉ ଏହି ଚୁମ୍ବନ! ଆହା ପ୍ରିୟେ, ଏହି ଯେ ତୁମର କପୋଳଦେଶ ଲୋହିତ ହୋଇଉଠୁଛି– ସେ ଯେ ପୁରବୀ ରାଗର ଶେଷ ରଶ୍ମି!"

## ସନ୍ଧ୍ୟା ପଥେ

**ସ**ନ୍ଧ୍ୟା ଆସେ
ସବୁଜ ଘାସେ
ପକାଇ ଚାରୁ ଛାୟା
ଆଷାଢ଼ ମେଘ ଆକାଶେ ରଚେ ମାୟା।
ଆମ୍ରବନେ
ପରଶେ ବାଆ
ଉଦାସ ତା'ର ଗତି
ଏ ଘରେ ଆଜି ଜଳିଲା ନାହିଁ ବତୀ!
ଅନ୍ଧକାରେ
ମୋ ପାଶେ ବସି
ଗାଇଲ କିଏ ଗୀତ
ସ୍କନ୍ଧେ ରଖି ପରଶ–ନବନୀତ!
ଗାଇଲ ଗୀତ
ଥରାଇ ତନୁ
ଗାଇଲ ଗୁଣୁଗୁଣୁ!
ଆମ୍ରବନେ ନୂପୁର ରୁଣୁଝୁଣୁ!
ଅନ୍ଧକାର
ଆସଇ ଧୀରେ
ଉଦାସ ତା'ର ଗତି
ଏ ଘରେ ଆଜି ଜଳିଲା ନାହିଁ ବତୀ!
ବିଶ୍ୱରାଶି
ନିଭାଇ ଦେଇ
ଆସିଲା ଘୋଟି ତମ
ସମ୍ମୁଖରେ ଡାହାଣ ବାମେ ମମ!
ନିଭିଲା ଦୂର
ଶଇଳ–ଚୂଡ଼ା
କାନନ ଗଲା ଭାସି
ଅରୂପ ହେଲା ଧରାର ରୂପରାଶି।
ସକଳ ଦୂର
ନିକଟ ହେଲା
ନିବିଡ଼େ ଗଲା ଛୁଇଁ
ସବୁଜ ଗିରି କାନନ ନଦୀ ଭୂଇଁ।
ଏ ଦେହ ମୋର
ନିଭିଲା ଏଥି
ଜଣାଇ କା'ରେ ନତି
ନାହିଁ ନା ଲୋଡ଼ା ନ ଜଳୁ ଆଜି ବତୀ!
ଅନ୍ଧକାରେ
ଗନ୍ଧ କା'ର
ଆସିଲା ଏଥି ଛୁଟି
ଚରଣ କା'ର କମଳ ସମ ଉଠିଲା ଆହା ଫୁଟି!
ସନ୍ଧ୍ୟାପଥେ
ଚରଣ ଚାଳି
ରୂପସୀ କେଉଁ ବାଳୀ
ଲୁଚାଏ ରୂପ ମୃତ ପ୍ରଦୀପ ଜାଳି।
---

**ପୁସ୍ତକ ପରିଚୟ**

## ମନୋଜୀୟ ଅଭୀପ୍‌ସା



**ଲେଖକ:** ମଣୀନ୍ଦ୍ର କୁମାର ମେହେର
**ପ୍ରକାଶକ:** ବିଦ୍ୟାପୁରୀ, ବାଲୁବଜାର, କଟକ–୨
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ. ୧୨୦/–

ଆଲୋଚ୍ୟ ଗ୍ରନ୍ଥଟି ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ଦ୍ୱାରା ପ୍ରଖ୍ୟାତ ଲେଖକ ମନୋଜ ଦାସଙ୍କ ସାଧନା ଓ ସାହିତ୍ୟକୃତିକୁ ନେଇ ରଚିତ। ଏଥିରେ ମୋଟ ପନ୍ଦରଟି ପରିଚ୍ଛେଦ ରହିଛି। ସେଥିରେ ଆଧ୍ୟାତ୍ମିକ ସାଧନାର ଜଗତରେ ମନୋଜ ଦାସ, ଦୁଇଟି ସମୁଦ୍ରକୂଳର ନୀଳାଭ ଚେତନା: ମନୋଜ ଦାସ, ମଧୁବନର ମେୟର ଓ ଅନୁତପ୍ତ ମନୋଜ, ଦିବ୍ୟ ସାନ୍ତ୍ୱନାର ସଂକେତ: ମନୋଜ ଦାସ, ମନୋଜ ଦାସଙ୍କ 'ଉପନିବେଶ': ଏକ ଅନ୍ତଃପ୍ରବେଶ, ଅତିନ୍ଦ୍ରୀୟ ଜଗତରେ ମନୋଜ ଦାସ, ମନୋଜଙ୍କ ମହାନତା, ଶ୍ରୀଅରବିନ୍ଦଙ୍କ ଭାବନା–କାରିକାର ବ୍ୟାଖ୍ୟାକାର ମନୋଜ ଦାସ, ଗଙ୍ଗାଧର ମେହେର ଓ ମନୋଜ ଦାସ, ଉତ୍କଳୀୟ ଚେତନାର ଉଚ୍ଛ୍ୱାସ: କବିତା ଉତ୍କଳ, ମନୋଜ ପ୍ରତିଭାର ଅନବଦ୍ୟ ଅବଦାନ: 'ସାବିତ୍ରୀ' ଅନୁବାଦ, ମନୋଜ ଦାସଙ୍କ ଶେଷ ବସନ୍ତର ଅଭୁଲା ଚିଠି, ରାଣ୍ଡୀପୁଅ ଅନନ୍ତା ଓ ଯାଆଁଳା ଘାଇର କୂର୍ମ: ଏକ ତୁଳନାତ୍ମକ ଅନୁଭବ, ଫକୀରମୋହନ ଓ ମନୋଜ ଦାସ ଆଦି ନୂତନ ଦୃଷ୍ଟିଭଙ୍ଗୀ ସମ୍ପନ୍ନ ଲେଖାଗୁଡ଼ିକ ମଣୀନ୍ଦ୍ରଙ୍କ ମନୋଜ–ଅଧ୍ୟୟନ ଓ ସ୍ୱ–ମନୀଷାର ସମନ୍ୱିତ ରୂପ ବୋଲି କହିହେବ। ଗ୍ରନ୍ଥର ପ୍ରାରମ୍ଭରେ ଲେଖକ ମେହେର କହିଛନ୍ତି: "ବିଭିନ୍ନ ସମୟରେ ମନୋଜଙ୍କ ଅନ୍ତର୍ଜଗତ ମଧ୍ୟକୁ ପ୍ରବେଶ କରିବାବେଳେ ଯେଉଁଠି ଅନନ୍ୟ ଅନୁଭୂତି ଲାଭ କରିବା ସମ୍ଭବ ହୋଇଛି, ତାହାରି ଆଧାରରେ ଏ ପୁସ୍ତକରେ ସଂକଳିତ ପ୍ରବନ୍ଧଗୁଡ଼ିକ ରଚିତ।" (ଅଭୀପ୍‌ସାର ଉତ୍ତରଣ) 'ଆଧ୍ୟାତ୍ମିକତା'ର ପଥରେ ମନୋଜଙ୍କ ସ୍ରଷ୍ଟା ଜୀବନଯେ ପ୍ରତି ପଦପାତରେ ଏକ ଉତ୍ତରିତ ଆରୋହଣ, ବହିଟି ପଢ଼ିଲେ ପାଠକେ ଏହା ଅବଶ୍ୟ ଅନୁଭବ କରିବେ।

## ଚର୍ଯ୍ୟାଗୀତି ପର୍ଯ୍ୟାବଲୋକନ



**ଲେଖକ:** ଡ. ଅଲେଖ ଚନ୍ଦ୍ର ପଢ଼ିଆରୀ
**ପ୍ରକାଶକ:** ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ. ୧୫୦/–

'ଚର୍ଯ୍ୟାଗୀତି'କୁ ଓଡ଼ିଆ ଭାଷାର ଏକ୍ତୁଡ଼ିଶାଳ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହାର ଭାଷା ଏପରି ବିଚିତ୍ରଯେ ବିଭିନ୍ନ ଭାରତୀୟ ଭାଷା ବିଶେଷକରି ଓଡ଼ିଆ, ବଙ୍ଗଳା ଓ ଅହମିୟା ଭାଷାର ସମାଲୋଚକମାନେ ଏଥିରେ ନିଜ ଭାଷାର ମୂଳ ସନ୍ଧାନ କରିଛନ୍ତି। ଓଡ଼ିଆ ଭାଷାର ପ୍ରତିଷ୍ଠିତ ଗବେଷକମାନେ 'ଚର୍ଯ୍ୟାଗୀତିକା'ର ଆଲୋଚନା କାଳରେ ଶବ୍ଦର ସ୍ୱରୂପ, ପ୍ରୟୋଗ ରୀତି, ସାଂସ୍କୃତିକ ବୈଶିଷ୍ଟ୍ୟ ଆଦି ଦୃଷ୍ଟିରୁ ଏହାର ଭାଷାକୁ ଓଡ଼ିଆ କବିଙ୍କର କୃତି ବୋଲି ପ୍ରମାଣିତ କରିବାର ଉଦ୍ୟମ କରିଛନ୍ତି। ଏହି ପଥରେ ଆଲୋଚ୍ୟ ଗ୍ରନ୍ଥଟି ଏକ ମୂଲ୍ୟବାନ ଅଗ୍ରସର ବୋଲି କୁହାଯାଇ ପାରିବ। 'ପ୍ରସ୍ତାବନା'ରେ ପ୍ରକାଶନ ସଂସ୍ଥାର ନିର୍ଦ୍ଦେଶକ ଲେଖିଛନ୍ତି: "ସାଂସ୍କୃତିକ ପରିମଣ୍ଡଳ, ଧାର୍ମିକ ଚେତନା, ଭାଷାତାତ୍ତ୍ୱିକ ପ୍ରୟୋଗ ଓ ସଂଗୀତ ଶାସ୍ତ୍ରୀୟ ପ୍ରୟୋଗ କୌଶଳ ଆଧାରରେ ଏହି ବିଚାର, ଦୃଷ୍ଟିକୋଣ, ଆଲୋଚନା, ଅନୁଶୀଳନ ଦ୍ୱାରା ଡ. ପଢ଼ିଆରୀଙ୍କ ପ୍ରସ୍ତୁତ 'ଚର୍ଯ୍ୟାଗୀତି ପର୍ଯ୍ୟାବଲୋକନ' ଏକ ଉପାଦେୟ ଗ୍ରନ୍ଥ ହେବାର ଅପେକ୍ଷା ରଖେ।" ମୁଖବନ୍ଧରେ ଲେଖକ କହିଛନ୍ତି: "ଚର୍ଯ୍ୟାଗୁଡ଼ିକରେ ଥିବା ଦେଶଜ, ଗ୍ରାମୀଣ, ଖାଣ୍ଟି ଓଡ଼ିଆ ଶବ୍ଦ, ଓଡ଼ିଆ ବ୍ୟାକରଣର ସନ୍ନିବେଶିତ ଦିଗକୁ ବିଶ୍ଳେଷଣ କରି ଏହାକୁ ଓଡ଼ିଆ କୁହାଯାଇ ପାରିବ।" ଗ୍ରନ୍ଥରେ 'ଚର୍ଯ୍ୟାଗୀତି'କୁ ଓଡ଼ିଆ ଭାଷାର ଏକ ମହତ୍ତ୍ୱପୂର୍ଣ୍ଣ ନମୁନା ସାବ୍ୟସ୍ତ କଲାବେଳେ ଡ. ପଢ଼ିଆରୀଙ୍କର ତଥ୍ୟନିଷ୍ଠ ଏଷଣା ଯୁକ୍ତିନିଷ୍ଠ ମନେହୁଏ। ଆଶା, ବହିଟି ଆମ ଭାଷା–ସାହିତ୍ୟର ମୌଳିକ ଗବେଷଣା ପରିସରକୁ ସମୃଦ୍ଧ କରିବ।

**କାଳକାଳକୁ**



**"ଶବ୍ଦ ଭାବକୁ ଭଲଭାବେ ପ୍ରକାଶ କରିପାରେ ନାହିଁ। ପ୍ରଯୁକ୍ତ ହେବାମାତ୍ରେ ବିକୃତ ବା ନିର୍ବୋଧ ପାଲଟି ଯାଆନ୍ତି।"**
**– ହରମାନ୍ ହେସ୍**

**ହରମାନ୍ ହେସ୍‌**ଙ୍କ ଜନ୍ମ ୨ ଜୁଲାଇ ୧୮୭୭ରେ ଓ ପରଲୋକ ୯ ଅଗଷ୍ଟ ୧୯୬୨ରେ। ପ୍ରଖ୍ୟାତ ଏହି ଜର୍ମାନ୍–ସୁଇସ୍ ଲେଖକ ଏକାଧାରରେ କବି, ଔପନ୍ୟାସିକ ଓ ଚିତ୍ରଶିଳ୍ପୀ। ହେସ୍‌ଙ୍କ ସାହିତ୍ୟ ହିନ୍ଦୁ ଓ ବୌଦ୍ଧ ଦର୍ଶନ ଦ୍ୱାରା ପ୍ରଭାବିତ। ତାଙ୍କର ଚର୍ଚ୍ଚିତ ଗ୍ରନ୍ଥଗୁଡ଼ିକ ମଧ୍ୟରେ 'ସିଦ୍ଧାର୍ଥ', ଷ୍ଟିଫେନ୍ ଓଲ୍‌ଫ ଓ ଡେମିଆନ୍ ପ୍ରଭୃତି ପ୍ରଧାନ। ସାହିତ୍ୟକୁ ଅବିସ୍ମରଣୀୟ ଅବଦାନ ପାଇଁ ତାଙ୍କୁ ୧୯୪୬ରେ ମିଳିଛି 'ଗ୍ୟେଟେ ପୁରସ୍କାର' ଓ 'ନୋବେଲ ପୁରସ୍କାର'। ୧୯୫୫ରେ ମିଳିଛି ଜର୍ମାନ୍ ପୁସ୍ତକ ବିପଣନର ଶାନ୍ତି ପୁରସ୍କାର। ସେ କହନ୍ତି: "ମୁଁ ମୋ' ଜୀବନର ଅର୍ଥ ବା ଅର୍ଥହୀନତା ପାଇଁ ଦାୟୀ ନୁହେଁ, କିନ୍ତୁ ମୋତେ ମିଳିଥିବା ଜୀବନକୁ ନେଇ ମୁଁ କ'ଣ କରୁଛି, ଏଥିପାଇଁ ନିଶ୍ଚୟ ଦାୟୀ। ଆହୁରି କହନ୍ତି: ଯିଏ କୋଳାହଳ ବଦଳରେ ସଂଗୀତ, ଖୁସି ବଦଳରେ ଆନନ୍ଦ ଏବଂ ବ୍ୟବସାୟ ବଦଳରେ ସୃଜନକର୍ମ ପ୍ରତି ଆଗ୍ରହୀ ହୁଏ, ଏ ତୁଚ୍ଛ ଦୁନିଆରେ ତା' ପାଇଁ ଜାଗା ଟିକେ ନ ଥାଏ।"

**କବିତା**

## ସମୟ ସହ ସନ୍ଧି

**ମନୀଷା ପଣ୍ଡା**

**ଖୁ**ବ୍ ଖେଳାଏ ଏ ସମୟ,
ମନକୁ ଫ୍ରକ୍ ପିନ୍ଧାଇ ଘେରେ ବୁଲାଇ ଆଣେ
ସାରା ବଗିଚାରେ ଠିକ୍ ପ୍ରଜାପତି ଭଳି
ଲୁଚିଯାଏ ପୁଣି ରଙ୍ଗବେରଙ୍ଗ ଫୁଲ ଭିତରେ
କେତେବେଳେ ଖୁବ୍ ଖେଳେ ବାଲିଘର ତୋଳି
ବୋହୂବୋହୂକା ଶୈଶବର ଦାଣ୍ଡରେ।

ଅଜାଣତେ ପହଞ୍ଚିଯାଏ
କେଉଁଠି କେଜାଣି?
କୈଶୋର ରାସ୍ତାରେ ଖୁବ୍ ଝୁମିବା ବେଳେ,
ପ୍ରକୃତିର ମାଦକତାରେ
ଦୁନିଆ ଦିଶେ ଖୁବ୍ ରଙ୍ଗିନ୍
ପ୍ରେମ ଆଉ ବନ୍ଧୁର ପଥରେ।

ଏ କ'ଣ ଖସିଗଲା ପାଦ!
କଚାଡ଼ି ହୋଇ ପଡ଼ିବା ପରେ,
ତେଲ ଲୁଣ ସଂସାରର ଦାଉ ସାଙ୍ଗକୁ
କର୍ତ୍ତବ୍ୟର ଭାରି ବୋଝ ଲଦିଦେଇ
କୁବ୍ଜ କରିଦିଏ ଗ୍ରାହ୍ୟସ୍ଥର ପରାଭବ।

କର୍ତ୍ତବ୍ୟର ଅଙ୍କୁଶରେ
ମାହୁନ୍ତ ଅନବରତ କେଞ୍ଚୁଥାଏ
ମତ୍ତହସ୍ତୀକୁ।

ଅନେକ ଭୋଗିଲା ପରେ
ଅଜାଣତେ ଆକର୍ଷିତ ହୁଏ
ଦୀପଶିଖା ଆଡ଼କୁ
ମିଞ୍ଜିମିଞ୍ଜି ଉଠୁଥାଏ ପଡ଼ୁଥାଏ
ଜୀବନର ଉତ୍ଥାନ ପତନ
ଯେମିତି ଘଡ଼ିକି ଘଡ଼ି।

ଶେଷରେ ପାଲଟି ଯାଇ
ପକ୍ଷହୀନ ଝରିପୋକ
ପଡ଼ିଥାଏ ସେଇ ବତି ତଳେ
ପରିଧି ଭିତରେ,

ମାୟାଠାରୁ ପରାଜିତ ପରେ
ସମୟ ସହ ହୋଇଯାଏ ସନ୍ଧି
କିଛି ମୁହୂର୍ତ୍ତ ପୂର୍ବରୁ
ବାସ୍...
ଫେରିବା ବେଳରେ।
ମୋ: ୮୨୪୯୬୮୬୦୯୩

## ପ୍ରଭେଦ

**ବିଜୟଲକ୍ଷ୍ମୀ ପଟ୍ଟନାୟକ**

**ସେ**ହି ପ୍ରଗଳ୍‌ଭା ନାରୀଟିକୁ ଦେଖ
ଯେ ବିଞ୍ଚଣା ଭଳି
ଘୂରିବୁଲୁଛି ଘରସାରା,
ତା' ପଥର ଛାତିକୁ ଦେଖ
କେମିତି ପା'ପୋଛ କରିଦେଇଛି
ଦୁଆର ମୁହଁର।
ତା' ଜୁଇକୁ ଉଖାରି ଦେଖ
କେମିତି ଡହଡହ ଡହକୁଛି ନିଆଁ
ପାଉଁଶ ତଳର।

ବିଶ୍ୱାସ କରନ୍ତୁ ଯଦି ମୋ' କଥାକୁ
ନିଶ୍ଚଳ ପଥର ପରି
ନିଃସ୍ତବ୍ଧ ଅନ୍ଧାରରେ ବସି
ଗୁମୁରି ଗୁମୁରି କାନ୍ଦୁଥିବା
ମୋ' ବୋଉକୁ ଦେଖ,
ଦିନର ଆଲୋକ
ରାତିର ଅନ୍ଧାର ଭିତରେ
ପ୍ରଭେଦ ଜାଣିପାରିବ।
ମୋ: ୬୩୭୦୧୬୬୨୦୪

**ଗୀତି-କବିତା:**

## ଚଷାପୁଅଟିଏ ମୁଁ

**ନିରଞ୍ଜନ ସାହୁ**

**ଖ**ରା, ବର୍ଷା, ଶୀତ କେତେ ମୁଁ ସହିକି
ଫସଲ ଯୋଗାଇ ଦେବି
ମଳିମୁଣ୍ଡିଆଟେ ହୋଇକି ଜଗତେ
କେଉଁ ବାହାଦୁରି ନେବି?

ଭଙ୍ଗା ଚାଳିଆରେ ଦିନ କଟାଇବି
ଶାଗ, ପଖାଳକୁ ଖାଇ
ମାଟି କାଦୁଅକୁ ଚନ୍ଦନ ମଣିବି
ମିଛେ ଖୁସି ଗୀତ ଗାଇ
ଋଣ କରଜରେ ବୁଡ଼ିକି ମରିବି
କି ଲାଭ ଜଗତ ସେବି?

ରୋଗ ଯନ୍ତ୍ରଣାରେ ଜୀବନ କାଟିବି
ଢୋକେ ପିଇ ଦଣ୍ଡେ ଜିଇ
ଅଭାବୀ ସଂସାରେ ଲାଜ ମୁଁ ଆଙ୍ଗେଇ
ସାତ ଚିରା ଲୁଗା ସିଇଁ
ଚାଷ କାମ ଯା'ର କେଡ଼େ ସୁଖ ତା'ର
କେବେ ଅନୁଭବୀ ହେବି?
ମୋ: ୯୯୩୮୭୪୧୫୮୩

**ଲଘୁଗଳ୍ପ**

## ଦାନୀ

**ପ୍ରଭଞ୍ଜନ ଦାଶ**

ଆଜି ବି ଏ ସମାଜରେ ଅନ୍ୟକୁ ବୁଝିପାରୁଥିବା ଭଳି ମହାନ୍ ଲୋକ ଅଛନ୍ତି, ଯାହାର ଜ୍ୱଳନ୍ତ ଉଦାହରଣ ମୁଁ ପ୍ରତ୍ୟହ ସ୍ୱଚକ୍ଷୁରେ ଦେଖିପାରୁଥିଲି। ସକାଳୁ ସକାଳୁ ସେଇ ସଫେଇ କର୍ମଚାରୀ ଜଣକ ଆସିବାକ୍ଷଣି ସାମ୍ନା ଘର ଫାଟକ ଖୋଲିବାର ଶବ୍ଦ ଶୁଣାଯାଏ। ଘରର ମାଲିକାଣୀ ବେଶ୍ ତତ୍ପରତାର ସହ ନିଜ ସୁଉଚ୍ଚ ଅଟ୍ଟାଳିକା ଭିତରୁ ଧାଇଁ ଆସନ୍ତି। ସ୍ମିତହାସ୍ୟ ସହ ନିଜ ହାତରେ ଥିବା ରଙ୍ଗିନ୍ ପଲିଥିନଟିକୁ ବଢ଼େଇ ଦିଅନ୍ତି ସେଇ ସଫେଇ କରୁଥିବା ମହିଳାଜଣଙ୍କୁ। ମହିଳାଜଣକ ପଲିଥିନଟିକୁ ଧରି ନିଜ କାମରେ ଆଗେଇଯାଏ। ନିଜ ବାଲ୍‌କୋନିରୁ ଏସବୁକୁ ଦେଖି ସେଇ ପ୍ରାସାଦ ସଦୃଶ ଘରର ମାଲିକାଣୀଙ୍କ ପ୍ରତି ମୋର ସମ୍ମାନ ଯଥେଷ୍ଟ ବଢ଼ିଯାଏ ପ୍ରତିଥର। ସତରେ କେତେ ଉଦାର ସେଇ ମାଲିକାଣୀ ଜଣଙ୍କ! ନିଜ ବିଳାସମୟ ଅଟ୍ଟାଳିକା ଭିତରୁ ବି ସେ ଅନୁଭବ କରିପାରନ୍ତି ଗରିବୀ ଓ ଅଭାବୀଙ୍କ ଦୁଃଖକୁ।

ସେଦିନ ସକାଳୁ ମାର୍କେଟିଂ ସାରି ଫେରୁଥିବା ବେଳେ ଦେଖିଲି ସେଇ ସଫେଇ କର୍ମୀ ଜଣକୁ। ମାଲିକାଣୀ ଦେଇଥିବା ଜରିଟିକୁ ସେ ଫିଙ୍ଗି ଦେଲା ପାଖ ଅଳିଆଗଦା ଭିତରକୁ! ଏସବୁ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି। ଏତେ ଶ୍ରଦ୍ଧାରେ ଦେଇଥିବା ଜିନିଷର ମୂଲ୍ୟ କ'ଣ ଏଇଆ? ଏଗୁଡ଼ାକ କ'ଣ ବା ବୁଝିବେ ସେଇ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ସବୁକୁ।

ପାଖାପାଖି ହେବା ପରେ ମୁଁ ପଚାରିଲି, ତମକୁ ସେ ଘର ମାଲିକାଣୀ ଏତେ ସବୁ ଜିନିଷ ଦେଲେ ଅଥଚ ତମେ ତାକୁ ଆଣି ଏଠି ଫିଙ୍ଗିଦେଲ? ନ ଆଣିବାର ଥିଲା ଯଦି ଆଣି ନଥା'ନ୍ତ ହେଲେ ଏମିତି ନଷ୍ଟ କଲ କାହିଁକି? ଉଦାସ ସ୍ୱରରେ ସଫେଇ କର୍ମୀ ଜଣକ କହିଲେ, ବାବୁ ମୁଁ ନଷ୍ଟ କରିନାହିଁ ବରଂ ସେସବୁ ନଷ୍ଟ ହୋଇ ସାରିଥିବା ଜିନିଷ। ବାବୁଆଣୀ ଯେଉଁ ରୁଟି, ତରକାରି ଖାଇବାକୁ ଦିଅନ୍ତି ସେ ଖାଦ୍ୟ ଅଖାଦ୍ୟ ହୋଇସାରିଥାଏ। ପିନ୍ଧିବା ପାଇଁ ବାବୁଆଣୀ ଯେଉଁ ଲୁଗାପଟା ଅବା ପିଲାଙ୍କ ଡ୍ରେସ୍ ଦିଅନ୍ତି ସେସବୁ ପିନ୍ଧିବା ଉପଯୋଗୀ ହିଁ ନଥାଏ। ପଚାଶଢ଼ା, ଚିରାଫଟା ଜିନିଷକୁ ନେଇ ଆମେ କେମିତି ବଞ୍ଚିବୁ ବାବୁ। ତେଣୁ ମାଲିକାଣୀଙ୍କ ମନଖୁସି କରିବାକୁ ମନା ନ କରିପାରି ମୁଁ ନେଇଆସେ ସତ, କିନ୍ତୁ ତାକୁ ବ୍ୟବହାର କରିପାରେନି। ଆମେ ଗରିବ ହୋଇପାରୁ ବାବୁ, କିନ୍ତୁ ମଣିଷ। ଅଖାଦ୍ୟକୁ କେମିତି ଖାଇବୁ? ଚିରାଫଟା କେମିତି ପିନ୍ଧିବୁ?

ଏସବୁ ଶୁଣିବା ପରେ ନିରବରେ ମୁଁ ନିଜେ ହିଁ ମୋ' ନିଜକୁ ପ୍ରଶ୍ନ କରି ଚାଲିଥିଲି, ପ୍ରକୃତରେ ଦାନୀ କିଏ? ଯିଏ ଲୋକଦେଖାଣିଆ ଦାନରେ ଅଦରକାରୀ ଜିନିଷ ଅନ୍ୟକୁ ଉପହାର ଦେଉଛି ନା ଯିଏ ନିଜ ଦୁଃଖକୁ ଭିତରେ ଚାପିରଖି ଅନ୍ୟର ଖୁସି ପାଇଁ ଅହରହ ଅଭିନୟ କରୁଛି।
ମୋ: ୭୩୨୬୯୫୯୯୯୫

**କ୍ଷୁଦ୍ରଗଳ୍ପ**

## ବଡ଼ ଭାଉଜ

**ଗାୟତ୍ରୀ ସିଂହ**

ବଡ଼ ଭାଉଜ ଚାଲିଗଲେ। ସାରା ପରିବାର ସ୍ତବ୍ଧ। ଏମିତି ଏତେ ଶୀଘ୍ର ସେ ଚାଲିଯିବେ କେହି ବିଶ୍ୱାସ କରିପାରୁ ନଥିଲେ। ପାଖାପାଖି ବର୍ଷେ ହେବ ତାଙ୍କ ଦେହ ଖରାପ ଥିଲା। ତଥାପି ତାଙ୍କ ଯିବାଟାକୁ କେହି ସହଜରେ ଗ୍ରହଣ କରିପାରୁନଥିଲେ। ସେ କେତେବେଳେ ବଡ଼ ପୁଅବୋହୂ ପାଖରେ ତ କେତେବେଳେ ସାନ ପୁଅବୋହୂ ପାଖରେ, ଆଉ କେତେବେଳେ ଦିଅର ଯା, ପୁତୁରା, ଝିଆରୀ ପାଖରେ ରୁହନ୍ତି। ଏମିତି ଏପଟ ସେପଟ ରହିବାରେ ସମସ୍ତେ ତାଙ୍କ ଅନୁପସ୍ଥିତିକୁ ଅନୁଭବ କରନ୍ତି। ସବୁଥର ପରି ଘରର ପ୍ରତ୍ୟେକ ସଦସ୍ୟ ଭାବୁଛନ୍ତି ସେ ଯେଉଁଠି ଯାହା ପାଖରେ ହେଲେ ଥିବେ। ହେଲେ ଯେତେବେଳେ ମନକୁ ଆସେ ସେ ଆଉ ଆମ ଗହଣରେ ନାହାନ୍ତି, ମନରେ ବହୁତ କଷ୍ଟ ଆସେ। ଆଉ ସେଇଟା ହିଁ ଧ୍ରୁବ ସତ୍ୟ। ସେ ସମସ୍ତଙ୍କର ପ୍ରିୟ। ଘରେ ସେ କାହାର ବଡ଼ ଭାଉଜ, କାହାର ବଡ଼ ଯା, ଆଉ କାହାର ବଡ଼ମା' ତ କାହାର ବଡ଼ ଜେଜେମା। ସମସ୍ତେ ତାଙ୍କୁ ଭଲପାଆନ୍ତି। ଘରେ କେତେବେଳେ ପାଟିତୁଣ୍ଡ ହେଇ ମୁହଁ ଫୁଲାଫୁଲି ହେଇଥିଲେ ତାଙ୍କ ଆସିବାରେ ସେ ସବୁର ସମାଧାନ ଆପେ ହେଇଯାଏ। ସେ ସମସ୍ତଙ୍କୁ ତାଙ୍କ ସ୍ନେହରେ ବାନ୍ଧି ରଖିଥିଲେ। ତାଙ୍କ ଆସିବା ଖବର ଶୁଣୁଶୁଣୁ ଘରେ ଗୋଟାଏ ଖୁସି ଆଉ ବ୍ୟସ୍ତତାର ବାତାବରଣ ଖେଳିଯାଏ। କିଏ କହେ ଆଜି ବଡ଼ ଭାଉଜ ଆସୁଛନ୍ତି, କିଏ କହେ ଆଜି ବଡ଼ମା' ଆସୁଛନ୍ତି, କିଏ କହେ ବଡ଼ ଜେଜେମା' ଆସୁଛନ୍ତି। ସମସ୍ତଙ୍କ ପାଇଁ ମିଠା ଆସିଥିବ, ସମସ୍ତଙ୍କର ସେଥିରେ ଭାଗ ଥିବ ହେଲେ ସାନ ଦିଅର ଭାଗରେ ଅଧିକ ମିଠା ଥିବ। ସମସ୍ତେ ଶୁଣିଲା ପରି ସେ କହିଦେଇଥିବେ। କୁହାଯାଏ ଘରର ବଡ଼ ଆଉ ସାନ କଥା ସମସ୍ତେ ଶୁଣନ୍ତି, ଏଠି ବି ସେୟା ଚାଲେ। ଅନ୍ତ୍ୟେଷ୍ଟି କ୍ରିୟାକର୍ମ ପରେ ବ୍ରାହ୍ମଣ କହିଲେ ସେ ମନୁଷ୍ୟ ଜନ୍ମରୁ ତ୍ରାହି ପାଇଗଲେ। ସନ୍ଧ୍ୟା ଆକାଶରେ ତାରା ଉଇଁଲେ ପିଲାମାନେ କୁହନ୍ତି ହେଇଟି ଜେଜେମା' ଆସିଲେଣି। 'ଗୁଡ୍ ଇଭିନିଂ ଜେଜେମା', 'ଗୁଡ୍ ନାଇଟ୍ ଜେଜେମା'। ସେଇ ତାରା ହେଉଛି ଆମ ଜେଜେମା' ନାଇଁ ନାଇଁ ସେଇଟା ନୁହେଁ ସେ ଆରପାଖ ତାରାଟା ଆମ ଜେଜେମା'। ଏମିତି ପିଲାଙ୍କ ଭିତରେ କେତେ ଯୁକ୍ତିତର୍କ ଗହଳି ଚହଳି ଲାଗି ରହିଥାଏ। ଆଉ ଏ ଗହଳି ଚହଳି ଭିତରେ ମୁଁ ତାରାଭର୍ତ୍ତି ଆକାଶକୁ ନିରେଖି ଚାହେଁ। ଆକାଶଟା ଯେତିକି ସୁନ୍ଦର ଲାଗେ, ତା'ଠୁ ଢେର୍ ବେଶୀ ସୁନ୍ଦର ଲାଗେ ତାଙ୍କ ତୋଫା ଗୋରା ହସ ହସ ମୁହଁ। ଏତିକିବେଳେ ମୋର 'ଗୀତା'ର ପଦ ମନେପଡ଼ିଯାଏ।
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି,
ନୈନଂ ଦହତି ପାବକଃ।
ମୋ: ୭୬୦୬୯୫୬୭୪୪୫



ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବେଲଡନ ଟେନିସ ଟୁର୍ନାମେଣ୍ଟ ଜୁଲାଇ ୩ରୁ ଲଣ୍ଡନରେ ଆରମ୍ଭ ହେବାକୁ ଯାଉଛି। ଗ୍ରାଣ୍ଡସ୍ଲାମ ମଧ୍ୟରେ ସର୍ବପୁରାତନ ଏହି ଗ୍ରାସ୍‌କୋର୍ଟ ପ୍ରତିଯୋଗିତା ଅଲ୍ ଇଂଲଣ୍ଡ ଲନ୍ ଟେନିସ ଆଣ୍ଡ କ୍ରୋକ୍ୱେଟ କ୍ଲବରେ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ୱିମ୍ବେଲଡନର ଏହି ୧୩୬ତମ ସଂସ୍କରଣରେ ସ୍ପେନ୍‌ର କାର୍ଲୋସ ଆଲକାରାଜ ଏବଂ ପୋଲାଣ୍ଡର ଇଗା ସ୍ୱିଟେକ ଯଥାକ୍ରମେ ପୁରୁଷ ଓ ମହିଳା ସିଙ୍ଗଲ୍ସରେ ଟପ୍ ସିଡ୍‌ର ମାନ୍ୟତା ପାଇଛନ୍ତି। ପ୍ରତିଯୋଗିତାର ଗତ ସଂସ୍କରଣରେ ସର୍ବିୟାର ନୋଭାକ୍ ଜୋକୋଭିଚ୍ ପୁରୁଷ ଓ କାଜାଖସ୍ତାନର ଏଲିନା ରିବାକିନା ମହିଳା ସିଙ୍ଗଲ୍ସ ଚାମ୍ପିୟନ ହୋଇଥିଲେ। ସେହିପରି ପୁରୁଷ ଡବଲ୍ସରେ ଅଷ୍ଟ୍ରେଲିଆର ମାଥ୍ୟୁ ଏବ୍‌ଡେନ-ମ୍ୟାକ୍ସ ପୁରସେଲ, ମହିଳା ଡବଲ୍ସରେ ଚେକ୍ ରିପବ୍ଲିକର ବାର୍ବରା କ୍ରେଜିକୋଭା-କାଟରିନା ସିନିକୋଭା ଏବଂ ମିକ୍ସଡ ଡବଲ୍ସରେ ବ୍ରିଟେନର ନିଲ୍ ସ୍କୁପ୍‌ସ୍କି ଓ ଆମେରିକାର ଡେସିରେ କ୍ରାକ୍‌ଜିକ ଯୋଡ଼ି ଟାଇଟଲ ହାସଲ କରିଥିଲେ।

ୟୁକ୍ରେନ ଉପରେ ରୁଷିଆର ସାମରିକ କାର୍ଯ୍ୟାନୁଷ୍ଠାନ କାରଣରୁ ଗତ ସଂସ୍କରଣରେ ରୁଷିଆ ଓ ବେଲାରୁଷ ଖେଳାଳିଙ୍କୁ ବାସନ୍ଦ କରାଯାଇଥିଲା। ମାତ୍ର ଏଥର ଏହି ଦେଶର ଖେଳାଳିଙ୍କୁ ଏଣ୍ଟ୍ରି ମିଳିଛି। ତେଣୁ ଡାନିଲ ମେଡେଭେଡେଭ, ଆରିନା ସାବାଲେଙ୍କା ଓ ଭିକ୍ଟୋରିଆ ଆଜାରେଙ୍କାଙ୍କ ପରି ଶୀର୍ଷ ସ୍ଥାନୀୟ ଖେଳାଳିଙ୍କୁ ଏଥର ଆକ୍ସନରେ ଦେଖିବାକୁ ମିଳିବ।





# ଆଲ୍‌କାରାଜ, ସ୍ୱିଟେକ ଟପ୍‌ସିଡ୍

**ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବେଲଡନ ଟେନିସ ଟୁର୍ନାମେଣ୍ଟ ଜୁଲାଇ ୩ରୁ ଲଣ୍ଡନରେ ଆରମ୍ଭ ହେବାକୁ ଯାଉଛି। ୱିମ୍ବେଲଡନର ଏହି ୧୩୬ତମ ସଂସ୍କରଣରେ ସ୍ପେନ୍‌ର କାର୍ଲୋସ ଆଲକାରାଜ ଏବଂ ପୋଲାଣ୍ଡର ଇଗା ସ୍ୱିଟେକ ଯଥାକ୍ରମେ ପୁରୁଷ ଓ ମହିଳା ସିଙ୍ଗଲ୍ସରେ ଟପ୍ ସିଡ୍‌ର ମାନ୍ୟତା ପାଇଛନ୍ତି। ସର୍ବିୟାର ନୋଭାକ୍ ଜୋକୋଭିଚ୍ ଓ କାଜାଖସ୍ତାନର ଏଲିନା ରିବାକିନା ଡିଫେଣ୍ଡିଂ ଚାମ୍ପିୟନ ଭାବେ ଯଥାକ୍ରମେ ପୁରୁଷ ଓ ମହିଳା ସିଙ୍ଗଲ୍ସରେ ଅଭିଯାନ ଆରମ୍ଭ କରିବେ।**

### ପୁରୁଷ ସିଡେଡ୍ ଖେଳାଳି (ଟପ୍-୧୦)

୧: କାର୍ଲୋସ ଆଲକାରାଜ
୨: ନୋଭାକ ଜୋକୋଭିଚ୍
୩: ଡାନିଲ ମେଡଭେଡେଭ
୪: କାସ୍ପର ରୁଡ୍
୫: ଷ୍ଟିଫାନୋସ ସିତ୍‌ସିପାସ
୬: ହୋଲଗର ରୁନ୍
୭: ଆନ୍ଦ୍ରେ ରୁବଲେଭ
୮: ଜାନିକ ସିନର
୯: ଟେଲର ଫ୍ରିଜ୍
୧୦: ଫ୍ରାନ୍ସିସ ଟିଆଫୋ

### ମହିଳା ସିଡେଡ୍ ଖେଳାଳି (ଟପ୍-୧୦)

୧: ଇଗା ସ୍ୱିଟେକ
୨: ଆରିନା ସାବାଲେଙ୍କା
୩: ଏଲିନା ରିବାକିନା
୪: ଜେସିକା ପେଗୁଲା
୫: କାରୋଲିନ ଗାର୍ସିଆ
୬: ଓନ୍ସ ଜାବେଉର
୭: କୋକୋ ଗଫ୍
୯: ପେଟ୍ରା କ୍ୱିଟୋଭା
୧୦: ବାର୍ବରା କ୍ରେଜିକୋଭା



## ୱିମ୍ବେଲଡନ ଇତିହାସ

ୱିମ୍ବେଲଡନ ବିଶ୍ୱର ସବୁଠାରୁ ପୁରୁଣା ଟେନିସ ଟୁର୍ନାମେଣ୍ଟର ମର୍ଯ୍ୟାଦା ଲାଭ କରିଛି। ୧୮୭୭ ମସିହାରୁ ଏହା ଲଣ୍ଡନର ୱିମ୍ବେଲଡନସ୍ଥିତ ଅଲ୍ ଇଂଲଣ୍ଡ କ୍ଲବରେ ଖେଳାଯାଇ ଆସୁଛି। ଏହା ଏକ ଆଉଟଡୋର ଗ୍ରାସ୍‌କୋର୍ଟ ଟୁର୍ନାମେଣ୍ଟ। ବର୍ଷରେ ଖେଳାଯାଉଥିବା ୪ଟି ଗ୍ରାଣ୍ଡସ୍ଲାମ ମଧ୍ୟରୁ ୱିମ୍ବେଲଡନ ସବୁଠାରୁ ସମ୍ମାନଜନକ ପ୍ରତିଯୋଗିତାର ମାନ୍ୟତା ପାଇଥାଏ। ଅନ୍ୟ ୩ଟି ଗ୍ରାଣ୍ଡସ୍ଲାମ ହେଲା ଅଷ୍ଟ୍ରେଲିଆନ ଓପନ, ଫ୍ରେଞ୍ଚ୍ ଓପନ ଏବଂ ୟୁଏସ୍ ଓପନ। ୱିମ୍ବେଲଡନ ଏକମାତ୍ର ବଡ଼ ଟୁର୍ନାମେଣ୍ଟ, ଯାହାକି ପାରମ୍ପରିକ ଟେନିସ ସର୍ଫେସ ଗ୍ରାସ୍‌ରେ ଖେଳାଯାଇ ଆସୁଛି। ଏହା ଜୁନ୍‌ର ଶେଷଭାଗ କିମ୍ବା ଜୁଲାଇ ପ୍ରଥମଭାଗରେ ସୋମବାରରୁ ଆରମ୍ଭ ହୋଇଥାଏ। ଏହାର ମହିଳା ସିଙ୍ଗଲ୍ସ ଫାଇନାଲ ଶନିବାର ଏବଂ ପୁରୁଷ ଫାଇନାଲ ରବିବାର ଅନୁଷ୍ଠିତ ହୋଇଥାଏ। କୋଭିଡ୍-୧୯ ପାଇଁ ୨୦୨୦ରେ ପ୍ରତିଯୋଗିତା ବାତିଲ ହୋଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ କୌଣସି ବର୍ଷ ୱିମ୍ବେଲଡନ ଟୁର୍ନାମେଣ୍ଟ ବନ୍ଦ ହେବା ଏହାଥିଲା ପ୍ରଥମ। ୨୦୨୨ ସେପ୍ଟେମ୍ବର ୮ରେ ପୂର୍ବତନ ପୃଷ୍ଠପୋଷକ ରାଣୀ ଏଲିଜାବେଥ୍-୨ଙ୍କ ପରଲୋକ ଘଟିଥିବାରୁ ରାଜା ଚାର୍ଲ୍ସ-୩ଙ୍କ ସମୟରେ ଏହାହେବ ପ୍ରଥମ ଇଭେଣ୍ଟ।

## କ୍ରମାଗତ ୫ମ ଟାଇଟଲ ପାଇଁ ଲଢ଼ିବେ ଜୋକୋଭିଚ୍

ପ୍ରତିଯୋଗିତାର ଡ୍ର ଉଠାଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫ ଥର ଚାମ୍ପିୟନ ଭେନସ ୱିଲିୟମ୍ସ ନିଜର ପ୍ରଥମ ମ୍ୟାଚରେ ୨୦୧୯ ସେମିଫାଇନାଲିଷ୍ଟ ଏଲିନା ସ୍ୱିଟୋଲିନାଙ୍କ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବେ। ଏହାହେବ ଭେନସଙ୍କର ୨୪ତମ ୱିମ୍ବେଲଡନ ପଦାର୍ପଣ। ସେହିପରି ୨ ଥର ଟାଇଟଲ ବିଜେତା ଆଣ୍ଡି ମୁରେ ପ୍ରଥମ ରାଉଣ୍ଡରେ ୱାଇଲ୍ଡକାର୍ଡଧାରୀ ର୍ୟାନ ପେନିଷ୍ଟନଙ୍କୁ ଭେଟିବେ। ଏହା ଏକ ଅଲ୍ ବ୍ରିଟିଶ୍ ମୁକାବିଲା ହେବ। ୪୩ ବର୍ଷରେ ପଦାର୍ପଣ କରିଥିବା ଭେନସ ଚଳିତ ସିଜନରେ ମାତ୍ର ୫ଟି ମ୍ୟାଚ ଖେଳିଛନ୍ତି। ଅନ୍ୟପକ୍ଷରେ ସନ୍ତାନର ମା’ ହେବା ପରେ ଗତ ଏପ୍ରିଲରେ ଟେନିସ କୋର୍ଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ସ୍ୱିଟୋଲିନା। ଏ ଦୁଇ ଖେଳାଳିଙ୍କୁ ଅଲ୍ ଇଂଲଣ୍ଡ କ୍ଲବ ପକ୍ଷରୁ ୱାଇଲ୍ଡ କାର୍ଡ ପ୍ରଦାନ କରାଯାଇଛି। ଭେନସ-ସ୍ୱିଟୋଲିନାଙ୍କ ମଧ୍ୟରୁ ଯିଏ ବିଜୟୀ ହେବେ ଦ୍ୱିତୀୟ ରାଉଣ୍ଡରେ ୨୮ତମ ସିଡ୍ ଏଲିସେ ମେର୍ଟେନ୍ସଙ୍କୁ ଭେଟିବା ସମ୍ଭାବନା ରହିଛି। ୱିଲିୟମ୍ସ ୨୦୦୦, ୨୦୦୧, ୨୦୦୫, ୨୦୦୭ ଓ ୨୦୦୮ରେ ୱିମ୍ବେଲଡନ ଚାମ୍ପିୟନ ହୋଇଥିଲେ। ଏହା ବ୍ୟତୀତ ସେ ୨ ଥର ଲେଖାଏ ୟୁଏସ୍ ଓପନ ଓ ଅଷ୍ଟ୍ରେଲିଆନ ଓପନ ଏବଂ ଥରେ ଫ୍ରେଞ୍ଚ୍ ଓପନ ଟାଇଟଲ ଜିତିଛନ୍ତି।

ଚଳିତ ବର୍ଷ ଦ୍ୱିତୀୟ ସିଡ୍‌ର ମାନ୍ୟତା ପାଇଥିବା ନୋଭାକ ଜୋକୋଭିଚ୍ କ୍ରମାଗତ ୫ମ ଏବଂ ଓଭରଅଲ୍ ୮ମଥର ୱିମ୍ବେଲଡନ ଟାଇଟଲ ପାଇଁ ଲଢ଼ିବେ। ତାଙ୍କର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ହେଉଛନ୍ତି ପେଡ୍ରୋ କାଚିନ। ୬୭ ର୍ୟାଙ୍କ୍‌ପ୍ରାପ୍ତ ଏହି ଆର୍ଜେଣ୍ଟିନା ଖେଳାଳି ଏଥର ୱିମ୍ବେଲଡନ ଡେବ୍ୟୁ କରିବେ। ଡ୍ର ଅନୁସାରେ ଏଥର ପୁରୁଷ ସିଙ୍ଗଲ୍ସରେ ନମ୍ବର ୱାନ କାର୍ଲୋସ ଆଲ୍‌କାରେଜ ବନାମ ୬ଷ୍ଠ ସିଡ୍ ହୋଲଗେର ରୁନେ, ନଂ-୩ ଡାନିଲ ମେଡଭେଡେଭ ବନାମ ସିତ୍‌ସିପାସ, ଜୋକୋଭିଚ୍ ବନାମ ଆନ୍ଦ୍ରେ ରୁବଲେଭ ଏବଂ କସ୍ପେର ରୁଡ୍ ବନାମ ଜାନିକ ସିନରଙ୍କ ମଧ୍ୟରେ ସମ୍ଭାବ୍ୟ କ୍ୱାର୍ଟର ଫାଇନାଲ ହେବା ଆଶା ରହିଛି। ସେହିପରି ମହିଳା ବିଭାଗରେ ନଂ-୧ ଇଗା ସ୍ୱିଟେକ ବନାମ କୋକୋ ଗଫ୍, ନଂ-୪ ଜେସିକା ପେଗୁଲା ବନାମ ନଂ ୫ କାରୋଲିନ ଗାର୍ସିଆ, ନଂ-୩ ଏଲିନା ରିବାକିନା ବନାମ ନଂ-୬ ଓନ୍ସ ଜାବେଉର ଏବଂ ନଂ-୨ ଆରିନା ସାବାଲେଙ୍କା ବନାମ ନଂ-୮ ମାରିଆ ସାକାରିଙ୍କ ମଧ୍ୟରେ କ୍ୱାର୍ଟର ଫାଇନାଲ ହେବା ସମ୍ଭାବନା ରହିଛି। ଗତବର୍ଷ ଫାଇନାଲରେ ରିବାକିନା ଓ ଜାବେଉର ପରସ୍ପରକୁ ଭେଟିଥିଲେ। ଏଥିରେ ରିବାକିନା ବିଜୟୀ ହୋଇଥିଲେ।

## ଜାତୀୟ ସିନିୟର ସନ୍ତରଣରେ ଓଡ଼ିଶାରୁ ୧୧ ଭାଗନେବେ

ଭୁବନେଶ୍ୱର, ୩୦।୬
(ତପନ ସ୍ୱାଇଁ)

ଭାରତୀୟ ସନ୍ତରଣ ମହାସଙ୍ଘ ଆନୁକୂଲ୍ୟରେ ହାଇଦ୍ରାବାଦର ଗାଚିବାଓ୍ୱଲି ସନ୍ତରଣ କ୍ରୀଡ଼ା ପ୍ରାଙ୍ଗଣରେ ୭୬ତମ ଜାତୀୟ ସିନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍ ଜୁଲାଇ ୨ରୁ ଆରମ୍ଭ ହେବ। ଏଥିରେ ଭାଗ ନେବାପାଇଁ ୧୧ ଜଣିଆ ଓଡ଼ିଶା ଦଳ ଶୁକ୍ରବାର ହାଇଦ୍ରାବାଦ ଯାତ୍ରା କରିଛି। ପ୍ରତିଯୋଗିତା ୫ ଦିନଧରି ଚାଲଇବ। ୨୦୨୪ ପ୍ୟାରିସ୍ ଅଲମ୍ପିକ୍ସ ପାଇଁ ୱାର୍ଲ୍ଡ ଆକ୍ୱାଟିକ୍ସ ଏହି ପ୍ରତିଯୋଗିତାକୁ ଯୋଗ୍ୟତା ପର୍ଯ୍ୟାୟ ଭାବେ ମାନ୍ୟତା ଦେଇଛି। ଉକ୍ତ ପ୍ରତିଯୋଗିତାରେ ଅନମୋଲ ମହାନ୍ତି, ଶୁଭ୍ରାନ୍ତ ପାତ୍ର, ଯଦୁ ବୁଦେକ୍, ଅମୀୟ କୁମାର ପ୍ରଧାନ, ବିକାଶ ହରିପାଲ, ପ୍ରତ୍ୟାଶା ରାୟ, ସୃଷ୍ଟି ଉପାଧ୍ୟାୟ, ମନ୍ମତା ମିଶ୍ର, ଦିବ୍ୟାଙ୍କା ଦିବ୍ୟଜ୍ୟୋତି, ସୋନିଆ ପଟେଲ ଓ ଅଂଶିକା ଆରାଧନା ସାହୁ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ଏହି ସନ୍ତରଣକାରୀଙ୍କ ସହ ଦଳର କୋଚ୍ ଭାବେ ଡଗ୍‌ଲାସ୍ ଇଗର୍, ସନ୍ଦୀପ ସେଜୱାଲ ଏବଂ ଦଳର ମ୍ୟାନେଜର ସୁନିତା ବହିଦାର ଓ ଫିଜିଓ ଡକ୍ଟର ମନୀଶ ହାଇଦ୍ରାବାଦ ଯାତ୍ରା କରିଛନ୍ତି। ଖେଳାଳିଙ୍କୁ ବିଦାୟ ଦେବା ଅବସରରେ ଭୁବନେଶ୍ୱର-ଖୋର୍ଦ୍ଧା ଜିଲା ଆକ୍ୱାଟିକ୍ ଆସୋସିଏଶନ ସଭାପତି ଦିଲୀପ କୁମାର ସାମନ୍ତରାୟ, ଉପ-ସଭାପତି ଚାରୁଶ୍ରୀ ବେହୁରା, ସୋମା ମିଶ୍ର ଓ ସମ୍ପାଦକ ପ୍ରବୋଧ ରାଉତ ବିମାନ ବନ୍ଦରରେ ଉପସ୍ଥିତରହି ସେମାନଙ୍କ ସଫଳତା କାମନା କରିଥିଲେ। ରାଜ୍ୟ ସନ୍ତରଣ ଆସୋସିଏଶନ୍ ସଭାପତି ପ୍ରଦୀପ ପାଢ଼ୀ ଓ ଅନ୍ୟାନ୍ୟ କର୍ମକର୍ତ୍ତା ସନ୍ତରଣକାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଜାତୀୟ ସିନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍ ପାଇଁ ମନୋନୀତ ଓଡ଼ିଶା ଦଳ ହାଇଦ୍ରାବାଦ ଯାତ୍ରା କରିବା ପୂର୍ବରୁ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

## ପାକିସ୍ତାନୀ ସ୍ନୁକର ଖେଳାଳି ମାଜିଦ୍‌ଙ୍କ ଆତ୍ମହତ୍ୟା

**କରାଚୀ, ୩୦।୬ (ପି.ଟି.):** ପାକିସ୍ତାନର ବିଶିଷ୍ଟ ସ୍ନୁକର ଖେଳାଳି ତଥା ୨୧ ବର୍ଷରୁ କମ୍ ଏସିଆନ ରୌପ୍ୟ ବିଜେତା ମାଜିଦ୍ ଅଲି ପଞ୍ଜାବ ଅନ୍ତର୍ଗତ ଫୈଜଲାବାଦ ନିକଟବର୍ତ୍ତୀ ନିଜ ସହର ସାମୁନ୍ଦ୍ରିରେ ଆତ୍ମହତ୍ୟା କରିଛନ୍ତି। ତାଙ୍କୁ ମାତ୍ର ୨୮ ବର୍ଷ ବୟସ ହୋଇଥିଲା। ପୋଲିସ କହିବା ଅନୁସାରେ ମାଜିଦ୍ ତାଙ୍କ ଖେଳିବା ଦିନଠାରୁ ଅବସାଦରେ ପୀଡ଼ିତ ଥିଲେ। ସେ ଏକ କାଠକଟା ମେଶିନ ସହାୟତାରେ ତାଙ୍କ ଜୀବନ ହାରିଛନ୍ତି। ମାଜିଦ୍ ପାକିସ୍ତାନ ତରଫରୁ ବହୁ ଅନ୍ତର୍ଜାତୀୟ ଇଭେଣ୍ଟରେ ପ୍ରତିନିଧିତ୍ୱ କରିଛନ୍ତି। ଜାତୀୟ ସ୍ତରରେ ସେ ଶୀର୍ଷ ର୍ୟାଙ୍କିଂପ୍ରାପ୍ତ ଖେଳାଳି ଥିଲେ। ମାସକ ମଧ୍ୟରେ ମୃତ୍ୟୁବରଣ କରିବାରେ ମାଜିଦ୍ ହେଉଛନ୍ତି ଦ୍ୱିତୀୟ ସ୍ନୁକର ଖେଳାଳି। ଗତ ମାସରେ ଅନ୍ୟ ଜଣେ ସ୍ନୁକର ଖେଳାଳି ମହମ୍ମଦ ବିଲାଲଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି।

## ଦୁଲୀପ ଟ୍ରଫି: ପରାଜୟ ଦ୍ୱାରରେ ପୂର୍ବାଞ୍ଚଳ

ଅଲୁର, ୩୦।୬

ଏଠାରେ ଚାଲିଥିବା କେନ୍ଦ୍ରାଞ୍ଚଳ ବିପକ୍ଷ ଦୁଲୀପ ଟ୍ରଫି କ୍ୱାର୍ଟର ଫାଇନାଲରେ ପୂର୍ବାଞ୍ଚଳ ପରାଜୟର ଦ୍ୱାରରେ ପହଞ୍ଚି ଯାଇଛି। ବିଜୟ ଲକ୍ଷ୍ୟ ୩୦୦ ରନ ଥିବାବେଳେ ପୂର୍ବାଞ୍ଚଳ ଶୁକ୍ରବାର ୩ୟ ଦିବସ ଖେଳ ଶେଷ ବେଳକୁ ୬୯ ରନ ମଧ୍ୟରେ ୬ ଉଇକେଟ ହରାଇ ସାରିଛି। ହାତରେ ମାତ୍ର ୪ ଉଇକେଟ ଥିବାବେଳେ ଦଳ ଲକ୍ଷ୍ୟଠାରୁ ଆହୁରି ୨୩୧ ରନ ପଛରେ ରହିଛି। କେନ୍ଦ୍ରାଞ୍ଚଳର ସୌରଭ କୁମାର ୩୩ ରନରେ ୪ ଉଇକେଟ ନେଇ ପୂର୍ବାଞ୍ଚଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଛନ୍ତି। ଶିବମ୍ ମାଭି ଓ ଆଭେଶ ଖାଁ ଅନ୍ୟ ୨ଟି ଉଇକେଟ ନେଇଛନ୍ତି। ପୂର୍ବାଞ୍ଚଳ ପକ୍ଷରୁ ଓଡ଼ିଶାର ଶାନ୍ତନୁ ମିଶ୍ର ୧୮, ଅଧିନାୟକ ଅଭିମନ୍ୟୁ ଈଶ୍ୱରନ ୧୧, ଅନୁଷ୍ଟୁପ ମଜୁମଦାର ୧୩, ଶାହାବାଜ ଅହମଦ ୧୮ ରନକରି ଏବଂ ସୁଦୀପ କୁମାର ଘରମି ଓ କୁମାର କୁଶାଗ୍ର ଡକ୍(୦)ରେ ଆଉଟ ହୋଇଛନ୍ତି। କେନ୍ଦ୍ରାଞ୍ଚଳ ଏହାର ଦ୍ୱିତୀୟ ଇନିଂସରେ ୨୩୯ ରନ କରିଥିଲା। ଦୁଇ ଓପନର ହିମାଂଶୁ ମନ୍ତ୍ରୀ (୬୮ ରନ) ଓ ବିବେକ ସିଂ (୫୬) ଦଳକୁ ଭଲ ଆରମ୍ଭ ଦେଇଥିଲେ ମଧ୍ୟ ମିଡିଲ ଅର୍ଡର ଓ ଲୋୟର ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ଦଳ ବଡ଼ ସ୍କୋର କରିପାରି ନ ଥିଲା। ତୃତୀୟ ସର୍ବାଧିକ ସ୍କୋରର ଭାବେ ସାରାଂଶ ଜୈନ ୩୨ ରନକରି ଅପରାଜିତ ରହିଥିଲେ। ପୂର୍ବାଞ୍ଚଳ ପକ୍ଷରୁ ଇଶାନ ପୋରେଲ ଓ ଶାହାବାଜ ଅହମଦ ୩ଟି ଲେଖାଏ ଏବଂ ରିୟାନ ପରାଗ ଓ ଶାହାବାଜ ନଦୀମ ୨ଟି ଲେଖାଏ ଉଇକେଟ ନେଇଥିଲେ।



ସୌରଭ କୁମାର

## ରୁଷୀୟ ହକି ଖେଳାଳି ପୋଲାଣ୍ଡରେ ଅଟକ

ୱାରସ(ପୋଲାଣ୍ଡ), ୩୦।୬(ଏପି):

ଗୁପ୍ତଚର କାର୍ଯ୍ୟକଳାପରେ ଲିପ୍ତ ଥିବା ସନ୍ଦେହରେ ପୋଲାଣ୍ଡ କର୍ତ୍ତୃପକ୍ଷ ରୁଷିଆର ଜଣେ ହକି ଖେଳାଳିଙ୍କୁ ଅଟକ ରଖିଛନ୍ତି। ଏହି ଖେଳାଳି ଜଣକ ପୋଲାଣ୍ଡର ଏକ ପ୍ରଥମ ଶ୍ରେଣୀ ଲିଗ୍ କ୍ଲବରୁ ଖେଳନ୍ତି। ଦେଶର ବିଚାର ବିଭାଗ ମନ୍ତ୍ରୀ ତଥା ଚିଫ୍ ପ୍ରସିକ୍ୟୁଟର ଜିବିଗ୍‌ନ୍ୟୁ ଜିଓବ୍ରୋ ଏ ସୂଚନା ଦେଇଛନ୍ତି। ଖେଳାଳି ଜଣଙ୍କୁ ଜୁନ୍ ୧୧ରେ ଗିରଫ କରାଯାଇଛି। ସେ ଏକ ସ୍ପାଏ ନେଟ୍‌ୱର୍କର ୧୪ତମ ସଦସ୍ୟ ବୋଲି ସନ୍ଦେହ କରାଯାଉଛି। ସେ ପୋଲାଣ୍ଡର ସ୍ୱାର୍ଥ ବିରୋଧରେ କାର୍ଯ୍ୟ କରୁଥିବା ବିଦେଶୀ ଗୋଇନ୍ଦା ସଂସ୍ଥା ଏବଂ

### ଗୁପ୍ତଚର ସନ୍ଦେହ

ଏକ ସଂଗଠିତ ଅପରାଧ ଗୋଷ୍ଠୀର ସଦସ୍ୟ ଭାବେ କାର୍ଯ୍ୟ କରିଥାନ୍ତି। ଏଭଳି କାର୍ଯ୍ୟରେ ଲିପ୍ତ ବ୍ୟକ୍ତିଙ୍କୁ ୧୦ବର୍ଷ ଜେଲ ଦଣ୍ଡର ବ୍ୟବସ୍ଥା ରହିଛି। ଦେଶର ନ୍ୟୁଜ୍ ଏଜେନ୍ସି ‘ପାପ୍’ର କହିବା ଅନୁସାରେ, ରୁଷିଆ ସଂଗଠିତ ଅପରାଧ ଗୋଷ୍ଠୀକୁ ୟୁକ୍ରେନ୍‌କୁ ସଂଯୋଗ କରୁଥିବା ରେଳପଥ ଉପରେ ନଜର ରଖିବା କ୍ଷେତ୍ରରେ ବ୍ୟବହାର କରୁଛି। ରୁଷିଆର ଆକ୍ରମଣ ବିରୋଧରେ ୟୁକ୍ରେନକୁ ସହାୟତା କରିବାକୁ ଯାଇ ପାଶ୍ଚାତ୍ୟ ଦେଶଗୁଡ଼ିକ ପୋଲାଣ୍ଡରେ ଅସ୍ତ୍ରଶସ୍ତ୍ର ଠୁଳ କରୁଛନ୍ତି।

## ଟାଇଟଲ ବଜାୟ ରଖିଲା ଭାରତ

ବୁସାନ (କୋରିଆ), ୩୦।୬ (ପି.ଟି.)

### ଏସିଆନ କବାଡ଼ି ଚାମ୍ପିୟନଶିପ୍

ଭାରତୀୟ ପୁରୁଷ କବାଡ଼ି ଦଳ ଏସିଆନ ଚାମ୍ପିୟନଶିପ୍ ଟାଇଟଲ ବଜାୟ ରଖିଛି। ଶୁକ୍ରବାର ଅନୁଷ୍ଠିତ ଏକ ହାଇଭୋଲଟେଜ୍ ଫାଇନାଲରେ ଦଳ ୪୨-୩୨ରେ ଇରାନକୁ ହରାଇ ଦେଇଛି। ମହାଦେଶୀୟ ଚାମ୍ପିୟନଶିପ୍‌ରେ ଭାରତର ଏହା ହେଉଛି ୮ମ ଟାଇଟଲ। ମ୍ୟାଚରେ ଇରାନ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା। ମାତ୍ର ଭାରତ ସୁଯୋଗ ଅପେକ୍ଷାରେ ଥିଲା। ଅଧିନାୟକ ପୱନ ସେରାୱତଙ୍କ ଦୁଇ ଟଚ୍ ପଏଣ୍ଟ ସହ ପ୍ରଥମେ ଅଲଆଉଟ କରି ଭାରତକୁ ୧୦-୪ରେ ଅଗ୍ରଣୀ କରାଇଥିଲେ। ପରେ ଭାରତ ଆଉ ଏକ ଅଲଆଉଟ ସହ ଇରାନ ଉପରେ ଚାପ ସୃଷ୍ଟି କରିଥିଲା। ପ୍ରଥମାର୍ଦ୍ଧ ସୁଦ୍ଧା ଭାରତ ୨୩-୧୧ରେ ଅଗ୍ରଣୀ ଲାଭ କରିଥିଲା। ଇରାନ ଅଲରାଉଣ୍ଡର ମହମାଦ୍ରେଜା ଚିୟାନେ ନେତୃତ୍ୱ ନେଇ ତାଙ୍କ ଦଳର ପ୍ରତ୍ୟାବର୍ତ୍ତନ ପାଇଁ ଚେଷ୍ଟା କରିଥିଲେ। ମାତ୍ର ଭାରତର ଆଉ ଏକ ଅଲ୍‌ଆଉଟ ଦ୍ୱାରା ଇରାନ ୩୩-୧୪ରେ ପଛୁଆ ପଡ଼ିଯାଇଥିଲା। ଶେଷରେ ଭାରତ ୪୨-୩୨ରେ ବିଜୟ ସହ ଏସିଆନ କବାଡ଼ି ଚାମ୍ପିୟନଶିପ୍ ଟାଇଟଲ ବଜାୟ ରଖିଥିଲା। ଏହି ସଫଳତା ପାଇଁ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛି। ଟୁର୍ନାମେଣ୍ଟର ଗତ ସଂସ୍କରଣ ୨୦୧୭ରେ ଇରାନରେ ହୋଇଥିଲା। ଏଥିରେ ଭାରତ ଏହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଫାଇନାଲରେ ପରାସ୍ତ କରିଥିଲା।



ଏସିଆନ କବାଡ଼ି ଚାମ୍ପିୟନଶିପ୍ ବିଜେତା ଭାରତୀୟ ଦଳ।

## ସଂକ୍ଷେପରେ

### ଶିକ୍ଷୟିତ୍ରୀ ରାଜଶ୍ରୀ ରାଜ୍ୟସ୍ତରରେ ପୁରସ୍କୃତ



**ଖଡ଼ିଆଲ,୩୦।୬(ସୁଜିତ୍ ପ୍ରଧାନ):** ଓଡ଼ିଶା ସରକାରଙ୍କ ବିଦ୍ୟୁତ୍ ବିଭାଗ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ୪ର୍ଥ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ-୨୦୨୩ ଅବସରରେ ଅନଲାଇନ୍ କୁଇଜ୍ ପ୍ରତିଯୋଗିତ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂଆପଡ଼ା ଜିଲା ଖଡ଼ିଆଲ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷୟିତ୍ରୀ ରାଜଶ୍ରୀ ଦଣ୍ଡସେନା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଭୁବନେଶ୍ୱରସ୍ଥିତ ବିଭାଗୀୟ କନଭେନସନ୍ ହଲରେ ଅନୁଷ୍ଠିତ ସମାରୋହରେ ରାଜ୍ୟ ସରକାରଙ୍କ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରତିଯୋଗିତାରେ ଓଡିଶା ସରକାରଙ୍କ ପରିବେଶ ଶିକ୍ଷା କେନ୍ଦ୍ରର ଶିକ୍ଷକ ଓ ଶିକ୍ଷୟିତ୍ରୀ ଭାଗ ନେଇଥିବା ବେଳେ ଖଡ଼ିଆଲ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷୟିତ୍ରୀ ଦଣ୍ଡସେନା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଉଚ୍ଚ ବିଦ୍ୟାଳୟ ଗୌରବାନ୍ୱିତ ହେବା ସହ ଶିକ୍ଷକ ଶିକ୍ଷୟିତ୍ରୀ ମହଲରେ ଖୁସିର ଲହରୀ ଖେଳିଯାଇଛି। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ବାର୍ତ୍ତା ଆସୁଛି।

### ଖଡ଼ିଆଲରେ ଟ୍ରାଫିକ ସମସ୍ୟା ବିପର୍ଯ୍ୟସ୍ତ

**ଖଡ଼ିଆଲ,୩୦।୬(ସୁଜିତ୍ ପ୍ରଧାନ):** ନୂଆପଡ଼ା ଜିଲାର ପ୍ରମୁଖ ସହର ଖଡ଼ିଆଲରେ ଟ୍ରାଫିକ ସମସ୍ୟା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସହରରେ ପ୍ରତିଦିନ ଟ୍ରାଫିକ ସମସ୍ୟା ଲାଗି ରହିଥିବା ବେଳେ ପ୍ରଶାସନିକ କିମ୍ବା ରାଜନୈତିକସ୍ତରରେ କୌଣସି ପ୍ରକାର ଉଦ୍ୟମ ଗ୍ରହଣ କରାଯାଉନାହିଁ। ଫଳରେ ଏହି ସମସ୍ୟା ସମାଧାନ ହେବା ବଦଳରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏଠାରେ ପ୍ରତିଦିନ ଯାନବାହନ, କୋଠାବାଡି ଏବଂ ଜନସଂଖ୍ୟା ବୃଦ୍ଧି ପାଉଥିବା ବେଳେ ବିଭିନ୍ନ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ କାର୍ଯ୍ୟାଳୟ, ବେସରକାରୀ କାର୍ଯ୍ୟାଳୟ, ବିଭିନ୍ନ ବ୍ୟାଙ୍କ ସହ ଶତାଧିକ ଯାନବାହନ ଯାତାୟାତ କରୁଛି। ଫଳରେ ସହର ଟ୍ରାଫିକ ମୁଖ୍ୟ ସମସ୍ୟା ରୂପେ ଉଭା ହୋଇଛି। ସହରର ଥାନାଛକଠାରୁ ଆଜାଦଛକ ପର୍ଯ୍ୟନ୍ତ ଓ ଡେଲି ମାର୍କେଟ ରାସ୍ତାରେ ଯାନବାହନ ଗୁଡ଼ିକ ଅଟକି ରହୁଥିବା ସହ ଦୋକାନୀଙ୍କ ଜବରଦଖଲ ଯୋଗୁ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଯାହାଦ୍ୱାରା ସାଧାରଣ ଲୋକେ କିମ୍ବା ଯାନବାହନ ଧରି ଯାତାୟାତ କରୁଥିବା ଲୋକେ ନାନା ଅସୁବିଧାର ସମ୍ମୁଖରେ ପଡୁଥିବା ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ଟ୍ରାଫିକ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

# ୫ ଦିନ ହେଲା ପଞ୍ଚାୟତ ଅଫିସରେ ତାଲା

**ଲାଞ୍ଜିଗଡ଼,୩୦।୬(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବେନଗାଁ ପଞ୍ଚାୟତରେ ୫ ମାସରୁ ଊର୍ଦ୍ଧ୍ୱ ହେଲା ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗଙ୍କୁ ଭତ୍ତା ମିଳିନାହିଁ। ଏହାର ପ୍ରତିବାଦରେ ଗତ ୫ ଦିନ ହେଲା ପଞ୍ଚାୟତ ଅଫିସରେ ହିତାଧିକାରୀମାନେ ତାଲା ପକାଇଛନ୍ତି। ପୂର୍ବରୁ ବୃଦ୍ଧାମାନଙ୍କୁ ନିୟମିତ ଭାବେ ଭତ୍ତା ଟଙ୍କା ପ୍ରତେକ ମାସରେ ପଞ୍ଚାୟତ କାର୍ଯ୍ୟାଳୟରେ ମିଳୁଥିଲା। ସରକାରଙ୍କ ନୂତନ ଗାଇଡ୍ ଲାଇନ ଅନୁସାରେ ଭତ୍ତା ଟଙ୍କା ନିଜ ନାମରେ ଥିବା ବ୍ୟାଙ୍କ ଖାତାରେ ଜମା ହେଉଛି। କିନ୍ତୁ ଏବେବି ଅନେକ ଲୋକଙ୍କ ବ୍ୟାଙ୍କ ଖାତାରେ ଭତ୍ତା ଟଙ୍କା ଜମା ହେଉନାହିଁ। ଫଳରେ ଶତାଧିକ ବୃଦ୍ଧବୃଦ୍ଧା ଭତ୍ତା ଟଙ୍କା ଅପେକ୍ଷାରେ ଚାହିଁ ବସିଛନ୍ତି। ବୃଦ୍ଧବୃଦ୍ଧାମାନେ ଏକତ୍ରିତ ହୋଇ ସୋମବାର ପଞ୍ଚାୟତ ନିର୍ବାହୀ ଅଧିକାରୀ ଯଦୁମଣି ନାଏକଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ଟଙ୍କା ସମ୍ପର୍କରେ ପଚାରିଥିଲେ। ଏଥିରେ ନିର୍ବାହୀ ଅଧିକାରୀ ନାଏକ ଉତ୍ତ୍ୟକ୍ତ ହୋଇ ବୃଦ୍ଧାମାନଙ୍କୁ ଦୁର୍ବ୍ୟବହାର କରୁଥିବା ହିତାଧିକାରୀମାନେ ଅଭିଯୋଗ ଆଣିଥିଲେ। ଏହାକୁ ନେଇ ଶତାଧିକ ହିତାଧିକାରୀ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରି ପଞ୍ଚାୟତ କାର୍ଯ୍ୟାଳୟ ତାଲା ପକାଇ ପ୍ରତିବାଦ କରିଥିଲେ। ଯେତେଦିନ ପର୍ଯ୍ୟନ୍ତ ବାକି ଥିବା ଭତ୍ତା ଟଙ୍କା ଦିଆ ନ ଯାଇଛି ସେତେ ଦିନ ପର୍ଯ୍ୟନ୍ତ ପଞ୍ଚାୟତ କାର୍ଯ୍ୟାଳୟ ବନ୍ଦ ରଖିବୁ ବୋଲି ଚେତାବନୀ ଦେଇଥିଲେ। ପଞ୍ଚାୟତ ଅଞ୍ଚଳରେ ୨୯ଟି ଗ୍ରାମ ରହିଥିବା ବେଳେ ଏହି ଗ୍ରାମରେ ଭତ୍ତା ପାଇଁ ପ୍ରାୟ ୫୫୦ରୁ ଅଧିକ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି। ଏମାନଙ୍କ ମଧ୍ୟରୁ ବହୁ ସଂଖ୍ୟକ ହିତାଧିକାରୀ ଆଜକୁ ୫ ମାସରୁ ଅଧିକ ହେଲା ଭତ୍ତା ପାଇ ନ ଥିବା ବେଳେ ପ୍ରାୟ ୧୦୦ ଜଣ ୬ ମାସ ଲେଖାଏଁ ହେଲା ନିଜ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ସେମାନେ ପଞ୍ଚାୟତକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି କିନ୍ତୁ ତାଙ୍କ ଗୁହାରୀ ଶୁଣିବାକୁ କେହି ନାହାନ୍ତି। ସରକାରଙ୍କ ନୂଆଁ ଗାଇଡ୍ ଲାଇନ ଅନୁସାରେ ପ୍ରତ୍ୟେକ ବୃଦ୍ଧାଙ୍କୁ ଯୋଗ୍ୟତା ଅନୁସାରେ ପ୍ରତ୍ୟେକ ମାସରେ ଭତ୍ତା ଟଙ୍କା ପ୍ରଦାନ କରାଯାଇଥାଏ।



ଅଧିକାରୀଙ୍କ ସହ ହିତାଧିକାରୀମାନେ ଆଲୋଚନା କରୁଛନ୍ତି।

**୫ ମାସରୁ ଊର୍ଦ୍ଧ୍ୱ ହେଲା ହିତାଧିକାରୀଙ୍କୁ ମିଳିନି ଭତ୍ତା**

ସୂଚନାନୁସାରେ ବୁଧବାର ଲାଞ୍ଜିଗଡ ଜିପିଓ ସରୋଜ ପ୍ରଧାନ ବେନଗାଁ ପଞ୍ଚାୟତକୁ ଯାଇ ତଦାରଖ କରିଥିଲେ ଏବଂ ବୃଦ୍ଧବୃଦ୍ଧାମାନଙ୍କୁ ବୁଝାଇବା ପରେ ବି କିଛି ସମାଧାନ ହେଇପାରି ନାହିଁ। ଶେଷରେ ନିର୍ବାହୀ ଅଧିକାରୀ ଯଦୁମଣି ନାଏକ ମଧ ବୃଦ୍ଧବୃଦ୍ଧାଙ୍କୁ ନେହୁରା ହୋଇ ମତେ କ୍ଷମା କର ଆଗକୁ ଆଉ ଏମିତି ଭୁଲ କରିବି ନାହିଁ ବୋଲି ଚୁକ୍ତି ନାମାପତ୍ର ଲେଖିଲା ପରେ ମଧ କୌଣସି ସମାଧାନ ହୋଇନାହିଁ। ଏ ନେଇ ଜିପିଇଓ ପ୍ରଧାନଙ୍କୁ ପଚାରିବାରୁ ଭତ୍ତା ଦାୟିତ୍ୱରେ ଥିବା ବିଏସଏସଓ ଅରବିନ୍ଦ ମହାପାତ୍ର ଛୁଟିରେ ଅଛନ୍ତି। ସେ ଶନିବାର ପଞ୍ଚାୟତକୁ ଆସି ତଦାରଖ କରିବା ପରେ ବକେୟା ଭତ୍ତା ଟଙ୍କା ଦିଆଯିବ ବୋଲି କହିଥିଲେ। ହିତାଧିକାରୀମାନଙ୍କ ବାକିଥିବା ଭତ୍ତା ଟଙ୍କା ଦେବା ପାଇଁ ତୁରନ୍ତ ବ୍ଲକ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# ପ୍ରଗଣା ଆଦିସ୍କନ୍ଧ ସମାଜର କର୍ମକର୍ତ୍ତା ଗଠନ



ପ୍ରଗଣା ଆଦିସ୍କନ୍ଧ ସମାଜର ନୂତନ କର୍ମକର୍ତ୍ତା ବୃନ୍ଦ।

**ଦୁଣ୍ଡଲା,୩୦।୬(ଫିରୋଜ କୁମାର ଦାଶ)**

କଳାହାଣ୍ଡି ଜିଲାର ସର୍ବପୁରାତନ ବେଲଖଣ୍ଡି ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମୁନୀରାମ ମାଝିଙ୍କ ସଭାପତିତ୍ୱରେ କେସିଙ୍ଗା ବ୍ଲକ ଆଦିସ୍କନ୍ଧ ସମାଜ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ମାଝି ଏବଂ ସଭାପତି ଶେଷଦେବ ମାଝିଙ୍କ ଉପସ୍ଥିତିରେ ମାଝି ଦେଶ ପ୍ରଗଣା ଆଦିସ୍କନ୍ଧ ସମାଜର ନୂତନ କର୍ମକର୍ତ୍ତା ଗଠନ କରାଯାଇଛି। ଏହି ସଭାରେ ସଭାପତି ଭେବେ ଚୌଧୁରୀ ଭୋଇ, ଉପସଭାପତି ଭଜନ ମାଝି, ସାଧାରଣ ସମ୍ପାଦକ ଧୀରେନ୍ଦ୍ର ମାଝି, ସହସମ୍ପାଦକ ସୁରେଶ ଭୋଇ, ଆଇନ ପରାମର୍ଶ ଦାତା ଭାବେ ଭୀଷ୍ମଦେବ ଭୋଇ ଓ ମଙ୍ଗଲୁ ଭୋଇଙ୍କୁ ମନୋନୀତ କରାଯାଇଥିଲା। ସଭ୍ୟ ଭାବେ ଶିବରାମ ଭୋଇ, ରୋହିତ ମାଝି, ପ୍ରଫୁଲ୍ଲ ମାଝି, ଅଶୋକ ଭୋଇ, ତନୟ ମାଝି ଏବଂ ଉପଦେଷ୍ଟା କମିଟିରେ ମୁନୀରାମ ମାଝି, ଅରବିନ୍ଦ ମାଝି, ଭିକାରି ଭୋଇ, ପୂର୍ଣ୍ଣଚନ୍ଦ୍ର ଭୋଇ, ବାଳକ ମାଝି, କଳିଙ୍ଗ ଭୋଇ, ବିନୋଦ ଭୋଇ, ନୀଳ ମହାଲିଙ୍ଗ, ସୁଗ୍ରେ ଭୋଇ ପ୍ରମୁଖ ନିର୍ବାଚିତ ହୋଇଥିଲେ। ବ୍ଲକ ଆଦିସ୍କନ୍ଧ ସମାଜ ସଭାପତି ଶେଷଦେବ ମାଝି ସମସ୍ତ କର୍ମକର୍ତ୍ତାଙ୍କୁ ଧବଳେଶ୍ୱର ମନ୍ଦିରରେ ଶପଥ ପାଠ କରିଥିଲେ। ମୁନୀରାମ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

# ପାଚିକା ସହାୟିକା ମଜଦୁର ସଂଘ ପକ୍ଷରୁ ଦାବିପତ୍ର



ଦାବିପତ୍ର ପ୍ରଦାନ କରାଯାଉଛି।

**ଏମ୍.ରାମପୁର,୩୦।୬ (ଶଶିଭୂଷଣ ପ୍ରହରାଜ)**

କଳାହାଣ୍ଡି ଜିଲା ମ. ରାମପୁର ବ୍ଲକର ୧୯ଟି ପଞ୍ଚାୟତରେ କାର୍ଯ୍ୟରତ ପାଚିକା ସହାୟିକା ମଜଦୁର ସଂଘ ମ. ରାମପୁର ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ୬ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ପାଚିକା ସଂଘ ସଭାନେତ୍ରୀ ସାବିତ୍ରୀ ମୁଣ୍ଡାଙ୍କ ନେତୃତ୍ୱରେ ମ.ରାମପୁର ବସଷ୍ଟାଣ୍ଡଠାରୁ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟ ପହଞ୍ଚିଥିଲେ। ସେଠାରେ ଏକ ପ୍ରତିବାଦ ସଭା ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ୬ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ୬ ଦଫା ଦାବି ମଧ୍ୟରେ ପାଚିକା ଓ ସହାୟୀକାମାନଙ୍କୁ ସର୍ବନିମ୍ନ ମଜୁରୀ ପ୍ରଦାନ, ପାଚିକା ସହାୟିକାମାନଙ୍କ ଇପିଏଫ, ଇସିଆଇସି ଲାଗୁ କରିବା ସହିତ ସାମାଜିକ ସୁରକ୍ଷା ପ୍ରଦାନ, ବର୍ଷକୁ ୧୦ ମାସ ପରିବର୍ତ୍ତେ ୧୨ ମାସର ଦରମା ପ୍ରଦାନ, କାର୍ଯ୍ୟରତ ସମୟରେ ମୃତ୍ୟୁବରଣ କଲେ ପରିବାର ବର୍ଗଙ୍କୁ ୫୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ, ସମସ୍ତ ପାଚିକା ଓ ସହାୟିକାମାନଙ୍କ ପାଇଁ ବୀମାଭୁକ୍ତ କରାଯାଉ, ଅବସରକାଳୀନ ଭତ୍ତା ପ୍ରଦାନ କରିବା ଆଦି ରହିଛି। ଉଲାସ ଭୋଇ ସମ୍ପାଦିକା, ବିରଞ୍ଚି ନାରାୟଣ ପଣ୍ଡା ପ୍ରଭାରୀ ଭାରତୀୟ ମଜଦୁର ସଂଘ କଳାହାଣ୍ଡି ଓ ନୂଆପଡା ଜିଲା, ସୁରେନ୍ଦ୍ର ମୋହନ କର ସଂଗଠନ ସମ୍ପାଦକ, ନବିନ ଛତ୍ରିଆ କାର୍ଯ୍ୟକାରୀ ସଭାପତି, କୌଶିକ କପାଟ, କମ୍ବୁପାଣି ସାହୁ, ଉମାକାନ୍ତ ବାଗ, ଚନ୍ଦ୍ରିକା ରଣା, ସୁଷମା ପୁଝାରୀ, ପ୍ରତିମା ମାଝି, ବଳିତା ମହାକୁଡ଼, ସୌଦାମିନି ମାଝି, ରଶ୍ମୀତା ବରିହା ପ୍ରମୁଖ ଯୋଗଦେଇଥିଲେ।

# ୪ ଦିନ ହେଲା ଅନ୍ଧାରରେ କଲୋନି, ବଙ୍ଗଳାପଡ଼ା

**ନୂଆପଡ଼ା,୩୦।୬(ମକାରୁ ବେମାଲ)**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ କଲୋନି ଓ ବଙ୍ଗଳାପଡା ୪ ଦିନ ହେଲା ଅନ୍ଧାରରେ ରହିଛନ୍ତି। ଗତ ୨୭ ତାରିଖରେ ଅତ୍ୟଧିକ ବର୍ଷା ଓ ଘଡଘଡି ହେବାରୁ କଲୋନି ପଡାଠାରେ ଲାଗିଥିବା ଟ୍ରାନ୍ସଫର୍ମର ପୋଡି ଯାଇଥିବାରୁ କଲୋନି ଓ ବଙ୍ଗଳାପଡା ୪ ଦିନ ହେଲା ଅନ୍ଧାରରେ ରହିଛନ୍ତି। କଲୋନି ଓ ବଙ୍ଗଳା ପଡାରେ ପାଖାପାଖି ଶହେ ବିଦ୍ୟୁତ ଉପଭୋକ୍ତା ରହିଛନ୍ତି। ବିଦ୍ୟୁତ ବିଭାଗକୁ ଉପଭୋକ୍ତାମାନେ ଅଭିଯୋଗ କରୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ଭ୍ରୂକ୍ଷେପ କରୁନାହାନ୍ତି। ବିଦ୍ୟୁତ ବିଭାଗ ବିଲ ନେବାରେ ପଛୁଉ ନାହାନ୍ତି। ହେଲେ ଟ୍ରାନ୍ସଫର୍ମର ପୋଡି ଯାଇଥିଲେ ମଧ୍ୟ ଅଣଦେଖା କରୁଛନ୍ତି। ବିଦ୍ୟୁତ ବିଭାଗକୁ ବାରମ୍ବାର ଅଭିଯୋଗ କଲା ପରେ ମଧ୍ୟ କର୍ଣ୍ଣପାତ କରୁ ନ ଥିବାରୁ ଆସନ୍ତା ୩ ତାରିଖରେ ଉପଭୋକ୍ତାମାନେ ୩୫୩ ନମ୍ବର ଜାତୀୟ ରାଜପଥ ଅବରୋଧ କରିବା ପାଇଁ ପ୍ରସ୍ତୁତି ହେଉଛନ୍ତି। ଏ ସଂକ୍ରାନ୍ତରେ ନୂଆପଡା ଉପଖଣ୍ଡ ବିଦ୍ୟୁତ୍ ଅଧିକାରୀ ଅବିନାଶ ବିଶ୍ୱାଳଙ୍କୁ ଯୋଗାଯୋଗ ସମ୍ଭବ ହୋଇପାରନାହିଁ।

# ଟ୍ରାକ୍ଟରରୁ ପଡ଼ି ସଫେଇ କର୍ମଚାରୀଙ୍କ ମୃତ୍ୟୁ

**କୁନାଗଡ଼,୩୦।୬ (ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲା ଜୁନାଗଡ ସହରରେ ଶୁକ୍ରବାର ସକାଳରେ ଏକ ଅଭାବନୀୟ ଘଟଣା ଘଟିଛି। ସହରର ବର୍ଜ୍ୟ ବସ୍ତୁ ଟ୍ରାକ୍ଟରରେ ଧରି ନିକଟସ୍ଥ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରକୁ ଯାଉଥିବା ବେଳେ ସେଠାରେ ଟ୍ରାକ୍ଟରରୁ ପଡି ସ୍ଥାନୀୟ ଏନଏସି ସଫେଇ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ସୁଶିଲ ସିଂହ (ଲିଟୁ)। ସେ ଦୀର୍ଘ ବର୍ଷ ଧରି ସଫେଇ କାମରେ ବ୍ୟବହୃତ ଟ୍ରାକ୍ଟରରେ ଚାଳକ ଭାବେ ନିୟୋଜିତ ଥିଲେ। ତାଙ୍କ ମୃତ୍ୟୁକୁ ନେଇ ଏନ୍ଏସି କର୍ତ୍ତୃପକ୍ଷ ଦୁଃଖପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ଏନଏସି ପକ୍ଷରୁ ୩ ହଜାର ଟଙ୍କା ପ୍ରଦାନ କରାଯାଇଥିବାବେଳେ ମୃତକଙ୍କ ସ୍ତ୍ରୀଙ୍କୁ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରରେ ନିୟୋଜିତ କରିବା ପାଇଁ ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ ପ୍ରତିଶ୍ରୁତି ଦେଇଛନ୍ତି। ସରକାରୀସ୍ତରରେ ଯାହା କିଛି ବି ସୁବିଧା ରହିଛି ତାଙ୍କ ପରିବାରକୁ ଯୋଗାଇ ଦିଆଯିବ ବୋଲି କହିଥିଲେ।



# ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ ଦଣ୍ଡାଦେଶ

**ଭବାନୀପାଟଣା,୩୦।୬ (ଉତ୍ତମ କୁମାର ଦାଶ)**

**ନାବାଳିକାଙ୍କୁ ଅପହରଣ, ବଳାତ୍କାର ଉଦ୍ୟମ ମାମଲାର ରାୟ ପ୍ରକାଶ**

କଳାହାଣ୍ଡି ଜିଲା କୋକସରା ଥାନା ଅଞ୍ଚଳରେ ୨୦୧୪ରେ ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ଉଦ୍ୟମ ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଭବାନୀପାଟଣା ଜିଲା ସ୍ୱତନ୍ତ୍ର ବିଚାରପତି (ପୋକ୍ସୋ) ଶୁଭଞ୍ଜନ ମହାନ୍ତି ଏହି ମାମଲାର ୨୩ ସାକ୍ଷ୍ୟ ଓ ୧୫ ପ୍ରମାଣକୁ ଭିତ୍ତି କରି ଆମ୍ପାଣି ଥାନା ବିରିମୁହାଣ ଗାଁର ଦିଲୀପ ଶଗଡିଆ (୩୩)ଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୩୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ୭ ମାସ ଅଧିକ ଜେଲଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। ସେହିପରି ପୀଡିତାଙ୍କୁ ୬ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମଧ୍ଧ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, ନାବାଳିକା ଜଣକ ନଳକୂପକୁ ପାଣି ଆଣିବାକୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତ ଦିଲୀପ ବାଇକ୍‌ରେ ଆସି ନାବାଳିକାଙ୍କୁ ଜୋର ଜବରଦସ୍ତି ଅପହରଣ କରି ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ତାଙ୍କୁ ୪ରୁ ୫ ଦିନ ରଖି ବଳାତ୍କାର କରିଥିଲେ। ଏ ନେଇ ପୀଡିତାଙ୍କ ବାପା ଗତ ୧୬।୪।୨୦୧୪ରେ କୋକସରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦିଲୀପଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲା ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ରୋହିତ କୁମାର ମିଶ୍ର ପରିଚାଳନା କରିଥିଲେ।

# ଆଉ ଶୁଣିବାକୁ ମିଳିବନି କଣ୍ଠଶିଳ୍ପୀ ସୁନାମ ସୁନାଙ୍କ ଗୀତ

**ଭବାନୀପାଟଣା,୩୦।୬(ଉତ୍ତମ କୁମାର ଦାଶ):** ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ତଥା କଳାହାଣ୍ଡିର କିଶୋର କୁମାର କୁହାଯାଉଥିବା ଲୋକପ୍ରିୟ ଗାୟକ ସୁନାମ ସୁନା (ମୁନା)ଙ୍କ ଶୁକ୍ରବାର ସକାଳେ ରାୟପୁରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୪୮ ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗ ଖବର ଶୁଣି କଳାହାଣ୍ଡି ଜିଲାରେ ଶୋକର ଛାୟା ଖେଳିଯାଇଛି। ସେ ଦୀର୍ଘଦିନ ହେବ କିଡ୍‌ନୀ ଜନିତ ସମସ୍ୟା ଲାଗି ଚିକିତ୍ସିତ ହେଉଥିଲେ। ଗତ ୪ ଦିନ ତଳେ ଭବାନୀପାଟଣା ମାଉସୀ ମନ୍ଦିର ନିକଟରେ ଅନୁଷ୍ଠିତ ଭଜନ ସନ୍ଧ୍ୟାରେ ମଧ ତାଙ୍କୁ ଗୀତ ଗାଉଥିବା ଦେଖିବାକୁ ମିଳିଥିଲା। ଆମେ କଳାହାଣ୍ଡିଆ ଭେଣ୍ଡିଆ ରସିଆ ପିଲା ଯେତେ, ଆମକେ ଶାଢ଼ୀ ପିନ୍ଧା ଧାଙ୍ଗରି ଭଲ ଗୀତ ଗାଇ କଳାହାଣ୍ଡି ସମେତ ପଶ୍ଚିମ ଓଡ଼ିଶାର ସମସ୍ତଙ୍କ ହୃଦୟ ଜିତିବା ସହ ବେଶ ଚର୍ଚ୍ଚାକୁ ଆସିଥିଲେ। ମଧ୍ୟାହ୍ନରେ ମୃତ ଶରୀର ଭବାନୀପାଟଣା ସହର ଚୁଡିହାରୀ ପଡାରେ ପହଞ୍ଚିଥିଲା। ପରେ ତାରିଣୀ ମନ୍ଦିର ନିକଟରେ ଥିବା ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ଅନ୍ତିମ ସଂସ୍କାର ବେଳେ ଅଞ୍ଚଳର ଅନେକ ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା।



# ଏଲ୍ଏଚ୍ଏସ୍ ୧୭କୁ ହରାଇ ଏଲ୍ଏଚ୍ଏସ୍ ୧୩ ଚାମ୍ପିୟନ

**ଲାଞ୍ଜିଗଡ଼,୩୦।୬(ରମେଶ ଚନ୍ଦ୍ର ନାୟକ)**

**ଲାଞ୍ଜିଗଡ଼ ହାଇସ୍କୁଲ ପ୍ରିମିୟର ଲିଗ୍ କ୍ରିକେଟ**

କଳାହାଣ୍ଡି ଜିଲା ଲାଞ୍ଜିଗ ବ୍ଲକ ଲାଞ୍ଜିଗଡସ୍ଥିତ ହାଇସ୍କୁଲ ଖେଳପଡିଆଠାରେ ଲାଞ୍ଜିଗଡ ହାଇସ୍କୁଲ ଛାତ୍ରଙ୍କ ଆନୁକୂଲ୍ୟରେ ଚାଲିଥିବା ଲାଞ୍ଜିଗଡ ହାଇସ୍କୁଲ ପ୍ରିମିୟର ଲିଗ କ୍ରିକେଟ ପ୍ରତିଯୋଗିତା ଶୁକ୍ରବାର ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଏଲ୍ଏଚ୍ଏସ୍ ୧୭କୁ ହରାଇ ଏଲ୍ଏଚ୍ଏସ୍ ୧୩ ଚାମ୍ପିୟନ ହୋଇଛି। ଏଲଏଚଏସ ୧୩ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିଲା ଏବଂ ଏଲଏଚଏସ ୧୭ ଦଳକୁ ଫିଲ୍ଡିଂ କରିବାକୁ ଦେଇଥିଲା। ଏଲଏଚଏସ ୧୩ ଦଳ ୧୦ଓଭର ୭ ଉଇକେଟରେ ୧୨୬ ରନ କରିଥିଲା। ଜବାବରେ ଏଲଏଚଏସ ୧୭ ଦଳ ୧୦ ଓଭରରେ ୮ ଉଇକେଟ ବିନିମୟରେ ୧୧୮ ରନ କରି ଏଲଏଚଏସ ୧୩ ଦଳଠାରୁ ପରାଜୟ ହୋଇଥିଲା। ଫାଇନାଲ ମ୍ୟାଚରେ ଏଲଏଚଏସ ୧୩ ଦଳ ୮ରନରେ ବିଜୟୀ ହେଇଥିଲା। ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଲାଞ୍ଜିଗଡ ରାଜା ସୁରେନ୍ଦ୍ର ପ୍ରତାପ ସିଂଦେଓ, ଲାଞ୍ଜିଗଡ ହାଇସ୍କୁଲର ବନିତା ଧାଙ୍ଗଡା ମାଝି, ଜମେଶ୍ୱର ମାଝି, ବିନୋଦ ବାତ୍ରା, ସୁନୀଲ କୁମାର ପାଠକ, ଅମିତା ସ୍ୱାଇଁ, ନାଗେଶ୍ୱର ସା ଏବଂ ଅନ୍ୟ ଶିକ୍ଷକମାନେ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ୧୦ଟି ଦଳ ସାମିଲ ହେଇଥିଲେ ବୋଲି ଲାଞ୍ଜିଗଡ ହାଇସ୍କୁଲ ଛାତ୍ରଙ୍କ ପକ୍ଷରୁ ସୂଚନା ମିଳିଛି। ଉଦ୍‌ଯାପନୀ ମ୍ୟାଚରେ ଧାରା ବିବରଣୀ ଲିକୁ ବାଣୁଆ ଏବଂ ସ୍କୋର ବୋର୍ଡ଼ରେ ଟୁନା ସୁନାନୀ କାର୍ଯ୍ୟ ତୁଲାଇଥିବା ବେଳେ ଖେଳ ପରିଚାଳନା ଶିବ ପ୍ରଧାନୀ ଏବଂ କିଶୋର ମୁଣ୍ଡଛୀନା କରିଥିଲେ। ଲାଞ୍ଜିଗଡ ହାଇସ୍କୁଲ ପ୍ରିମିୟର ଲିଗ କ୍ରିକେଟ ପ୍ରତିଯୋଗୀତାରେ ଲାଞ୍ଜିଗଡ ହାଇସ୍କୁଲ ଛାତ୍ରମାନେ ଉପସ୍ଥିତ ରହିଥିଲେ।



ଫାଇନାଲ ମ୍ୟାଚ ପୂର୍ବରୁ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ ।

# ବସ୍ତ୍ରେନ ମାଉଲିଙ୍କ ଆଷାଢ଼ କେନା ମଣ୍ଡେଇ ଯାତ୍ରା

**କୋକସରା,୩୦।୬ (ଦୁଷ୍ମନ୍ତ କୁମାର ପାଟଯୋଶୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ଗାଁର ଆରାଧ ଦେବୀ ମା' ବସ୍ତ୍ରେନ ମାଉଲିଙ୍କ ବାର୍ଷିକ ଆଷାଢ କେନା ମଣ୍ଡେଇ ଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବ ପୁରୁଷାନୁକ୍ରମେ ପ୍ରତିବର୍ଷ ବାହୁଡା ଯାତ୍ରା ପରେ ପଡୁଥିବା ଶୁକ୍ରବାର ଦିନ ମଣ୍ଡେଇ ଯାତ୍ରା ହୋଇଆସୁଛି। ମା'ବସ୍ତ୍ରେନଙ୍କ ମୂଳପୀଠ ଛତିଶଗଡ଼ର ଦନ୍ତେବାଡା ହୋଇଥିବା ବେଳେ ସେଠାରୁ ମା'ଙ୍କୁ ଆଣି ସ୍ଥାପନ କରାଯାଇଛି। ପୂର୍ବରୁ ନାଗବଂଶୀ ରାଜା ସମୟରୁ ଏହି ଯାତ୍ରାକୁ ଆଷାଢ଼ କେନା ମଣ୍ଡେଇ ଯାତ୍ରା କୁହାଯାଏ। ଆଷାଢ଼ ମାସ ପ୍ରାରମ୍ଭରେ ଚାଷ ପାଇଁ ଚାଷୀ ବିହୁଡା ଓ ରୁଆ ପ୍ରସ୍ତୁତି ଆରମ୍ଭ କରନ୍ତି। ପରମ୍ପରା ଅଛି ଯେ ମଣ୍ଡେଇ ଯାତ୍ରା ସରିବା ପରେ ଏ ଅଞ୍ଚଳର ଚାଷୀ ଜମିରେ ଘାସବଛା, ବିହୁଡା ଓ ରୁଆ କାର୍ଯ୍ୟ ଆରମ୍ଭ କରନ୍ତି। ସକାଳୁ ଗ୍ରାମର ଗୌନ୍ତିଆ ଚୁମନ ପାତ୍ର ଓ ପୂଜକ ଚିତ୍ରସେନ ମାଝିଙ୍କ ଘରୁ ପୂଜା ସାମଗ୍ରୀ, ଦେବୀଙ୍କ ଲାଠି, କାଳିସି ବାଜା ବଜାଇ ଏକ ଶୋଭାଯାତ୍ରାରେ ଦେବୀ ପିଠକୁ ପହଞ୍ଚିବା ପରେ ଆମପାଣି ଗ୍ରାମରୁ ବୁଢାରଜା, ଡେଙ୍ଗାଗୁଡା ଗ୍ରାମରୁ ହିଙ୍ଗୁଲା, ମାଝିଗୁଡା ଗ୍ରାମରୁ ବରସାଲ ମାଝି ସହ ଠାକୁରାଣି, ଲଙ୍କେଶ୍ୱରୀ ଓ ଦ୍ୱାରସିନୀ ଦେବୀଙ୍କ ଲାଠି ଓ କାଳିସି ଦେବୀ ପୀଠକୁ ପହଞ୍ଚିଥିଲା। ପୀଠରେ ପ୍ରଥମେ ପୂଜାର୍ଚ୍ଚନା ପରେ ଦେବୀମାନଙ୍କ ମଣ୍ଡେଇ ହାଟ ପରିକ୍ରମା ଆରମ୍ଭ ହୋଇଥିଲା। ମଣ୍ଡେଇ ଯାତ୍ରାରେ ସାମିଲ ସମସ୍ତ ଦେବଦେବୀ ଏକତ୍ର ହୋଇ ମଣ୍ଡେଇ ହାଟକୁ ୩ ଥର ପରିକ୍ରମା କରି ପୁଣିଥରେ ଦେବୀ ପୀଠକୁ ଫେରି ଆସିଥିଲେ। ଦେବୀମାନଙ୍କ ପରିକ୍ରମା ସମୟରେ ଶହ ଶହ ମହିଳା ଓ ପୁରୁଷ ଭକ୍ତମାନେ ବାଟ ଓଗାଳି ନିଜ ନିଜର ମାନସିକ ଜଣାଇଥିଲେ। ସେହି ସମୟରେ କାଳିସିମାନେ ହାତରେ ଧରିଥିବା ବିନ୍ତି (ଦେବୀଙ୍କ ଚାଉଳ) ଭକ୍ଷଣ କରିବା ପାଇଁ କହି ଆଶୀର୍ବାଦ ଦେଉଥିବା ଦେଖିବାକୁ ମିଳିଥିଲା। ପରେ କଣ୍ଟା ଦୋଳିରେ ଝୁଲିବା କାଳିସିଙ୍କ ସହ ଗ୍ରାମର ଗୌନ୍ତିଆ, ପୁଜକ, ଗ୍ରାମରକ୍ଷୀ, ଲାଠି ବୋହିଥିବା ବ୍ୟକ୍ତି ସହ ଏପରି ୧୦/୧୫ ଜଣରୁ ଊର୍ଦ୍ଧ୍ୱ ବ୍ୟକ୍ତି କଣ୍ଟା ଦୋଳିରେ ଝୁଲି ଭକ୍ତ ଓ ଦର୍ଶକମାନଙ୍କୁ ବିଭୋର କରିଥିଲେ। ଭକ୍ତ ନିଜ ନିଜର ମାନସିକ ପୁରଣ ସଦୃଶ୍ୟ କୁକୁଡା, ପାରା, ବୋଦା ବଳି ଦେଇଥିବା ବେଳେ ଅଧିକାଂଶ ଭକ୍ତ ନଡିଆ ଚଢାଇ ପୂଜାର୍ଚ୍ଚନା କରି ଆର୍ଶିବାଦ ନେଇଥିଲେ। ପୂଜା କାର୍ଯ୍ୟ ପୂଜକ ଚିତ୍ରସେନ ମାଝିଙ୍କ ନେତୃତ୍ୱରେ ହୋଇଥିବା ବେଳେ ଟେମରା ସରପଞ୍ଚ କ୍ଷିତିରାମ ପାତ୍ର, କମିଟି ସଭାପତି ପଦ୍ମଲୋଚନ ଦଳପତି, ସମ୍ପାଦକ ମହାଦେବ ବେଶ୍ରା, ସୁଧିର କୁମାର ପାତ୍ର, ସୁଦାମ ପୂଝାରୀ, ଗୋଦାବରୀଶ ପାତ୍ର, ହେମନ୍ତ ବାଣୁଆ, ଅଶୋକ କୁମାର ଦାସ, ରାଜେନ୍ଦ୍ର ନାଏକ, ମିନକେତନ ସାହୁ, ଦୁଷ୍ମନ୍ତ କୁମାର ପାତ୍ର, ଟୋପେଶ୍ୱର ମାଝି, ଗୋପିନାଥ ସୁନାନୀ, ବୃନ୍ଦାବନ ସତନାମୀ ପ୍ରମୁଖ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ କୋକସରା ପୋଲିସ ନିୟୋଜିତ ହୋଇଥିଲେ।



କାଳିସି କଣ୍ଟା ଦୋଳିରେ ଝୁଲୁଛନ୍ତି।

**ଲାଠିଯାତ୍ରା, କଣ୍ଟା ଦୋଳିରେ ଝୁଲିଲେ କାଳିସି**

**ପଞ୍ଚାୟତ ଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା**

ପଦ୍ମପୁର,(ପ୍ରଦୀପ୍ତ ଦାଶ): ରାଜବୋଡାସମ୍ବର ବ୍ଲକ ଅଧୀନ କନସିଂହା ଗ୍ରାମପଞ୍ଚାୟତର ନିର୍ବାହୀ ଅଧିକାରୀ ବିବେକାନନ୍ଦ ବହିଦାରଙ୍କ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବ୍ଲକ କାର୍ଯ୍ୟାଳୟ ପରିସରରେ ବହିଦାରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଡ଼ିଓ ବିଶ୍ୱନାଥ ସାହୁ, ଏବିଡ଼ିଓ ପ୍ରିୟଦର୍ଶନୀ ବରାଳ, ସାମାଜିକ ସୁରକ୍ଷା ଅଧିକାରୀ ରଜନୀକାନ୍ତ ବହିଦାର ଓ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### ନବବିବାହିତା ଯୁବତୀଙ୍କ ଆତ୍ମହତ୍ୟା

**ବିନିକା,୩୦।୬(ରାମ ଗୋପାଳ ବାଘ):** ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ଅନ୍ତର୍ଗତ ୱାର୍ଡ ନଂ ୧୨ କଲେଜପଡାଠାରେ ଶୁକ୍ରବାର ଜଣେ ନବ ବିବାହିତା ମହିଳା ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ହେଲେ ତହସିଲ ମୁଣ୍ଡାଙ୍କ ସ୍ତ୍ରୀ ସୁନ୍ଦରୀ ମୁଣ୍ଡା (୨୩)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ବୀରମହାରାଜପୁର ବ୍ଲକର ବାସିନ୍ଦା ଧନ ମୁଣ୍ଡାଙ୍କ ଝିଅ ସୁନ୍ଦରୀ ଗତମାସ ୨୨ ତାରିଖରେ ବିନିକା କଲେଜପଡାର ରାମେଶ୍ୱର ମୁଣ୍ଡାଙ୍କ ପୁଅ ତହସିଲ (୨୬)ଙ୍କୁ ବିବାହ କରିଥିଲେ। ହେଲେ ସୁନ୍ଦରୀ କୌଣସି କାରଣରୁ ବେକରେ ଶାଢୀ ବାନ୍ଧି ଝୁଲି ପଡିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ବିନିକା ଡାକ୍ତରଖାନା ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ କେଉଁ କାରଣରୁ ଆତ୍ମହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇ ପାରିନାହିଁ। ତେବେ ତାଙ୍କ ଭାଇ ସତ୍ୟ ମୁଣ୍ଡାଙ୍କ ଅଭିଯୋଗ କ୍ରମେ ବିନିକା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏସଆଇ ଅଶୋକ ଦାଶ ତଦନ୍ତ ଜାରି ରଖିଛନ୍ତି।

### ଅସହାୟଙ୍କ ମୃତଦେହ ସତ୍କାର କଲେ ସ୍ୱେଚ୍ଛାସେବୀ

**ବରଗଡ଼, ୩୦।୬(ପ୍ରେମାନନ୍ଦ ଖମାରୀ):** ବରଗଡ ବ୍ଲକ ଅନ୍ତର୍ଗତ ଖଣ୍ଡହଥା ଗ୍ରାମରେ ଜଣେ ଅସହାୟ ଲୋକଙ୍କ ମୃତଦେହକୁ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାରର ସ୍ୱେଚ୍ଛାସେବୀମାନେ ଦାହ କରିଛନ୍ତି। ମୃତକ ଜଣକ ହେଲେ ଗ୍ରାମର ଭିକାରୀ ଭୋଇ(୮୦)। ପରିବାରରେ ସ୍ତ୍ରୀ ଓ ଝିଅ ବ୍ୟତୀତ ଅନ୍ୟ କେହି ପୁରୁଷ ଲୋକ ନ ଥିବାରୁ ଭିକାରୀଙ୍କ ମୃତଦେହ ସତ୍କାର ପାଇଁ ମା' ଝିଅ ଚିନ୍ତାରେ ପଡି ଯାଇଥିଲେ। ସୂଚନା ପାଇ ନିଷ୍ଠା ପରିବାରର ସଦସ୍ୟମାନେ ତାଙ୍କ ମୃତଦେହ ସତ୍କାର କରିଥିଲେ। ମୃତକଙ୍କ ଜ୍ୱାଇଁ ମୁଖାଗ୍ନି ଦେଇଥିଲେ। ତାଙ୍କ ଶୁଦ୍ଧିକ୍ରିୟାରେ ଯଥାସମ୍ଭବ ସହଯୋଗ କରାଯିବ ବୋଲି ନିଷ୍ଠା ପରିବାର ଉପସଭାପତି କ୍ଷୀରୋଦ୍ର ସାହୁ, ସୁବ୍ରତ ଷଡ଼ଙ୍ଗୀ, ରାଧେଶ୍ୟାମ ମଲ୍ଲିକ, ସତ୍ୟବାନ ରଣା, ଉତ୍କଳବନ୍ଧୁ ଧରେଇ, ମାଧବ ସାହୁ ପ୍ରମୁଖ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଭିକାରୀଙ୍କ ସ୍ତ୍ରୀ ଓ ଜଣେ ଝିଅ ଅଛନ୍ତି। ଝିଅ ବିବାହ କରି ସାରିଥିବାବେଳେ ଭିକାରୀ ସ୍ତ୍ରୀ ସହିତ ରହୁଥିଲେ। ସେ ହଠାତ୍ ଅସୁସ୍ଥ ହୋଇ ପଡିଥିଲେ। ନିଷ୍ଠା ପରିବାର ସ୍ୱେଚ୍ଛାସେବୀମାନେ ତାଙ୍କୁ ବରଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ହୋଇଥିଲା।

### ଶିଶୁ ଶ୍ରମିକ ନିରାକରଣ ସଚେତନତା ବୈଠକ

**ପଦ୍ମପୁର, ୩୦।୬ (ପ୍ରଦୀପ୍ତ ଦାଶ):** ଅନ୍ତର୍ଜାତୀୟ ଶିଶୁ ଶ୍ରମିକ ନିରାକରଣ ଦିବସ ପାଳନ ଅବସରରେ ପଦ୍ମପୁର ବ୍ଲକ ସଭାଗୃହରେ ଏକ ସଚେତନତା ବୈଠକ ଏନ୍‌ଏସି ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଜିଲାପାଳ ସଦାକର କୁମ୍ଭାର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଶିଶୁ ଶ୍ରମିକ ନିରାକରଣର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଜିଲା ଶ୍ରମ ଅଧିକାରୀ ମାନଭଞ୍ଜନ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁ ଶ୍ରମିକ ବିଲୋପ ଆଇନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ତପନ କୁମାର ପାତ୍ର, ଏନ୍‌ଏସି ଅଧ୍ୟକ୍ଷା ସାବିତ୍ରୀ ବାଗ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱନାଥ ସାହୁ, ଥାନାଧିକାରୀ ମମତା ନାୟକ ଯୋଗଦେଇ ଜନଗହଳି ସ୍ଥାନରେ ସଚେତନା ହୋର୍ଡିଂ, ପ୍ରତ୍ୟେକ ୱାର୍ଡରେ ଶିଶୁ ସୁରକ୍ଷା କମିଟି ଗଠନ, ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ନିଖୋଜ ଶିଶୁଙ୍କ ସର୍ଭେ କରିବା ଆଦି ପ୍ରସ୍ତାବ ଆଗତ ହୋଇଥିଲା। ବୈଠକରେ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ଆଶା, ଅଙ୍ଗନୱାଡି କର୍ମୀ, ବଣିକ ସଂଘ ଉପ ସଭାପତି ସୁନୀଲ ଅଗ୍ରୱାଲ, ସମ୍ପାଦକ ନନ୍ଦକିଶୋର ଅଗ୍ରୱାଲ, ନାଗରିକ କମିଟି ଉପ ସଭାପତି ନିରୋଜ ଦୋରା, ବ୍ଲକ ଶିକ୍ଷାଧିକାରୀ, ସମସ୍ତ କାଉନସିଲର ଯୋଗଦାନ କରିଥିଲେ। ଏନ୍‌ଏସିର ସିଇଓ ଛନ୍ଦାମିତ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବର୍ଷାରେ କାର୍ଯ୍ୟାଦେଶ, ଅଡୁଆରେ ହିତାଧିକାରୀ

**ଭେଡ଼େନ,୩୦।୬ (ସୁଦନ ମହାକୁର)**

ବରଗଡ଼ ଜିଲା ଭେଡ଼େନ ବ୍ଲକରେ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)ରେ କାର୍ଯ୍ୟାଦେଶ ଦିଆଯାଇଥିବା ବେଳେ ମୋ ଘର ପାଇବା ପାଇଁ ଆଶାୟୀଙ୍କଠାରୁ ଦରଖାସ୍ତ ଗ୍ରହଣ କରାଯାଉଛି। ଅନେକ ହିତାଧିକାରୀଙ୍କ ଆକାଉଣ୍ଟରେ ପ୍ରଥମ କିସ୍ତି ଟଙ୍କା ଜମା ହୋଇସାରିଲାଣି। ତେବେ ବର୍ଷାଦିନ ହୋଇଥିବାରୁ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀ ଅଡୁଆରେ ପଡିଛନ୍ତି। ଗତ ୨୩ ତାରିଖରୁ ରାଜ୍ୟକୁ ମୌସୁମୀ ପ୍ରବେଶ କରିବା ପରେ ବର୍ଷା ଆରମ୍ଭ ହୋଇଯାଇଛି। ଏପରିସ୍ଥଳେ ହିତାଧିକାରୀଙ୍କୁ ନିଜ ପୁରୁଣା ଘର ଭାଙ୍ଗି ନୂତନ ଘର ନିର୍ମାଣ କରିବାକୁ ପଡିବ। ବର୍ଷାଦିନେ ପରିବାରକୁ କେଉଁଠି ନେଇ ଥଇଥାନ କରିବ ଏବଂ ନିର୍ମାଣ ସାମଗ୍ରୀ ସଂଗ୍ରହ କରିବ ସେହି ଚିନ୍ତାରେ ରହିଛନ୍ତି ହିତାଧିକାରୀ। ସେହିପରି ଚାଷକାମ ଆରମ୍ଭ ହୋଇଯାଇଥିବାରୁ ଶ୍ରମିକ ମଧ୍ୟ ମିଳିବା ସହଜ ହେବନି।

ସୂଚନାଯୋଗ୍ୟ, ତିନି ମାସ ଭିତରେ ଘର ନିର୍ମାଣ ଶେଷ କଲେ ବୋନସ୍ ଟଙ୍କା ମିଳିବାର ନିୟମ ରହିଛି। ମିଳିଥିବା ତଥ୍ୟ ଅନୁଯାୟୀ, ଭେଡ଼େନ ବ୍ଲକର ୨୫୬୬ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)ରେ ତାଲିକାଭୁକ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨୫୨୦ ପରିବାର ଯୋଗ୍ୟ ବିବେଚିତ ହୋଇଛନ୍ତି। ପୁଣି ସେଥିରୁ ୮୦୦ ପରିବାର ସମ୍ପୂର୍ଣ୍ଣ ଭୂମିହୀନ ହୋଇଥିବା ବେଳେ ଅଧିକାଂଶ ପରିବାର ସରକାରୀ ସ୍ଥାନରେ ଘର କରି ରହୁଛନ୍ତି। ବ୍ଲକର ପ୍ରାୟ ୧୦୩୩ ଜଣ ହିତାଧିକାରୀଙ୍କ ଆକାଉଣ୍ଟରେ ପ୍ରଥମ କିସ୍ତି ବାବଦ ଅର୍ଥ ଜମା ହୋଇସାରିଛି। ଅପରପକ୍ଷେ ଏହି ଘରଗୁଡ଼ିକ ନିର୍ମାଣର ମିଆଦ ଏକ ବର୍ଷ ରହିଥିବାରୁ ହିତାଧିକାରୀ ଆହୁରି ଚିନ୍ତାରେ ପଡ଼ିଯାଇଛନ୍ତି। ଏ ସମ୍ପର୍କରେ ଭେଡ଼େନ ବିଡ଼ିଓ ରଘୁନାଥ ପାଣିଗ୍ରାହୀଙ୍କୁ ଯୋଗାଯୋଗ କରାଯିବାରୁ ସରକାରଙ୍କ ଯାହା ନିର୍ଦ୍ଦେଶ ରହିଛି ଆମେ ତାହା ପାଳନ କରୁଛୁ। ହିତାଧିକାରୀ ବର୍ଷା ଦିନେ କିପରି ଘର ନିର୍ମାଣ କରିବ ସିଏ ବୁଝିବ ବୋଲି ସେ କହିଥିଲେ।

## ୨୨ ଜଣିଆ ଭାରତୀୟ ଟାଏକୋଣ୍ଡୋ ଟିମ୍‌ରେ ସୁବର୍ଣ୍ଣପୁର ଜିଲାର ୮ ଖେଳାଳି ସାମିଲ



ଥାଇଲାଣ୍ଡ ଗସ୍ତରେ ସୁବର୍ଣ୍ଣପୁରର ଟାଏକୋଣ୍ଡୋ ଖେଳାଳି ଓ କୋଚ।

**ଅମରପାଲି,୩୦।୬(ପୀତାମ୍ବର ସାହୁ)**

**ଥାଇଲାଣ୍ଡରେ ହେବ ୬ଷ୍ଠ ଅନ୍ତର୍ଜାତୀୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍**

ଥାଇଲାଣ୍ଡରେ ହେବାକୁ ଥିବା ୬ଷ୍ଠ ଅନ୍ତର୍ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଭାଗ ନେବାକୁ ଭାରତୀୟ ଟିମ୍ ସହ ଥାଇଲାଣ୍ଡ ଗସ୍ତ କରିଛନ୍ତି ଓଡିଆ ଖେଳାଳି। ବିଦେଶ ଗସ୍ତ କରିଥିବା ୨୨ ଜଣିଆ ଭାରତୀୟ ଟିମ୍‌ରେ ସୁବର୍ଣ୍ଣପୁରର ଏହେସାସ ଟାଏକୋଣ୍ଡୋ ଏକାଡେମୀର ୮ ଜଣ ଖେଳାଳି ରହିଛନ୍ତି। ଭାରତୀୟ ଟିମ୍‌ର କୋଚ ଭାବେ ଅନ୍ତର୍ଜାତୀୟ ଖେଳାଳି ଏହେସାସ ହୋତା ରହିଥିବା ବେଳେ ଟିମ୍‌ରେ ଅନ୍ତର୍ଜାତୀୟ କ୍ରୀଡାବିତ୍ ଅନ୍ୱେଷ ହୋତା, ଜାତୀୟ ଖେଳାଳି ମନିଷ ମାହାନ୍ତି, ବିଶ୍ୱରଞ୍ଜନ ସାହୁ, ପ୍ରିୟଦର୍ଶନୀ କର, ହରିପ୍ରିୟା ମିଶ୍ର, କୁମାର କଶ୍ୟପ ଷଡଙ୍ଗୀ, କ୍ରୀସ କୁଦେଇ ଏବଂ ରାଜଲକ୍ଷ୍ମୀ ସାହୁ ପ୍ରମୁଖ ଟାଏକୋଣ୍ଡୋ ଖେଳାଳି ରହିଛନ୍ତି। ଭାରତୀୟ ଟିମ୍ ସହ ଏହି ଖେଳାଳିମାନେ ଗତ ଗୁରୁବାରଠାରୁ ଥାଇଲାଣ୍ଡରେ ପହଞ୍ଚି ଅଭ୍ୟାସ ଜାରି ରଖିଛନ୍ତି। ଆସନ୍ତା ଜୁଲାଇ ୨ ଓ ୩ ତାରିଖରେ ଥାଇଲାଣ୍ଡର ସାମ୍ପୁଟପ୍ରକ୍ରନ ପ୍ରଭିନେନ୍ସ ଷ୍ଟାଡିୟମରେ ହେବାକୁ ଥିବା ଟାଏକୋଣ୍ଡୋ ଚାମ୍ପିୟନଶିପ୍‌ରେ ଖେଳାଳିମାନେ ଅଂଶଗ୍ରହଣ କରିବେ। ଏହି ଚାମ୍ପିୟନଶିପ୍‌ରେ ୨୦ଗୋଟି ଦେଶର ୨୫୦୦ ଖେଳାଳି ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି। ବିଦେଶ ଗସ୍ତରେ ଥିବା ଏହି ଖେଳାଳିଙ୍କ ସଫଳତା ପାଇଁ ଓଡିଶା ଟାଏକୋଣ୍ଡୋ ସଂଘର ସମ୍ପାଦକ ମନମୋହନ ଭଞ୍ଜ, ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡୋ ସଂଘର ସଭାପତି ରବୀନ୍ଦ୍ର ହୋତା, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ପୂର୍ବତନ ସମିତି ସଭ୍ୟ ପୀତାମ୍ବର ସାହୁ, ବରିଷ୍ଠ ସାମ୍ବାଦିକ ଶେଷଦେବ ବାରିକ ଏବଂ ରାଧାକାନ୍ତ ବାଘ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ପତ୍ର ଲେଖି ଦାବି ଜଣାଇଲେ ମହିଳା

**ପଦ୍ମପୁର, ୩୦।୬ (ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ପଦ୍ମପୁର ବ୍ଲକ ଅନ୍ତର୍ଗତ କନସିଂହା ପଞ୍ଚାୟତ ନୂଆପାଲିରୁ ବଇଦପାଲି ଗାଁକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଫଳରେ ବଇଦପାଲି ଗ୍ରାମବାସୀ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାସାରା ଖାଲଖମା, କାଦୁଅରେ ଭର୍ତ୍ତି ହୋଇଛି। ରାସ୍ତାରେ ପଥଚାରୀମାନେ ବହୁ କଷ୍ଟରେ ଯିବା ଆସିବା କରୁଛନ୍ତି। ଯାନବାହନ ଯାତାୟାତରେ ମଧ୍ୟ ସମସ୍ୟା ହେଉଛି। ବର୍ଷାଋତୁରେ ବଇଦପାଲି ଗ୍ରାମବାସୀଙ୍କୁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଥାଏ। ଉକ୍ତ ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରି ପକ୍କା ରାସ୍ତା ନିର୍ମାଣ କରିବାକୁ ଗ୍ରାମର ମହିଳାମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପତ୍ର ଲେଖି ଦାବି ଜଣାଇଛନ୍ତି।



ବଇଦପାଲିର ମହିଳାମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପତ୍ର ଦେଉଛନ୍ତି।

**ବଇଦପାଲି ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ ଦାବି**

ଏ ଦିଗରେ ତୁରନ୍ତ ପଦକ୍ଷେପ ନେଇ ନୂଆଁପାଲିଠାରୁ ବଇଦପାଲି ଯାଏ ପକ୍କା ରାସ୍ତା ନିର୍ମାଣ ହେଲେ ରୋଗୀ, ଗର୍ଭବତୀ, ଛାତ୍ରୀଛାତ୍ର ଓ କୃଷକମାନଙ୍କ ସମସ୍ୟାର ସମାଧାନ ହୋଇପାରିବ ବୋଲି ଗ୍ରାମର ଅହଲ୍ୟା ଖେମାମୁରିଆ, ଭାଗ୍ୟବତୀ ନେଟି, ବୈଦେହୀ ନେଟି, ଭୂମିସୂତା ନେଟି, ଯାଜ୍ଞସେନୀ ପଟେଲ ପ୍ରମୁଖ କହିଛନ୍ତି।

## ଶ୍ରୀଜଗନ୍ନାଥ ସଂସ୍କୃତି ଓ ସୁବର୍ଣ୍ଣପୁର ପ୍ରସଙ୍ଗରେ ଆଲୋଚନା

**ସୋନପୁର,୩୦।୬(ମୃତ୍ୟୁଞ୍ଜୟ ଶତପଥୀ)**

ଶ୍ରୀଜଗନ୍ନାଥଙ୍କ ସୁନାବେଶ ଅବସରରେ ଗୁରୁବାର ସୃଜନୀ ପରିବାର, ଚେନ୍ନାଇ ଦ୍ୱାରା ଆଭାସୀ ଜରିଆରେ ଶ୍ରୀଜଗନ୍ନାଥ ସଂସ୍କୃତି ଓ ସୁବର୍ଣ୍ଣପୁର ପ୍ରସଙ୍ଗରେ ଏକ ଆଧାତ୍ମିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପଦ୍ମଶ୍ରୀ ଡ. ଜିତେନ୍ଦ୍ରୀୟ ହରିପାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଆଇନଜୀବୀ, ଗବେଷକ ଗୋରେଖନାଥ ସାହୁ, ଶିକ୍ଷାବିତ ବ୍ରଜ ମୋହନ ଦାନୀ, ଶ୍ୟାମା ପ୍ରସାଦ ମିଶ୍ର, ଗଦାଧର ବାରିକ, ସୁଦାମ ନାଏକ, ପଣ୍ଡିତ ସୁମନ୍ତ ଷଡଙ୍ଗୀ, ଶାଶ୍ୱତ ତ୍ରିପାଠୀ, କୃଷ୍ଣଚନ୍ଦ୍ର ସିନ୍ଧିଆ ଓ ସଚ୍ଚିଦାନନ୍ଦ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କୈବଲ୍ୟ ମିଶ୍ର ଏହାକୁ ଆୟୋଜନ କରିଥିବା ବେଳେ କବୟିତ୍ରୀ ତାପ୍ତିମୟୀ ପଣ୍ଡା ସଂଯୋଜନା କରିଥିଲେ। ଏଥିରେ ସୃଜନୀ ପରିବାରର ନିର୍ଦ୍ଦେଶକ ଡ. କମଳାକୃଷ୍ଣ ତ୍ରିପାଠୀ, ଉପଦେଷ୍ଟା ଆଶୁତୋଷ ସାମନ୍ତ ସିଂହାର, ପ୍ରଫେସର ଗୋଦାବରୀଶ ମିଶ୍ର, ଡ. ବାସନ୍ତୀ ମହାନ୍ତି, ରମେଶ ଚନ୍ଦ୍ର ପଶାୟତ ଓ ଅଶୋକ ସାମନ୍ତ ପ୍ରମୁଖ ଯୋଗ ଦେଇଥିଲେ।

# ମାନସିକ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା

**ଅମରପାଲି,୩୦।୬(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା ପଞ୍ଚାୟତ ସଭାଗୃହରେ ସ୍ୱେଚ୍ଛାସେବୀ ସଙ୍ଗଠନ ରେଆର ଓ ବେସିକ୍ ନିଡସ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ମାନସିକ ସ୍ୱାସ୍ଥ୍ୟ ଉପରେ ଏକ ସଚେତନତା କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ରାଜୀବ କର୍ମୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମାନସିକ ସ୍ୱାସ୍ଥ୍ୟ ତଥା ମାନସିକ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। କ୍ଷେତ୍ରକର୍ମୀ ମିତ୍ରଭାନୁ ମଲ୍ଲିକ ମାନସିକ ରୋଗର ଲକ୍ଷଣ ଓ ପ୍ରକାରଭେଦ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ବିଶ୍ୱମ୍ଭର ସାହୁ ମାନସିକ ରୋଗୀଙ୍କ ପାଇଁ ଥିବା ସରକାରୀ ସୁବିଧା ସୁଯୋଗ ବିଷୟରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ, ଅଶାକର୍ମୀ, ସିଆରପି, ଏମବିକେ, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, ୱାର୍ଡ ସଭ୍ୟ ଓ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ। ଶେଷରେ ପଦ୍ମାଳୟା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।



ଉଫୁଲାରେ ମାନସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ସଦସ୍ୟ।

## ପ୍ରାରମ୍ଭ ତାଲିମ ଶିବିର ଉଦ୍‌ଯାପିତ

**ବାଉଁଶୁଣୀ,୩୦।୬(ଦେବାଶିଷ ନେପାକ)**

ବୌଦ୍ଧ ଜିଲାର ଦହ୍ୟା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୪ ଦିନ ଧରି ଚାଲିଥିବା ଶିକ୍ଷକ ତାଲିମ ଶିବିର 'ପ୍ରାରମ୍ଭ' ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରକୁ ଦହ୍ୟା ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦଶରଥ ମେହେର ଉଦ୍‌ଘାଟନ କରିଥିଲେ। ବୌଦ୍ଧ ବ୍ଲକର ଆଞ୍ଚଳିକ ସାଧନ କର୍ମୀ ଅରବିନ୍ଦ ମହାଲିକ, କାହ୍ନୁଚରଣ ସେଠୀ, ମକରନ୍ଦ ରାଜହଂସ ଓ ସୁବୋଧ ମଲ୍ଲିକ ଶିକ୍ଷଣ ପରିଚାଳନା କରିଥିଲେ। ମୋଟ ୫୧ଜଣ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରି ନିଜର ମତାମତ ପ୍ରଦାନ କରିଥିଲେ। ବିଭିନ୍ନ ଦଳରେ ଅଂଶଗ୍ରହଣକାରୀମାନେ ପ୍ରତ୍ୟହ ବିବରଣୀ ଲିଖନ, ପ୍ରାଚୀର ପତ୍ର ଲିଖନ ଆଦି ସଂପାଦନ କରୁଥିଲେ। ଶେଷ ଅଧିବେଶନରେ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜଲକ୍ଷ୍ମୀ ସ୍ୱାଇଁ ତାଲିମପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲିମ ସାର୍ଟିଫିକେଟ ପ୍ରଦାନ କରିଥିଲେ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

**ବରଗଡ଼, ୩୦।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପୌର ପରିଷଦ ଅନ୍ତର୍ଗତ ରାଣାପ୍ରତାପ ଉଚ୍ଚ ବିଦ୍ୟାଳୟର ଗଣିତ ଶିକ୍ଷକ ସୁଧାଂଶୁ ଶେଖର ସାହୁଙ୍କୁ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟ ଅତିଥି, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡା, ମିନା ପଣ୍ଡା, ଡାକ୍ତର ଭୋଇ, ପ୍ରଭାତିମଣି ସାହୁ, ସ୍କୁଲ ଚେୟାରମ୍ୟାନ ପଦ୍ମନୀ ଗଡ଼ତିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାହୁଙ୍କ ଗୁଣଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ନିଳିମା ପ୍ରଧାନ, ସୁନିତା ମିଶ୍ର, ଗୀତା ଜାଲ, ବବିତା ନାଏକ ତପସ୍ୱିନୀ ତ୍ରିପାଠୀ, ଜ୍ୟୋସ୍ନା ତ୍ରିପାଠୀ, ନନ୍ଦିତା ସାହୁ, ସଂଜ୍ଞା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସ୍କୁଲ କମିଟି ସଦସ୍ୟ, ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ତାଙ୍କୁ ବାନ୍ଧୁଟିକ୍ରା ବାସଭବନ ପର୍ଯ୍ୟନ୍ତ ନେଇଥିଲେ।

# ଗୁଳିକାଣ୍ଡ ଘଟଣା, କାର୍ଯ୍ୟାନୁଷ୍ଠାନ ଦାବି କଲା ଭୀମ୍ ଆର୍ମି

**ବରଗଡ଼,୩୦।୬((ପ୍ରେମାନନ୍ଦ ଖମାରୀ)**

ଉତ୍ତର ପ୍ରଦେଶରେ ଭୀମ୍ ଆର୍ମିର ମୁଖ୍ୟ ଚନ୍ଦ୍ରଶେଖର ଆଜାଦଙ୍କ ଉପରକୁ ହୋଇଥିବା ଗୁଳିକାଣ୍ଡ ତାତି ବରଗଡ଼ରେ ପରିଲକ୍ଷିତ ହୋଇଛି। ଏହି କ୍ରମରେ ଶୁକ୍ରବାର ଭୀମ୍ ଆର୍ମି ବରଗଡ଼ ଜିଲାର ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ଅଫିସକୁ ଶୋଭାଯାତ୍ରାରେ ଯାଇଥିଲେ। ସେମାନେ ଗୁଳିକାଣ୍ଡ ଘଟଣାକୁ ତୀବ୍ର ନିନ୍ଦା କରିବା ସହ ଏଥିରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ଏହା ସହିତ ଭୀମ୍ ଆର୍ମି ମୁଖ୍ୟ ଆଜାଦଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା ଯୋଗାଇ ଦେବା ପାଇଁ ଦାବି କରିଥିଲେ। ଏହି ଦାବି ନେଇ ପ୍ରଧାନମନ୍ତ୍ରୀ ଏବଂ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀଙ୍କ ସେମାନେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ଦାବିପତ୍ର ଗ୍ରହଣ କରିଥିଲେ। ଭୀମ୍ ଆର୍ମି ବରଗଡ଼ ଜିଲା ସଭାପତି ଆଶିଷ ବୋଥଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଜିଲାପାଳଙ୍କ ଅଫିସକୁ ଆସିଥିଲେ।

# ସ୍ୱାମୀ, ଶ୍ୱଶୁର, ଦେଢ଼ଶ୍ୱଶୁର ଓ ଯାଆ ନିର୍ଦ୍ଦୋଷରେ ଖଲାସ

**ବୌଦ୍ଧ,୩୦।୬(ଅଜିତ କୁମାର ବାରିକ)**

**ବଧୂହତ୍ୟା ମାମଲା**

ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍ ସରୋଜିନୀ ପତି ଶୁକ୍ରବାର ଦିନ ଏକ ବଧୂ ହତ୍ୟା ମାମଲର ବିଚାର କରି ଅଭିଯୁକ୍ତ ସ୍ୱାମୀ, ଶଶୁର,ଦେଢଶୁର ଓ ଯାଆଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ବୌଦ୍ଧ ଜିଲା ବ୍ରାହ୍ମଣପାଲି ଗ୍ରାମର ମୀନ ପ୍ରଧାନଙ୍କ ଝିଅ ଲିଜା ପ୍ରଧାନ ୨୦୧୭ ମସିହାରେ ବୌଦ୍ଧ ଥାନା ଅଧୀନ ବାଲିପଦର ଗ୍ରାମର ସନ୍ତୋଷ କୁମାର ଦଳାଇଙ୍କୁ ବିବାହ କରିଥିଲେ। ବିବାହର ୩ ଦିନ ପରଠାରୁ ସ୍ୱାମୀ ସନ୍ତୋଷ ଓ ପରିବାର ଲୋକ ଅଧିକ ଯୌତୁକ ଆଣିବାକୁ ଲିଜା ଉପରେ ଚାପ ପକାଇଥିଲେ। ବିବାହର ଦୁଇମାସ ପରେ ଗତ ୨୧।୧୧।୨୦୧୭ରେ ଲିଜାଙ୍କୁ ତାଙ୍କ ସ୍ୱାମୀ ,ଶଶୁର, ଦେଢଶୁର ଓ ଯାଆ ମାରି ଦେଇଥିବା ନେଇ ମୀନ ପ୍ରଧାନ ବୌଦ୍ଧ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବୌଦ୍ଧ ଥାନା ପୋଲିସ କେସ୍ ନଂ ୨୬୭/୧୭ରେ ଏକ ବଧୂହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଉକ୍ତ ଘଟଣାରେ ସ୍ୱାମୀ ସନ୍ତୋଷ ଦଳେଇ, ଶଶୁର ଧନେଶ୍ୱର ଦଳେଇ, ଦେଢଶୁର ବାବୁଲା ଦଳେଇ ଓ ଯାଆ ବାସନ୍ତୀ ଦଲାଇ ନାମରେ ମାମଲା ରୁଜୁ କରିଥିଲା। ପୋଲିସ ସ୍ୱାମୀ ସନ୍ତୋଷ ଓ ଶଶୁର ଧନେଶ୍ୱରଙ୍କୁ ୨୩।୧୧।୧୭ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ମାମଲା ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ଏସଟି କେସ୍ ନଂ ୪୩/୧୮ ହୋଇ ବିଚାର ହୋଇଥିଲା। ମାମଲାରେ ସରାକାରଙ୍କ ପକ୍ଷରୁ ୯ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଦାଲତ ପ୍ରମାଣ ଅଭାବରୁ ସମସ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତମାନଙ୍କ ପକ୍ଷରୁ ମାମଲାକୁ ବରିଷ୍ଠ ଆଇନଜୀବୀ ତାରେଣୀ କୁମାର ମହାପାତ୍ର ପରିଚାଳନା କରୁଥିଲେ।

## ଅବସର ନେଲେ ବୌଦ୍ଧ ଜିଲାପାଳ

**ବୌଦ୍ଧ,୩୦।୬ (ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାପାଳ ସତ୍ୟରଞ୍ଜନ ସାହୁ ଶୁକ୍ରବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ସେ ଗତ ଅଗଷ୍ଟ ୧୪ ତାରିଖ ଦିନ ଜିଲାପାଳ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ମାତ୍ର ୧୦ ମାସ କାର୍ଯ୍ୟ କରିବାର ସୁଯୋଗ ପାଇଥିବା ସାହୁ ଜିଲାରେ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଆଭ୍ୟନ୍ତରୀଣ ଅଞ୍ଚଳର ରାସ୍ତାର ସୁଧାର ଆଣିବାରେ ଅନେକ ପଦକ୍ଷେପ ଗ୍ରହଣ କରି ଚର୍ଚ୍ଚାରେ ରହିଥିଲେ। ସେ ସମସ୍ତ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଗୁରୁତ୍ୱ ଦେଇ ଆସୁଥିଲେ। ଦୁର୍ଗମ ଗ୍ରାମରେ ପହଞ୍ଚି ସରକାରୀ ସେବା ପହଞ୍ଚାଇବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ଜିଲା ରେଡକ୍ରସ ପାଇଁ ରେକର୍ଡ ପରିମାଣର ପାଣ୍ଠି ଯୋଗାଡ କରିବା ସହିତ ଗରିବ ଓ ନିଃସହାୟ ଲୋକଙ୍କୁ ଚିକିତ୍ସା ସେବା ଯୋଗାଇ ଦେବା ଭଳି କାର୍ଯ୍ୟକ୍ରମ ପାଇଁ ସେ ଚର୍ଚ୍ଚାରେ ରହିଥିଲେ।

# ଅଞ୍ଚଳ କଲେଜରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ପଦ୍ମପୁର,୩୦।୬ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ସମ୍ମିଳନୀ ପ୍ରକୋଷ୍ଠରେ ଅଧ୍ୟକ୍ଷ ଡ. ଲଳିତେନ୍ଦୁ ନାୟକଙ୍କ ସଭାପତିତ୍ୱରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଇତିହାସ ବିଭାଗର ପ୍ରାଧ୍ୟାପକ କୃଷ୍ଣମୋହନ ପଣ୍ଡା, ପ୍ରାଧ୍ୟାପକ ଗଜରାଜ ପାତ୍ର, ରସାୟନ ବିଜ୍ଞାନ ପ୍ରାଧ୍ୟାପକ ଡ଼. ମନୋଜ ପ୍ରଧାନ ଏବଂ ପଦାର୍ଥ ବିଜ୍ଞାନର ଡେମନଷ୍ଟ୍ରେଟର ରାଜ କିଶୋର ରଥଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ମହାବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପିକା, ପ୍ରାଧ୍ୟାପକ, ଅଧ୍ୟାପିକା ଅଧ୍ୟାପକ ନିଜ ଅଭିଭାଷଣରେ ବିଦାୟୀ ଶିକ୍ଷକମାନଙ୍କ ମଙ୍ଗଳ କାମନା କରିଥିଲେ। ବିଦାୟୀ ଶିକ୍ଷକମାନେ ମଧ୍ୟ ମହାବିଦ୍ୟାଳୟରେ ନିଜର ଅଭିଜ୍ଞତା ବର୍ଣ୍ଣନା ପୂର୍ବକ ଅନୁଷ୍ଠାନର ବିକାଶ ଦିଗରେ ସର୍ବଦା ସହଯୋଗ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଶିକ୍ଷକ କର୍ମଚାରୀ ସଂଘ ସମ୍ପାଦକ ପ୍ରମୋଦ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ କର୍ମଚାରୀ ସଂଘ ଉପସମ୍ପାଦକ ପ୍ରଶାନ୍ତ ସିଦାର ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ପ୍ରାଧ୍ୟାପକ ତାରା ପ୍ରସାଦ ଶତପଥୀ, ପ୍ରଭାତ ମହାପାତ୍ର, ଡ. ବିରଞ୍ଚି ସାହୁ, ସରୋଜ ପଧାନ, ଡ. ସରୋଜ ନାୟକ, ଲଳିତ ମୋହନ ପଣ୍ଡାଙ୍କ ସମେତ ଅଧ୍ୟାପିକା,ଅଧ୍ୟାପକ, କର୍ମଚାରୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ସଡ଼କ ଦୁର୍ଘଟଣା, ରାସ୍ତା ଅବରୋଧ

**ବରଗଡ, ୩୦।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ଉପକଣ୍ଠ ହଳଦୀପାଲି ଛକ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଏକ ବାଇକ୍‌କୁ ପିକ୍‌ଅପ୍ ଭ୍ୟାନ୍ ଧକ୍କା ଦେବାରୁ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତର ବାଇକ ଆରୋହୀ ହେଲେ ବରଗଡ଼ ସଦର ଥାନା ଅନ୍ତର୍ଗତ ପଥର୍ଲା ଗ୍ରାମର ବିଜୟ ସାହୁ(୨୮)। ତାଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ପ୍ରକାଶ ଯେ, ବିଜୟ ତାଙ୍କ ସାଙ୍ଗ ରମେଶ ସାହୁଙ୍କ ସହିତ ଏକ ବାଇକ୍‌ରେ ବରଗ ପଟକୁ ଆସୁଥିଲେ। ସେମାନେ ହଳଦୀପାଲି ଛକ ନିକଟରେ ପହଞ୍ଚିବା ପରେ ଦ୍ରୁତବେଗରେ ତାଙ୍କ ପଛପଟୁ ଆସୁଥିବା ନମ୍ବର ବିହୀନ ପିକଅପ ଭ୍ୟାନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ବାଇକ ଆରୋହୀ ବିଜୟ ଗୁରୁତର ହୋଇଥିଲେ। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ଦୁର୍ଘଟଣା ଘଟାଇଥିବା ପିକଅପ୍‌କୁ ଅଟକାଇବା ସହିତ ରାସ୍ତା ଅବରୋଧ କରିଛନ୍ତି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିବା ସହିତ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଖବର ଲେଖା ହେବା ସୁଦ୍ଧା (ରାତି ୯ଟା ପର୍ଯ୍ୟନ୍ତ) ଆନ୍ଦୋଳନ ଜାରି ରହିଛି। ଘଟଣାସ୍ଥଳରେ ପହଞ୍ଚି ପୋଲିସ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଛି।

## ଆଜି କ'ଣ କେଉଁଠି

ରାଉରକେଲା

- **ବନ ମହୋତ୍ସବ**
  ସ୍ଥାନ-ହାତୀବନ୍ଧା ହାଇସ୍କୁଲ, ସମୟ ସକାଳ ୯ଟା।
- **ମହିଳା ହକି ଚାମ୍ପିୟନଶିପ୍**
  ସ୍ଥାନ-ରାଉରକେଲା ବିର୍ସା ମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମ, ସମୟ-ସକାଳ ୬ଟା।
- **ଶ୍ରୀଜୀଉଙ୍କ ନୀଳାଦ୍ରି ବିଜେ ସହ ଗୀତିନାଟ୍ୟ**
  ସ୍ଥାନ-ସେକ୍ଟର-୩ ସ୍ଥିତ ଅହିରାବନ୍ଧ ଜଗନ୍ନାଥ ମନ୍ଦିର, ସମୟ-ସନ୍ଧ୍ୟା ୭ଟା ୩୦ ମିନିଟ୍।
- **ଶ୍ରୀଜୀଉଙ୍କ ନୀଳାଦ୍ରି ବିଜେ**
  ସ୍ଥାନ-ଉଦିତନଗର, ପ୍ଲାଣ୍ଟସାଇଟ୍, ବାସନ୍ତୀ କଲୋନୀ ଓ ଛେଣ୍ଡ, ସମୟ-ସନ୍ଧ୍ୟା ୭ଟା ୩୦ମିନିଟ୍।

# କାମକୁ ଆସୁନି ପଶୁ ନିରୋଧଶାଳା

ରାଉରକେଲା,୩୦।୬(ବିପ୍ଳବ ରଞ୍ଜନ ଦାଶ)

ହକି ବିଶ୍ୱକପ୍ ପୂର୍ବରୁ ରାଉରକେଲା ସହର ରାଜରାସ୍ତାରୁ ଶହ ଶହ ବୁଲା ଗୋରୁ ଓ କୁକୁରଙ୍କୁ ଉଦ୍ଧାର କରି ନିରୋଧଶାଳାରେ ରଖାଗଲା। ମାତ୍ର ବିଶ୍ୱକପ୍ ଶେଷ ହେବା ପରେ ଉକ୍ତ ଗୋରୁ ଓ କୁକୁରଙ୍କୁ ପୁଣି ଛାଡି ଦିଆଯାଇଛି। ଫଳରେ ସେମାନେ ଏବେ ସହରର ବିଭିନ୍ନ ରାସ୍ତାରେ ବୁଲାବୁଲି କରୁଛନ୍ତି। ଏହାଦ୍ୱାରା ଯାତ୍ରୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି।

ସୂଚନା ଅନୁସାରେ, ହକି ପୂର୍ବରୁ ସହରରୁ ୧୫୦ରୁ ଊର୍ଦ୍ଧ୍ୱ ବୁଲା ଗୋରୁ ଓ କୁକୁରଙ୍କୁ ଉଦ୍ଧାର କରି ସେକ୍ଟର-୧୪ ସ୍ଥିତ ୩ଏକର ବିଶିଷ୍ଟ ଜମିରେ ନିର୍ମିତ ଉକ୍ତ କେନ୍ଦ୍ରରେ ଥଇଥାନ କରାଗଲା। ଏଥିପାଇଁ ଆର୍‌ଏମ୍‌ସି ପକ୍ଷରୁ ୧୩ଲକ୍ଷ ୨୨ହଜାର ଟଙ୍କା ବ୍ୟୟ କରାଯାଇଥିଲା। ସେମାନଙ୍କ ଖାଇବା ପାଇଁ ପ୍ରତି ସପ୍ତାହରେ ୬୦ରୁ ୭୦ କୁଇଣ୍ଟାଲ ଦାନା, ପାଳକୁଟି ଓ ଚୋକଡ ବ୍ୟବସ୍ଥା କରାଗଲା। ସେହିପରି ନିରୋଧଶାଳାରେ ବୁଲା ପ୍ରାଣୀଙ୍କ ପିଇବା ପାଇଁ ୬୦ରୁ ଊର୍ଦ୍ଧ୍ୱ ଜଳକୁଣ୍ଡ ନିର୍ମାଣ ହେବା ସହ ରକ୍ଷଣାବେକ୍ଷଣ ପାଇଁ ଜଣେ ଇନଚାର୍ଜ ଏବଂ ୪ଜଣ ଷ୍ଟାଫ୍ ନିୟୋଜିତ



ସେକ୍ଟର ୧୪ ସ୍ଥିତ ପଶୁ ନିରୋଧଶାଳା।



ଡଗ୍ କେନେଲରେ ମଣିଷ ଶୋଇଛନ୍ତି।

### ସହର ରାସ୍ତାରେ ବୁଲୁଛନ୍ତି ଗୋରୁ

ହେଲେ। ମାତ୍ର ହକି ବିଶ୍ୱକପ୍ ଶେଷ ହେବା ପରେ ଉକ୍ତ କେନ୍ଦ୍ରରେ ଥିବା ଗୋରୁଙ୍କୁ ବାହାର କରି ଦିଆଯାଇଛି। ୫ମାସ ହେଲାଣି ଆରଏମସି ପକ୍ଷରୁ ପୂର୍ବଭଳି ଆଉ ବୁଲା ଗୋରୁଙ୍କୁ ଉଦ୍ଧାର କି ଥଇଥାନ କରାଯାଉନି। ଫଳରେ ସହରର ରାସ୍ତାଗୁଡିକରେ ପୂର୍ବଭଳି ଗାଈଗୋରୁ ପଲ ପଲ ହୋଇ ବୁଲୁଥିବା ଦେଖିବାକୁ ମିଳୁଛି। ସେହିପରି ନିରୋଧଶାଳା କେନ୍ଦ୍ରରେ ବୁଲା କୁକୁର ମଧ ନାହାନ୍ତି। ବର୍ତ୍ତମାନ ଡଗ୍ କେନେଲ କୋଠାରେ ମଣିଷ ଶୋଇବା ଆରମ୍ଭ କରିଦେଲେଣି। ଗୋଖାଦ୍ୟ ଭଣ୍ଡାର କୋଠାରେ କାଠ ବାଉଁଶ ଭର୍ତ୍ତି ହୋଇଛି। ବର୍ତ୍ତମାନ ୧୩ଟି ଗୋରୁ ଏଠାରେ ରହିଛନ୍ତି। ଏ ନେଇ ଆର୍‌ଏମ୍‌ସି ଡେପୁଟି କମିଶନର ସୁଧାଂଶୁ ଭୋଇଙ୍କୁ ପଚାରିବାରୁ ସେ କହିଲେ, ହକି ବିଶ୍ୱକପ୍ ପୂର୍ବରୁ ବୁଲା ଗାଈଗୋରୁଙ୍କୁ ଉଦ୍ଧାର କରି କେନ୍ଦ୍ରରେ ରଖାଯାଇଥିଲା। ସେମାନଙ୍କ ଯତ୍ନରେ ଅଧିକ ଖର୍ଚ୍ଚ ହେବାରୁ ରକ୍ଷଣାବେକ୍ଷଣ ପାଇଁ କିଛି ଲୋକଙ୍କୁ ଗାଈଗୋରୁ ହସ୍ତାନ୍ତର କରାଗଲା। ବୁଲା ଗୋରୁ ଓ କୁକୁରଙ୍କୁ ବନ୍ଦୀ ରଖି ସେମାନଙ୍କ ପ୍ରତି ଅତ୍ୟାଚାର କରାଯାଉଥିବା ଅଭିଯୋଗ ହେବାରୁ ସେମାନଙ୍କୁ ଛାଡି ଦିଆଗଲା। ସହର ରାସ୍ତାରେ ଗାଈ ସଂଖ୍ୟା ବଢିଲେ ପୁଣି ଉଦ୍ଧାର କରି ସେକ୍ଟର-୧୪ ପଶୁ ନିରୋଧଶାଳାରେ ରଖାଯିବ ବୋଲି ଭୋଇ କହିଥିଲେ। ଏ ସମ୍ପର୍କରେ ନିରୋଧଶାଳାର ଇନ୍‌ଚାର୍ଜ କେଦାର ଚୌଧୁରୀଙ୍କୁ ପଚାରିବାରୁ ସେ କହିଲେ, ହକି ପୂର୍ବରୁ ୧୫୦ ଗାଈଗୋରୁ ଥିଲେ। ହକି ପରେ ପରେ କିଛି ଗାଈଗୋରୁଙ୍କୁ ଆର୍‌ଏମ୍‌ସି ତରଫରୁ କାଢି ଦିଆଯାଇଛି। ବର୍ତ୍ତମାନ ୧୩ ଗୋରୁ ଅଛନ୍ତି। ଏମାନଙ୍କ ପାଇଁ ସପ୍ତାହରେ ୭ କୁଇଣ୍ଟାଲ ଗୋଖାଦ୍ୟ ଯୋଗାଣ ହେଉଛି ବୋଲି ସେ କହିଥିଲେ।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ରାଉରକେଲା,୩୦।୬(ସଙ୍ଗୀତା ଜେନା)

### ଆର୍‌ଡିଏରେ ଆବାସ ଆବଣ୍ଟନ ଦୁର୍ନୀତି ଅଭିଯୋଗ

ଆର୍‌ଡିଏରେ ବେଆଇନ ଆବାସ ବଣ୍ଟନକୁ ପଶ୍ଚିମ ଓଡିଶା ଯବାନ ବିକାଶ ପରିଷଦ ତରଫରୁ ତୀବ୍ର ବିରୋଧ କରାଯାଇଛି। ଏହି ମର୍ମରେ ପରିଷଦ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପଠାଯାଇଛି। ଏ ନେଇ ଏସ୍‌ଟିଆଇ ସ୍ଥିତ କେନ୍ଦ୍ରୀୟ ମାନବ ଅଧିକାର ସୁରକ୍ଷା ସଙ୍ଗଠନ କାର୍ଯ୍ୟାଳୟଠାରେ ଶୁକ୍ରବାର ପରିଷଦର ଅଧ୍ୟକ୍ଷ ନିର୍ମଳ ଦାସଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ଇଣ୍ଡିଆନ ଭେଟେରାନ ଅର୍ଗାନାଇଜେଶନ ଜିଲା ସଭାପତି ଚକ୍ରାନ୍ତ ଜେନା, କେନ୍ଦ୍ରୀୟ ମାନବ ଅଧିକାର ସୁରକ୍ଷା ସଙ୍ଗଠନର ରାଜ୍ୟ ସଭାପତି ଲଳିତା ପ୍ରେମଶିଲା ଲାକ୍ରା, ଜିଲା ଉପସଭାପତି ରଲେନ ବୁଡ, ମାନବାଧିକାର ସୁରକ୍ଷା କର୍ମୀ ଦୀପିକା ଲାକ୍ରା, ଆଖି ସଙ୍ଗଠନର ସଭାପତି ଅଭିନାଶ ଶୁକ୍ଳା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ଚକ୍ରାନ୍ତ ଜେନା କହିଥିଲେ, ୨୦୨୦ ସେପ୍ଟେମ୍ବର ୨୮ରେ ଆର୍‌ଡିଏ ପକ୍ଷରୁ ଗୃହ ଆବଣ୍ଟନ ପାଇଁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ଗୃହ ପାଇବା ପାଇଁ ରାଉରକେଲାରୁ ପ୍ରାୟ ୧୫ ଶହରୁ ଅଧିକ ଆବେଦନ କରିଥିଲେ। ମାତ୍ର ଆର୍‌ଡିଏର କିଛି ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ଲଟେରିରେ ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଆର୍‌ଡିଏର ଏହି ଆବଣ୍ଟନ ପ୍ରକ୍ରିୟାରେ ହୋଇଥିବା ଅନିୟମିତତାକୁ ନେଇ ପୂର୍ବରୁ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ସଚିବ, ସୁନ୍ଦରଗଡ ଜିଲାପାଳ, ୫-ଟି ସଚିବ, ରାଉରକେଲା ଏଡିଏମ୍, ଆର୍‌ଡିଏ ସଚିବ ଓ ରାଜ୍ୟପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ପରିଷଦ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି।




ଖବରଦାତା ସମ୍ମିଳନୀରେ ପରିଷଦର କର୍ମକର୍ତ୍ତାଗଣ।

## ସଂକ୍ଷେପରେ

### ସୋନାପର୍ବତ ଅଞ୍ଚଳରେ ଅବକାରୀ ଚଢ଼ାଉ, ୨ଗିରଫ

**ରାଉରକେଲା,୩୦।୬(ସଙ୍ଗୀତା ଜେନା):** ରାଉରକେଲା ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଲାଠିକଟା ଥାନା ଅନ୍ତର୍ଗତ ସୋନାପର୍ବତ ଅଞ୍ଚଳରେ ଚଢ଼ାଉ କରାଯାଇଛି। ଚଢାଉ ବେଳେ ୪୧୦୦ କେଜି ପୋଚ ସହ ୨୬୦ ଲିଟର ଦେଶୀ ମଦ ଜବତ ହୋଇଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ସନାତନ ଭୂମିଜ(୪୧) ଓ ପ୍ରେମିକା ଲୋହାର(୩୪)। ଏ ନେଇ ବିଭାଗ ପକ୍ଷରୁ ଦୁଇଟି ମାମଲା (ନଂ.୧୨୦।୨୩ ଓ ନଂ.୧୨୧।୨୩) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି। ଅବକାରୀ ଇନ୍ସପେକ୍ଟର ସ୍ନେହଲତା ନାୟକ, ଏସ୍‌ଆଇ ଶ୍ରୀଧର ମହାନ୍ତି ଓ ଅନ୍ୟମାନେ ଚଢ଼ାଉରେ ସାମିଲ ହୋଇଥିଲେ।

### ବଳାତ୍କାର ଅଭିଯୋଗରେ ଫେରାର ଯୁବକ ଗିରଫ

**ରାଉରକେଲା,୩୦।୬(ଦିନେଶ ମିଶ୍ର):** ଜଣେ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ସେକ୍ଟର-୭ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଶୁକ୍ରବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜାମଟୋଲି ବସ୍ତିର ଅରୁଣ ନାୟକ(୨୪)। ଶୁକ୍ରବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଗତ ଏପ୍ରିଲ ୧୦ରେ ସେକ୍ଟର-୭ ଥାନା ଜାମ୍‌ଟୋଲି ବସ୍ତିର ଜଣେ ଯୁବତୀ ଘର ପାଖ ପାହାଡ ତଳକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ୩ ଜଣ ଯୁବକ ତାଙ୍କୁ ଟେକି ନେଇ ବଳାତ୍କାର କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ପ୍ରଥମେ ରୋହିତ ନାୟକ ଓ ବିଜୟ ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

### ସୁନାଚେନ୍ ଲୁଟ୍, ଥାନାରେ ଅଭିଯୋଗ

**ରାଉରକେଲା,୩୦।୬(ଦିନେଶ ମିଶ୍ର):** ସେକ୍ଟର-୨ ଅଞ୍ଚଳର ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍‌କୁ ନେଇ ଶୁକ୍ରବାର ସେକ୍ଟର-୩ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୭୪।୨୩) ରୁଜୁ କରିଛି। ଶାନ୍ତିଲତା ସାହୁ ଗତ ୨୮ ତାରିଖରେ ବାହୁଡା ଯାତ୍ରା ଦେଖିବା ଲାଗି ସେକ୍ଟର-୩ ଅହିରାବନ୍ଧ ଜଗନ୍ନାଥ ମନ୍ଦିରକୁ ଯାଉଥିବା ବେଳେ ୨ଜଣ ଦୁର୍ବୃତ୍ତ ତାଙ୍କ ବେକରୁ ସୁନାଚେନ୍ ଲୁଟ୍ କରିଥିଲେ।

# କମିଶନରଙ୍କୁ ସ୍ମାରକପତ୍ର ଦେଲା କଂଗ୍ରେସ

ରାଉରକେଲା, ୩୦।୬(ସଙ୍ଗୀତା ଜେନା)

ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୩୧ ନମ୍ବର ୱାର୍ଡର ନୟାବଜାର, ଝିରିଆବାହାଲ, ରାମେଶ୍ୱରପଲ୍ଲୀ, ଉତ୍କଳପଲ୍ଲୀ ଓ ସ' ମିଲ୍ ବସ୍ତିର ସମସ୍ୟା ସମାଧାନ ଦାବି କରିଛି କଂଗ୍ରେସ। ଏହି କ୍ରମରେ ଶୁକ୍ରବାର ପିସିସି ସାଧାରଣ ସମ୍ପାଦକ ବିରେନ ସେନାପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆର୍‌ଏମ୍‌ସି କମିଶନର ଡ. ଶୁଭଙ୍କର ମହାପାତ୍ରଙ୍କୁ ସାକ୍ଷାତ କରି ଉକ୍ତ ଅଞ୍ଚଳଗୁଡ଼ିକର ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହିତ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ସ୍ମାରକପତ୍ରରେ ଅନୁସାରେ, ଝିରିଆବାହାଲରେ ରାସ୍ତା ଓ ନାଳି, ସ' ମିଲ୍ ଦେଇ ଯାଇଥିବା ବଡନାଳିକୁ ସମ୍ପୂର୍ଣ୍ଣ କରିବା, ନୟାବଜାର ଶିବ ମନ୍ଦିର ନିକଟରେ ପେଭର ବ୍ଲକ୍ ବିଛାଯାଇଥିବା ବେଳେ ଅଧାରୁ ଛାଡି ଦିଆଯାଇଛି। ପୂର୍ବରୁ ବିଛାଯାଇଥିବା ପେଭର ବ୍ଲକ୍ ନିମ୍ନମାନର ହୋଇଥିବାରୁ କେତେକ ସ୍ଥାନରେ



କଂଗ୍ରେସ ପ୍ରତିନିଧି ଦଳ ଆର୍‌ଏମ୍‌ସି କମିଶନରଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

### ଆର୍‌ଏମ୍‌ସି ୩୧ ନମ୍ବର ୱାର୍ଡ ସମସ୍ୟା

ସେଗୁଡିକ ଉଠିଗଲାଣି। ତେଣୁ ଏହି କାର୍ଯ୍ୟ ପ୍ରତି ମଧ ଦୃଷ୍ଟି ଦେବାକୁ ଉଲ୍ଲେଖ ରହିଛି। ସେହିପରି ନୟାବଜାର, ସ' ମିଲ୍, ଝିରିଆବାହାଲ, ଉତ୍କଳପଲ୍ଲୀ ଅଞ୍ଚଳରେ ଠିକ୍ ଭାବେ ପାଇପ୍ ଜଳ ଯୋଗାଣ ହେଉ ନ ଥିବାରୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୟାବଜାର ଶିବ ମନ୍ଦିର ଅଞ୍ଚଳରେ ଲାଗିଥିବା ଝୁମର ଲାଇଟ୍ ଦୀର୍ଘଦିନ ହେଲା ଜଳୁନାହିଁ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଏସବୁ ସମସ୍ୟାଗୁଡିକ ସମ୍ପର୍କରେ ଅନୁଧ୍ୟାନ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ କମିଶନର ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ଜିଲଶ କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀ, ଜିଲା କଂଗ୍ରେସ କର୍ମକର୍ତ୍ତା ଦିଲୀପ ଜେନା, ଛବିନ୍ଦ୍ର ଦାସ, ପ୍ରମୋଦ ଗୁପ୍ତା, ବରିଷ୍ଠ କଂଗ୍ରେସ ନେତା କୈଳାସ ସାହୁ, ଭାସ୍କର ଖିଲ୍ଲାର, ସେବାଦଳର ବୁଲୁ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ନଦୀରେ ବୁଡ଼ି ନିଖୋଜ ବାଳକଙ୍କ ମୃତଦେହ ମିଳିଲା

ରାଉରକେଲା ,୩୦।୬(ସଙ୍ଗୀତା ଜେନା)

କୋଏଲ ନଦୀର ରାଉରକେଲା ସେକ୍ଟର-୧୬ ନିକଟ ତୁମକେଲା ଘାଟକୁ ୪ ଜଣ ସାଙ୍ଗଙ୍କ ସହ ଗାଧୋଇବା ବେଳେ ନିଖୋଜ ଥିବା ଜଣେ ବାଳକଙ୍କ ମୃତଦେହକୁ ଶୁକ୍ରବାର ବନପୋଷରୁ ଉଦ୍ଧାର କରାଯାଇଛି। ମୃତକ ହେଲେ ସେକ୍ଟର-୯ ଡାଇପୋସ ବସ୍ତିର ଲକି କଚ୍ଛପ(୧୫)। ସେକ୍ଟର-୧୫ ଥାନା ପୋଲିସ ଓ ଓଡ୍ରାଫ ଟିମ୍ ମୃତଦେହକୁ ଉଦ୍ଧାର କରିବା ପରେ ଆର୍‌ଜିଏଚ ନିଆଯାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ପୋଲିସ ସୂଚନା ଅନୁସାରେ, ଲକି ସେକ୍ଟର-୧୮ ଦୀପିକା ଇସ୍ପାତ ଶିକ୍ଷା ସଦନରେ ୯ମ ଶ୍ରେଣୀର ଛାତ୍ର। ଗୁରୁବାର ଅପରାହ୍ନରେ ଲକି ତାଙ୍କ ୪ ଜଣ ସାଙ୍ଗଙ୍କ ସହ ନଦୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ୨ ଜଣ କୂଳରେ ବସିଥିବା ବେଳେ ଅନ୍ୟ ୨ ଜଣ ଗାଧୋଇଥିଲେ। ଗଭୀର ଜଳରେ ୨ ଜଣ ବୁଡ଼ିଯାଉଥିବା ବେଳେ କିଛି ସ୍ଥାନୀୟ ଯୁବକ ଜଣଙ୍କୁ ଉଦ୍ଧାର କରିଥିଲେ। ହେଲେ ଲକି ନିଖୋଜ ଥିଲେ।

# ଉପକୃତ ହେବେ ୮ ବ୍ଲକର ଚାଷୀ

ରାଉରକେଲା,୨୮।୬(ବିପ୍ଳବ ରଞ୍ଜନ ଦାଶ)

### ବାଙ୍କିଆରେ ନିର୍ମାଣ ଚାଲିଛି କୃଷି ବିଜ୍ଞାନ କେନ୍ଦ୍ର-୨

ବହୁ ବର୍ଷର ବାଦବିବାଦ ପରେ ରାଉରକେଲାରେ କୃଷି ବିଜ୍ଞାନ କେନ୍ଦ୍ର-୨ର ନିର୍ମାଣ କାମ ଆରମ୍ଭ ହୋଇଛି। ରାଉରକେଲା ବିମାନ ବନ୍ଦର ନିକଟ ବାଙ୍କିଆରେ ଏଥିପାଇଁ ପାଚେରୀ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହି କୃଷି ବିଜ୍ଞାନ କେନ୍ଦ୍ର ନିର୍ମାଣ ହେଲେ ପାନପୋଷ ଓ ବଣେଇ ଉପଖଣ୍ଡ ଅଧୀନ ୮ଟି ବ୍ଲକର ହଜାର ହଜାର ଚାଷୀ ଉପକୃତ ହେବେ ବୋଲି ଜଣାପଡିଛି।

ରାଉରକେଲାରେ କୃଷି ବିଜ୍ଞାନ କେନ୍ଦ୍ର-୨ ନିର୍ମାଣକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିଲା। ଏହାକୁ ବିରୋଧ କରି ୨୦୧୬ରେ ହାଇକୋର୍ଟରେ ଏକ ମାମଲା ଦାୟର ହୋଇଥିଲା। ମାତ୍ର ୨୦୨୧ରେ ହାଇକୋର୍ଟ ସରକାରଙ୍କ ସପକ୍ଷରେ ରାୟ ଦେଇଥିଲେ। ଏହାପରେ କେନ୍ଦ୍ର କୃଷି ମନ୍ତ୍ରାଳୟ ପକ୍ଷରୁ କୃଷି ବିଜ୍ଞାନ କେନ୍ଦ୍ର-୨ ପ୍ରଶାସନିକ ଭବନ ପାଇଁ ୧କୋଟି ୫୨ଲକ୍ଷ ଓ କୃଷକମାନଙ୍କ ହଷ୍ଟେଲ ପାଇଁ ୭୧ଲକ୍ଷ ଟଙ୍କା ମଞ୍ଜୁର ହେଲା। ବର୍ତ୍ତମାନ ଏହି କେନ୍ଦ୍ରର ପାଚେରି ନିର୍ମାଣ କାମ ପାଖାପାଖି ଶେଷ ହୋଇଛି। ଏ ନେଇ ରାଉରକେଲା କୃଷି ବିଜ୍ଞାନ କେନ୍ଦ୍ର-୨ର କୃଷି ସମ୍ପ୍ରସାରଣ ବୈଜ୍ଞାନିକ ଜୟନ୍ତ ପତି କହିଛନ୍ତି, କୃଷି ବିଜ୍ଞାନ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଅଗ୍ରଗତି ହୋଇଛି। ଆର୍‌ଏମ୍‌ସି




ପକ୍ଷରୁ ଅନୁମୋଦନ ମିଳିସାରିଛି। ପୂର୍ବରୁ ରାଉରକେଲା କୃଷି ବିଜ୍ଞାନ କେନ୍ଦ୍ର-୨ ୨କୋଠା ବିଶିଷ୍ଟ ଥିବା ବେଳେ ନୂତନ କେନ୍ଦ୍ର ବହୁ କୋଠା ବିଶିଷ୍ଟ ହେବ। ଏଥିସହିତ ପାନପୋଷ ଓ ବଣେଇ ଉପଖଣ୍ଡ ୮ଟି ବ୍ଲକର ଚାଷୀମାନଙ୍କ ପାଇଁ ଚାଷଜନିତ ଜ୍ଞାନକୌଶଳ ପ୍ରଦାନ ସକାଶେ ବହୁ ୟୁନିଟ୍ ନିର୍ମାଣ ହେବ। ୨ହଜାର ଚାଷୀଙ୍କୁ କେନ୍ଦ୍ର ଦ୍ୱାରା ତାଲିମ ପ୍ରଦାନ ବ୍ୟବସ୍ଥା ରହିବ। ଏହାଦ୍ୱାରା ହଜାର ହଜାର ଚାଷୀ ଧାନ, ଛତୁ, ମକା, ପନିପରିବା, ମାଛ ଆଦି ଚାଷ ଜନିତ ଆଧୁନିକ ଜ୍ଞାନକୌଶଳ ହାସଲ କରିବେ ବୋଲି ପତି କରିଛନ୍ତି।

# ବିଶାଖା ଟପ୍ପୋଙ୍କ ଡବଲ୍ସ ଟାଇଟଲ ହାସଲ

ରାଉରକେଲା,୩୦।୬(ବିପ୍ଳବ ରଞ୍ଜନ ଦାଶ)

୧୭ବର୍ଷ କମ୍ ୟୋନେକ୍ସ ସନରାଇଜ ସବ୍ ଜୁନିୟର ଜାତୀୟ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ବିଶାଖା ଟପ୍ପୋ ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ବିବିଡି ୟୁପି ବ୍ୟାଡମିଣ୍ଟନ ଏକାଡେମୀ ଲକ୍ଷ୍ନୌଠାରେ ଜୁନ୍ ୨୦ରୁ ୨୭ତାରିଖ ଯାଏ ଏହି ପ୍ରତିଯୋଗିତା ଚାଲିଥିଲା। ବାଳିକା ଡବଲ୍ସ ବର୍ଗରେ ବିଶାଖା ଏବଂ ପ୍ରଗତି ପରିଡାଙ୍କ



### ଜାତୀୟ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍

ଯୋଡି ପ୍ରତିପକ୍ଷ ଦଳକୁ ଫାଇନାଲରେ ୨୧-୧୦ ଏବଂ ୨୧-୧୩ରେ ପରାସ୍ତ କରି ଟାଇଟଲ ଅର୍ଜନ କରିଥିଲେ। ଏହାପୂର୍ବରୁ ବିଶାଖା ୨୦୨୨ ଡିସେମ୍ବରରେ ଭୁବନେଶ୍ୱର କିଟ୍‌ଠାରେ ଆୟୋଜିତ ୟୋନେକ୍ସ ସନରାଇଜ ୧୭ବର୍ଷରୁ କମ୍ ୩୪ତମ ସବଜୁନିୟର ଜାତୀୟ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ମଧ ଟାଇଟଲ ଜିତିଥିଲେ। ଏତଦବ୍ୟତୀତ ୨୦୨୨ ଅଗଷ୍ଟରେ ରାଉରକେଲା ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ଖେଳା ଯାଇଥିବା ମହିଳା ସିଙ୍ଗଲ୍ସ ବର୍ଗ ଜିଲାସ୍ତରୀୟ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ସେ ଚାମ୍ପିୟନ ହୋଇଥିଲେ। ବିଶାଖା ଇସ୍ପାତ ଇଂରାଜୀ ମାଧମ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବେଳେ ବାପା ଚାରୋ ଟପ୍ପୋ ଓ ମାଉସୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ୨୦୧୯ରୁ ବ୍ୟାଡମିଣ୍ଟନରେ ମନୋନିବେଶ କରିଛନ୍ତି।

# ମୁକୁଳା ପଡ଼ିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର

ରାଉରକେଲା,୩୦।୬(ଦିନେଶ ମିଶ୍ର)

ପାନପୋଷ ସ୍ଥିତ ଜଗନ୍ନାଥ କଲୋନୀ ଯିବା ରାସ୍ତା କଡ଼ରେ ବିପଦ ସଙ୍କୁଳ ଅବସ୍ଥାରେ ହାଇଭୋଲଟେଜ୍ ବିଦ୍ୟୁତ୍ ଟ୍ରାନ୍ସଫରମର ମୁକୁଳା ହୋଇପଡ଼ିଛି। ଫଳରେ କୌଣସି ସମୟରେ ଅଘଟଣ ଘଟିବ ତାହା କହି ହେବନାହିଁ।

ରାଉରକେଲା ଆର୍‌ଏମ୍‌ସି ଅଧୀନରେ ଥିବା ଏହି କଲୋନୀରେ ୧୫ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। କଲୋନୀକୁ ଯାଇଥିବା ବିଦ୍ୟୁତ୍ ସଂଯୋଗୀକରଣ ବ୍ୟବହାର ପାଇଁ ରାସ୍ତାକଡରେ ୱେସ୍କୋ ବିଭାଗ ପକ୍ଷରୁ ୨୦୧୨ରେ ୧୧ ହଜାର କେ.ଭି ହାଇଭୋଲଟେଜ୍ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସାଯାଇଥିଲା। ପରେ ଉକ୍ତ ଅଞ୍ଚରେ ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟପୋତା ଯାଇ ସ୍ଥାନୀୟ ବାସୀନ୍ଦାଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଥିଲା। ଟ୍ରାନ୍ସଫର୍ମର କଲୋନୀ ବାସୀଙ୍କ ପାଇଁ ବସିବାର ୧୦ବର୍ଷରୁ ଊର୍ଦ୍ଧ୍ୱଦିନ ବିତିଯାଇଥିଲେ ମଧ ଏହା ସେହିଭଳି ବିପଦ ସଙ୍କୁଳ ଅବସ୍ଥାରେ ପଡ଼ି ରହିଛି। ଟ୍ରାନ୍ସଫର୍ମର ଚାରିପଟେ କୌଣସି

### ବିପଦସଙ୍କୁଳ ଟ୍ରାନ୍ସଫର୍ମର



ପାଚେରୀ ଓ ତାରବାଡ ଦିଆଯାଇ ନ ଥିବାରୁ ଅଧିକାଂଶ ସମୟରେ ବିଭିନ୍ନ ବୁଲା ପଶୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ମୁଖରେ ପଡୁଛନ୍ତି। ଏଥିସହ କଲୋନୀରେ ଅନେକ ସ୍ଥାନରେ ବିଜୁଳି ଖୁଣ୍ଟି ଓ ତାରର କୌଣସି ମରାମତି କରାଯାଉ ନ ଥିବାରୁ ଟ୍ରାନ୍ସଫର୍ମରକୁ ଅତ୍ୟନ୍ତ ବିପଦସଙ୍କୁଳ ଅବସ୍ଥାରେ ରାସ୍ତାକଡରେ ମୁକୁଳା ଛାଡି ଦିଆଯାଇଛି। ଏଥିରେ ଅନେକ ୨୫୦ ଭୋଲ୍ଟ ଓ ୫ଶହ ଭୋଲ୍ଟର ତାର ଗୁଡିକ ଖିଞ୍ଚାଖିଞ୍ଚି ହୋଇ ଏଣେତେଣେ ପଡି ରହିଛି। ରାସ୍ତାକଡ଼ରେ ଉଚ୍ଚତାକ୍ଷମ ସମ୍ପନ୍ନ ଟ୍ରାନ୍ସଫର୍ମର ଥିଲେ ମଧ ଟିପିଡବ୍ଲ୍ୟୁଓଡିଏଲ ବିଦ୍ୟୁତ୍ ବିଭଗ ପକ୍ଷରୁ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ କୌଣସି ସୂଚନା ଫଳକ ମଧ ଲଗାଯାଇନାହିଁ। ଅନେକ ସମୟରେ ତାର ଢିଲା ଥିବା ଯୋଗୁ ସ୍ପାର୍କ ହୋଇ ନିଆଁ ଲାଗୁଛି। ସହରରେ ବାସନ୍ତୀ କଲୋନୀ, ଉଦିତନଗର, ଛେଣ୍ଡ ମୁଖ୍ୟ ରାସ୍ତା, ସିଭିଲଟାଉନଶିପ୍ ଭଳି ବିଭିନ୍ନ ଅଞ୍ଚଳରେ ଥିବା ରାସ୍ତାକଡ଼ ଟ୍ରାନ୍ସଫର୍ମର ଗୁଡିକରେ ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ପାଚେରୀ ଓ ବିଭିନ୍ନ ସତର୍କ ସୂଚନା ଜାରି କରାଯାଇଥିବା ବେଳେ ପାନପୋଷ ସ୍ଥିତ ଜଗନ୍ନାଥ କଲୋନୀର ମୁଖ୍ୟ ରାସ୍ତାକଡରେ ଥିବା ଟ୍ରାନ୍ସଫର୍ମରକୁ ଯଥାଶୀଘ୍ର ସୁରକ୍ଷା ବଳୟରେ ସାଙ୍କେତିକ ଚିହ୍ନଦେଇ ରଖିବା ପାଇଁ ଦାବି କରାଯାଇଛି। ଏ ନେଇ ପାନପୋଷ ଡିଭିଜନ ଟିପିଡବ୍ଲ୍ୟୁଓଡିଏଲ ବିଭାଗର କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପଣ୍ଡାଙ୍କୁ ପଚାରିବାରୁ, ଜଗନ୍ନାଥ କଲୋନୀ ରାସ୍ତାକଡରେ ଦୀର୍ଘ ଦିନ ଧରି ମୁକୁଳା ଅବସ୍ଥାରେ ପଡିରହିଥିବା ଟ୍ରାନ୍ସଫର୍ମରକୁ ନେଇ ଆମ ପାଖରେ ଆଜିଯାଏ କୌଣସି ଅଭିଯୋଗ ହୋଇନାହିଁ। ତଥାପି ଆମେ ଆଗାମୀ ୭ ଦିନ ମଧ୍ୟରେ ଟିପିଡବ୍ଲ୍ୟୁଓଡିଏଲ ସିଭିଲ ବିଭାଗ ଟିମ୍‌କୁ ଏହି ବିଷୟରେ ଅବଗତ କରାଇ ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଥିଲେ।

# ଉତ୍ତରପ୍ରଦେଶ, ଛତିଶଗଡ଼, ପଞ୍ଜାବ, ଗାନ୍ସ, ଓଡ଼ିଶା ବିଜୟୀ

ରାଉରକେଲା,୩୦।୬(ଦିନେଶ ମିଶ୍ର)

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଚାଲିଥିବା ତ୍ରୟୋଦଶ ଜୁନିୟର ମହିଳା ଜାତୀୟ ହକି ଚାମ୍ପିୟନଶିପ୍‌ର ଚତୁର୍ଥ ଦିନରେ ୫ଟି ମ୍ୟାଚ ଖେଳାଯାଇଛି। ପ୍ରଥମ ମ୍ୟାଚ ଉତ୍ତରପ୍ରଦେଶ ଓ ବିହାର ମଧ୍ୟରେ ଖେଳାଯାଇଥିଲା। ଏଥିରେ ଉତ୍ତରପ୍ରଦେଶ ୧୩-୧ ଗୋଲରେ ବିହାରକୁ ପରାସ୍ତ କରିଥିଲା। ଉତ୍ତରପ୍ରଦେଶ ଦଳ ଖେଳ ଆରମ୍ଭରୁ ଆକ୍ରମକ ଖେଳ ପ୍ରଦର୍ଶନ କରି ଫରୱାର୍ଡ ଖେଳାଳି ଦିବ୍ୟା ଖେଳର ୩୦, ୨୯, ୩୨, ୪୯ ମିନିଟ୍‌ରେ ସର୍ବାଧିକ ୪ଟି ଗୋଲ ଦେଇଥିଲେ। ପରେ ପୁଷ୍ପାଞ୍ଜଳି ସୋନକର ଖେଳର ୮, ୫୧ ମିନିଟ ଓ ସୁନିତା କୁମାରୀ ୬୦, ୪୮ ମିନିଟ୍‌ରେ ଦୁଇଟି ଲେଖାଏଁ ଗୋଲ କରିଥିଲେ। ସେହିପରି ରୁଚିକା ଉପାଧ୍ୟାୟ ଖେଳର ୩୫ ମିନିଟ, ପୀତାମ୍ବରୀ କୁମାରୀ ୪୪ ମିନିଟ, ଖୁସି ରାଠୋର ୫୯ ମିନିଟ, ଶାଖୀ ସୁକଳା ୫୫ ମିନିଟ, ସିମରନ୍ ୫୭ ମିନିଟରେ ଗୋଟିଏ ଲେଖାଏଁ ଗୋଲ କରି ଦଳକୁ ବିଜୟୀ କରିଥିଲେ। ବିହାର ଦଳ ପକ୍ଷରୁ ବିଜଲୀ କୁମାରୀ ଖେଳର ୧୬ ମିନିଟରେ ଗୋଟିଏ ଗୋଲ କରିଥିଲେ। ଦ୍ୱିତୀୟ ମ୍ୟାଚ ଛତିଶଗଡ ଓ ଦାଦ୍ରାନଗରହାବେଳି ମଧ୍ୟରେ ହୋଇଥିଲା। ଏଥିରେ ଛତିଶଗଡ ଦାଦ୍ରାନଗରକୁ ୨୨-୧ ଗୋଲରେ ପରାସ୍ତ କରିଥିଲା। ତୃତୀୟ ମ୍ୟାଚ ପଞ୍ଜାବ ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଖେଳାଯାଇଥିଲା। ଏଥିରେ ପଞ୍ଜାବ ୫-୦ ଗୋଲରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଥିଲା। ପଞ୍ଜାବ ଦଳ ପକ୍ଷରୁ ହରଲିନ କୌର ଖେଳର ୨୮ ମିନିଟରେ ପ୍ରଥମେ ଗୋଟିଏ ଗୋଲ କରିଥିଲେ। ପରେ ଅଧିନାୟକ ପବନପ୍ରୀତ କୋର ଖେଳର ୩୬ ମିନିଟ, ପ୍ରିୟଙ୍କା ଡୋଗରା ୪୮ ମିନିଟ, ଶୁଖବୀର ୩୪ ମିନିଟ ଓ ନମନିତ କୌର ୬୦ ମିନିଟରେ ଗୋଟିଏ ଲେଖାଏଁ ଗୋଲ ଦେଇ ଦଳକୁ ବିଜୟୀ କରିଥଲେ। ଚତୁର୍ଥ ମ୍ୟାଚ ହିମାଚଳପ୍ରଦେଶ ଓ ଗାନ୍ସ ମଧ୍ୟରେ ହୋଇଥିଲା। ଏଥିରେ ଗାନ୍ସ ହିମାଚଳପ୍ରଦେଶକୁ ୫-୦ ଗୋଲରେ ପରାସ୍ତ କରିଥିଲା। ପଞ୍ଚମ ମ୍ୟାଚ ଓଡିଶା ଓ ମଣିପୁର ମଧ୍ୟରେ ହୋଇଥିବାବେଳେ ଓଡିଶା ୧୪-୦ ଗୋଲରେ ମଣିପୁରକୁ ପରାସ୍ତ କରିଥିଲା। ଓଡିଶା ପକ୍ଷରୁ ଫରୱାର୍ଡ ଖେଳାଳୀ ଅସିମା ରାଉତ ଖେଳର ୧୪, ୩୦, ୨୦, ୩୭, ୪୯ ମିନିଟ୍‌ରେ ସର୍ବାଧିକ ୫ଟି ଗୋଲ ଦେଇଥିବାବେଳେ ପ୍ରତିଭା ଏକ୍କା ଖେଳର ୩, ୨୬, ୪୪ ଓ ୫୦ ମିନିଟ୍‌ରେ ୪ଟି ଗୋଲ ଦେଇଥିଲେ। ସନ୍ଧ୍ୟା କୁଜୁର ଖେଳର ୭, ୯ ମିନିଟ୍‌ରେ ଦୁଇଟି ଗୋଲ ମାରିଥିବାବେଳେ ଅଧିନାୟିକା ମମିତା ଓରାମ, ମାରିୟମ୍ ଓ ସୁରେଖା ଗୋଟିଏ ଲେଖାଏଁ ଗୋଲ ମାରି ଦଳକୁ ବିଜୟୀ କରିଥିଲେ।




ପଞ୍ଜାବ ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ମ୍ୟାଚ୍‌ର ଦୃଶ୍ୟ।

### ଜୁନିୟର ମହିଳା ଜାତୀୟ ହକି ଚାମ୍ପିୟନଶିପ୍

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କୁଚିଣ୍ଡା (ବିରଞ୍ଚି ଦର୍ଲା): : କୁଚିଣ୍ଡା ବ୍ଲକ ଗୋଛରା ଦୀନବନ୍ଧୁ ନୋଡାଲ ହାଇସ୍କୁଲର ପିଇଟି ଶିକ୍ଷକ ଉଦିତ ପ୍ରତାପ ଦେଓଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ଏକ୍କା ଏଥିରେ ସଭାପତିତ୍ୱ କରିଥିବା ବେଳେ ସହକାରୀ ଶିକ୍ଷକ ମନୋଜ ସାହୁ ସଭା ପରିଚାଳନା କରିଥିଲେ। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଗ୍ରାମବାସୀ ଓ ଛାତ୍ରୀଛାତ୍ର ବିଦାୟୀ ଶିକ୍ଷକ ଦେଓଙ୍କୁ ଫୁଲତୋଡା ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ପରେ ଶୋଭାଯାତ୍ରାରେ ବିଦାୟୀ ଶିକ୍ଷକଙ୍କୁ ତାଙ୍କ ଘରକୁ ଛାଡ଼ିବାକୁ ଯାଇଥିଲେ।



## ଆଜି କ'ଣ କେଉଁଠି

ସମ୍ବଲପୁର
- ଆଇଆଇଏମ୍ ସମ୍ବଲପୁରର ସମାବର୍ତ୍ତନ ଉତ୍ସବ, ବସନ୍ତପୁରସ୍ଥିତ ନିଜସ୍ୱ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୯ଟା।
- କଲମ ଆୟୋଜିତ ବହିହାଟ ପ୍ରସ୍ତୁତି ବୈଠକ, ଜିଲା ସାମ୍ବାଦିକ ଭବନ, ପୂର୍ବାହ୍ନ ୧୦ଟା।
- ହୀରାଖଣ୍ଡ ନାଗରିକ ପରିଷଦର କାର୍ଯ୍ୟକାରୀ କମିଟି ବୈଠକ, ଜିଲା ସାମ୍ବାଦିକ ଭବନ, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ସିରିଜ୍ ଦୁର୍ଘଟଣା: ଜଣେ ମୃତ, ଜଣେ ଗୁରୁତର



ଜମନକିରା,୩୦।୬(ରବୀନ୍ଦ୍ର ପ୍ରସାଦ ଦାନି): ଜମନକିରା ଥାନା ବାଇପାସ୍ ରାସ୍ତାରେ ସିରିଜ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁସାରେ, ଗୁରୁବାର ବିଳମ୍ବିତ ରାତିରେ କଲିକତାରୁ ସମ୍ବଲପୁର ଅଭିମୁଖେ ଏକ ଟ୍ରକ୍ (ଓଡି୧୫ଜି-୪୫୬୨) ଯାଉଥିଲା। ଏହି ସମୟରେ ଜମନକିରା ବାଇପାସ୍ ରାସ୍ତାରେ ଯାଉଥିବା ଏକ ଟ୍ରେଲର ପଛରେ ଟ୍ରକ୍ ବାଡ଼େଇ ହୋଇଥିଲା। ଫଳରେ ଟ୍ରକ୍ ମାଲିକ ତଥା ଚାଳକ ସମ୍ବଲପୁରର ଶ୍ରୀନିବାସ ରାୟ (୪୦)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଏହି ଟ୍ରକ୍ ପଛରେ ଅନ୍ୟ ଏକ ଟ୍ରକ୍ (ଡବ୍ଲ୍ୟୁ୨୩ଡି-୫୦୩୨) ପିଟିହୋଇଯିବାରୁ ଚାଳକ ବିହାର ରାଜ୍ୟର ଦେବରଞ୍ଜନ କୁମାର (୪୦) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ବୁର୍ଲା ମେଡିକାଲ ପଠାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଜମନକିରା ପୋଲିସ ଏ ନେଇ ଥାନାରେ ଦୁଇଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗରେ ସ୍ୱାମୀ ଗିରଫ

ରେଢ଼ାଖୋଲ,୩୦।୬(ଅଚ୍ୟୁତାନନ୍ଦ ପୁରୋହିତ): ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗରେ ଚାରମାଳ ପୋଲିସ ସ୍ୱାମୀ ଯୁଯୁମୁରା ଥାନା ଗୋଏଲଗୁଡି ଗ୍ରାମର ସୁଶାନ୍ତ ମାଝିଙ୍କୁ ଶୁକ୍ରବାର ଗିରଫ କରିଛି। ସ୍ତ୍ରୀ ଚାରମାଳ ଥାନା ମୋଚିବାହାଲ ପଞ୍ଚାୟତର ସତ୍ୟାନନ୍ଦପାଲିର ମାମି ମାଝିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୭୪/୨୩) ରୁଜୁ କରି ଅଭିଯୁକ୍ତ ସୁଶାନ୍ତଙ୍କୁ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମାମିଙ୍କ ଅଭିଯୋଗ ଅନୁଯାୟୀ ୨୦୦୮ରେ ସୁଶାନ୍ତଙ୍କ ସହ ତାଙ୍କର ବୈଦିକ ରୀତିରେ ବିବାହ ହୋଇଥିଲା। ତେବେ ବିବାହର କିଛିବର୍ଷ ପର୍ଯ୍ୟନ୍ତ ଉଭୟେ ଭଲ ଭାବେ ଚଳିଥିବା ବେଳେ ପରେ ସୁଶାନ୍ତ ତାଙ୍କୁ ଶାରୀରିକ ନିର୍ଯାତନା ଦେଇଆସୁଥିଲେ। ଗୁରୁବାର ସୁଶାନ୍ତ ନିଶା ସେବନ କରି ଘରକୁ ଆସି ଠେଙ୍ଗାରେ ମାମିଙ୍କୁ ମାରପିଟ କରିଥିଲେ। ଏଥିରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଏହାକୁ ନେଇ ମାମି ଗୁରୁବାର ସନ୍ଧ୍ୟାରେ ଚାରମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ଜାତୀୟ ପରିସଂଖ୍ୟାନ ଦିବସ ପାଳିତ

ସମ୍ବଲପୁର,୩୦।୬(ବି.ଶଙ୍କର): ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ସମ୍ବଲପୁର ପକ୍ଷରୁ ଏହି ଦିବସ ପାଳିତ ହୋଇଯାଇଛି। ଉପନିର୍ଦ୍ଦେଶକ ରାହୁଲ କୁମାର ପଟେଲଙ୍କ ଅଧକ୍ଷତାରେ ବୀର ସୁରେନ୍ଦ୍ର ସାଏ ମାର୍ଗ ଶୀଲା ଟାୱାର ସମ୍ମିଳନୀ କକ୍ଷଠାରେ କାର୍ଯ୍ୟକ୍ରମ ହୋଇଥିଲା। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗୀୟ ମୁଖ୍ୟ ଡ. ଉମାଚରଣ ପତି ମୁଖ୍ୟଅତିଥି ଓ ଅର୍ଥନୀତି ବିଭାଗ ପ୍ରଫେସର ଡ. ମୁରଲୀଧର ମାଝି ବକ୍ତା ଭାବେ ଯୋଗଦେଇଥିଲେ। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ଅଧୀକ୍ଷଣ ଅଧିକାରୀ ଦୁର୍ଗା ପ୍ରସାଦ ପଣ୍ଡା ପ୍ରାରମ୍ଭିକ ସୂଚନା ଓ ଅନ୍ୟତମ ଅଧୀକ୍ଷଣ ଅଧିକାରୀ ରାଧାକାନ୍ତ ଦେହେରି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଏକ ତର୍କ ପ୍ରତିଯୋଗିତା ହୋଇଥିଲା। ସମ୍ବଲପୁର ଓ ଭବାନୀପାଟଣାର ସମସ୍ତ କ୍ଷେତ୍ର ଅଧିକାରୀ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସୂଚନାଯୋଗ୍ୟ, ୨୦୦୬ ମସିହାଠାରୁ ଭାରତ ସରକାର ଜୁନ ୨୯ ତାରିଖକୁ ଜାତୀୟ ପରିସଂଖ୍ୟାନ ଦିବସ ଭାବେ ପାଳନ କରିଆସୁଛନ୍ତି।

# ଆନ୍ତଃ ରାଜ୍ୟ ର୍ୟାକେଟ ସମ୍ପୃକ୍ତି: ୯ ଗିରଫ

ସମ୍ବଲପୁର,୨୯।୬(ଶୁଭାଶିଷ ପାଢ଼ୀ)



ଗିରଫ ଅଭିଯୁକ୍ତ, ଜବତ ଗାଡ଼ି ଓ ଅନ୍ୟ ସାମଗ୍ରୀ।

**ହାଇୱାକୁ କାଟି ବିକ୍ରି ଘଟଣା**
- ୧୦ ଅକ୍ସିଜେନ ସିଲିଣ୍ଡର, ଦାମୀ ଗାଡ଼ି ଜବତ

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଅନ୍ତର୍ଗତ ୫୫ନଂ. ଜାତୀୟ ରାଜପଥର ଗଡଗଡବାହାଲ ନିକଟ ଗାୟତ୍ରୀ କମ୍ପାନୀ ଅଫିସ ନିକଟରେ ଗୁରୁବାର ହାଇୱାଗୁଡ଼ିକୁ କାଟି ବିକ୍ରି କରାଯାଉଥିବାବେଳେ ପୋଲିସ ଚଢାଉ କରିଥିଲା। ଶୁକ୍ରବାର ଏହି ଆନ୍ତଃରାଜ୍ୟ ସ୍କ୍ରାପ ଚୋରି ର୍ୟାକେଟର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ଘଟଣାରେ ୯ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ୬ଜଣ ପଶ୍ଚିମବଙ୍ଗ ବର୍ଦ୍ଧମାନ ଜିଲା ପାନଗଡର ବୋଲି ଜଣାପଡିଛି। ସେମାନେ ହେଲେ ଭାବତ ତରଣ (୩୫), ରବି ବାଗଡି (୨୫), ତିତେନ ବାଗଡି (୩୫), ମନପ୍ରିତ ସିଂ (୨୩), ଶିବ ଗୁପ୍ତା (୨୨) ଓ ସତିଶ ଯାଦବ (୨୪)। ଅନ୍ୟମାନେ ହେଲେ ଉତ୍ତରପ୍ରଦେଶ ବସ୍ତି ଜିଲାର ପପୁ ଗୁପ୍ତା (୩୫), ରାକେଶ ଯାଦବ (୨୦) ଓ ବଲାଙ୍ଗୀର ଜିଲାର ବାବୁଲାଲ ନାଗ (୫୨)। ଏ ନେଇ ଯୁଯୁମୁରା ଥାନାରେ କେସ୍ ନଂ.୭୫/୨୩ରେ ମାମଲା ରୁଜୁ ହୋଇଛି। ଘଟଣାସ୍ଥଳରୁ ୧୦ଟି ଅକ୍ସିଜେନ ସିଲିଣ୍ଡର, ଗ୍ୟାସ୍ କଟର, ୪ଟି ଆଇରନ କଟିଂ ପ୍ଲେଟ, ୧ଟି ସ୍କ୍ରାପ ଲୋଡ୍ କରିବା ପାଇଁ ବ୍ୟବହୃତ ହାଇଡ୍ରା (୧୫ଏସ-୫୨୨୫) ଓ ସ୍କାପ ମାଫିଆଙ୍କ ଦାମୀ ଥର ଗାଡି (ଓଡି୩୩ଏସି-୮୮୯୧) ଜବତ ହୋଇଛି। ସୂଚନାଯୋଗ୍ୟ ଅଭିଯୁକ୍ତମାନେ ୪ଟି ହାଇୱାକୁ ଗୁରୁବାର କାଟୁଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ଯୁଯୁମୁରା ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ ଗଡନାୟକଙ୍କ ନେତୃତ୍ୱରେ ପୋଲିସ ଟିମ୍ ଚଢାଉ କରିଥିଲା। ଘଟଣାସ୍ଥଳରୁ ସ୍କ୍ରାପ ବ୍ୟବସାୟୀମାନେ ଫେରାର ହୋଇଯାଇଥିବା ବେଳେ ପୋଲିସ ୪ଜଣ କର୍ମଚାରୀଙ୍କୁ ଅଟକ ରଖି ପଚରାଉଚୁରା କରୁଥିଲା। ଏହି ଗାଡିଗୁଡିକ ଜାତୀୟ ରାଜପଥ ନିର୍ମାଣ ସଂସ୍ଥାର ବୋଲି ଜଣାପଡିଛି।

# ଏମ୍‌ସିଏଲ୍‌କୁ ଶ୍ରେଷ୍ଠ ଖଣି ଉତ୍କର୍ଷ ପୁରସ୍କାର

ସମ୍ବଲପୁର,୩୦।୬(ବି.ଶଙ୍କର)



ପୁରସ୍କାର ସହ ଏମ୍‌ସିଏଲ୍ ଅଧକ୍ଷ ଓମ୍ ପ୍ରକାଶ ସିଂ।

କୋଇଲା ଖଣି ଶିଳ୍ପ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍)କୁ ଶ୍ରେଷ୍ଠ ଖଣି ଉତ୍କର୍ଷ ପୁରସ୍କାର-୨୦୨୩ ପ୍ରଦାନ କରାଯାଇଛି। ଶୁକ୍ରବାର ଆସୋଚାମ ପକ୍ଷରୁ କୋଲକାତାଠାରେ ଇଣ୍ଡିଆନ ମାଇନିଂ ଆଣ୍ଡ ମିନେରାଲ୍ସ କନକ୍ଲେଭ-୨୦୨୩ ଅନୁଷ୍ଠିତ ହୋଇଥିଲା। ପଶ୍ଚିମବଙ୍ଗର ଖଣି ଓ ଖଣିଜ ବିଭାଗର ଅନୁରାଗ ଶ୍ରୀବାସ୍ତବଙ୍କଠାରୁ ଏମ୍‌ସିଏଲ୍ ଜେନେରାଲ ମ୍ୟାନେଜର (ଖଣି) ତଥା ଅଧକ୍ଷଙ୍କ ସଚିବ ଡା. ଶମ୍ଭୁ ଝା ପୁରସ୍କାର ଗ୍ରହଣ କରିଥିଲେ। ଏ ନେଇ ଏମ୍‌ସିଏଲ୍ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓମ୍ ପ୍ରକାଶ ସିଂ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇ ଏହି ପୁରସ୍କାର ପ୍ରେରଣା ଦେବ ବୋଲି କହିଛନ୍ତି।

# ଜିଏମ୍‌ୟୁକୁ ୧୦ ଲକ୍ଷ ଦେଲେ ପୁରାତନ ଛାତ୍ର

ସମ୍ବଲପୁର,୩୦।୬(ଶୁଭାଶିଷ ପାଢୀ)

**ପାଠାଗାର ପରିସରରେ ଇ-ରିସୋର୍ସ କରିବାକୁ ଯୋଜନା**

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ପୁରାତନ ଛାତ୍ର ପ୍ରଫେସର ଶଙ୍କର ପ୍ରସାଦ ପତି କୁଳପତି ପ୍ରଫେସର ଏନ୍ ନାଗାରାଜୁଙ୍କୁ ଶୁକ୍ରବାର ୧୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୁଳସଚିବ ଯୁଗଳେଶ୍ୱରୀ ଦାଶ, ଉପକୁଳ ସଚିବ ଡ. ଉମା ଚରଣ ପତି ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ପ୍ରଫେସର ପତି କହିଛନ୍ତି, ପୂର୍ବରୁ ଶିକ୍ଷାନୁଷ୍ଠାନର ଉନ୍ନତି ପାଇଁ ସହଯୋଗ କରିଆସୁଥିଲି। ୪ବର୍ଷ ପୂର୍ବରୁ ମନରେ ଏ ପ୍ରକାର ଭାବନା ଆସିଥିଲା। ପରେ କୁଳପତି ମତେ ପ୍ରସ୍ତାବ ଦେଇଥିଲେ, ଯାହାକୁ ମୁଁ ଗ୍ରହଣ କରିଥିଲି। ମୁଁ ୧୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା କରୁଛି, ସରକାର ୩୦ ଲକ୍ଷ ଟଙ୍କା ଅନୁଦାନ ଦେବେ। ଯାହାକି ମୋ କଲେଜ ଯୋଜନାରେ ରହିଛି। ପୂର୍ବରୁ ମଧ ଡାକ୍ତର ନାରାୟଣୀ ପଣ୍ଡା ୩୦ ଲକ୍ଷ ଟଙ୍କା ଦେଇଥିଲେ। ପରେ ସରକାର ୯୦ ଲକ୍ଷ ଟଙ୍କା ଦେଇଛନ୍ତି। କୁଳପତି ପ୍ରଫେସର ନାଗାରାଜୁ କହିଛନ୍ତି, ପ୍ରଫେସର ଶଙ୍କର ଜିଏମ୍‌ୟୁର ପୁରାତନ ଛାତ୍ର ସହ ସିଣ୍ଡିକେଟ ସଦସ୍ୟ ଅଟନ୍ତି। ସେ ପୂର୍ବରୁ ବିଶ୍ୱବିଦ୍ୟାଳୟରେ ଆୱାର୍ଡ଼ ପାଠ୍ୟକ୍ରମ କରିବାକୁ କହିଥିଲେ। ହେଲେ ମୋ କଲେଜ ଯୋଜନାରେ ସହାୟତା କରିବାକୁ ଅନୁରୋଧ କରିବାରୁ ସେ ରାଜି ହୋଇଥିଲେ। ସେହି ଟଙ୍କାରେ ଅତ୍ୟାଧୁନିକ ପାଠାଗାର ପରିସରରେ ଇ-ରିସୋର୍ସ କରିବାକୁ ଯୋଜନା କରାଯାଇଛି। ଏହି ପ୍ରସ୍ତାବ ମୋ କଲେଜ ଯୋଜନାର ରାଜ୍ୟ ସମ୍ପାଦକଙ୍କୁ ପଠାଇବୁ ବୋଲି କହିଥିଲେ।

# ବିଧାୟିକାଙ୍କ ଦ୍ୱାରା ସିଟି ବସ୍‌ସେବା ଶୁଭାରମ୍ଭ

ସମ୍ବଲପୁର, ୩୦।୬ (ଶୁଭାଶିଷ ପାଢ଼ୀ)



ବିଧାୟିକା ଦୀପାଳି ଦାସ ବସ୍‌ସେବା ଶୁଭାରମ୍ଭ କରୁଛନ୍ତି।

ଝାରସୁଗୁଡ଼ାରେ ଶୁକ୍ରବାରଠାରୁ ସିଟି ବସ୍ ସେବା ଆରମ୍ଭ ହୋଇଛି। ଝାରସୁଗୁଡା ବିଧାୟିକା ଦିପାଳୀ ଦାସ କାତିକେଲାସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପତାକା ଦେଖାଇ ଏହି ସମ୍ପ୍ରସାରିତ ବସ୍ ସେବାର ଶୁଭାରମ୍ଭ କରିଛନ୍ତି। ସିଟି ବସ୍ କାତିକେଲାରୁ ସକାଳ ସାଢେ ୫ଟାରେ ବାହାରି ବେଦାନ୍ତ, ସରବାହାଲ, ଷ୍ଟେଶନ ଛକ, ବସ୍‌ଷ୍ଟାଣ୍ଡ ବେହେରାମାଲ ଦେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ୭ଟାରେ ପହଞ୍ଚିବ। ସକାଳ ୬ଟାରେ ଅନ୍ୟ ଏକ ବସ୍ ଜିଲା ମୁଖ୍ୟ ଚିକିତ୍ସାଳୟରୁ ବାହାରି ସାଢେ ୭ଟାରେ କାତିକେଲାରେ ପହଞ୍ଚି ପୁନର୍ବାର ଆସିଥିବା ରାସ୍ତାରେ ପ୍ରତ୍ୟାବର୍ତ୍ତନ କରିବ। ସେହିପରି ଅପରାହ୍ନ ସାଢେ ଗୋଟାଏରେ କାତିକେଲାରୁ ବାହାରିଥିବା ବସ୍ ୩ଟାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ସନ୍ଧ୍ୟା ୫ଟାରେ ଛାଡ଼ିବ। ଜିଲା ପ୍ରଶାସନ ଓ ବେଦାନ୍ତ ସହଯୋଗରେ ଏହି ବସ୍ ଚଳାଚଳ ଦ୍ୱାରା ଗମନାଗମନ ସହଜ ହୋଇପାରିବ ବୋଲି ବିଧାୟିକା ଆଶାବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତପିରାମ ମାଝି, ପ୍ରବନ୍ଧକ ନିର୍ଦ୍ଦେଶକ (ପୁନର୍ବାସ ଓ ଥଇଥାନ) ଆଲୋମଣୀ ସେଠୀ, ଆଞ୍ଚଳିକ ପରିବହନ ଅଧିକାରୀ ଦୀନବନ୍ଧୁ ଶୁଣ୍ଡି, ବେଦାନ୍ତର ପଦାଧିକାରୀ ଉପସ୍ଥିତ ଥିଲେ।

## ସର୍ବେ ଗ୍ରାମରେ ରଥଯାତ୍ରା ସମ୍ପନ୍ନ

ଜମନକିରା,୩୦।୬: (ରବୀନ୍ଦ୍ର ପ୍ରସାଦ ଦାନି): ଜମନକିରା ବ୍ଲକ କେନାଡ଼ିପା ପଞ୍ଚାୟତ ସର୍ବେ ଗ୍ରାମରେ ଶୁକ୍ରବାର ଧୁମ୍‌ଧାମରେ ରଥଯାତ୍ରା ପାଳିତ ହୋଇଯାଇଛି। ଏଠାରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଗ୍ରାମ୍ୟ କମିଟି ସଭାପତି ଅସିତ କୁମାର ମାଝିଙ୍କ ନେତୃତ୍ୱରେ ରଥ ଯାତ୍ରା ପାଳିତ ହୋଇଆସୁଛି। ମହାପ୍ରଭୁ ଜଗନ୍ନାଥଙ୍କ ସମସ୍ତ ନୀତି ଲୁଲାନ୍ତ ସାହୁ ସମ୍ପାଦନ କରିଆସୁଛନ୍ତି। ମହାପ୍ରଭୁଙ୍କୁ ଦର୍ଶନ ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଭକ୍ତମାନଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମର ଗଜିନ୍ଦ୍ର କୁମୁରା, ପ୍ରମୋଦ କୁମୁରା, ରାଜାରାମ ସେଠ, ଦିଲୀପ ପଙ୍ଗା, ସୁରେନ୍ଦ୍ର ନାଇକ, ଗୁନମଣି ନାଏକ, ଧ୍ରୁବଚରଣ ପଙ୍ଗା, ବିଶ୍ୱରଞ୍ଜନ ନାୟକ, ଦର୍ପ କାଲୋ, ପାନୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ନେତାଜୀଙ୍କ ସ୍ମୃତିରେ ଛତା, ତାର୍ପୋଲିନ ବଣ୍ଟନ

ସମ୍ବଲପୁର,୩୦।୬(ବି.ଶଙ୍କର)

ବର୍ତ୍ତମାନ ବର୍ଷା ଋତୁ ଆରମ୍ଭ ହୋଇଛି। ଏହି ସମୟରେ ସମ୍ବଲପୁର ସହରର ବିଭିନ୍ନ ବସ୍ତି ଅଞ୍ଚଳରେ ଥିବା ଗରିବ ଲୋକଙ୍କ ଦୁଃଖ ବଢ଼ିଯାଇଛି। ସେମାନଙ୍କ ଘର ଛପରରୁ ବର୍ଷା ସମୟରେ ପାଣି ଝରୁଛି। ଏପରି ଲୋକଙ୍କୁ ସାହାଯ୍ୟ କରିବାକୁ ସମ୍ବଲପୁର ସହରର ସାମାଜିକ ସଂଗଠନ ସେବା ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି। ମହାନ ବିପ୍ଳବୀ ତଥା ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସ୍ମୃତିରେ ଗୁରୁବାର ଦୁର୍ଗାପାଲି କୁସୁମପଡ଼ାରେ ଥିବା ୬୦ରୁ ଅଧିକ ଲୋକଙ୍କୁ ଛତା ଓ ତାର୍ପଲିନ ବଣ୍ଟନ କରାଯାଇଛି। ସେବାର ସଭାପତି ଦୀପକ ପାଣ୍ଡେ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ଉପସଭାପତି ନାରାୟଣ ଦେଓ, ସମ୍ପାଦକ ସଲିଳା ପଣ୍ଡା, ସଭ୍ୟ ପ୍ରେମରାଜ ମେହେର, ଆନନ୍ଦ ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ପ୍ରତିଯୋଗିତା: ପ୍ରତି ବ୍ଲକରୁ ଭାଗନେଲେ ୮ ପ୍ରତିଯୋଗୀ

ସମ୍ବଲପୁର,୩୦।୬ (ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲାସ୍ତରୀୟ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି, ସାଧାରଣ ଜ୍ଞାନ ଓ ଇଂରାଜୀରୁ ଓଡିଆ ଅନୁବାଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତି ବ୍ଲକରୁ ୮ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରବନ୍ଧ ବରିଷ୍ଠ ବର୍ଗରେ ଯୁଯୁମୁରା ବ୍ଲକ ପଧାନପାଲି ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଶ୍ୱେତାରାଣୀ ମେହେର ଓ କନିଷ୍ଠ ବର୍ଗରେ ଯୁଯୁମରା ବ୍ଲକ ମହୁଲପାଲି ସ୍ଥିତ କସ୍ତୁରବା ଗାନ୍ଧୀ ମାତୃନିକେତନର ସପ୍ତମ ଶ୍ରେଣୀ ଛାତ୍ରୀ ଅମ୍ବିକା ପୁରୋହିତ ପ୍ରଥମସ୍ଥାନ ଅଧିକାର କରିଥିଲେ। ସେହିପରି ବକ୍ତୃତା ବରିଷ୍ଠ ବର୍ଗରେ ରେଙ୍ଗାଲି ଓଡିଶା ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଟ୍ୱିଙ୍କିଲ ପ୍ରଧାନ ଓ କନିଷ୍ଠ ବର୍ଗରେ ରେଢ଼ାଖୋଲ ବଡ଼ବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ଅର୍ପିତା ପ୍ରିୟଦର୍ଶିନୀ ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କବିତା ଆବୃତ୍ତି ବରିଷ୍ଠ ବର୍ଗରେ ଯୁଯୁମୁରା ବ୍ଲକ କସ୍ତୁରବା ଗାନ୍ଧୀ ମାତୃନିକେତନ ଉଚ୍ଚ ବିଦ୍ୟାଳୟ ମହୁଲପାଲିର ନବମ ଶ୍ରେଣୀ ଛାତ୍ରୀ ସନ୍ତୋଷିନୀ ନାୟକ ଓ କନିଷ୍ଠ ବର୍ଗରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରେଙ୍ଗାଲି ସପ୍ତମ ଶ୍ରେଣୀର ତନ୍ମୟ ତନ୍ତୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସାଧାରଣ ଜ୍ଞାନ ବରିଷ୍ଠ ବର୍ଗରେ ଏକଲବ୍ୟ ମଡେଲ ସ୍କୁଲ କୁଚିଣ୍ଡାର ଦଶମ ଶ୍ରେଣୀ ଛାତ୍ର ମାନସ ଦେହୁରି ଓ କନିଷ୍ଠ ବର୍ଗରେ ଏସ୍‌ଡିଏସ୍ ଫାଶୀମାଲ ସ୍କୁଲ ସପ୍ତମ ଶ୍ରେଣୀର ଶ୍ରୀମା ସାହୁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବୁଢାରଜା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲା ସଂସ୍କୃତି ଅଧିକାରୀ ସୂର୍ଯ୍ୟକାନ୍ତ ବରାଳଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ହୋଇଥିଲା। ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜଗବନ୍ଧୁ ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଚାରକ ଭାବେ ରାକ୍ଷୀ ମହାପାତ୍ର, ରଞ୍ଜିତାରାଣୀ ହୋତା, ଚିନ୍ତାମଣି ଭୋଇ, ଅଗନିଧର ସା, କ୍ଷୀରୋଦ କୁମାର ପ୍ରଧାନ, ଆହ୍ଲାଦିନୀ ନାଥ, କୁନାଲ କାଲୋ, ବନବାସ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ଜିଲା ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ।

# ଏମ୍ଆଇ କଟାରେ ଲାଗିଲା ସୂଚନା ଫଳକ




କଟା ନିକଟରେ ସୂଚନାଫଳକ ଲଗାଯାଇଛି।

କୁଚିଣ୍ଡା,୩୦।୬(ବିରଞ୍ଚି ଦର୍ଲା)

**ଧରିତ୍ରୀ ପ୍ରଭାବ**

ସମ୍ବଲପୁର ଜିଲା କ୍ଷୁଦ୍ରଜଳସେଚନ ଡିଭିଜନ (ଏମ୍ଆଇ) ଅଧୀନ ବାମରା ବ୍ଲକର କେଶାଇବାହାଲ ବଡକା କଟା ଉନ୍ନତୀକରଣରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଥିଲା । ବିନା ସୂଚନା ଫଳକରେ ମାଟି ଖୋଳା କାମ ଆରମ୍ଭ ହୋଇଥିବା ଏବଂ ପାଣିପଞ୍ଚାୟତ କମିଟି ସହ ଠିକାଦାର କିମ୍ବା ବିଭାଗୀୟ ଅଧିକାରୀ ଆଦୌ ଯୋଗାଯୋଗ କରି ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହପରେ ଠିକାଦାର ଗୁରୁବାର କେଶାଇବାହାଲ ବଡକା କଟାସ୍ଥଳରେ ସୂଚନା ଫଳକ ଲଗାଇଛନ୍ତି। ସୂଚନାଯୋଗ୍ୟ, ୨୦୨୨-୨୩ ବର୍ଷରେ ଏହି କଟାର ଉନ୍ନତି ନିମନ୍ତେ ଭାରତ ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନାରେ (ପିଏମ୍‌କେଏସ୍‌ୱାଇ) ୩୨ଲକ୍ଷ ୮୩ ହଜାର ଟଙ୍କାର ଟେଣ୍ଡର ହୋଇଥିଲା। ଠିକାଦାର ଏହାର ଟେଣ୍ଡର ପାଇ ଗତ ମେ ୨ରେ କ୍ଷୁଦ୍ର ଜଳସେଚନ ବିଭାଗ ସହ ଜିଏସ୍‌ଟି କାଟି ୨୭ଲକ୍ଷ ୨୬ହଜାର ୪୧୮ଟଙ୍କାର ଏଗ୍ରିମେଣ୍ଟ କରି କାମ ଆରମ୍ଭ କରିଥଲେ। ମାତ୍ର ଠିକାଦାର ପାଣିପଞ୍ଚାୟତ କମିଟି ସହ ଯୋଗାଯୋଗ ନ କରି ତରବରିଆ ଭାବେ ମାଟି ଖୋଳା କାମ ଆରମ୍ଭ କରିଥିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା।

# ରେଳସୁରକ୍ଷା କମିଶନରଙ୍କ ନୂଆ ଲାଇନ୍ କାର୍ଯ୍ୟ ଯାଞ୍ଚ

ସମ୍ବଲପୁର,୩୦।୬(ବି.ଶଙ୍କର)

ପୂର୍ବତଟ ରେଳ ସୁରକ୍ଷା କମିଶନର ଏ.ଏମ୍. ଚୌଧୁରୀ ସମ୍ବଲପୁର ଡିଭିଜନର ବାଲାଙ୍ଗୀର-ଖୋର୍ଦ୍ଧାରୋଡ୍ ନୂତନ ଲାଇନର ବିଭିନ୍ନ କାର୍ଯ୍ୟ ନିରୀକ୍ଷଣ କରିଛନ୍ତି। ଏହିକ୍ରମରେ ସେ ଝାରତରଭା-ଖମ୍ବେଶ୍ୱରପାଲି ଷ୍ଟେଶନ ମଧ୍ୟରେ ନୂତନ ଲାଇନ୍ କାମ, ଓଭରହେଡ୍ ଉପକରଣ, ବ୍ରିଜ, ସିଗ୍‌ନାଲ ଆଦି ଯାଞ୍ଚ କରିଥିଲେ। ଖମ୍ବେଶ୍ୱରପାଲି-ଝାରତରଭା ଷ୍ଟେଶନ ପର୍ଯ୍ୟନ୍ତ ସ୍ପିଡ୍ ପରୀକ୍ଷା ମଧ କରାଯାଇଥିଲା। ନୂତନ ଲାଇନ୍ ଓ ବିଦ୍ୟୁତୀକରଣ ପରେ ଟ୍ରେନ୍‌ର ସୁଗମ କାର୍ଯ୍ୟକୁ ନିଶ୍ଚିତ କରିବା ସକାଶେ ଯାଞ୍ଚ କରାଯାଇଛି। ସମ୍ବଲପୁର ମଣ୍ଡଳ ରେଳ ପରିଚାଳକ ବିନିତ ସିଂ, ମୁଖ୍ୟ ପ୍ରଶାସକ ପି. ଶ୍ରୀନିବାସ (ନିର୍ମାଣ)ଙ୍କ ସମତେ ପୂର୍ବତଟ ରେଳ ମୁଖ୍ୟାଳୟର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



ରେଳ ସୁରକ୍ଷା କମିଶନର ବାଲାଙ୍ଗୀର-ଖୋର୍ଦ୍ଧାରୋଡ୍ ନୂତନ ଲାଇନ ଯାଞ୍ଚ କରୁଛନ୍ତି।

# ଶିଶୁଙ୍କୁ ସୁରକ୍ଷା: ମିଳିତ ଉଦ୍ୟମ ଲୋଡ଼ା

ସମ୍ବଲପୁର, ୩୦।୬(ଶୁଭାଶିଷ ପାଢୀ)




କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।

ଆଜି ଦିନରେ ଶିଶୁମାନଙ୍କୁ ଆର୍ଥିକ ଓ ସାମାଜିକ ସୁରକ୍ଷା ଦେବା ଏକ ଚାଲେଞ୍ଜ ପାଲଟିଛି। ଏଥିପାଇଁ ବିଭିନ୍ନ ଏନ୍‌ଜିଓ, ସାମାଜିକ ଅନୁଷ୍ଠାନ ତଥା ସରକାରଙ୍କ ସ୍ୱତନ୍ତ୍ର ବିଭାଗ କାମ କରୁଛି। ଶିଶୁ ସୁରକ୍ଷା ନେଇ କଡା ଆଇନ ରହିଥିଲେ ମଧ ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିଯୁକ୍ତ କରାଯାଉଛି। ଏହାକୁ ରୋକିବାକୁ ହେଲେ ସମାଜର ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କ ଉଦ୍ୟମ ଓ ସହଯୋଗର ଆବଶ୍ୟକତା ରହିଛି ବୋଲି ଓଡ଼ିଶା ସାଂସ୍କୃତିକ ସମାଜ ଭବନ ପରିସରରେ ଆୟୋଜିତ ଦ୍ୱିତୀୟ ପର୍ଯ୍ୟାୟ ସଚେତନତା କର୍ମଶାଳାରେ ମତ ପ୍ରକାଶ ପାଇଥିଲା।

କୈଳାସ ସତ୍ୟାର୍ଥି ଚିଲଡ୍ରେନ୍‌ସ ଫାଉଣ୍ଡେଶନର ସହାୟତା ଓ ଆଦର୍ଶ ଅନୁଷ୍ଠାନ ପରିଚାଳନାରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଆଦର୍ଶର ମୁଖ୍ୟ ପ୍ରଦୀପ କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସମ୍ବଲପୁର ଜିଲା ପରିଷଦ ଅଧକ୍ଷା କୁମୁଦିନୀ ନାଏକ, ସିପିଓ ସୁଚିସ୍ମିତା ପଟ୍ଟନାୟକ, ଡିଏସ୍‌ଡବ୍ଲ୍ୟୁଓ ଗୀତାଞ୍ଜଳି ମହାପାତ୍ର, ସିଡବ୍ଲ୍ୟୁସି ଅଧକ୍ଷ ପ୍ରଶାନ୍ତ ପାଢୀ, ମାନେଶ୍ୱର ସିଡିପିଓ ମିତା ସୋରେନ, ଖବରଦାତା ପ୍ରଫୁଲ୍ଲ କୁମାର ଦାଶ, ଏଡଏଟ ଆକ୍ସନର ଜିଲା ସଂଯୋଜିକା ସୁନିତା ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ସମ୍ବଲପୁର ଓ ଝାରସୁଗୁଡା ଜିଲାକୁ ଶିଶୁ ନିର୍ଯାତନା ମୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ। ଏଥିରେ ପ୍ରକଳ୍ପ ସଂଯୋଜକ ରଞ୍ଜନ ନାଏକ କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ରାଜେନ୍ଦ୍ର କୁମାର ପଣ୍ଡା ସଞ୍ଚାଳନ କରିଥିଲେ। ଏହି ଅବସରରେ ଉଭୟ ଜିଲାର ୪ ଜଣ କ୍ଷେତ୍ର କର୍ମଚାରୀ ନିଜର ଅଭିଜ୍ଞତା ବିଷୟରେ କହିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମ ଝାରସୁଗୁଡା ଓ ସମ୍ବଲପୁର ଜିଲାର ୩୦୦ ଗ୍ରାମରେ ହେବ। ଏଥିରେ ମହିଳା, ଅଙ୍ଗନୱାଡି କର୍ମୀ, ସାମାଜିକ କର୍ମୀ ଉପସ୍ଥିତ ରହିବେ ବୋଲି ସୂଚନା ଦିଆଯାଇଥିଲା।

**ସଚେତନତା କର୍ମଶାଳା**

## ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘ ଆନ୍ଦୋଳନ ପ୍ରତ୍ୟାହାର

**ଭୁବନେଶ୍ୱର:** ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ପରେ ରାଜ୍ୟ ଅଣଗେଜେଟେଡ୍ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘ ଆନ୍ଦୋଳନରୁ ଓହରିଯାଇଛି। ଶୁକ୍ରବାର କୃଷି ଭବନଠାରେ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସହ ସଂଘର କର୍ମକର୍ତ୍ତାଙ୍କ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଥିବା ସଂଘର ସାଧାରଣ ସମ୍ପାଦକ ବସନ୍ତ ସାହୁ କହିଛନ୍ତି। ସଂଘର ବିଭିନ୍ନ ଦାବି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। ମନ୍ତ୍ରୀ କହିଛନ୍ତି, ବିଭାଗ ପକ୍ଷରୁ ସଂଘର ବିଭିନ୍ନ ଦାବି ସମ୍ପର୍କରେ ଅନୁଧ୍ୟାନ କରାଯାଉଛି। ତୁରନ୍ତ ଧର୍ମଘଟ ପ୍ରତ୍ୟାହାର କରିବା ପାଇଁ ମନ୍ତ୍ରୀ ସଂଘର କର୍ମକର୍ତ୍ତା ଓ ପ୍ରତିନିଧିମାନଙ୍କୁ ଅନୁରୋଧ କରିଥିଲେ।

# ମିସ୍ ଇଣ୍ଡିଆ କନିଷ୍ଠ ପ୍ରତିଯୋଗିତାରେ ଓଡ଼ିଆ ଝିଅ




ପାରଳାଖେମୁଣ୍ଡି(ଗିରିଧାରୀ ପରିଚ୍ଛା),୩୦।୬

ଗ୍ଲାମର ଦୁନିଆରେ ଓଡ଼ିଆ ଝିଅଙ୍କ କମାଲ। ମିସ୍ ଇଣ୍ଡିଆ କନିଷ୍ଠ ପ୍ରତିଯୋଗିତାରେ ମନ ଜିଣିଲେ ଗଜପତି ଜିଲା ପାରଳାଖେମୁଣ୍ଡି ନୂଆ ନଡିଆତୋଟା ସାହିର ପାୟଲ ପାତ୍ର। ଷ୍ଟାର ଏଣ୍ଟରଟେନ୍‌ମେଣ୍ଟ ଜାତୀୟ ସ୍ତରରେ ଗତ ଡିସେମ୍ବରଠାରୁ ଆରମ୍ଭ ହୋଇଛି ମିସ୍ ଇଣ୍ଡିଆ କନିଷ୍ଠ ପ୍ରତିଯୋଗିତା। ଏଥିରେ ଅନ୍‌ଲାଇନ ଅଡିଶନରେ ଭାଗନେଇ ସମସ୍ତ ବିଚାରକ ମଣ୍ଡଳୀଙ୍କ ମନ ଜିଣିଛନ୍ତି ପାୟଲ। ୩ଟି ପର୍ଯ୍ୟାୟରେ ବିଭିନ୍ନ ସ୍ଥାନରେ ଯୋଗ୍ୟ ବିବେଚିତ ହୋଇ ଫାଇନାଲରେ ପହଞ୍ଚିଛନ୍ତି। ପାୟଲ ଏବେ ଜାତୀୟ ସ୍ତରରେ ଦେଖାଇବେ ଏହି ଟ୍ୟାଲେଣ୍ଟ। ଜୁଲାଇ ୧୧ଠାରୁ ୧୬ ତାରିଖ ପର୍ଯ୍ୟନ୍ତ ରାଜସ୍ଥାନର ଜୟପୁରଠାରେ ଆୟୋଜିତ ହେବ ମିସ୍ ଇଣ୍ଡିଆ କନିଷ୍ଠର ଗ୍ରାଣ୍ଡ ଫିନାଲେ। ସେଠାରେ ଦକ୍ଷତା ପ୍ରଦର୍ଶନ କରି ପୁରସ୍କାର ହାସଲ କରିବାର ଲକ୍ଷ୍ୟ ରଖିଛନ୍ତି ପାୟଲ। ସେ ଛୋଟ ବେଳୁ ନାଚ, ଗୀତ, ଚିତ୍ରକଳା ଓ ଅଭିନୟ ସହ ଶିକ୍ଷା ପ୍ରତି ରହିଛି ତାଙ୍କର ବହୁତ ଆଗ୍ରହ। ବର୍ତ୍ତମାନ ସେ ଯୁକ୍ତ ୨ରେ ପଢୁଛନ୍ତି। ବିଭିନ୍ନ ମଞ୍ଚରେ ପ୍ରତିଭା ପ୍ରଦର୍ଶନ କରି ମେଡାଲ ସହ ମାନପତ୍ର ହାସଲ କରିଛନ୍ତି।

# ବଲାଙ୍ଗୀର ଜାତୀୟ ରାଜପଥ ବାଇପାସ୍ ଶିଳାନ୍ୟାସ

■ ୧୨ କି.ମି. ପାଇଁ ଖର୍ଚ୍ଚ ହେବ ୪୩୦ କୋଟି
■ ୨ ଲେନ୍ ବିଶିଷ୍ଟ ରାସ୍ତା ତିଆରି ହେବ
■ ତିଆରି ହେବ ୨ଟି ଫ୍ଲାଏ ଓଭର, ୪ଟି ରେଲୱେ ଓଭର ବ୍ରିଜ୍

ବଲାଙ୍ଗୀର, ୩୦।୬
(ବୀରେନ୍ଦ୍ର କୁମାର ଝାଙ୍କର)

ବହୁ ପ୍ରତୀକ୍ଷିତ ବଲାଙ୍ଗୀର ଜାତୀୟ ରାଜପଥ ବାଇପାସ୍‌ର ଶିଳାନ୍ୟାସ କାର୍ଯ୍ୟକ୍ରମ ଶୁକ୍ରବାର ସମ୍ପନ୍ନ ହୋଇଛି। ସ୍ଥାନୀୟ ନିର୍ମାଣାଧିନ ସ୍ମାର୍ଟ ପାର୍କ ନିକଟରେ ଅନୁଷ୍ଠିତ ବାଇପାସ୍ ରାସ୍ତା ଶିଳାନ୍ୟାସ କାର୍ଯ୍ୟକ୍ରମରେ କେନ୍ଦ୍ର ସଡକ ପରିବହନ ତଥା ରାଜମାର୍ଗ ମନ୍ତ୍ରୀ ନିତିନ ଗଡକରି ଭିଡିଓ ବାର୍ତ୍ତା ପ୍ରେରଣ କରି ଶୁଭେଚ୍ଛା ଜଣାଇଥିଲେ। ଏହି ବାଇପାସ୍ ଶିଳାନ୍ୟାସ କାର୍ଯ୍ୟକ୍ରମରେ ରାଜ୍ୟ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଲୋକ ସଭା ସାଂସଦ ସଙ୍ଗୀତା କୁମାରୀ ସିଂଦେଓ, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଓ ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ, ସଡକ ପରିବହନ ତଥା ରାଜମାର୍ଗ ମନ୍ତ୍ରଣାଳୟ ଏଡିଜି ଧର୍ମାନନ୍ଦ ଷଡଙ୍ଗୀ, ଜାତୀୟ ରାଜପଥ ମୁଖ୍ୟଯନ୍ତ୍ରୀ ତୁଷାରକାନ୍ତ ପଣ୍ଡା, ଅଧୀକ୍ଷଣ ଯନ୍ତ୍ରୀ ନିରଞ୍ଜନ ନାଏକ, ସମ୍ବଲପୁର ସର୍କଲ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ପାଢ଼ୀ ମଞ୍ଚାସୀନ ଥିଲେ।

ବଲାଙ୍ଗୀର-ବରଗଡ ୨୬ ନମ୍ବର ଜାତୀୟ ରାଜପଥର ମାଧିଆପାଲିଠାରୁ ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥ ଦେଇ ସ୍ମାର୍ଟପାର୍କ ନିକଟରେ ବଲାଙ୍ଗୀର-ଭବାନୀପାଟଣା ୨୬ ନମ୍ବର ଜାତୀୟ ରାଜପଥକୁ ଛୁଇଁବାକୁ ଥିବା ୧୨ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ୪୩୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସୂଚନା ଦିଆଯାଇଥିଲା। ଦୁଇ ଲେନ୍ ବିଶିଷ୍ଟ ରାସ୍ତାରେ ୨ଟି ଫ୍ଲାଏ ଓଭର, ୪ଟି ରେଲୱେ ଓଭରବ୍ରିଜ୍ ତିଆରି ହେବ। ଏଥିରେ ୭ଟି ଯାନବାହନ ପାସ୍, ୪ଟି ଛୋଟ ବ୍ରିଜ୍, ୨୩ଟି କଲଭର୍ଟ, ୪ଟି ବଡ ଓ ୭ଟି ଛୋଟ ଜଙ୍କସନ୍ ତିଆରି ହେବ। ଏହି ବାଇପାସ୍ ରାସ୍ତାରେ ସୁରକ୍ଷା ବୈଶିଷ୍ଟ ଯଥା ରାସ୍ତା ମାର୍କିଂ, ରେଟ୍ରୋ ପ୍ରତିଫଳିତ ବୋର୍ଡ, ପଥପାର୍ଶ୍ୱ ବୋର୍ଡ, ସଡକ ସୁରକ୍ଷା କାର୍ଯ୍ୟ କ୍ରାସ ପ୍ରତିବନ୍ଧକ, ଡିଲିନାଇଟର୍ସ, ପଥଚାରୀ ସୁବିଧା, ହାଇମାଷ୍ଟ, ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ରହିବ ବୋଲି ସୂଚନା ଦିଆଯାଇଥିଲା। କେନ୍ଦ୍ର ସଡକ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ଗଡକରି କହିଥିଲେ ଯେ, ୪୩୦ କୋଟି ଟଙ୍କାରେ ବଲାଙ୍ଗୀରରେ ବାଇପାସ୍ ରାସ୍ତା ତିଆରି ହେବ। ଏହି ରାସ୍ତା ଦ୍ୱାରା ବଲାଙ୍ଗୀର ସହର ଟ୍ରାଫିକ ସମସ୍ୟାର ସମାଧାନ ହେବ ଏବଂ ଏହି ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧିରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ। ପୂର୍ତ୍ତମନ୍ତ୍ରୀ ମଲ୍ଲିକ ତାଙ୍କ ବକ୍ତବ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଅନେକ ରାସ୍ତା ଓ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ରାଜମାର୍ଗ ମନ୍ତ୍ରଣାଳୟର ଏଡିଜି ଷଡଙ୍ଗୀ ପ୍ରାରମ୍ଭିକ ବକ୍ତବ୍ୟ ରଖି ବାଇପାସ୍ ସମ୍ପର୍କରେ ସମ୍ପୂର୍ଣ୍ଣ ସୂଚନା ଦେଇ ଅକ୍ଟୋବର ୨୦୨୫ରେ ଏହା ସମ୍ପୂର୍ଣ୍ଣ ହେବ ବୋଲି କହିଥିଲେ।

କାର୍ଯ୍ୟକ୍ରମରେ ତିନି ପ୍ରମୁଖ ଦଳ କଂଗ୍ରେସ, ଭାଜପା ଓ ବିଜେଡିର କର୍ମୀ ଓ ନେତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଐଶ୍ୱର୍ଯ୍ୟ ଦାସ ସଂଯୋଜନା କରିଥିଲେ। ବଲାଙ୍ଗୀର ସହରରେ ବାଇପାସ୍ ରାସ୍ତା ନ ଥିବାରୁ ସହର ଭିତର ରାସ୍ତାରେ ମାଲବାହୀ ଗାଡି ଚାଳନା, ଟ୍ରାଫିକ୍ ଜାମ୍ ଓ ଦୁର୍ଘଟଣାରୁ ଧନଜୀବନ ନଷ୍ଟ ହୋଇଛି। ବଲାଙ୍ଗୀରବାସୀ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଦୁଇ ଦଶନ୍ଧିରୁ ଅଧିକ ସମୟ ହେଲା ଆନ୍ଦୋଳନ କରିଆସୁଥିଲେ।


ବାଇପାସ୍ ରାସ୍ତା ଶିଳାନ୍ୟାସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅଧିକାରୀ।

# କଳ୍ପନା ମୋଟର୍ସର ପ୍ରୋପ୍ରାଇଟର ଗିରଫ

**୭.୧୬ କୋଟିର ସବ୍‌ସିଡି ହଡ଼ପ ମାମଲା**

■ ପୂର୍ବରୁ ଗିରଫ ହୋଇଥିଲେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪
■ ୨୦୧୭-୨୧ରେ ହୋଇଥିଲା ଠକେଇ

ଭୁବନେଶ୍ୱର,୩୦।୬(ସତ୍ୟଜିତ୍ ରାଉତ)

ଏକ କମ୍ପାନୀରୁ ଚାଷୀଙ୍କୁ ଧାନରୁଆ ମେଶିନ ଦେଇଥିବା ଦର୍ଶାଇ ୭.୧୬ କୋଟି ଟଙ୍କାର ସରକାରୀ ସବ୍‌ସିଡି ହଡ଼ପ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଆଉଜଣେ ଅଭିଯୁକ୍ତଙ୍କୁ ଭଦ୍ରକରୁ ଗିରଫ କରିଛି। ସେ ହେଲେ ବିଦ୍ୟାଧର ବେହେରା। ଅଭିଯୁକ୍ତ ବିଦ୍ୟାଧର ଭଦ୍ରକ ଚରମ୍ପାସ୍ଥିତ କଳ୍ପନା ମୋଟର୍ସର ପ୍ରୋପ୍ରାଇଟର୍ ବା ମାଲିକ। ତାଙ୍କୁ ଗୁରୁବାର ଗିରଫ ପରେ ଶୁକ୍ରବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବା ପରେ ବିଦ୍ୟାଧରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ଶ୍ରୀନାଥ ରାଣାଙ୍କ ସମେତ ୪ଜଣଙ୍କୁ ପୂର୍ବରୁ ଗିରଫ କରାଯାଇଥିଲା। ଏନେଇ ଅଧିକ ତଦନ୍ତ ଜାରି ରହିଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ବେଙ୍ଗାଲୁରୁସ୍ଥିତ ଭରୁଷାପ୍ରିୟ ଏଗ୍ରୋଟେକ୍ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀର ବରମୁଣ୍ଡାରେ ଥିବା ବ୍ରାଞ୍ଚ ଅଫିସ୍‌ରେ ମୁଖ୍ୟ ଅଭିଯୁକ୍ତ ଶ୍ରୀନାଥ ରିଜିଓନାଲ୍ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ଏହି କମ୍ପାନୀ ଓଡ଼ିଶା ସରକାରଙ୍କ ସହ ଅନୁବନ୍ଧିତ ହୋଇ ଚାଷୀମାନଙ୍କୁ ଧାନରୁଆ ମେଶିନ ଯୋଗାଇଥାଏ। ପ୍ରତି ଧାନରୁଆ ମେଶିନର ଦାମ୍ ୨.୩୩ରୁ ୩ ଲକ୍ଷ ମଧ୍ୟରେ ରହିଥିବାବେଳେ ସରକାର ଚାଷୀଙ୍କୁ ୯୩ ହଜାର ୩୨୦ରୁ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି ଦେଇଥାନ୍ତି। ତେବେ ଶ୍ରୀନାଥ ଚାକିରି ସମୟରେ ଅନ୍ୟ ଅଭିଯୁକ୍ତ ଡିଲରଙ୍କ ସହ ମିଶି କମ୍ପାନୀ ଆଇଡି ଦ୍ୱାରା କୃଷି ବିଭାଗର ୱେବ୍‌ସାଇଟ୍‌ରେ ଫେକ୍ ଇଞ୍ଜିନ୍, ଚେଶିସ୍ ନମ୍ବର, ଚାଷୀଙ୍କ ନାଁ ଓ ଫଟୋ ଆଦି ଅପଲୋଡ୍ କରି ୧୮ଟି ଜିଲାରେ ୫୫୬ରୁ ଊର୍ଦ୍ଧ୍ୱ ଧାନରୁଆ ମେଶିନ ଚାଷୀଙ୍କୁ ବିକ୍ରି କରିଥିବା ଦର୍ଶାଇଥିଲେ। ଏହାପରେ ସମ୍ପୃକ୍ତ ଚାଷୀଙ୍କୁ ମାତ୍ର କିଛି ଟଙ୍କା ଦେଇ ବଳକା ସବ୍‌ସିଡି ଟଙ୍କାକୁ ଅଭିଯୁକ୍ତମାନେ ହଡ଼ପ କରିନେଇଥିଲେ। ଏହା ଜଣାପଡ଼ିବା ପରେ କମ୍ପାନୀ ନିର୍ଦ୍ଦେଶକ କେ.ଜି ଶ୍ରୀ ଚରଣ ଭୁବନେଶ୍ୱର ଭରତପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ୨୦୨୧ ଜାନୁୟାରୀ ୨୦ରେ ଏକ ମାମଲା (ନଂ.୨୪/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ଏହି ମାମଲାର ତଦନ୍ତଭାର ଇଓଡବ୍ଲ୍ୟୁ ନେଇ ୨୦୨୧ ସେପ୍ଟେମ୍ବର ୧ରେ ଏକ ମାମଲା (ନଂ.୧୧/୨୧) ରୁଜୁ କରିଥିଲା। ତେବେ ଶ୍ରୀନାଥଙ୍କ ସହ ମିଶି ଡିଲର ବିଦ୍ୟାଧର ୫୫୬ ଧାନରୁଆ ମେଶିନରୁ ୪୬ଟିକୁ ଭଦ୍ରକ ଓ କେନ୍ଦୁଝରର ଚାଷୀଙ୍କୁ ବିକ୍ରି କରିଥିବା ଦର୍ଶାଇ ୬୭ ଲକ୍ଷ ଟଙ୍କା ସବ୍‌ସିଡି ଟଙ୍କା ରିଲିଜ୍ କରିଥିବା ତଦନ୍ତ ବେଳେ ଜଣାପଡ଼ିଛି ବୋଲି ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି।

# ଯୁବକଙ୍କ କଟାହାତ ଯୋଡ଼ାହେଲା

**ଏସସିବିରେ ଜଟିଳ ଅସ୍ତ୍ରୋପଚାର**

କଟକ,୩୦।୬ (କାର୍ତ୍ତିକ ସାହୁ)

ଜଣେ ଯୁବକଙ୍କ କଟା ହାତକୁ ଯୋଡ଼ି ଏସ୍‌ସିବି ମେଡିକାଲର ଡାକ୍ତରମାନେ ଆଉ ଏକ ସଫଳତାର ଫର୍ଦ୍ଦ ଯୋଡ଼ିଛନ୍ତି। ସମ୍ପୂର୍ଣ୍ଣ ଦୁଇଖଣ୍ଡ ହୋଇଯାଇଥିବା ହାତରେ ଜଟିଳ ଅସ୍ତ୍ରୋପଚାର ମାଧ୍ୟମରେ ଅସମ୍ଭବକୁ ସମ୍ଭବ କରି ଦେଖାଇଛନ୍ତି ଏସ୍‌ସିବି ମେଡିକାଲ କଲେଜର ପ୍ଲାଷ୍ଟିକ ସର୍ଜରି ବିଭାଗର ବିଶେଷଜ୍ଞମାନେ। ଏହି ଯୁବକ ଜଣକ ହେଲେ ବାଲେଶ୍ୱର ସଦର ଥାନା ଅନ୍ତର୍ଗତ କୁଟାପାଳ ଗ୍ରାମର ପ୍ରକାଶ ଦାସ(୨୩)।

ମିଳିଥିବା ସୂଚନାନୁସାରେ, ପ୍ରକାଶ ରଥଯାତ୍ରା ଦେଖି ଗତ ଜୁନ୍ ୨୧ ତାରିଖ ରାତି ପ୍ରାୟ ୮ଟାରେ ଫେରୁଥିବାବେଳେ ବ୍ୟକ୍ତିଗତ ଶତ୍ରୁତା କାରଣରୁ ଗ୍ରାମର କେତେଜଣ ଯୁବକ ଏକ ନିଛାଟିଆ ସ୍ଥାନରେ ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ବାମହାତ ମଣିବନ୍ଧରୁ ଅଲଗା ହୋଇଯାଇଥିଲା। ପରିବାର ଲୋକେ ଉକ୍ତ ହାତ ସହିତ ତାଙ୍କୁ ପ୍ରଥମେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ପ୍ରକାଶଙ୍କୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏସ୍‌ସିବିର ଜରୁରିକାଳୀନ ବିଭାଗରେ ଭର୍ତ୍ତି ହେବା ପରେ ତାଙ୍କୁ ତୁରନ୍ତ ପ୍ଲାଷ୍ଟିକ ସର୍ଜରୀ ବିଭାଗକୁ ନିଆଯାଇଥିଲା। କଟାହାତ ଯୋଡ଼ା ହେବା ନିମନ୍ତେ ତ୍ୱରିତ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିଲା। ରାତି ୮ଟାରୁ ହାତକଟି ଥିବାବେଳେ ରାତି ପ୍ରାୟ ୧୨ରୁ ସକାଳ ୬ଟା ପର୍ଯ୍ୟନ୍ତ ଏହି ଜଟିଳ ଅସ୍ତ୍ରୋପଚାର ଚାଲିଥିଲା। ପ୍ଲାଷ୍ଟିକ ସର୍ଜରି ବିଭାଗର ଡାକ୍ତରୀ ଟିମ୍ ପ୍ରାୟ ୬ ଘଣ୍ଟାର ପରିଶ୍ରମ କରି ଯୁବକଙ୍କ କଟାହାତର ପ୍ରତିଟି ଶିରା, ପ୍ରଶିରା ସହ ହାଡ଼କୁ ଯୋଡ଼ିବା ପାଇଁ ଅତି ସୂକ୍ଷ୍ମ ଅସ୍ତ୍ରୋପଚାର କରିଥିଲେ। ଯାହାଦ୍ୱାରା ପ୍ରକାଶ ତାଙ୍କ ପୂର୍ଣ୍ଣ ହାତ ଫେରିପାଇଲେ। ପ୍ଲାଷ୍ଟିକ ସର୍ଜରି ବିଭାଗର ମୁଖ୍ୟ ପ୍ରଫେସର ଡା. ବିଭୂତି ଭୂଷଣ ନାୟକଙ୍କ ନେତୃତ୍ୱରେ ୧୦ ଜଣିଆ ଡାକ୍ତରୀ ଦଳ ଏହି ଅସ୍ତ୍ରୋପଚାର କରିଥିଲେ। ସେମାନଙ୍କ ମଧ୍ୟରେ ପ୍ଲାଷ୍ଟିକ ସର୍ଜରି ବିଶେଷଜ୍ଞ ଡା. ପ୍ରଶାନ୍ତ ବଳ, ଡା. ବିଷ୍ଣୁପଦ ନାୟକ, ଡା. ସୂର୍ଯ୍ୟ ମଲ୍ଲିକ, ଡା. ଆଶିଷ ପଟ୍ଟନାୟକ, ଡା. ଜିବିତେଶ ବେହେରା, ଡା. ବିନୟ ସାହୁ, ନିଶ୍ଚେତକ ବିଭାଗର ଡା. ଦେବ ମହାନ୍ତି ଓ ତାଙ୍କ ଟିମ୍ ଏବଂ ଅସ୍ଥିଶଲ୍ୟ ବିଭାଗର ଡା. ବି. ଏସ୍. ଲେଙ୍କା ଓ ତାଙ୍କ ଟିମ୍ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏନେଇ ପ୍ଲାଷ୍ଟିକ ସର୍ଜରି ବିଭାଗ ପକ୍ଷରୁ ବିଭାଗ ସମ୍ମିଳନୀ କକ୍ଷରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଭାଗୀୟ ମୁଖ୍ୟ ପ୍ରଫେସର ନାୟକ ସୂଚନା ଦେଇଛନ୍ତି।



# ପରିବେଶ ସୁରକ୍ଷା ପାଇଁ ‘ଗ୍ରୀନ୍ କ୍ରେଡିଟ୍’

**ମତାମତ ମାଗିଲା କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ**

ଭୁବନେଶ୍ୱର,୩୦।୬(ଅନିଲ ଦାସ)

ଦ୍ରୁତ ଶିଳ୍ପାୟନ ଓ ଜନସଂଖ୍ୟା ବୃଦ୍ଧି ଯୋଗୁ ବେଳକୁ ବେଳ ପରିବେଶ ଉଜୁଡ଼ିବାରେ ଲାଗିଛି। ପ୍ରଦୂଷଣ ବୃଦ୍ଧି ସାଙ୍ଗକୁ ଜଙ୍ଗଲ କ୍ଷୟ ପରିବେଶ ଉପରେ ଗଭୀର ପ୍ରଭାବ ପକାଇବାରେ ଲାଗିଛି। ଏଥିଯୋଗୁ ପ୍ରକୃତିର ଧାରା ବଦଳିବାରେ ଲାଗିଛି। କେଉଁଠି ଅତ୍ୟଧିକ ବର୍ଷା ହେଉଛି ତ କେଉଁଠି ବର୍ଷାଭାବରୁ ମରୁଡ଼ି ପରିସ୍ଥିତି ସୃଷ୍ଟି ହେଉଛି। ଗ୍ରୀଷ୍ମର ପ୍ରକୋପ ବଢ଼ିବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନର ପ୍ରଭାବ ବିଭିନ୍ନ କ୍ଷେତ୍ରରେ ଅନୁଭୂତ ହେଲାଣି। ପରିବେଶକୁ ସୁରକ୍ଷା ଦେବା ପାଇଁ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଏକ ଚିଠା ଗ୍ରୀନ୍ କ୍ରେଡିଟ୍ ପ୍ରୋଗ୍ରାମ ଇମ୍ପ୍ଲିମେଣ୍ଟେଶନ ରୁଲ୍ସ-୨୦୨୩ ପ୍ରସ୍ତୁତ କରାଯାଇଛି। ଏ ନେଇ ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତା ୬୦ ଦିନ ମଧ୍ୟରେ ସମସ୍ତ ରାଜ୍ୟ ସରକାର, କେନ୍ଦ୍ରଶାସିତ ଅଞ୍ଚଳ ଓ ବିଭିନ୍ନ କ୍ଷେତ୍ରରୁ ଆପତ୍ତି ଓ ମତାମତ ଲୋଡ଼ାଯାଇଛି।

ଏହି କାର୍ଯ୍ୟକ୍ରମରେ ଚାଷୀ, ବ୍ୟକ୍ତିବିଶେଷ, କୃଷି ଉତ୍ପାଦ ସଂଗଠନ (ଏଫ୍‌ପିଓ), ଶିଳ୍ପ, ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ସ୍ୱାୟତ୍ତଶାସନ ସଂସ୍ଥା ଏବଂ ଅନ୍ୟ ସଂସ୍ଥାଗୁଡ଼ିକୁ ସାମିଲ କରାଯିବ। ଏଥିରେ ‘ଗ୍ରୀନ୍ କ୍ରେଡିଟ୍’ ପ୍ରୋତ୍ସାହନ ଦେବାର ବ୍ୟବସ୍ଥା ରହିଛି। ଦେଶର ଯେକୌଣସି ସ୍ଥାନରେ ସବୁଜ ଅଞ୍ଚଳ ବୃଦ୍ଧି କରିବା ଦିଗରେ ବୃକ୍ଷରୋପଣ କରୁଥିବା ସଂସ୍ଥା କିମ୍ବା ବ୍ୟକ୍ତିବିଶେଷଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ସେହିପରି ଜଳ ସଂରକ୍ଷଣ, ସ୍ୱଳ୍ପ ଜଳ ବ୍ୟବହାର, ବର୍ଜ୍ୟ ଜଳର ବିଶୋଧନ ଓ ପୁନଃ ବ୍ୟବହାର ଆଦି କ୍ଷେତ୍ରରେ ଗ୍ରୀନ୍ କ୍ରେଡିଟ୍ ପ୍ରଦାନ କରାଯିବ। ଦୀର୍ଘମିଆଦୀ କୃଷି, ଜଳ ପରିଚାଳନା ପାଇଁ ମଧ୍ୟ ଏଥିରେ ପ୍ରୋତ୍ସାହନ ଦେବା ବ୍ୟବସ୍ଥା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଚାଷ ଉପରେ ଗଭୀର ପ୍ରଭାବ ପଡୁଛି। ଏହାକୁ ଦୃଷ୍ଟିରେ ରଖି ଦୀର୍ଘମିଆଦୀ ଚାଷ ପ୍ରଣାଳୀ, ଉତ୍ପାଦନ ବୃଦ୍ଧି କରୁଥିବା ଶସ୍ୟ ଏବଂ ପୁଷ୍ଟିଯୁକ୍ତ ଶସ୍ୟ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ପାଇଁ ଗ୍ରୀନ୍ କ୍ରେଡିଟ୍ ବ୍ୟବସ୍ଥା କରାଯାଇଛି। ଏଥିସହିତ ବାୟୁ ମଣ୍ଡଳରୁ ପ୍ରଦୂଷଣ ହ୍ରାସ କରିବା, ହେନ୍ତାଳବନର ସୁରକ୍ଷା, କୋଠାବାଡ଼ି ଓ ଭିତ୍ତିଭୂମି ନିର୍ମାଣ ଆଦି କ୍ଷେତ୍ରରେ ମଧ୍ୟ ଏହି ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଭାରତୀୟ ବନ ଗବେଷଣା ଓ ଶିକ୍ଷା ପରିଷଦ ଏହି କାର୍ଯ୍ୟକ୍ରମର ପ୍ରଶାସକ ଭାବେ କାର୍ଯ୍ୟ କରିବ। ମତାମତ ମିଳିବା ପରେ ଏହି ଗ୍ରୀନ୍ କ୍ରେଡିଟ୍ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବ।

## କମେଡିଆନ୍ ଗୁଲ୍ଟୁଙ୍କ ମୃତ୍ୟୁ ଗୁଜବ

### ସାଇବର ଥାନାରେ ଏତଲା

**ଭୁବନେଶ୍ୱର,୩୦।୬(ସତ୍ୟଜିତ୍ ରାଉତ):** ଦୁର୍ଘଟଣାରେ ଓଡ଼ିଆ କମେଡିଆନ୍ ଗୁଲ୍ଟୁ ତଥା ସାୱନ୍ ସୁମନ ନାୟକଙ୍କ ମୃତ୍ୟୁ ଗୁଜବକୁ ନେଇ ଶୁକ୍ରବାର ଚାରିଆଡ଼େ ଚର୍ଚ୍ଚା ସୃଷ୍ଟି ହୋଇଛି। ମାଇଁ ଓଡ଼ିଆ ନାମକ ଏକ ଫେସ୍‌ବୁକ୍ ପେଜ୍‌ରେ ଏହି ଖବର ଦିଆଯିବା ପରେ ପ୍ରଶଂସକଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ତେବେ ଏହା ମିଛ ବୋଲି ଜଣାପଡିବା ପରେ ସମସ୍ତେ ଆଶ୍ୱସ୍ତ ହୋଇଛନ୍ତି। ଅନ୍ୟପକ୍ଷରେ ଏହି ଖବର ପ୍ରଚାର କରିଥିବା ବ୍ୟକ୍ତିଙ୍କ ବିରୋଧରେ ଗୁଲ୍ଟୁ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏନେଇ ସେ ଭୁବନେଶ୍ୱର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଏତଲା ଦେଇଛନ୍ତି। ଗୁଲ୍ଟୁ କହିଛନ୍ତି, ଏହି ଖବର ଶୁଣି ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏପରିକି ତାଙ୍କ ସ୍ତ୍ରୀ ଅସୁସ୍ଥ ଅନୁଭବ କରିବାରୁ ମେଡିକାଲ ମଧ୍ୟ ନିଆଯାଇଥିଲା। ଟିଆର୍‌ପି ବଢ଼ାଇବା ପାଇଁ ଏଭଳି ମିଛ ଖବର ପ୍ରସାରଣ କରୁଛନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ। ଆଇନ ଉପରେ ତାଙ୍କ ଭରଷା ଅଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଗୁଜବ ପ୍ରଚାର କରାଯାଇଥିବା ଉକ୍ତ ଫେସ୍‌ବୁକ୍ ପେଜ୍‌ରୁ ଏକ ପୋଷ୍ଟ କରାଯାଇ ଗୁଲ୍ଟୁଙ୍କୁ କ୍ଷମା ମଗାଯାଇଛି।

# ସଚିବାଳୟ ସେବା ସଂଘର ବିକ୍ଷୋଭ

ଭୁବନେଶ୍ୱର,୩୦।୬(ସୁନିତ୍ ମିଶ୍ର)

ଓଡ଼ିଶା ସଚିବାଳୟ ସେବା ସଂଘ ସଦସ୍ୟମାନେ ପୂର୍ବ ସୂଚନା ମୁତାବକ ଶୁକ୍ରବାର ମଧ୍ୟାହ୍ନ ବିରତି ସମୟରେ କଳାବ୍ୟାଜ୍ ପରିଧାନକରି ଲୋକସେବା ଭବନରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରିଛନ୍ତି। ସମସ୍ତ ଅଧିକାରୀ ନିଜ କ୍ୟାଡରର ହକ୍ ନିମନ୍ତେ ଏକାଠି ହୋଇ ସରକାରଙ୍କ ପାଖରେ ଦାବି ପୂରଣ ନିମନ୍ତେ ଚାପ ସୃଷ୍ଟି କରିବା ଭଳି ପରିବେଶ ସୃଷ୍ଟି କରିଥିଲେ। ଆଗାମୀ ଦିନରେ ବିଧାନସଭା ଅଧିବେଶନ ସମୟରେ କାର୍ଯ୍ୟବନ୍ଦ ପାଇଁ ସଂଘ ନିଷ୍ପତ୍ତି ନେବ ବୋଲି ସାଧାରଣ ସମ୍ପାଦକ ପ୍ରଯତ୍ନ ବରାଳ କହିଛନ୍ତି।

କଳାବ୍ୟାଜ୍ ସହ ଏଏସ୍‌ଓମାନେ କଳା ଗଞ୍ଜି ଓ କଳା ଫିତା ପିନ୍ଧି ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ। ରାଜ୍ୟର ଅନ୍ୟ ସମସ୍ତ ବର୍ଗର କର୍ମଚାରୀ ସେମାନଙ୍କ କେନ୍ଦ୍ରୀୟ ପ୍ରତିପକ୍ଷ ସହ ସମାନ ହାରରେ ଦରମା ପାଉଥିବାବେଳେ କେବଳ ସଚିବାଳୟ ସେବା କର୍ମଚାରୀମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ତେଣୁ ସମସ୍ତେ ଗୋଟିଏ ଦାବି ଏଏସ୍‌ଓମାନଙ୍କ ଦରମା ଅସଙ୍ଗତି ଦୂର କରାଯିବା ସହ କେନ୍ଦ୍ରୀୟ ସଚିବାଳୟ ଦରମା ହାରରେ ସେମାନଙ୍କୁ ଦରମା ଲେଭେଲ-୧୦ ରେ ନିର୍ଦ୍ଧାରଣ କରାଯାଉ। ସଂଘର ନିର୍ବାଚିତ କର୍ମକର୍ତ୍ତା ନିଜ ବକ୍ତବ୍ୟରେ ଦାବି ପୂରଣ ନିମନ୍ତେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ଆୟୋଜିତ ଚୟନ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଆସିଥିବା ମେଧାବୀ ଅଧିକାରୀମାନଙ୍କ ଦରମା ଲେଭେଲ-୧୦ରେ ଉପସ୍ଥାପିତ ହେବା ଯଥାର୍ଥ ବୋଲି ମନ୍ତବ୍ୟ ଦେଇଛନ୍ତି। ସାଧାରଣ ସମ୍ପାଦକ ବରାଳ କହିଛନ୍ତି, ସଂଘର ନ୍ୟାଯ୍ୟ ଦାବି ପୂରଣ ନିମନ୍ତେ ଯଦି ସରକାର ଉଚିତ ପଦକ୍ଷେପ ନ ନିଅନ୍ତି ତେବେ ଆହୁରି ଦୃଢ଼ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ। ଏହି ପ୍ରତିବାଦ ଆଗକୁ ଆହୁରି ତୀବ୍ରତର ହେବ ବୋଲି ମଧ୍ୟ ସଂଘ ତରଫରୁ ସରକାରଙ୍କୁ ଚେତାବନୀ ଦିଆଯାଇଛି। ସଂଘ ସଭାପତି ଅଜୟ କୁମାର ସ୍ୱାଇଁ ସଭାରେ ପ୍ରତିନିଧିତ୍ୱ କରିଥିଲେ। ଅନ୍ୟମାନେ ସଭାରେ ଉଦ୍‌ବୋଧନ ଦେଇ ଆଗାମୀ ଦିନରେ ସଂଘ ଚରମ ନିଷ୍ପତ୍ତି ନେବା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ ତୁରନ୍ତ ହସ୍ତକ୍ଷେପ ପାଇଁ ଅନୁରୋଧ କରାଯିବ ବୋଲି କହିଛନ୍ତି।




# ଜଳସେଚନ ପ୍ରକଳ୍ପ ନିର୍ମାଣ ହେଉ ନ ଥିବାରୁ ଅସନ୍ତୋଷ

ବଇଣ୍ଡା,୩୦।୬(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବାମୁର ପଞ୍ଚାୟତରେ ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ନିର୍ମାଣ ହେଉନାହିଁ। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ସରକାର ପଦକ୍ଷେପ ନେଉ ନ ଥିବାରୁ ଆଗାମୀଦିନରେ ପ୍ରତ୍ୟେକ ଗ୍ରାମରେ ଶୋଭାଯାତ୍ରା ମାଧ୍ୟମରେ ଆନ୍ଦୋଳନ କରାଯିବ ବୋଲି ଜୀବନଜୀବିକା ଓ ଜମିସୁରକ୍ଷା କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ଗୁରୁବାର କମିଟି ପକ୍ଷରୁ କରମଳକଟା ପରିସରରେ ଅନନ୍ତ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶଙ୍କର ଦାସ, ପୀତାମ୍ବର ପ୍ରଧାନ, ଚକ୍ରଧର ମୁଣ୍ଡା, କିଶୋର ଚନ୍ଦ୍ର ମୁଣ୍ଡାଙ୍କ ସମେତ ବହୁ ଚାଷୀ ଯୋଗ ଦେଇଥିଲେ। ସେମାନେ କହିଥିଲେ, ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ପାଇଁ ବହୁବାର ଦାବି ହୋଇ ଆସୁଛି। ଏହି ଜଳସେଚନ ପ୍ରକଳ୍ପ ନିର୍ମାଣ ହେଲେ ବାମୁର, ଧଉରାପାଲି, ଜଏରାଟ, ଓସ୍କାପାଲି, ହିମିତିରା ଆଦି ପଞ୍ଚାୟତ ଗୁଡିକର ଚାଷୀମାନେ ଉପକୃତ ହେବେ। ଏଥିସହ ଏହି ଅଞ୍ଚଳର କୃଷିର ବିକାଶ ହେବ। ହେଲେ ସରକାର ଦୃଷ୍ଟି ଦେଉନାହାନ୍ତି। କେବଳ ଅନେକ ସମୟରେ ମିଥ୍ୟା ପ୍ରତିଶ୍ରୁତି ଦିଆଯାଉଛି। ଆନ୍ଦୋଳନ ସମୟରେ ପ୍ରଶାସନିକ ଅଧିକାରୀମାନେ ତୁରନ୍ତ ଏହି ପ୍ରକଳ୍ପ ନିର୍ମାଣ ହେବ ବୋଲି କହୁଥିଲେ ମଧ୍ୟ ପ୍ରକଳ୍ପର କାମ ଆରମ୍ଭ ହୋଇ ପାରୁନାହିଁ। ଫଳରେ କିଶୋରନଗର ବ୍ଲକର ଅନେକ ପଞ୍ଚାୟତର ବିଭିନ୍ନ ଗ୍ରାମରେ କମିଟି ପକ୍ଷରୁ ଶୋଭାଯାତ୍ରା କରାଯାଇ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।


ବୈଠକରେ ଉପସ୍ଥିତ କମିଟିର ସଦସ୍ୟମାନେ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ପାପାଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ରତ୍ନଭଣ୍ଡାର ଖୋଲିବାକୁ ଦାବି ଉଠାଇଲେ ବିରୋଧୀ

ଭୁବନେଶ୍ୱର, ୩୦।୬(ସୁନିତ୍ ମିଶ୍ର)

**■ ରତ୍ନଭଣ୍ଡାର ନେଇ କିଛି ବିଭ୍ରାଟ ଅଛି: ଶରତ**

**■ ଆଇନ ମନ୍ତ୍ରୀ ଥିବାବେଳେ ସରକାର ଭାବିଚିନ୍ତି ନିଷ୍ପତ୍ତି ନେବାକୁ କହିଥିଲେ: ନରସିଂହ**

ଶ୍ରୀମନ୍ଦିର ରତ୍ନଭଣ୍ଡାର ନ ଖୋଲାଯିବା ନେଇ ତେଜିଛି ରାଜନୀତି। ସାଧାରଣ ଭକ୍ତଙ୍କଠାରୁ ଆରମ୍ଭକରି ଅନ୍ୟମାନେ ମଧ୍ୟ ଏନେଇ ଦାବି କରିବା ଆରମ୍ଭ କରିଛନ୍ତି। ତେବେ ସରକାର ଏଥିପ୍ରତି ଧ୍ୟାନ ଦେଉ ନ ଥିବା ବିରୋଧୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ରତ୍ନଭଣ୍ଡାର ଖୋଲାଯିବା ନେଇ ହାଇକୋର୍ଟରେ ଭାଜପା ଯାଇ ପହଞ୍ଚିଛି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ରତ୍ନଭଣ୍ଡାରକୁ ନେଇ କିଛି ଗୋଟେ ବିଭ୍ରାଟ ହୋଇଛି। ଗତଥର ଯେମିତି ଚାବି ହଜିବା କଥା ସାମ୍ନାକୁ ଆସିଲା। ଚାବି କୁଆଡେ ଗଲା ବୋଲି ପ୍ରଶ୍ନ ଉଠିଲା। ତା'ପରେ ଡୁପ୍ଲିକେଟ୍ ଚାବି ନ ମିଳିବା କଥା ଆସିଲା। ସେଥିରୁ କେତେଜଣ ଅଫିସର ବଦଳି ହୋଇ ଚାଲିଗଲେଣି। ବର୍ତ୍ତମାନ ଅନ୍ୟ ଅଫିସର ଅଛନ୍ତି। ଏହା ଭିତରେ ଅନେକ କଥା ରହିଛି, ସେଥିଲାଗି ସେମାନେ ରତ୍ନଭଣ୍ଡାର ଖୋଲିବାକୁ ପ୍ରସ୍ତୁତ ହେଉନାହାନ୍ତି ବୋଲି ଶରତ କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ସେ ଆଇନ ମନ୍ତ୍ରୀ ଥିବାବେଳେ ରତ୍ନଭଣ୍ଡାର ଖୋଲିବାକୁ ଉଦ୍ୟମ କରିଥିଲେ। କିନ୍ତୁ ସେ ବିଫଳ ହୋଇଥିଲେ। ସେତେବେଳେ ତାଙ୍କ ଉପରେ ଚାପ ପଡ଼ିଥିଲା। ସହଜରେ ତାଙ୍କ ଉପରେ ଚାପ କାମ ଦିଏ ନାହିଁ, ହେଲେ ସେହି ସମୟରେ ତାହା କାମ ଦେଲା। ତାଙ୍କ ସରକାର ସେତେବେଳେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ ବୋଲି କହିଥିଲା, ଯାହା କରୁଛନ୍ତି ଭାବିଚିନ୍ତି କରନ୍ତୁ ବୋଲି କୁହାଯାଇଥିଲା। ଏବେ ବି ଦାବି କରୁଛି, ରତ୍ନଭଣ୍ଡାର ଖୋଲାଯାଉ ବୋଲି ନରସିଂହ କହିଛନ୍ତି।

## କଂଗ୍ରେସ ନେତାଙ୍କୁ ଗଡ଼କରୀଙ୍କ ପ୍ରଶଂସା

**ପୁଣେ, ୩୦।୬:** କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ନୀତୀନ ଗଡକରୀ ପୁଣେରେ ଏକ ପୁସ୍ତକ ଉନ୍ମୋଚନ ଉତ୍ସବରେ ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂଙ୍କ ସହ ଗୋଟିଏ ମଞ୍ଚରେ ଏକାଠି ହୋଇଥିଲେ। ଏହି ଅବସରରେ ଦିଗ୍‌ବିଜୟଙ୍କ ପାନ୍ଧରପୁର ତୀର୍ଥଯାତ୍ରା ପାଇଁ ଗଡକରୀ ତାଙ୍କୁ ପ୍ରଶଂସା କରିଥିଲେ। ପ୍ରତିବର୍ଷ ଦିଗ୍‌ବିଜୟ ସେଠାକୁ ତୀର୍ଥଯାତ୍ରାରେ ଯାଇ ଆଷାଢ଼ୀ ଏକାଦଶୀରେ ପୂଜାର୍ଚ୍ଚନା କରିଥାନ୍ତି।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
for Booking Contact: 0674-2580385, 8637280816, 7894447167, 9338226625

ଲୋନ୍! ଲୋନ୍! ଲୋନ୍!
Global Finance (Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି, ବିଜ୍‌ନେସ୍, ସବୁ ଲୋନ୍ ପାଆନ୍ତୁ।
2% ସୁଧ 40% ଛାଡ଼
(ମହିଳାଙ୍କ ପାଇଁ ବିଶେଷ ରିହାତି)
(ସିବିଲ ଖରାପ ହୋଇଥିଲେ ମଧ୍ୟ)
ଯୋଗାଯୋଗ କରନ୍ତୁ
9473748805

Pencil କମ୍ପାନୀରେ ପ୍ୟାକିଙ୍ଗ୍ କାର୍ଯ୍ୟ।
20,000 - 30,000/-
ମାସକୁ ରୋଜଗାର କରନ୍ତୁ।
ଯୋଗାଯୋଗ : 7617736180
Whatsapp : 7617736180

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭର୍ତ୍ତୃହରିଙ୍କ ସାଆନ୍ତ, ଗୁମାସ୍ତା ପ୍ରସଙ୍ଗକୁ ନେଇ ଚର୍ଚ୍ଚା

ଭୁବନେଶ୍ୱର,୩୦।୬(ଅନିଲ ଦାସ)

ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ମନ୍ତବ୍ୟକୁ ନେଇ ଚର୍ଚ୍ଚା ଜୋର ଧରିଛି। ଯାହାକୁ ଆପଣ ନିଜର ବୋଲି ଭାବିବେ, ସେ ମଧ୍ୟ ଅନେକ ସମୟରେ ଆପଣଙ୍କୁ ଛୁରିରେ ଆଘାତ କରିବେ। ସାଆନ୍ତମାନଙ୍କର ଉତ୍ପାତ ସେ ଯୁଗରେ ବି ହେଉଥିଲା। ଆଜି ବି କିଛି କମ୍ ନାହିଁ। ନୂଆଦିଲ୍ଲୀରେ ଫକୀରମୋହନ ସେନାପତିଙ୍କ 'ଦ ମେକିଂ ଅଫ୍ ଆନ ଅଥର' ପୁସ୍ତକର ଉନ୍ମୋଚନ ଅବସରରେ ଯୋଗ ଦେଇ ଭର୍ତ୍ତୃହରି ଏଭଳି ମନ୍ତବ୍ୟ ଦେଇଛନ୍ତି।

ଏଥିସହ ସାଆନ୍ତ ଓ ଗୁମାସ୍ତା ପ୍ରସଙ୍ଗ ଉଠାଇ ଭର୍ତ୍ତୃହରି କହିଛନ୍ତି, ସେ ଯୁଗରେ ଗୁମାସ୍ତାମାନଙ୍କର ଅତ୍ୟାଚାର ଅଧିକ ହେଉଥିଲା। ଆଜି ମଧ୍ୟ ଏହା କମ୍ ନାହିଁ। ଆମେ ଫକୀର ମୋହନଙ୍କ ଉପନ୍ୟାସ ହେଉ, କି ଗଳ୍ପ ପଢ଼ିଲେ ଚରିତ୍ରଗୁଡ଼ିକ ଆଖି ଆଗକୁ ଆସିଯାଇଥାଏ। ଆମେ କ'ଣ ଆଖି ବନ୍ଦ କରି କିମ୍ବା ଆଖି ଖୋଲି ସେହିଭଳି ଚରିତ୍ରକୁ ଦେଖୁନେ କି? ସେହିଭଳି ମଙ୍ଗରାଜମାନେ ମିଳୁନାହାନ୍ତି କି ବୋଲି ଭର୍ତ୍ତୃହରି କହିଛନ୍ତି।

ଫକୀରମୋହନ ସେନାପତିଙ୍କ 'ଦ ମେକିଂ ଅଫ୍ ଆନ ଅଥର' ପୁସ୍ତକର ଉନ୍ମୋଚନ ମଞ୍ଚରେ ଅନ୍ୟ ଅତିଥି ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ଭର୍ତ୍ତୃହରି ଏହି ମନ୍ତବ୍ୟ କାହା ଉଦ୍ଦେଶ୍ୟରେ କହିଛନ୍ତି ତାହା ସ୍ପଷ୍ଟ ଭାବେ ଜଣାପଡ଼ି ନାହିଁ।

# ୟୁରିଆ ଯୋଗାଣ ଅବ୍ୟାହତ ରଖ: ରଣେନ୍ଦ୍ର

**ଭୁବନେଶ୍ୱର, ୩୦।୬(ସୁନିତ୍ ମିଶ୍ର):** ନାନୋ ୟୁରିଆ ବଦଳରେ ଓଡ଼ିଶାର ଚାଷୀ ପାରମ୍ପରିକ ୟୁରିଆ ବ୍ୟବହାରକୁ ପସନ୍ଦ କରୁଛନ୍ତି। ଠିକ୍ ସମୟରେ ୟୁରିଆ ଯୋଗାଣ ନ ହେଲେ ଉତ୍ପାଦନ ପ୍ରଭାବିତ ହେବା ଆଶଙ୍କା ରହିଛି। ତେଣୁ ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ୪ ଲକ୍ଷ ମେଟ୍ରିକ୍ ଟନ୍ ୟୁରିଆ ଯୋଗାଣକୁ ଅବ୍ୟାହତ ରଖିବା ପାଇଁ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶୁକ୍ରବାର କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି।

କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ମନସୁଖ ମାଣ୍ଡଭୀୟଙ୍କ ଅଧ୍ୟକ୍ଷତାରେ ଭିଡିଓ କନ୍‌ଫରେନ୍ସରେ ଅନୁଷ୍ଠିତ ବୈଠକରେ ଯୋଗଦେଇ ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ରାସାୟନିକ ସାର ବ୍ୟବହାର କମ୍। ଏହି ପରିପ୍ରେକ୍ଷୀରେ ପିଏମ୍-ପ୍ରଣାମ ଯୋଜନାରେ ସଞ୍ଚୟ ହେବାକୁ ଥିବା ଅର୍ଥରୁ ସହାୟତା ରାଶିର ସର୍ବୋଚ୍ଚ ପରିମାଣ ୫୦ ପ୍ରତିଶତ ନିୟମକୁ ରାଜ୍ୟ ନିମନ୍ତେ କୋହଳ କରିବା ଆବଶ୍ୟକ। ନଚେତ୍ ରାଜ୍ୟ ଆର୍ଥିକ ଦୃଷ୍ଟିରୁ କ୍ଷତିଗ୍ରସ୍ତ ହେବା ଆଶଙ୍କା ରହିଛି।

# ରବିଧାନ କିଣା ସମୟସୀମା ୧୫ ଦିନ ବୃଦ୍ଧି ହେଉ: କଂଗ୍ରେସ

ଭୁବନେଶ୍ୱର, ୩୦।୬(ସୁନିତ୍ ମିଶ୍ର)

ରାଜ୍ୟରେ ଧାନକ୍ରୟ ବ୍ୟବସ୍ଥା ଫେଲ୍ ମାରିଛି। ମିଲରମାନେ ମନଇଚ୍ଛା ଚାଷୀଙ୍କଠାରୁ କମ୍ ଦରରେ ଧାନ କିଣୁଛନ୍ତି। ଏସବୁ ଅବ୍ୟବସ୍ଥା ଦେଖିଲେ ଲାଗୁଛି ରାଜ୍ୟ ସରକାର ଦଣ୍ଡିଆଠାରୁ ମଧ୍ୟ ବଳିଗଲେଣି। ରବିଧାନ କ୍ରୟ ସମୟସୀମା ଜୁନ୍ ୩୦ ଯାଏ ଧାର୍ଯ୍ୟ କରାଯାଇଥିବାବେଳେ ବହୁ ଲକ୍ଷ ଚାଷୀଙ୍କ ଧାନ କିଣାଯାଇପାରିନାହିଁ। ଏବେ ଚାଷୀ କ'ଣ କରିବେ ବୋଲି କଂଗ୍ରେସ ପ୍ରଶ୍ନ ଉଠାଇଛି। ଏଥିସହ ସରକାର ରବିଧାନ କ୍ରୟ ଲାଗି ଆଉ ୧୫ ଦିନ ସମୟସୀମା ବୃଦ୍ଧି କରନ୍ତୁ ବୋଲି ପିସିସି କିଷାନ ସେଲ୍ ଦାବି କରିଛି।

ପିସିସି କିଷାନ ସେଲ୍ ଅଧ୍ୟକ୍ଷ ଅମିୟ ପଟ୍ଟନାୟକ କହିଛନ୍ତି, ସରକାରଙ୍କ ପ୍ରତିଶ୍ରୁତି ମୁତାବକ ଚାଷୀମାନେ ନିର୍ଦ୍ଧାରିତ ସମୟରେ ନାମ ପଞ୍ଜୀକରଣ କରିବା ସହ ଧାନ ବିକ୍ରି ପାଇଁ ପ୍ରସ୍ତୁତ ଥିଲେ। କିନ୍ତୁ ମଣ୍ଡି ଅବ୍ୟବସ୍ଥା, ଟୋକନ ସମସ୍ୟା, କଟ୍‌ନି ଛଟ୍‌ନି ଓ ଦଲାଲରାଜ ଯୋଗୁ ଚାଷୀ ନିଜର ଉତ୍ପାଦିତ ଧାନ ଏମ୍‌ଏସ୍‌ପିଠାରୁ ଖୁବ୍ କମ୍ ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ବିଶେଷକରି ସୁବର୍ଣ୍ଣପୁର, ବରଗଡ଼, ସମ୍ବଲପୁର, ବାଲେଶ୍ୱର ଜିଲ୍ଲାରେ ଚାଷୀ ମହଜୁଦ ରଖିଥିବା ଲକ୍ଷାଧିକ କୁଇଣ୍ଟାଲ ଧାନ କିଣାଯାଇ ନାହିଁ। ନିର୍ଦ୍ଦିଷ୍ଟ ସମୟରେ ଟାର୍ଗେଟ ନ ଆସିବା, ମିଲର୍ସମାନେ ମଣ୍ଡିରୁ ଧାନ ନ ଉଠାଇବା, ମିଲର, ପ୍ରଶାସନ ଓ ସରକାରଙ୍କ ମଧୁଚନ୍ଦ୍ରିକା ଫଳରେ ଚାଷୀ ଏପରି ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ କିମ୍ବା ସରକାର କାହାରି ମଧ୍ୟ ତିଳେମାତ୍ର ନିଘା ନାହିଁ। ତେଣୁ ରାଜ୍ୟ ସରକାର କାଳବିଳମ୍ବ ନ କରି ରବିଧାନ କ୍ରୟ ପାଇଁ ଥିବା ସମୟ ବୃଦ୍ଧି କରିବା ସହ ଚାଷୀଙ୍କ ବଳକା ଧାନ ଯୁଦ୍ଧକାଳୀନ ଭିତ୍ତିରେ କ୍ରୟ କରିବାକୁ ସେ ଦାବି କରିଛନ୍ତି।

Classified Everyday
0674-2580101, 2549949



REAL ESTATE

**SALE**

For sale residential cum commercial plot 6km. from Phulnakhara, from Bhubaneswar 11km. 3500sqft. 7809525452. D-75002

କଟକ ୪୨ ମୌଜା, ଝାରକଟାଠାରେ ରାସ୍ତାକୁ ଲାଗି ୧୨ ଗୁଣ୍ଠ ସ୍ଥିତିବାନ ଜମି ବିକ୍ରି ହେବ । ଜମିଟି ବିବାହ ମଣ୍ଡପ, ବିଦ୍ୟାଳୟ, କଲେଜ, ନର୍ସିଂହୋମ୍, ସିମ୍ପ୍ଲେକ୍ସ / ଡୁପ୍ଲେକ୍ସ ନିମନ୍ତେ ଉପଯୁକ୍ତ। ମୋବାଇଲ- 8917230636 । ମଧ୍ୟସ୍ଥିଙ୍କୁ ସ୍ୱାଗତମ୍ । D-0676

3BHK Duplex for sale near East Engineering College Nakhara with gated society. Contact: 9437581914. D-0648

ଭୁବନେଶ୍ୱର ପିପିଲି ଟୋଲ୍‌ଗେଟ୍ NH side 30' road, ଘରବାରି, ପାଚେରି, ଇଲେକ୍ଟ୍ରିସିଟି ଥାଇ ଏବଂ ନଖରା ତ୍ରିନାଥ ବଜାର ପାଖରେ ପ୍ଲଟ୍ କିଣି ତୁରନ୍ତ ଗୃହ ନିର୍ମାଣ କରନ୍ତୁ। 8917487982. D-74877

Bhubaneswar ସୁନ୍ଦରପଦା ଜଟଣୀ-ପିପିଲି-ପୁରୀ ରୋଡ୍‌ରେ ପ୍ଲଟ୍ କିଣି ଘର କରନ୍ତୁ। sqft.-800/-, 550/-. 9938016295. D-74880

New Cancer Hospital ନାଇଜର, ଜଟଣୀରେ ବର୍ଗଫୁଟ ୩୦୦-୭୦୦ ଜାଗା ବିକ୍ରି ହେଉଛି। 9437621753. D-75122

ଭୁବନେଶ୍ୱର-ପୁରୀ ବାଇପାସ୍ NH-203 ପାଖରେ ଘରବାରି ବାଉଣ୍ଡରି ପ୍ଲଟ୍ ବିକ୍ରିହେବ। 9439832956. D-0645

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା 300/-. 7978663279. D-74875




Newly healthcare benefited SPA experience Therapist, Bhubaneswar. Please visit this SPA. 7749034655. D-75124

Spa Kerala body massage only best Therapist @699/-Bhubaneswar. 9337672475. D-0678

Herbal full body massage by smart/expert therapist. Contact: 9040171280. D-74699

Newly open health benefits SPA special offer @ 799 Jaydev Vihar. 8018429809. D-75121

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74700

Newly open Salon/SPA with expert therapist (health benefits). 8114322659. D-75123

Newly healthcare benefited SPA experience Therapist, Bhubaneswar. Please visit this SPA. 7846814019. D-75125

**LOST**

ମୁଁ ଶ୍ରୀ ପ୍ରତାପ ବେହେରା, ପିତା: ଅନାଦି ବେହେରା, ସା: ଚେମେର୍ଡା, ପୋ: ସାଲେଭଟା, ଥାନା: ନାକଟିଦେଉଳ, ଜିଲ୍ଲା: ସମ୍ବଲପୁର। ମୋର ପିତାଙ୍କ ନାମରେ ଥିବା ଅସଲି ଜମି ପଟ୍ଟା ଖାତା ନଂ.-୧୧, ଏରିଆ ଏ୦୬.୭୫ ଡିସିମିଲଟି ଉଇ ଖାଇଯାଇଛି। ଏ ସମ୍ପର୍କରେ ଗତ ୨୧।୦୬।୨୦୨୩ ତାରିଖରେ ନାକଟିଦେଉଳ ଥାନାରେ ଅଭିଯୋଗ କରାଯାଇଛି। ଏଣୁ ଉକ୍ତ ଜମି ପଟ୍ଟାକୁ ଅନ୍ୟ କେହି କୌଣସି କାମରେ ଦୁରୁପଯୋଗ କଲେ ମୁଁ ଦାୟୀ ରହିବି ନାହିଁ।
ପ୍ରତାପ ବେହେରା
ଧ-୦୭୦୦

I, Bijaya Kumar Behera, aged about 39 years, S/o Makaranda Behera of Bagadharapur, P.O- Fulnakhara, P.S.- Cuttack Sadar, Dist.- Cuttack declared that I lost/ missed my original RSD bearing No-1215 dtd. 20.02.1976 and I also not avail any loan from any bank/ financial institution earlier. If anybody find it please contact 93380333 99. D-63235

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# LEGAL NOTICE

ନୋଟିସ

No.- 1835/ dated 26.06.23

ମାନନୀୟ ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜିନାଲ କୋର୍ଟ ନଂ. ୪, ସ୍ଥାନ: ସରକାରୀ ଅଫିସ୍, ୟୁନିଟ୍-୫, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ ଦପ୍ତର କୋଠା, ଭୁବନେଶ୍ୱର

ଜିଲ୍ଲା- ଖୋର୍ଦ୍ଧା ଓ. ଏସ୍. ଏସ୍ କେସ୍ ନଂ.- ୮୧୫/୨୦୨୨

୧) ଶ୍ରୀମତୀ ଝୁନୁ ଡାକୁଆ, ବୟସ ୫୧ ବର୍ଷ, ସ୍ୱାମୀ- ଦଣ୍ଡପାଣି ଡାକୁଆ, ବାସସ୍ଥାନ- ଗାଙ୍ଗନାପୁର, ପୋଷ୍ଟ- ଝାଡ଼ବାଇ, ଥାନା- କବିସୂର୍ଯ୍ୟନଗର, ଜିଲ୍ଲା- ଗଞ୍ଜାମ, ଓଡ଼ିଶା, ପିନ୍- ୭୬୧୦୪୩, ବର୍ତ୍ତମାନ ଠିକଣା ସା/ ପୋ- ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ, ପ୍ଲଟ୍ ନଂ. L- ୧୧୩, ଫେଜ୍-୧, ଥାନା- ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ପିନ୍- ୭୫୧୦୧୯ .......ବାଦୀ

ବନାମ

ବନ୍ଦୋବସ୍ତ ଅଫିସର, ମେଜର ସେଟେଲମେଣ୍ଟ, ସା-ବଡ଼ ଯୋବ୍ରା, ପୋ- କଲେଜ ଛକ, ଜିଲ୍ଲା- କଟକ ଏବଂ ଓଗେର .....ପ୍ରତିବାଦୀ

ପ୍ରାପ୍ତେଷୁ

ମୃତ ପ୍ରତିବାଦୀ ନଂ. ୩ ଭାବଗ୍ରାହୀ ବେହେରା, ପିତା- କୁଳମଣି ବେହେରା, ମୃତ ପ୍ରତିବାଦୀ ନଂ. ୪ ମଦନ ବେହେରା, ପିତା କୁଳମଣି ବେହେରା, ମୃତ ପ୍ରତିବାଦୀ ନଂ. ୫ ନୀଳମଣି ବେହେରା, ପିତା- ବିନୋଦ ବେହେରା ସମସ୍ତଙ୍କର ବାସସ୍ଥାନ- ଓଗାଳପଡ଼ା, ପୋଷ୍ଟ/ଥାନା- ଯାଁଳା, ଜିଲ୍ଲା- ଖୋର୍ଦ୍ଧା

ନୋଟିସ ସି.ପି.ସି. ଅର୍ଡର- ୫, ରୁଲ୍- ୨୦ ମୁତାବକ

ଏହିକି ଉପରୋକ୍ତ ମୋକଦ୍ଦମାରେ ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ. ୩, ୪ & ୫ଙ୍କ ଠିକଣାରେ ନୋଟିସ ଡାକ ଦ୍ୱାରା ଯାଇଥିଲା, କିନ୍ତୁ ଉପରୋକ୍ତ ପ୍ରତିବାଦୀମାନେ ମୃତ ଥିବାରୁ ଡାକ ନୋଟିସ ଜାରି ହୋଇ ନ ପାରି ଫେରସ୍ତ ଆସିଛି । ଉପରୋକ୍ତ ମୃତ ପ୍ରତିବାଦୀଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଅଧିକାରୀମାନଙ୍କ ନାମ ଏବଂ ବର୍ତ୍ତମାନ ଠିକଣା ଆମ୍ଭ ବାଦୀଙ୍କୁ ଜଣାନାହିଁ । ତେଣୁ ଉକ୍ତ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଉପରୋକ୍ତ ମୃତ ପ୍ରତିବାଦୀ ନଂ. ୩, ୪ & ୫ଙ୍କ ଉତ୍ତରାଧିକାରୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଅଧିକାରୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପର ଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତ ୟୁନିଟ୍- ୫, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ, ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟଠାରେ ଆସନ୍ତା ତା- ୦୨/୦୮/୨୦୨୩ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ଉକ୍ତ କେସ୍‌ର ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

ବାଦୀଙ୍କ ତଫସିଲ ବୃତ୍ତି

ଜିଲ୍ଲା- ଖୋର୍ଦ୍ଧା, ଥାନା- ଜଟଣୀ, ମୌଜା- ଓଗାଳପଡ଼ା, ସାବକ ଖାତା ନଂ. ୧୯୪, ସାବକ ପ୍ଲଟ୍ ନଂ. ୪୪୦, ଏରିଆ ଏକର ୧.୮୦୫ ଡିସିମାଲ, ପାର୍ଟ ଏରିଆ ଏ୦.୧୭୨ ଡିସିମାଲ, ପାର୍ଟ ଏରିଆ ଏ୦.୦୨୭ ଡିସିମାଲ, କିସମ-ପତିତ, ସ୍ଥିତିବାନ, ଏହି ଜମିର ହାଲ ମେଳକ ଖାତା ନଂ. ୩୦୫, ହାଲ ପ୍ଲଟ୍ ନଂ. ୨୪୯୪, ଏରିଆ ଏ୦.୧୦୦ ଡିସିମାଲ, କିସମ- ପତିତ, ପାର୍ଟ ଏରିଆ ଏ୦୦୨୭ ଡିସିମାଲ ସବ ପ୍ଲଟ୍ ନଂ.୨୫ ସ୍ଥିତିବାନ।

ଏଣୁ ଏହି ଓଡ଼ିଆ ଖବରକାଗଜ ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଅଛିକି ଆସନ୍ତା ତା୦୨।୦୮।୨୦୨୩ଦିନ ପୂର୍ବାହ୍ନ ୧୧.୩୦ ସମୟରେ ମୃତ ପ୍ରତିବାଦୀମାନଙ୍କର ଔରସ ସ୍ୱୟଂ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ, ଏହି ଅଦାଲତରେ ହାଜର ହୋଇ ଶୁଣାଣିରେ ଅଂଶ ଗ୍ରହଣ କରିବେ। ଏଥକୁ ହେଳା କଲେ ଉକ୍ତ ମୋକଦ୍ଦମାଟି ଆଇନ ଅନୁଯାୟୀ ଏକ ତରଫା ବିଚାର କରାଯିବ।

ତା୨୬।୦୬।୨୩ରିଖ, ଭୁବନେଶ୍ୱର

ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜିନାଲ କୋର୍ଟଙ୍କ ଅନୁମୋଦନକ୍ରମେ କୋର୍ଟ ଅଫିସର ସରକାରୀ ଅଫିସ୍, ୟୁନିଟ୍-୫, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ ଦପ୍ତର କୋଠା, ଭୁବନେଶ୍ୱର
ଧ-୦୬୯୨

ନୋଟିସ

No.- 1836/ dated 26.06.23

ମାନନୀୟ ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜିନାଲ କୋର୍ଟ ନଂ. ୪, ସ୍ଥାନ: ସରକରୀ ଅଫିସ, ୟୁନିଟ- ୫,୪ର୍ଥ ମହଲା, ବିଭାଗୀୟ ମୁଖ୍ୟ ଦପ୍ତର କୋଠା, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ଓ. ଏସ୍. ଏସ୍ କେସ୍ ନଂ.- ୮୧୫/୨୦୨୨

୧) ଶ୍ରୀମତୀ ଝୁନୁ ଡାକୁଆ, ବୟସ ୫୧ ବର୍ଷ, ସ୍ୱାମୀ- ଦଣ୍ଡପାଣି ଡାକୁଆ ବାସସ୍ଥାନ ଗାଙ୍ଗନାପୁର, ପୋଷ୍ଟ- ଝାଡବାଇ, ଥାନା- କବିସୂର୍ଯ୍ୟନଗର, ଜିଲ୍ଲା- ଗଞ୍ଜାମ, ଓଡ଼ିଶା, ପିନ୍- ୭୬୧୦୪୩, ବର୍ତ୍ତମାନ ଠିକଣା ସା/ ପୋ- ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ, ପ୍ଲଟ୍ ନଂ. L- ୧୧୩, ଫେଜ୍-୧, ଥାନା- ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ପିନ୍- ୭୫୧୦୧୯ .......ବାଦୀ

ବନାମ

ବନ୍ଦୋବସ୍ତ ଅଫିସର, ମେଜର ସେଟେଲମେଣ୍ଟ, ସା- ବଡ଼ ଯୋବ୍ରା, ପୋ- କଲେଜ ଛକ, ଜିଲ୍ଲା- କଟକ ଏବଂ ଓଗେର ........ ପ୍ରତିବାଦୀ

ପ୍ରାପ୍ତେଷ

ପ୍ରତିବାଦୀ ନଂ.୮ ପୁଷ୍ପାବାଈ ସୁନ୍ଦରିକା, ସ୍ୱାମୀ- ମାଖନଲାଲ ସୁନ୍ଦରିକା ପ୍ରତିବାଦୀ ନଂ. ୯ ଉମାଦେବୀ ସୁନ୍ଦରିକା, ସ୍ୱାମୀ- ଚତୁର୍ଭୁଜ ସୁନ୍ଦରିକା ଉଭୟଙ୍କର ବାସସ୍ଥାନ- ପ୍ଲଟ୍ ନଂ.- ୧୦୨, ବି.ଡି.ଏ. ଡୁପ୍ଲେକ୍ସ, ବରମୁଣ୍ଡା, ଭୁବନେଶ୍ୱର, ପୋଷ୍ଟ- ବରମୁଣ୍ଡା ଥାନା- ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା

ନୋଟିସ ସି.ପି.ସି. ଅର୍ଡର- ୫, ରୁଲ୍-୨୦ ମୁତାବକ

ଏହିକି ଉପରୋକ୍ତ ମୋକଦ୍ଦମାରେ ଆପଣମାନଙ୍କ ସ୍ଥାୟୀ ଘର ଠିକଣାରେ ମାନ୍ୟବର ଅଦାଲତଙ୍କ ତରଫରୁ ନୋଟିସ ପ୍ରେରଣ କରିଥିଲେ ମଧ୍ୟ ଆପଣ ସେଠାରେ ନ ଥିବାରୁ ତାହା ଆପଣମାନଙ୍କୁ ଜାରି ହୋଇପାରୁନାହିଁ। ଆପଣମାନଙ୍କର ବର୍ତ୍ତମାନ ବାସସ୍ଥାନ ଠିକଣା ଆମ୍ଭଙ୍କୁ ଜଣା ନାହିଁ । ଏଣୁ ଏ ଓଡ଼ିଆ ଖବରକାଗଜ ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଅଛିକି ଆସନ୍ତା ତା୦୨/୦୮/୨୦୨୩ ରିଖ ଦିନ ପୂର୍ବାହ୍ନ ଘ. ୧୧.୩୦ ସମୟରେ ଆପଣ ସ୍ୱୟଂ କିମ୍ବା ଆପଣଙ୍କ କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଅଦାଲତରେ ହାଜର ହୋଇ ଶୁଣାଣିରେ ଅଂଶ ଗ୍ରହଣ କରିବେ।

ଏଥକୁ ହେଳା କଲେ ଉକ୍ତ ମୋକଦ୍ଦମାଟି ଏକତରଫା ବିଚାର କରାଯିବ।

ବାଦୀଙ୍କ ତଫସିଲ ବୃତ୍ତି

ଜିଲ୍ଲା- ଖୋର୍ଦ୍ଧା, ଥାନା- ଜଟଣୀ, ମୌଜା- ଓଗାଳପଡ଼ା, ସାବକ ଖାତା ନଂ.୧୯୪, ସାବକ ପ୍ଲଟ୍ ନଂ. ୪୪୦, ଏରିଆ ଏକର ୧.୮୦୫ ଡିସିମାଲ, ପାର୍ଟ ଏରିଆ ଏ୦.୧୭୨ ଡିସିମାଲ, ପାର୍ଟ ଏରିଆ ଏ୦.୦୨୭ ଡିସିମାଲ, କିସମ- ପତିତ, ସ୍ଥିତିବାନ, ଏହି ଜମିର ହାଲ ମେଳକ ଖାତା ନଂ.୩୦୫, ହାଲ ପ୍ଲଟ୍ ନଂ.୨୪୯୪, ଏରିଆ ଏ୦.୧୦୦ଡିସିମାଲ, କିସମ- ପତିତ, ପାର୍ଟ ଏରିଆ ଏଓ.୦୨୭ଡିସିମାଲ ସବ ପ୍ଲଟ୍ ନଂ. ୨୫ ସ୍ଥିତିବାନ।

ତା୨୬।୦୬।୨୩ରିଖ, ଭୁବନେଶ୍ୱର

ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜିନାଲ କୋର୍ଟଙ୍କ ଅନୁମୋଦନକ୍ରମେ କୋର୍ଟ ଅଫିସର ସରକାରୀ ଅଫିସ୍, ୟୁନିଟ୍-୫, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ ଦପ୍ତର କୋଠା, ଭୁବନେଶ୍ୱର
ଧ-୦୬୯୧

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ**
ଏ/ଏଲ୍-୨ ଭୀମଟାଙ୍ଗୀ, ଭୁବନେଶ୍ୱର
ଆବିର୍ଭାବ: ୨୩।୧୨।୧୯୩୪ (ରବିବାର)
ତିରୋଧାନ: ୨୦।୦୬।୨୦୨୩ (ମଙ୍ଗଳବାର)
ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁଅ: ମନୋଜ, ସରୋଜ, ବୋହୂ: ଶ୍ୱେତା ପ୍ରିୟଦର୍ଶିନୀ (ରୀନା), ଝିଅ: ପୁଷ୍ପାଞ୍ଜଳି, ସସ୍ମିତାଞ୍ଜଳି, ଜ୍ୱାଇଁ: ପ୍ରଭାତ, ବିମଳ, ନାତି-ନାତୁଣୀ: ଆଦିତ୍ୟ, ସୌମ୍ୟ, ମନସ୍ୱିନୀ, ବୈଭବ, ଶ୍ରୀୟା ।
ଧ-୦୬୯୮

**AFFIDAVIT**

I Sukanti Barik alias Usharani Barik(48), W/o- Sitakanta Barik, Vill- Mishrapur, PO- Patanamishrapur, PS- Naikanidihi, Dist- Bhadrak. I have a LIC policy bearing No 587167502, where in my name is Usharani Barik. I declare that Sukanti Barik and Usharani Barik is same and one person. D-0695

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆର୍ଥିକ ବିକାଶ ପାଇଁ ଜିଏସ୍‌ଟି ଗୁରୁତ୍ୱପୂର୍ଣ୍ଣ

■ଜିଏସ୍‌ଟି ଦିବସ
■୭ବର୍ଷରେ ଜିଏସ୍‌ଟି




ଭୁବନେଶ୍ୱର,୩୦।୬

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜୁଲାଇ ୧ରେ ଅର୍ଥମନ୍ତ୍ରାଳୟ ପକ୍ଷରୁ ଜିଏସ୍‌ଟି ଦିବସ ପାଳନ କରାଯାଉଛି। ଏପରିକି ଭାରତର ଅର୍ଥ ବ୍ୟବସ୍ଥାକୁ ମଜବୁତ କରିବା ପାଇଁ ସରକାର ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି)କୁ ସାରା ଦେଶରେ ପ୍ରଚଳନ ପାଇଁ ବିଧିବଦ୍ଧ ଭାବେ ୨୦୧୭ ଜୁଲାଇ ୧ରେ ଜିଏସ୍‌ଟି ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ ଜୁଲାଇ ୧କୁ ଜିଏସ୍‌ଟି ଦିବସ ଭାବେ ପାଳନ କରାଯାଉଛି। ଚଳିତ ବର୍ଷ ଜିଏସ୍‌ଟିକୁ ୬ବର୍ଷ ପୂରଣ ସହ ୭ମ ବର୍ଷରେ ପାଦ ଦେଇଛି। ଅପରପକ୍ଷରେ ଦେଶର ଆର୍ଥିକ ବିକାଶ ପାଇଁ ଜିଏସ୍‌ଟି ଗୁରୁତ୍ୱପୂର୍ଣ୍ଣ ବୋଲି ସରକାର ହୃଦବୋଧ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ଜିଏସ୍‌ଟି ହେଉଛି ସମଗ୍ର ଦେଶରେ ସାମଗ୍ରୀ ଏବଂ ସେବା ଯୋଗାଣ ଉପରେ ଆଦାୟ କରାଯାଉଥିବା ଏକ ବିସ୍ତୃତ ପରୋକ୍ଷ ଟିକସ । ଏହା ଏକ ଗନ୍ତବ୍ୟ ସ୍ଥଳ ଭିତ୍ତିକ ଟ୍ୟାକ୍ସ, ଯାହା କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଆଦାୟ କରାଯାଉଥିବା ଏକାଧିକ ପରୋକ୍ଷ ଟିକସକୁ ବଦଳାଇ ଟିକସ ବ୍ୟବସ୍ଥାକୁ ସରଳ ଏବଂ ସ୍ୱଚ୍ଛ କରିପାରିଛି। ଦେଶର ଅର୍ଥନୈତିକ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟକୁ ଦର୍ଶାଇ ୨୦୧୭ ଜୁଲାଇ ୧ରେ ଜିଏସ୍‌ଟି ଲାଗୁ କରାଯାଇଥିଲା। ନୂତନ ଟିକସ ବ୍ୟବସ୍ଥା ଦେଶର ଆର୍ଥିକ ଅଭିବୃଦ୍ଧିରେ ସହଯୋଗ କରୁଥିବା ଟିକସଦାତାଙ୍କୁ ପ୍ରଶଂସା କରିବାର ଏହା ମଧ୍ୟ ଏକ ଦିବସ। ଭାରତରେ ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି)ର ଧାରଣା ପ୍ରଥମେ ୨୦୦୦ ଦଶକ ପୂର୍ବରୁ ପରୋକ୍ଷ ଟିକସ ଉପରେ ୨୦୦୩ରେ କେଲକାର ଟାସ୍କଫୋର୍ସ ଗଠନ ସହିତ ପ୍ରସ୍ତାବ ଦିଆଯାଇଥିଲା। ବିଦ୍ୟମାନ ଜଟିଳ ପରୋକ୍ଷକୁ ବଦଳାଇବା ପାଇଁ ଟାସ୍କଫୋର୍ସ ଏକ ବ୍ୟାପକ ପରୋକ୍ଷ ଟିକସ ବ୍ୟବସ୍ଥାକୁ ସୁପାରିଶ କରିଥିଲେ। ଟିକସ ଗଠନ, ଯାହା ଭାରତୀୟ ଅର୍ଥନୀତିର ଅଭିବୃଦ୍ଧିରେ ବାଧା ସୃଷ୍ଟି କରୁଥିଲା। ଅନେକ ରାଉଣ୍ଡ ଆଲୋଚନା ଏବଂ ବୁଝାମଣା ପରେ ସମ୍ବିଧାନ ଅଧିନିୟମ, ୨୦୧୬ ସଂଶୋଧନରେ ସଂସଦ ଦ୍ୱାରା ୮ ଅଗଷ୍ଟ ୨୦୧୬ରେ ପାରିତ ହୋଇ ଜିଏସଟି ଲାଗୁ ହେବାର ପଥ ପରିଷ୍କାର କରିଥିଲା। ଏହି ଅଧିନିୟମ ଭାରତର ସମ୍ବିଧାନରେ ସଂଶୋଧନ କରି କେନ୍ଦ୍ର ସରକାରଙ୍କୁ ସାମଗ୍ରୀ ଏବଂ ସେବା ଯୋଗାଣ ଉପରେ ଜିଏସଟି ଆଦାୟ ଏବଂ ସଂଗ୍ରହ କରିବାର କ୍ଷମତା ପ୍ରଦାନ କରିଥିଲା। ସଂଶୋଧନ ପରେ ସରକାର ଜିଏସଟି କାର୍ଯ୍ୟକାରିତାକୁ ତଦାରଖ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅର୍ଥମନ୍ତ୍ରୀଙ୍କୁ ନେଇ ଜିଏସଟି ପରିଷଦ ଗଠନ କରାଯାଇଥିଲା। ଜିଏସଟି ହାର ଏବଂ ଛାଡକୁ ଚୂଡ଼ାନ୍ତ କରିବା ଏବଂ ବିଭିନ୍ନ ହିତାଧିକାରୀଙ୍କ ସମସ୍ୟାର ସମାଧାନ ପାଇଁ ପରିଷଦ ଅନେକ ବୈଠକ କରିଥିଲା। ଜିଏସ୍‌ଟି ଲାଗୁ ପ୍ରାରମ୍ଭିକ ଟିକସଦାତାମାନଙ୍କ ମଧ୍ୟରେ ବୈଷୟିକ ତ୍ରୁଟି ଏବଂ ଦ୍ୱନ୍ଦ୍ୱକୁ ଅନ୍ତର୍ଭୁକ୍ତ କରି ପ୍ରାରମ୍ଭିକ ବାଧାର ସମ୍ମୁଖୀନ ହୋଇଥିଲା। ତେବେ ସମୟ ସହିତ ଏହି ବ୍ୟବସ୍ଥା ସ୍ଥିର ହୋଇଛି ଏବଂ ଜିଏସ୍‌ଟି ଭାରତର ଟିକସ ବ୍ୟବସ୍ଥାର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇପାରିଛି।

# ଖରିଆର ରୋଡ୍‌ରେ ବିଓଏମ୍‌ର ନୂତନ ଶାଖା



ଭୁବନେଶ୍ୱର,୩୦।୬

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍)ର ଆଉ ଏକ ନୂତନ ଶାଖା ନୂଆପଡ଼ା ଜିଲାର ଖରିଆର ରୋଡ୍‌ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ନୂଆପଡ଼ାର ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ ଗୁଣ୍ଡାଲା ରେଡ୍ଡି ରାଘବେନ୍ଦ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଓଏମ୍ ଭୁବନେଶ୍ୱର ଅଞ୍ଚଳର ମୁଖ୍ୟ ପ୍ରବନ୍ଧକ ଆଲୋକ ମହାନ୍ତି, ଖରିଆର ରୋଡ୍ ଶାଖାର ଶାଖା ପ୍ରବନ୍ଧକ ଶିବ ଦେଓ ଖାଲ୍‌କୋ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ,ନୂଆପଡ଼ା ଜିଲାର ଖରିଆର ରୋଡ୍ ବିଓଏମ୍‌ର ପ୍ରଥମ ଶାଖା ହୋଇଥିବା ବେଳେ ସାରା ରାଜ୍ୟରେ ଏହା ୪୬ ତମ ଶାଖା ବୋଲି ବିଓଏମ୍ ପକ୍ଷରୁ ସୂଚନା ଦିଆଯାଇଛି।

# ଏଲ୍‌ଆଇସିର ନୂତନ ଉତ୍ପାଦ




ଭୁବନେଶ୍ୱର,୩୦।୬ (ଅଭୟ ଦାଶ)

ଭାରତୀୟ ଜୀବନବୀମା ନିଗମ (ଏଲ୍‌ଆଇସି)ର ନୂତନ ଉତ୍ପାଦ 'ଧନବୃଦ୍ଧି' ନିକଟରେ ସର୍ବଭାରତୀୟ ଉନ୍ମୋଚନ ହୋଇଯାଇଛି। ଏପରିକି ଏଲ୍‌ଆଇସିର ଉକ୍ତ ଯୋଜନା ସୀମିତ ସମୟ ପାଇଁ ବଜାରରେ ଉପଲବ୍ଧ ହେବ ବୋଲି ନିଗମ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷକରି ଏଲ୍‌ଆଇସିର ନୂତନ ଯୋଜନା 'ଧନବୃଦ୍ଧି' (ପ୍ଲାନ୍- ୮୬୯) ୨୦୨୩ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଉପଲବ୍ଧ। ସେହିଭଳି ଉକ୍ତ ଯୋଜନା ଏକ ନନ୍ ଲିଙ୍କ୍‌ଡ,ନନ୍ ପାର୍ଟିସିପେଟିଂ, ଇଣ୍ଡିଭିଜୁଆଲ, ସେଭିଂସ, ଲାଇଫ୍ ଇନ୍‌ସ୍ୟୁରନ୍ସ ପ୍ଲାନ୍ ହୋଇଥିବା ବେଳେ ଏକାଧିକ ଲାଭ ଓ ସୁବିଧା ନିଗମର ନିୟମ ମଧ୍ୟରେ ମିଳିବ ବୋଲି ଏଲ୍‌ଆଇସି ପକ୍ଷରୁ କୁହାଯାଇଛି। ଏପରିକି ଏହା ବ୍ୟକ୍ତିଗତ, ଜମା ଆଧାରିତ ଏକ ସିଙ୍ଗଲ ପ୍ରିମିୟମ ପ୍ଲାନ୍ ହୋଇଥିବାବେଳେ ପଲିସି ଅବଧି ୧୦,୧୫ ଏବଂ ୧୮ ବର୍ଷର ବିକଳ୍ପ ଉପଲବ୍ଧ ରହିଛି। ସେହିପରି ଉକ୍ତ ପ୍ଲାନ୍‌ରେ ବୀମାକୃତ ରାଶି ଏହାର ସାରଣୀ ବଦ୍ଧ ପ୍ରିମିୟମ ୧.୨୫ ଗୁଣରୁ ୧୦ଗୁଣ ପର୍ଯ୍ୟନ୍ତ ହୋଇପାରେ ବୋଲି ନିଗମ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଉକ୍ତ ପ୍ଲାନ୍‌ରେ ସାମିଲ ହେବା ପାଇଁ ୯୦ ଦିନରୁ ୮ ବର୍ଷ ପର୍ଯ୍ୟନ୍ତ ସର୍ବନିମ୍ନ ବୟସ ହୋଇଥିବା ବେଳେ ୩୨ରୁ ୬୦ ବର୍ଷ ସର୍ବାଧିକ ବୟସ ଅବଧିର ସମୟସୀମା ରହିଛି। ଉକ୍ତ ଯୋଜନା (ପ୍ଲାନ୍-୮୬୯)ର ସର୍ବନିମ୍ନ ବୀମାରାଶି ୧.୨୫ଲକ୍ଷ ହୋଇଥିବାବେଳେ ଅନ୍ୟାନ୍ୟ ବିକଳ୍ପ ମଧ୍ୟ ଅନ୍ତର୍ଭୁକ୍ତ ରହିଛି।

# ଏନ୍‌ଏମ୍‌ଡିସି-ଆଇଏମ୍‌ଏମ୍‌ଟି ଭୁବନେଶ୍ୱର ମଧ୍ୟରେ ଚୁକ୍ତିନାମା



ଭୁବନେଶ୍ୱର,୩୦।୬

ଦେଶର ପ୍ରମୁଖ ଖଣି ଖନନ କମ୍ପାନୀ ନ୍ୟାଶନାଲ ମିନେରାଲ ଡେଭଲପମେଣ୍ଟ କର୍ପୋରେଶନ (ଏନ୍‌ଏମ୍‌ଡିସି) ହାଇଦ୍ରାବାଦ ଏବଂ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ଭୁବନେଶ୍ୱର ମଧ୍ୟରେ ଏକ ଦ୍ୱିପାକ୍ଷିକ ଚୁକ୍ତିନାମା ନିକଟରେ ସ୍ୱାକ୍ଷରିତ ହୋଇଯାଇଛି। ବିଶେଷକରି ଲୁହାପଥର ଧୂଳି ଆବଦ୍ଧ ପାଇପ୍ ସାହାଯ୍ୟରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପରିବହନ ପାଇଁ ଉକ୍ତ ଚୁକ୍ତିନାମା ସ୍ୱାକ୍ଷର ହୋଇଥିବା ଉଭୟ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଲୁହାପଥର ଧୂଳି ଇଣ୍ଟର ପ୍ଲାଣ୍ଟ ଏବଂ ଇଣ୍ଟ୍ରା ପ୍ଲାଣ୍ଟ ପାଇପଲାଇନ ମଧ୍ୟରେ ପରିବହନ ପାଇଁ ଡିଜାଇନ ପାରାଟିମ୍‌ର ପ୍ରତିଷ୍ଠା ପାଇଁ ମଧ୍ୟ ଲକ୍ଷ୍ୟ ରଖାଯାଇଛି।

ଏହି ପରିପ୍ରେକ୍ଷୀରେ ଏନ୍‌ଏମ୍‌ଡିସି ମୁଖ୍ୟ କାର୍ଯ୍ୟାଳୟ ହାଇଦ୍ରାବାଦଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଉଭୟ ସଂସ୍ଥାର ନିର୍ଦ୍ଦେଶକ (ଉତ୍ପାଦନ) ଦିଲୀପ କୁମାର ମହାନ୍ତି, ନିର୍ଦ୍ଦେଶକ (ବାଣିଜ୍ୟିକ) ବିଶ୍ୱନାଥ ସୁରେଶଙ୍କ ମଧ୍ୟରେ ଉପରୋକ୍ତ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ଏହି ଅବସରରେ ଉଭୟ ସଂସ୍ଥାର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ୯ମିଲିୟନ ଡଲାରର ଗ୍ଲୋବାଲ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ,୩୦।୬

ଟୋୟୋଟା ମୋବିଲିଟି ଫାଉଣ୍ଡେଶନ ଏବଂ ଚ୍ୟାଲେଞ୍ଜ ୱାର୍କସ୍ ଆଣ୍ଡ ୱାର୍ଲଡ ରିସୋର୍ସେସ୍ ଇନ୍‌ଷ୍ଟିଚ୍ୟୁଟ୍‌ର ମିଳିତ ସହଯୋଗରେ ଏକ ଅଭିନବ କାର୍ଯ୍ୟକ୍ରମ '୯ ମିଲିୟନ ଡଲାର ଗ୍ଲୋବାଲ ଚ୍ୟାଲେଞ୍ଜ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ଟୋୟୋଟା ମୋବିଲିଟି ଫାଉଣ୍ଡେଶନର ନିର୍ଦ୍ଦେଶକ (ପ୍ରୋଗ୍ରାମ୍ସ ବିଭାଗ) ର୍ୟାନ୍ କ୍ଲେମ୍ କହିଛନ୍ତି, ଗତ ଦଶନ୍ଧିରେ ଆମର ଅନୁଭୂତି ସ୍ଥାନୀୟ ସହରର କ୍ରୟର ମହତ୍ତ୍ୱ ଏବଂ ଆମର ଗତିବିଧିଗୁଡ଼ିକ ସହ ନିୟୋଜନକୁ ରେଖାଙ୍କିତ କରିଛି। ଏପରିକି ସଷ୍ଟେନେବୁଲ ସିଟିଜ୍ ଚ୍ୟାଲେଞ୍ଜ ସମୟରେ ଆମେ ଭବିଷ୍ୟତର ସହରଗୁଡ଼ିକ ପାଇଁ ଏକ ବିସ୍ତୃତ ମଡେଲ ବିକଶିତ କରିବା ଲାଗି ଗୁରୁତ୍ୱପୂର୍ଣ୍ଣ ଚିହ୍ନଟ କରାଯାଇଥିବା ଅଞ୍ଚଳଗୁଡ଼ିକରେ ଅଭିନବ ସମାଧାନ ସନ୍ଧାନ କରିବା ପାଇଁ ସହରଗୁଡ଼ିକୁ ଆସିବାକୁ ଯୋଜନା ରଖିଛୁ। ସେହିଭଳି ସଷ୍ଟେନେବୁଲ ସିଟିଜ୍ ଚ୍ୟାଲେଞ୍ଜକୁ ଟୋୟୋଟା ମୋବିଲିଟି ଫାଉଣ୍ଡେଶନ ପାଣ୍ଠି ଯୋଗାଉଛି ଏବଂ ଏହାକୁ ଚ୍ୟାଲେଞ୍ଜ ୱାର୍କସ୍ ଓ ୱାର୍ଲଡ ରିସୋର୍ସେସ୍ ଇନ୍‌ଷ୍ଟିଚ୍ୟୁଟ୍ ସହିତ ସହଭାଗିତାରେ ଡିଜାଇନ କରାଯାଇଛି। ଅପରପକ୍ଷରେ ଚ୍ୟାଲେଞ୍ଜ ୱାର୍କସ୍‌ରେ ଫ୍ୟୁଚର ସିଟିଜ୍‌ର ମୁଖ୍ୟ କ୍ୟାଥି ନୋଥ୍‌ଷ୍ଟାଇନ୍ କହିଛନ୍ତି, ସଷ୍ଟେନେବୁଲ ସିଟିଜ୍ ଚ୍ୟାଲେଞ୍ଜ ଉକ୍ତ ଉଦ୍ଭାବକମାନଙ୍କୁ ଲୋକଙ୍କ ଜୀବନକୁ ଉନ୍ନତ କରିବା ଲାଗି ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ସମାଧାନଗୁଡ଼ିକୁ ପରୀକ୍ଷଣ ଓ ଗ୍ରହଣ କରିବା ପାଇଁ ଉକ୍ତ ସହରଗୁଡ଼ିକ ସହ ଯୋଗାଯୋଗ କରିବାରେ ସାହାଯ୍ୟ କରିବ। ଉଲ୍ଲେଖଯୋଗ୍ୟ, ୨୦୨୪ ଫେବୃୟାରୀରେ ୩ଟି ବିଜେତା ସହରକୁ ଅନ୍ତର୍ଜାତୀୟ ଉଦ୍ଭାବକମାନଙ୍କଠାରୁ ପ୍ରବେଶକୁ ଆକର୍ଷିତ କରିବା ଲାଗି ଏକ ସିଟି ଚ୍ୟାଲେଞ୍ଜର ଆୟୋଜନ କରିବା ପାଇଁ ଚୟନ କରାଯିବ।

ଫୁର୍‌ସତ୍

# ଦେହରେ ନିଆଁ ଲଗାଇ ଦୌଡ଼ିଲେ

ପ୍ୟାରିସ

ଦୈନନ୍ଦିନ କାର୍ଯ୍ୟକଳାପଠାରୁ ଆଗକୁ ବଢ଼ି ଯଦି କେହି ଅଲଗା କରନ୍ତି, ଲୋକେ ତାକୁ ମନେ ରଖନ୍ତି। ନିକଟରେ ଫ୍ରାନ୍ସର ଜଣେ ଯୁବକ ଏପରି କିଛି କରିଛନ୍ତି। ତାଙ୍କର ଏପରି କାର୍ଯ୍ୟରେ କେହି ବି ଡରିଯିବେ। ଜୋନାଥନ ଭେରୋ ନାମକ ଜଣେ ଫ୍ରେଞ୍ଚ ଫାୟାରଫାଇଟର ନିଜ ଶରୀରରେ ନିଆଁ ଲଗାଇ ଅଧିକ ବାଟ ଦୌଡ଼ିବାରେ ସଫଳ ହୋଇଛନ୍ତି। ଏପରି କାର୍ଯ୍ୟ କରି ସେ ଗିନିଜ୍ ରେକର୍ଡରେ ନିଜ ନାମ ଲେଖାଇଛନ୍ତି। ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଗିନିଜ୍ ୱାର୍ଲ୍ଡ ରେକର୍ଡ ମୁତାବକ, ବିନା ଅମ୍ଳଜାନରେ ସୁରକ୍ଷା ଶୁଟ୍ ପିନ୍ଧି ଦେହରେ ନିଆଁ ଲଗାଇ ୨୭୨. ୨୫ ମିଟର ଦୌଡ଼ିଛନ୍ତି। ସେ ପୁରୁଣା ରେକର୍ଡ ୨୦୪.୨୩କୁ ଭାଙ୍ଗି ଦେଇଛନ୍ତି। ଏଥିସହ ଜୋନାଥନ ଫୁଲବଡ଼ି ବର୍ଣ୍ଣ ୧୦୦ ମିଟର ଦୌଡ଼ରେ ସବୁଠୁ ଦ୍ରୁତ ଗତିରେ ଦୌଡ଼ି ରେକର୍ଡ କରିଛନ୍ତି। ଜୋନାଥନ ତାଙ୍କର ଏହି ଷ୍ଟଣ୍ଟକୁ ମୋଟ ୧୭ ସେକେଣ୍ଡରେ ପୂରଣ କରିପାରିଛନ୍ତି, ଯାହାକି ପୂର୍ବ ରେକର୍ଡ ମୁତାବକ ୭.୫୮ ସେକେଣ୍ଡକୁ ଭାଙ୍ଗି ଦେଇଛନ୍ତି। ଭିଡିଓରେ ଦେଖିବାକୁ ମିଳିଛି, ଜୋନାଥନଙ୍କ ଶରୀରରେ ନିଆଁ ଲଗାଇ ଦିଆଯାଉଛି। ଏହାପରେ ସେ ଦୌଡ଼ିବା ଆରମ୍ଭ କରିବା ସହ ତାଙ୍କ ଶରୀରରେ ନିଆଁ ପୂରା ଖେଳିଯାଉଛି। ଏହା ସହିତ ସେ ଦ୍ରୁତଗତିରେ ଦୌଡ଼ି ରେକର୍ଡ କରିବାରେ ସଫଳ ହୋଇଛନ୍ତି। ଏହାର ୧୪ ବର୍ଷ ପୂର୍ବରୁ ଇଂଲଣ୍ଡର କିଥ ମେଲକମ୍ ଏହି ରେକର୍ଡକୁ ନିଜ ନାମରେ କରିଥିଲେ। କିଥଙ୍କଠାରୁ ଜୋନାଥନ ୩ ଗୁଣା ଅଧିକ ଦ୍ରୁତ ଗତିରେ ଦୌଡ଼ିଥିଲେ। ଜୋନାଥନ ଜଣେ ଫାୟାରଫାଇଟର ସହ ଷ୍ଟଣ୍ଟମ୍ୟାନ ମଧ୍ୟ। ସେ ଛୋଟବେଳୁ ନିଆଁରେ ଖେଳିବାକୁ ସୌକ ରଖିବା ସହ ଫାୟାର ଶୋ' ମଧ୍ୟ କରିଥାନ୍ତି।



# ରାମ ଚରଣଙ୍କ ଝିଅକୁ ଅମ୍ବାନୀଙ୍କ ଉପହାର

ମୁମ୍ବାଇ: ନିକଟରେ ସାଉଥ୍ ସୁପରଷ୍ଟାର ରାମ ଚରଣ ଓ ତାଙ୍କ ସ୍ତ୍ରୀ ଉପାସନାଙ୍କ କୋଳକୁ ଏକ କନ୍ୟା ସନ୍ତାନ ଆସିଛି। ପରିବାର, ସାଙ୍ଗ ଏବଂ ପ୍ରଶଂସକଙ୍କ ପକ୍ଷରୁ ଝିଅକୁ ଆଡ଼ମ୍ବରର ସହ ସ୍ୱାଗତ କରାଯାଇଛି। ତେବେ ଜୁନ୍ ୩୦ରେ ଝିଅର ନାମକରଣ ମହୋତ୍ସବ ଉପାସନାଙ୍କ ବାପଘର ତେଲଙ୍ଗାନାର ମାଇନବାଦ୍‌ରେ ଅନୁଷ୍ଠିତ ହୋଇଯାଇଛି। ଝିଅର ନାମ କଳିନ କାରା ରଖାଯାଇଛି। ଏଥିରେ ଅନେକ ଅଭିନେତ୍ରୀ ଅଭିନେତାଙ୍କ ସହ ବହୁ ବଡ଼ ଲୋକ ମଧ୍ୟ ସାମିଲ ହୋଇଥିଲେ। ମହୋତ୍ସବରେ ରିଲାଏନ୍ସ ଗ୍ରୁପର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଓ ତାଙ୍କ ପରିବାର ପକ୍ଷରୁ ଏକ ମହଙ୍ଗା ଉପହାର ଦିଆଯାଇଥିବା ଶୁଣିବାକୁ ମିଳିଛି। ରିପୋର୍ଟ ଅନୁଯାୟୀ, ମୁକେଶ ଅମ୍ବାନୀ ଓ ତାଙ୍କ ପରିବାର ରାମ ଚରଣ ଓ ଉପାସନାଙ୍କ ଝିଅଙ୍କୁ ଏକ ସୁନାର ଝୁଲଣା ଉପହାର ଦେଇଛନ୍ତି, ଯାହାର ମୂଲ୍ୟ କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ହେଲେ ଅଫିସିଆଲି ଏହାର କୌଣସି ଘୋଷଣା ଏବେ ପର୍ଯ୍ୟନ୍ତ କରାଯାଇନାହିଁ। ତେବେ ରାମଚରଣ ୨୦୦୭ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିବାବେଳେ ତାଙ୍କୁ ଶେଷ ଥର ପାଇଁ 'କିସି କା ଭାଇ କିସି କି ଜାନ୍'ରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କ ହାତରେ ଆଉ ୨ଟି ଫିଲ୍ମ ମଧ୍ୟ ରହିଛି।



# ୮୦ ଲକ୍ଷ ଥର ରାମ ନାମ ଲେଖିଲେଣି ୯୪ ବର୍ଷୀୟା



ଡେରାଡୁନ

ଅନେକ ଲୋକ ଅଛନ୍ତି, ଯେଉଁମାନେ ପ୍ରଭୁଙ୍କ ପ୍ରତି ନିଜ ଭକ୍ତିକୁ କିଛି ଭିନ୍ନ ଉପାୟରେ ଜାହିର କରିଥାନ୍ତି। ଏପରି କିଛି ଝଲକ ନିକଟରେ ଦେଖିବାକୁ ମିଳିଛି। ଜଣେ ୯୪ ବର୍ଷୀୟା ୮୦ ଲକ୍ଷ ଥର ପ୍ରଭୁ ଶ୍ରୀରାମଙ୍କ ରାମ ନାମ ଲେଖି ନିଜ ଭକ୍ତି ଜାହିର କରିଛନ୍ତି। ସେ ଆଗକୁ ଏହାକୁ ୧ କୋଟି କରିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ଏପରି ଶ୍ରୀରାମ ନାମ ଲେଖିବାକୁ ଆନ୍ଧ୍ରପ୍ରଦେଶର ଏକ ଆଧ୍ୟାତ୍ମିକ ଶିବିରରୁ ପ୍ରେରଣା ପାଇଥିଲେ। ତାଙ୍କ ସ୍ୱାମୀ ସ୍ୱର୍ଗତ ସର୍ବେଶ୍ୱର ଶାସ୍ତ୍ରୀ ମଧ୍ୟ ଭଗବାନ ରାମଙ୍କ ନାମ ଜପ କରୁଥିଲେ। ସୂଚନା ମୁତାବକ, ମାଆ ଶୁଭଲକ୍ଷ୍ମୀ ଓଡ଼ିଶାର ଏକ ବିଦ୍ୱାନ ପରିବାରରେ ଜନ୍ମ ହୋଇଥିଲେ। ସେ ଗତ କିଛି ମାସ ହେବ ଉତ୍ତରାଖଣ୍ଡର ଚମ୍ପାରେ ରହୁଛନ୍ତି। ସେଠାରେ ସେ ଲୋକଙ୍କୁ ରାମ ନାମ ଲେଖିବାର ମହତ୍ତ୍ୱ ଶିଖାଉଛନ୍ତି। ଶୁଭଲକ୍ଷ୍ମୀ କହିଛନ୍ତି, ଏହି କଳିଯୁଗରେ କେବଳ ରାମ ନାମ ଜପିଲେ ହିଁ ମଣିଷକୁ ମୁକ୍ତି ମିଳିପାରିବ। ତାଙ୍କର ଏପରି ଭକ୍ତି ଦେଖି ଲୋକେ ତାଙ୍କ ପାଦ ଛୁଇଁ ଆଶୀର୍ବାଦ ମଧ୍ୟ ନେଇଥାନ୍ତି। ତାଙ୍କର ଛୋଟବେଳୁ ହିଁ ରାମଙ୍କ ପ୍ରତି ଭକ୍ତି ରହିଥିବା ସେ କହିଛନ୍ତି।

# ହୋର୍ଡିଂରେ ମେସେଜ୍




ନୋଏଡ଼ା

ଅନେକ ସମୟରେ ସୋସିଆଲ ମିଡିଆରେ ବିଭିନ୍ନ ପ୍ରକାର ଜିନିଷ ଭାଇରାଲ ହୋଇଥାଏ। 'ଆଇ ଆମ୍ ସରି ସଞ୍ଜୁ। ଆଇ ୱିଲ୍ ନେଭର ଏଭର୍ ହର୍ଟ ୟୁ ଏଗେନ୍ ୟୋର ସୁସ୍' ଏପରି ଏକ ହୋର୍ଡିଂର ଫଟୋ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। କିଛି ଲୋକ ଏହାକୁ ଗର୍ଲଫ୍ରେଣ୍ଡ ଏବଂ ବୟଫ୍ରେଣ୍ଡଙ୍କ ପ୍ରେମ ବୋଲି ପ୍ରଚାରିତ କରିବାରେ ଲାଗିଛନ୍ତି। ନୋଏଡା ସେକ୍ଟର ୧୨୫ରେ ଓଖ୍‌ଲା ବାର୍ଡ ସେଞ୍ଚୁରୀ ମେଟ୍ରୋ ଷ୍ଟେଶନ ପାଖରେ ଏକ ହୋର୍ଡିଂରେ ୨ ଶିଶୁଙ୍କ ଫଟୋ ଲଗାଯାଇ କିଛି ମେସେଜ୍ ଲେଖାଯାଇଥିବା ଦେଖିବାକୁ ମିଳିଛି। ଅନେକେ ଏହି ହୋର୍ଡିଂକୁ ନେଇ ଭିନ୍ନ ଭିନ୍ନ ମତ ଦେବାରେ ଲାଗିଛନ୍ତି। ହେଲେ ଏହା ତଦନ୍ତ ପରେ ଜଣାପଡ଼ିଛି କି, ହୋର୍ଡିଂରେ ଲେଖାଥିବା ଏପରି ମେସେଜ୍ ପରିବାରର ହଜିଯାଇଥିବା ୨ ଶିଶୁଙ୍କ ପାଇଁ ଲେଖାଯାଇଛି। ହୋର୍ଡିଂରେ ଉକ୍ତ ୨ ଜଣଙ୍କ ଛୋଟବେଳର ଫଟୋ ଲଗାଯାଇଥିବା ଜାଣିବାକୁ ମିଳିଛି। ତେବେ ଏହି ଫଟୋ ଅତ୍ୟାଧିକ ଭାଇରାଲ ହେବା ପରେ ନୋଏଡ଼ା ପ୍ରାଧିକରଣ ଏହି ହୋର୍ଡିଂକୁ ସେଠାରୁ ହଟାଇଦେଇଛି। ଏପରି ଫଟୋରେ ବିଭିନ୍ନ ଲୋକେ ଭିନ୍ନ ଭିନ୍ନ ମତ ଦେଇଥିବା ଦେଖିବାକୁ ମିଳିଛି।

# ଗୁରୁତ୍ୱପୂର୍ଣ୍ଣ ଚିକିତ୍ସକଙ୍କ ଭୂମିକା

ସମାଜରେ ଚିକିତ୍ସକଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଆୟୁର୍ବେଦର ଏକ ଶ୍ଳୋକ ଦର୍ଶାଏ- 'ରୋଗରେ ପଡ଼ିଲେ ମଣିଷ ମୃତ୍ୟୁମୁଖରେ ପଡିବାର ଆଶଙ୍କା ଥାଏ, ମାତ୍ର ମୁମୂର୍ଷୁକୁ ନିଜର ଉଦ୍ୟମ ଓ ଚିକିତ୍ସା ଦ୍ୱାରା ବଞ୍ଚାଇ ପାରୁଥିବା ଚିକିତ୍ସକ ହିଁ ସମାଜର ସର୍ବଶ୍ରେଷ୍ଠ ଅଟନ୍ତି।'

ରୋଗ ବିଭିନ୍ନ କାରଣରୁ ହୋଇଥାଏ। ତାକୁ ପ୍ରତିହତ ବା ପ୍ରତିଷେଧକ କରିବା ସବୁ ସମୟରେ ସମ୍ଭବ ହୋଇ ନ ଥାଏ, ଯଦିଓ ଏବେ ଏହା ଅନେକ ମାତ୍ରାରେ ଉପଲବ୍ଧ ହୋଇପାରିଛି। 'କୋଭିଡ-୧୯' ମହାମାରୀ ଏହାର ଜ୍ୱଳନ୍ତ ଉଦାହରଣ। ଜଣେ ବିଶିଷ୍ଟ ଚିକିତ୍ସକ-ବୈଜ୍ଞାନିକ କହିଥିଲେ-'ଯଦି ପୃଥିବୀର ସବୁଯାକ ଔଷଧ(ଡ୍ରଗ୍ସ/ମେଡ଼ିସିନ୍) ସମୁଦ୍ରରେ ଫିଙ୍ଗି ଦିଆଯାଏ, ତେବେ ମଧ୍ୟ ଡାକ୍ତରମାନଙ୍କର ଗୁରୁତ୍ୱ କୌଣସି ମତେ ହ୍ରାସ ପାଇବ ନାହିଁ।

ପ୍ରତିବର୍ଷ ଜୁଲାଇ ୧ ତାରିଖକୁ 'ଜାତୀୟ ଚିକିତ୍ସକ ଦିବସ' ଭାବରେ ପାଳନ କରାଯାଇଆସୁଅଛି। ଚଳିତ ବର୍ଷ ଏହି ଦିବସର ସ୍ଲୋଗାନ ହେଉଛି – 'ଆରୋଗ୍ୟ ପ୍ରଦାନ କରୁଥିବା ହାତ ତଥା ଡାକ୍ତରମାନଙ୍କର ମହାନତା ଓ ସହନଶୀଳତାର ଜୟଗାନ କରିବା। ଏହି ଦିନ ହେଉଛି ଭାରତ ରତ୍ନ ଡାକ୍ତର ବିଧାନ ଚନ୍ଦ୍ର ରାୟଙ୍କ ଜନ୍ମଦିବସ ଏବଂ ତିରୋଧାନ ଦିବସ ମଧ୍ୟ। ସେ ଏକ ବିଦ୍ୱାନ୍ ଓ ବିଚକ୍ଷଣ ଚିକିତ୍ସକ ଥିଲେ। ରୋଗୀଟିକୁ ଦେଖିଲା ମାତ୍ରେ ରୋଗ ନିର୍ଣ୍ଣୟ କରିପାରୁଥିଲେ।

ଡାକ୍ତରମାନଙ୍କର ସାଧାରଣତଃ ଛୁଟି ବା ବିରାମ ନ ଥାଏ। ରୋଗୀର ଦୁଃଖ ଓ ଯନ୍ତ୍ରଣା ସମୟରେ ସେମାନଙ୍କ ପାଖରେ ପହଞ୍ଚିଥାଏ, କେମିତି ଶୀଘ୍ର ଆରୋଗ୍ୟ ଲାଭ କରିବ ସେଥିଲାଗି ଅତ୍ୟନ୍ତ ବ୍ୟଗ୍ର ଥାଏ-ସେ ବିଷୟରେ କ'ଣ କେହି ତାକୁ ମନା କରିପାରିବ ? ରୋଗୀ ଚିକିତ୍ସା ଓ ଶିକ୍ଷା ପ୍ରଦାନ ହେଉଛି ଦୁଇଟି କଠିନ କାର୍ଯ୍ୟ। ଡାକ୍ତରମାନଙ୍କ ପାଇଁ ରୋଗୀ ରହୁଥିବା ୱାର୍ଡ ଲାବରେଟୋରି ଓ ରୋଗୀ ହେଉଛି ଚିକିତ୍ସା ପୁସ୍ତକ। ଯେଉଁମାନେ ରୋଗୀ ଦେଖିବା, ପରୀକ୍ଷା କରିବା ଓ ଅନୁଧ୍ୟାନ କରିବା ତଥା ଚିକିତ୍ସାରେ ଯେତେ ସମୟ ବ୍ୟୟ କରିଥାଆନ୍ତି ସେମାନେ ସେତିକି ସଫଳ ଚିକିତ୍ସକ ହୋଇପାରନ୍ତି। ଆମ ଦେଶରେ ପ୍ରାଚୀନ କାଳରେ ଅନେକ ବିଖ୍ୟାତ



ଚିକିତ୍ସକ ଥିଲେ। ସେମାନଙ୍କ ମଧ୍ୟରୁ ପ୍ରମୁଖ ଚାରି ଜଣଙ୍କ ବିଷୟରେ କିଞ୍ଚିତ ସୂଚନା।

ଆତ୍ରେୟ : ଖ୍ରୀପୂ ୮୦୦ ରେ ସେ ଜଣେ ବିଖ୍ୟାତ ଚିକିତ୍ସକ ଥିଲେ। 'ଆତ୍ରେୟ ସଂହିତା'ର ସେ ଆୟୁର୍ବେଦରେ ପ୍ରାରମ୍ଭ କରିଛନ୍ତି। ତାଙ୍କର ଚିକିତ୍ସା ବିଜ୍ଞାନସମ୍ମତ ଥିଲା ବୋଲି ଜଣାଯାଏ। ଶୁଶ୍ରୁତ : ଖ୍ରୀପୂ ୬୦୦ରେ ସେ ଥିଲେ ଜଣେ ବିଖ୍ୟାତ ଶଲ୍ୟ ଚିକିତ୍ସକ। ପ୍ଲାଷ୍ଟିକ ସର୍ଜନ ଓ କାଟାରାକ୍ଟ (ଚକ୍ଷୁ)ର ଏହି ଶଲ୍ୟ ଚିକିତ୍ସକ ଶୁଶ୍ରୁତ ସଂହିତାର ପ୍ରଣୟନକର୍ତ୍ତା।

ଚରକ : ଖ୍ରୀପୂ ୩୦୦ର ସେ ହେଉଛନ୍ତି ଜଣେ ବିଖ୍ୟାତ ଚିକିତ୍ସକ। 'ଚରକ ସଂହିତା' ହେଉଛି ତାଙ୍କର ଅନ୍ୟତମ କୃତି। ବାଣ ଭଟ୍ଟ : ଖ୍ରୀପୂ ୬୦୦ର ସେ ଥିଲେ ବିଖ୍ୟାତ ଚିକିତ୍ସକ ଏବଂ ହୃଦ୍‌ରୋଗ ବିଶେଷଜ୍ଞ। ସେ 'ଅଷ୍ଟାଦଶ ହୃଦୟ' ରଚନା କରିଥିଲେ।

**-ଡା. ରାମଚନ୍ଦ୍ର ରାଉତ**
ବରିଷ୍ଠ ଚିକିତ୍ସକ, ଭୁବନେଶ୍ୱର, ମୋ : ୯୪୩୯୯୯୧୨୦୧

# ସ୍ମରଣୀୟ ଡାକ୍ତର ବିଧାନ ଚନ୍ଦ୍ର ରାୟ

ଜୁଲାଇ ୧ ଭାରତ ବର୍ଷର ଚିକିତ୍ସା ଇତିହାସର ଏକ ସ୍ମରଣୀୟ ଦିବସ। କାରଣ ଏହିଦିନ ବିଖ୍ୟାତ ଚିକିତ୍ସକ ଡା. ବିଧାନ ଚନ୍ଦ୍ର ରାୟ ଜନ୍ମଗ୍ରହଣ କରିଥିଲେ। ପୁଣି ଏମିତି ସଂଯୋଗ ଯେ, ସେ ଏହିଦିନ (ଜୁଲାଇ ୧) ମଧ୍ୟ ପରଲୋକ ଗମନ କରିଥିଲେ। ୧୯୧୧ ମସିହାରେ ସେ ଇଂଲଣ୍ଡରୁ ଏମ୍‌ଆର୍‌ସିପି ଏବଂ ଏଫ୍‌ଆର୍‌ସିଏସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କୋଲକାତାର କ୍ୟାମ୍ବେଲ୍ ମେଡିକାଲ ସ୍କୁଲ (ବର୍ତ୍ତମାନର ନୀଲରତନ ସରକାରୀ ମେଡିକାଲ କଲେଜ)ରେ ଶିକ୍ଷକତା ଓ ଚିକିତ୍ସା ଆରମ୍ଭ କରିଥିଲେ। ଖାସ୍ କଥା ହେଲା, ଜୀବନର ଶେଷ ଦିବସ ପର୍ଯ୍ୟନ୍ତ ଜନସାଧାରଣଙ୍କ ସେବାରେ ନିଯୁକ୍ତ ରହି ଆସିଥିଲେ। ସେ ମଧ୍ୟ ଥିଲେ ମହାତ୍ମା ଗାନ୍ଧୀଙ୍କ ଚିକିତ୍ସକ।



ଡା. ରାୟ କେବଳ ଜଣେ ସୁଦକ୍ଷ ଚିକିତ୍ସକ ନ ଥିଲେ, ତା'ସହ ଥିଲେ ସୁଯୋଗ୍ୟ ରାଷ୍ଟ୍ରନାୟକ ମଧ୍ୟ। ୧୯୪୮ ମସିହାଠାରୁ ଆମୃତ୍ୟୁ ସେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ ଥିଲେ। ତାଙ୍କର ୧୪ ବର୍ଷର ମୁଖ୍ୟମନ୍ତ୍ରିତ୍ୱ କାଳରେ ନବଗଠିତ ପଶ୍ଚିମବଙ୍ଗର ପ୍ରଭୂତ ଉନ୍ନତି ସମ୍ଭବ ହୋଇଥିଲା। ଏହି କାରଣରୁ ତାଙ୍କୁ ପଶ୍ଚିମବଙ୍ଗର ରୂପକାର ଭାବରେ ଅଭିହିତ କରାଯାଇଥାଏ। ୧୯୬୧ ମସିହାରେ ତାଙ୍କୁ ଭାରତର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତରତ୍ନ'ରେ ଭୂଷିତ କରାଯାଇଥିଲା। ମୃତ୍ୟୁ ପରେ ତାଙ୍କ ସମ୍ମାନାର୍ଥେ କୋଲକାତାର ଉପନଗରୀ ସଲ୍ଟଲେକ୍‌ର ନାମକରଣ ହୋଇଛି 'ବିଧାନ ନଗର'।

ରୋଗ ନିର୍ଣ୍ଣୟରେ ଡା. ରାୟ ଥିଲେ ଅଦ୍ୱିତୀୟ। ରୋଗ ନିର୍ଣ୍ଣୟ କରିବାରେ ତାଙ୍କର ଏକ ଷଷ୍ଠ ଇନ୍ଦ୍ରିୟ କାମ କରୁଥିଲା ବୋଲି ଡାକ୍ତରମାନେ ବିଶ୍ୱାସ କରୁଥିଲେ। କେତେକ ଡାକ୍ତର ବି ବିଶ୍ୱାସ କରୁଥିଲେ ଯେ ସେ ରୋଗୀ ଶରୀରର ଗନ୍ଧ ବାରି କି ରୋଗ ହୋଇଛି ବୋଲି ଜାଣି ପାରୁଥିଲେ।

ଚିକିତ୍ସକ ବା ଡାକ୍ତର ଆମ୍ଭମାନଙ୍କ ଜୀବନର ଏକ ଅତି ପ୍ରୟୋଜନୀୟ ଏବଂ ଅବିଚ୍ଛେଦ୍ୟ ଅଙ୍ଗ। ଶରୀରର ଯେ କୌଣସି ସମସ୍ୟା ହେଲେ ତାହା ସାମାନ୍ୟ ଜ୍ୱର କି ପେଟ କାମୁଡା ହେଉ ଅବା ଅନ୍ୟ କୌଣସି ଜଟିଳ ସମସ୍ୟା- ଏକମାତ୍ର ଚିକିତ୍ସକ ହିଁ ସେଥିରୁ ଉପଶମର ପ୍ରତିକାର କରିଦେଇପାରନ୍ତି। ଚିକିତ୍ସକଙ୍କ ପ୍ରଧାନ କାର୍ଯ୍ୟ ହେଲା ଶାରୀରିକ ବା ମାନସିକ ରୋଗ କିମ୍ବା ଆଘାତର ନିରୀକ୍ଷଣ, ନିର୍ଣ୍ଣୟ ଓ ନିରାମୟ ଦ୍ୱାରା ମଣିଷକୁ ସୁସ୍ଥ କରିଦେବା। ଭଲ ଚିକିତ୍ସକ କେବଳ ମାତ୍ର ଚିକିତ୍ସା ବିଜ୍ଞାନର ପୁସ୍ତକ ପଠନ ଭିତ୍ତିକ ଜ୍ଞାନ ଉପରେ ନିର୍ଭର କରି ନ ଥାନ୍ତି, ଅନେକେ ବେଶି ନିର୍ଭର କରିଥାଆନ୍ତି ତାଙ୍କର ବ୍ୟକ୍ତିଗତ ଅଭିଜ୍ଞତା ଓ ପାରଦର୍ଶିତା ଉପରେ। ସମାଜରେ ଚିକିତ୍ସକଙ୍କ ଅମୂଲ୍ୟ ଯୋଗଦାନ ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଭାରତ ବର୍ଷରେ ପ୍ରତିବର୍ଷ ଜୁଲାଇ ୧ ତାରିଖକୁ 'ଜାତୀୟ ଚିକିତ୍ସକ ଦିବସ' ଭାବରେ ପାଳନ କରାଯାଇଆସୁଅଛି। ସାର୍ ଉଇଲିୟମ ଓସଲର କହିଥିଲେ, 'ଡାକ୍ତର ହେଉଛନ୍ତି ଦୁଇ କିସମର- ଉତ୍ତମ ଡାକ୍ତର ବା ଗୁଡ୍ ଡକ୍ଟର ଏବଂ ମହାନ ଡାକ୍ତର ବା ଗ୍ରେଟ୍ ଡକ୍ଟର। ଉତ୍ତମ ଡାକ୍ତରମାନେ ରୋଗର ଚିକିତ୍ସା କରିଥାଆନ୍ତି, କିନ୍ତୁ ମହାନ ଡାକ୍ତରମାନେ ଚିକିତ୍ସା କରିଥାଆନ୍ତି ରୋଗୀଙ୍କୁ ଅର୍ଥାତ୍ ରୋଗଗ୍ରସ୍ତ ବ୍ୟକ୍ତିଙ୍କୁ। ସେ ଯାହାହେଉ ରୋଗୀମାନଙ୍କୁ ସାନ୍ତ୍ୱନା ଦେବା ଓ ସେମାନଙ୍କ ପ୍ରତି ସହାନୁଭୂତି ଏବଂ ସମାନୁଭୂତି ପ୍ରକାଶ କରିବା ଡାକ୍ତରମାନଙ୍କ ପକ୍ଷେ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ। ଏହା ସେମାନଙ୍କର ସାମାଜିକ ଏବଂ ନୈତିକ କର୍ତ୍ତବ୍ୟ।

**-ଡା. ନିତ୍ୟାନନ୍ଦ ସ୍ୱାଇଁ**
'ଅଭୀପ୍ସା', ଅଭିନବ ବିଡାନାସୀ, କଟକ









# ଡାଇବେଟିସ୍: ଏକ ସାଧାରଣ ସମସ୍ୟା

ଡାଇବେଟିସ୍ ଆଧୁନିକ ପୃଥିବୀର ସବୁଠାରୁ ସାଧାରଣ ରୋଗ। ଭାରତରେ ଏହି ରୋଗର ବ୍ୟାପକତା ୯-୧୦ ପ୍ରତିଶତ ରହିଛି। ଆଇସିଏମ୍‌ଆର୍ ଇଣ୍ଡିଆବି ପକ୍ଷରୁ ସଞ୍ଚାଳିତ ଏକ ଅଧ୍ୟୟନ ଅନୁଯାୟୀ ଭାରତରେ ଡାଇବେଟିସ୍‌ରେ ପୀଡ଼ିତ ଲୋକଙ୍କ ସଂଖ୍ୟା ପ୍ରାୟ ୭.୫ କୋଟି। ଡାଇବେଟିସ୍‌ରେ ପୀଡ଼ିତ ହୋଇସାରିଥିବା କିନ୍ତୁ ଏପର୍ଯ୍ୟନ୍ତ ନିଜଠାରେ ଏହି ରୋଗକୁ ଚିହ୍ନଟ କରି ନ ଥିବା ଲୋକଙ୍କ ସଂଖ୍ୟା ମଧ୍ୟ ପ୍ରାୟ ସମାନ ହେବ। ୨୦୩୫ ସୁଦ୍ଧା ଭାରତରେ ଡାଇବେଟିସ୍ ରୋଗୀଙ୍କ ସଂଖ୍ୟା ୧୩ କୋଟିରେ ପହଞ୍ଚିବ ବୋଲି ଅନୁମାନ କରାଯାଉଛି। ଡାଇବେଟିସ୍‌ର ସବୁଠାରୁ ସାଧାରଣ କାରଣ ମୁଖ୍ୟତଃ ଜେନେଟିକ୍ ଅଟେ ; କିନ୍ତୁ ମେଦବହୁଳତା, ଶାରୀରିକ ପରିଶ୍ରମର ଅଭାବ ଏବଂ ଖରାପ ଜୀବନଶୈଳୀକୁ ମଧ୍ୟ ଡାଇବେଟିସ୍‌ର ରୋଗ ବୃଦ୍ଧିପାଇଁ ଦାୟୀ କରାଯାଇପାରେ। ପିଜା, ବର୍ଗର୍ ଭଳି ଫାଷ୍ଟଫୁଡ୍ ସଂସ୍କୃତି ଧୀରେ ଧୀରେ ପିଲାଙ୍କଠାରେ ଡାଇବେଟିସ୍ ଦେଖାଯିବାର ପ୍ରମୁଖ କାରଣରେ ପରିଣତ ହେବାରେ ଲାଗିଛି। ଡାଇବେଟିସ୍‌ର ୪ଟି ପ୍ରକାର ରହିଛି: ଟାଇପ୍ ୧- ଇନ୍‌ସୁଲିନ୍ ନିର୍ଭରଶୀଳ, ଟାଇପ୍ ୨- ଅଣ ଇନ୍‌ସୁଲିନ୍ ନିର୍ଭରଶୀଳ(ଯାହା ପ୍ରାୟତଃ ବୟସ୍କଙ୍କ କ୍ଷେତ୍ରରେ ଦେଖାଦେଉଥିଲା କିନ୍ତୁ ଆଜିକାଲି କମ୍ ବୟସର ବ୍ୟକ୍ତିଙ୍କଠାରେ ମଧ୍ୟ ଦେଖାଯିବାରେ ଲାଗିଛି), ଜେଷ୍ଟେଶନାଲ ଡାଇବେଟିସ୍(ଗର୍ଭବତୀ ମହିଳାଙ୍କଠାରେ ପ୍ରଥମକରି ଚିହ୍ନଟ ହୋଇଥିବା ଡାଇବେଟିସ୍) ଏବଂ ସେକେଣ୍ଡାରୀ ଡାଇବେଟିସ୍(ଅଗ୍ନ୍ୟାଶୟଜନିତ ରୋଗ, ଔଷଧଜାତ, ଜେନେଟିକ୍ ବିକାର କାରଣରୁ ଘଟୁଥିବା ଡାଇବେଟିସ୍)।



ଜେଷ୍ଟେସନାଲ ଡାଇବେଟିସ୍ ପ୍ରଥମକରି ଗର୍ଭାବସ୍ଥାରେ ଚିହ୍ନଟ ହୋଇଥାଏ। ଏପରି ରୋଗୀଙ୍କଠାରେ ଭବିଷ୍ୟତରେ ଡାଇବେଟିସ୍ ଦେଖାଯିବାର ଆଶଙ୍କା ସାଧାରଣ ଲୋକଙ୍କ ତୁଳନାରେ ୩-୪ ଗୁଣ ଅଧିକ ହୋଇଥାଏ। ଜେଷ୍ଟେସନାଲ ଡାଇବେଟିସ୍ ରୋଗୀଙ୍କର ପିଲାଙ୍କଠାରେ ଡାଇବେଟିସ୍ ଦେଖାଯିବାର ଆଶଙ୍କା ଅଧିକ ରହିଥାଏ।

ଡାଇବେଟିସ୍ ରୋଗରେ ବ୍ଲଡ୍ ସୁଗାର ସ୍ତରର ନିୟନ୍ତ୍ରଣ ପାଇଁ ଆହାର ଏବଂ ବ୍ୟାୟାମର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଟେ। ୩୦-୪୫ ମିନିଟ୍ କିମ୍ବା ୪ କି.ମି. ଦ୍ରୁତ ଗତିରେ ଚାଲିବା ଆବଶ୍ୟକ। ଦ୍ରୁତ ଚାଲିବାରେ ଅକ୍ଷମ ବ୍ୟକ୍ତିମାନେ ସାଇକେଲ୍ ଚାଳନା, ସନ୍ତରଣ କିମ୍ବା ଯୋଗର ସାହାରା ନେଇପାରିବେ। ବ୍ୟାୟାମ ଯେକୌଣସି ଆକାରରେ କରାଯାଉଥାଏ ନା କାହିଁକି ତାହା ସପ୍ତାହରେ ଅତିକମ୍‌ରେ ୫ଦିନ କରାଯିବା ଏବଂ ଲଗାତର ୨ରୁ ଅଧିକ ଦିନ ବିନା ବ୍ୟାୟାମରେ ନ ରହିବା ଆବଶ୍ୟକ। କଠୋର ବ୍ୟାୟାମ କରୁଥିବା ଲୋକମାନେ ପ୍ରଥମେ ଏହା ସୁନିଶ୍ଚିତ କରିନେବା ଆବଶ୍ୟକ ଯେ ସେମାନଙ୍କଠାରେ କୌଣସି ହୃଦ୍ ସମ୍ବନ୍ଧୀୟ ସମସ୍ୟା ନାହିଁ। କଠୋର ବ୍ୟାୟାମର ବିକଳ୍ପ ବାଛିଥିବା ବ୍ୟକ୍ତିମାନେ ତାହା ଦୈନିକ ୧୫-୨୦ ମିନିଟ୍ କିମ୍ବା ସପ୍ତାହରେ ୯୦ ମିନିଟ୍ ପାଇଁ

ଏବଂ ସପ୍ତାହରେ ଅତିକମରେ ୫ ଦିନ ପାଇଁ କରିବା ଦରକାର। ବ୍ୟାୟାମଗୁଡ଼ିକ ମଧ୍ୟରେ ସନ୍ତରଣ ଏକ ଉତ୍କୃଷ୍ଟ ବିକଳ୍ପ। ଆହାରରେ ପୋଷକ ତତ୍ତ୍ୱର ଅନୁପାତ ସନ୍ତୁଳିତ ହେବା ଜରୁରୀ। ଆହାରକୁ ପ୍ରାତଃଭୋଜନ, ମଧ୍ୟାହ୍ନଭୋଜନ ଏବଂ ରାତ୍ରଭୋଜନରେ ସମାନ ଭାବେ ବାଣ୍ଟି ଦିଆଯିବା ଆବଶ୍ୟକ। ଟାଇପ୍ ୨ ଡାଇବେଟିସ୍‌ରେ ପୀଡ଼ିତ ରୋଗୀ ୪ ଥର ଭୋଜନ କରିବା ଜରୁରୀ। ଟାଇପ୍ ୧ ଏବଂ ଜେଷ୍ଟେଶନାଲ୍ ଡାଇବେଟିସ୍ ଭୋଗୁଥିବା ଲୋକମାନେ ୩ଟି ମୁଖ୍ୟ ଭୋଜନ କରିବା ସହ ମଝିରେ ଅଳ୍ପ ପରିମାଣର ଜଳଖିଆ/ସ୍ନାକ୍ସ ଖାଇବା ଆବଶ୍ୟକ। ପ୍ରତ୍ୟେକ ଭୋଜନରେ ପର୍ଯ୍ୟାପ୍ତ ମାତ୍ରାର ଫାଇବର୍ ରହିବା ଭଲ, ଏହା ବ୍ଲଡ୍ ସୁଗାର୍ ନିୟନ୍ତ୍ରଣରେ ସହାୟକ ହୋଇଥାଏ। ଖାଦ୍ୟ ରାନ୍ଧିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ତେଲକୁ ପ୍ରାଥମିକତା ଦିଆଯାଏନାହିଁ। ତେଣୁ ସନ୍‌ଫ୍ଲାୱାର୍, ରାଇସ୍ ବ୍ରାନ୍, ଅଲିଭ୍, ଏପରିକି ସୋରିଷ ତେଲ ମଧ୍ୟ ସେବନ କରାଯାଇପାରେ। ତେବେ ଏହି ରୋଗୀଙ୍କ ପାଇଁ ଭୋଜନରେ ସାଲାଡ୍‌କୁ ସର୍ବଦା ସାମିଲ କରିବା ଭଲ।

**-ଡା. ଅଭୟ ସାହୁ**
ଆପୋଲୋ ହସ୍‌ପିଟାଲ, ଭୁବନେଶ୍ୱର,
ମୋ: ୬୩୭୨୬୧୬୬୭୮









ଭୋକ ନ ଲାଗିବା, ଓଜନ ହ୍ରାସ ହେବା, ପେଟ ବ୍ୟଥା ହେବା ଆଦି ଦେଖାଯାଉଥିଲେ ଏହା ଷ୍ଟୋମାକ୍ କ୍ୟାନସରର ଲକ୍ଷଣ ହୋଇପାରେ। ଝାଡ଼ାରେ ରକ୍ତପଡ଼ିବା, ପୁରୁଷମାନଙ୍କ ରକ୍ତହୀନତା ଦେଖାଯିବା ଓ ଝାଡ଼ାଯିବାର ଅଭ୍ୟାସରେ ପରିବର୍ତ୍ତନ ଦେଖାଯିବା

# ଯୁବାବସ୍ଥାରେ ଷ୍ଟୋମାକ୍ କ୍ୟାନ୍ସର, କଲୋନ୍ କ୍ୟାନ୍ସର





ଆଦି କଲୋନ୍ କ୍ୟାନସରର ଲକ୍ଷଣ। ତେବେ ଏସବୁ ଲକ୍ଷଣ ଦେଖାଯାଉଥିଲେ ଡାକ୍ତରଙ୍କୁ ପରାମର୍ଶ କରିବା ଆବଶ୍ୟକ। ଏଭଳି କ୍ଷେତ୍ରରେ ଏଣ୍ଡୋସ୍କୋପି ମାଧ୍ୟମରେ ଗ୍ୟାଷ୍ଟ୍ରିକ କ୍ୟାନସରକୁ ଆରମ୍ଭରୁ ଚିହ୍ନଟ କରାଯାଏ। ଯଦି ପ୍ରାରମ୍ଭିକ ଅବସ୍ଥାରେ ଗ୍ୟାଷ୍ଟ୍ରିକ କ୍ୟାନସର ଚିହ୍ନଟ ହୁଏ, ତେବେ ସେହି ଏଣ୍ଡୋସ୍କୋପି ମାଧ୍ୟମରେ ଚିକିତ୍ସା ମଧ୍ୟ କରାଯାଇପାରେ। ଏଥିପାଇଁ କୌଣସି ସର୍ଜରି କିମ୍ବା କେମୋଥେରାପି ଦରକାର ପଡ଼ି ନ ଥାଏ।

ପୂର୍ବରୁ ଏକ ଧାରଣା ଥିଲା ଯେ, ଗ୍ୟାଷ୍ଟ୍ରିକ କ୍ୟାନସର ପ୍ରାୟତଃ ୪୦ ବର୍ଷ ବୟସରେ ହୋଇଥାଏ। ମାତ୍ର ଏବେ ଏହା ଭୁଲ୍ ପ୍ରମାଣିତ ହୋଇଛି। ୩୦ ବର୍ଷ ବୟସ ତଳକୁ ମଧ୍ୟ ଗ୍ୟାଷ୍ଟ୍ରିକ କ୍ୟାନସର ଚିହ୍ନଟ ହୋଇଛି। ସେଥିପାଇଁ ବର୍ତ୍ତମାନ ଷ୍ଟୋମାକ୍ କ୍ୟାନ୍ସର ସ୍କ୍ରିନିଂକୁ ବହୁତ ଗୁରୁତ୍ୱ ଦିଆଯାଉଛି। ୪୦ ବର୍ଷ ବୟସ ହୋଇଗଲେ ଟିକିଏ ଅଧିକ ସତର୍କ ହେବାର ଆବଶ୍ୟକତା ରହିଛି। ଯଦି ଆପଣଙ୍କ ବୟସ ୪୦ ବର୍ଷରୁ ଅଧିକ ତେବେ ପ୍ରତି ତିନିରୁ ପାଞ୍ଚ ବର୍ଷରେ ଥରେ ନିଜର ଷ୍ଟୋମାକ୍ କ୍ୟାନ୍ସର ସ୍କ୍ରିନିଂ କରାଇ ନିଅନ୍ତୁ ଏବଂ ପ୍ରତି ଦଶ ବର୍ଷରେ ଥରେ କଲୋନୋସ୍କୋପି ପରୀକ୍ଷା କରାଇ ନିଅନ୍ତୁ। ଏହା ସହିତ ଯେଉଁମାନଙ୍କ ପରିବାରରେ ପୂର୍ବରୁ ଗ୍ୟାଷ୍ଟ୍ରିକ କ୍ୟାନସର କିମ୍ବା କଲୋନ୍ କ୍ୟାନସରର ଇତିହାସ ଅଛି, ସେମାନେ ମଧ୍ୟ ଡାକ୍ତରଙ୍କ ପରାମର୍ଶ ନେଇ ନିଜର କ୍ୟାନ୍ସର ସ୍କ୍ରିନିଂ କରିବା ଆବଶ୍ୟକ। ତେବେ ଭୁବନେଶ୍ୱର ଶହୀଦ ନଗରସ୍ଥିତ ସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଆଣ୍ଡ ଲିଭର ସାଇନ୍ସରେ ଗ୍ୟାଷ୍ଟ୍ରିକ କ୍ୟାନ୍ସର ଏବଂ କଲୋନ୍ କ୍ୟାନସରକୁ ପ୍ରାରମ୍ଭିକ ଅବସ୍ଥାରେ ନିରୂପଣ କରାଯାଇପାରୁଛି। ଫଳରେ ରାଜ୍ୟ ତଥା ରାଜ୍ୟ ବାହାରର ଅନେକ ରୋଗୀ ଉପକୃତ ହୋଇପାରୁଛନ୍ତି।

**–ଡା. ଆଶୁତୋଷ ମହାପାତ୍ର**
ମୋ : ୯୪୩୯୫୫୪୭୪୭

# ମଧୁମେହ ଓ ପ୍ରାକୃତିକ ଚିକିତ୍ସା

ଅଧୁନା ସମ୍ପୂର୍ଣ୍ଣ ଭାରତବର୍ଷ ଓ ବିଶ୍ୱରେ ମଧୁମେହ ରୋଗ କାୟା ବିସ୍ତାର କରିଚାଲିଛି ଏବଂ ଲକ୍ଷ ଲକ୍ଷ ଲୋକ ଏହି ରୋଗରେ ଯନ୍ତ୍ରଣା ଜର୍ଜରିତ ହୋଇ ପ୍ରାଣ ହରାଉଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଏକ ଆକଳନ ଅନୁସାରେ ଏବେ କେବଳ ଆମ ଭାରତରେ ୧୮ ବର୍ଷରୁ ଅଧିକ ପ୍ରାୟ ୭.୭ କୋଟି ଲୋକ ଦ୍ୱିତୀୟ ପର୍ଯ୍ୟାୟ ମଧୁମେହରେ ଆକ୍ରାନ୍ତ ତଥା ଆହୁରି ୨.୫ କୋଟି ଲୋକ ଏହି ରୋଗର ନିଶ୍ଚିତ ପୂର୍ବ ଲକ୍ଷଣ କବଳରେ ଅନ୍ତର୍ଭୁକ୍ତ।

ଦୁର୍ଭାଗ୍ୟପୂର୍ଣ୍ଣ ଭାବେ ଆମ ଦେଶରେ ୫୦ ପ୍ରତିଶତରୁ ଅଧିକ ମଧୁମେହ ଆକ୍ରାନ୍ତ ରୋଗୀ ନିଜେ ଜାଣନ୍ତି ନାହିଁ ଯେ ସେମାନେ ଏହି ଦୁରାରୋଗ୍ୟରେ ପୀଡ଼ିତ ଓ ଏଥିରେ ତାଙ୍କର ଜୀବନହାନି ଘଟିପାରେ। ଆହୁରି ଅଧିକ ଦୁର୍ଭାଗ୍ୟ ଯେ, ନିଜ ରୋଗ ଓ ତା'ର କୁଫଳ ସମ୍ବନ୍ଧରେ ଜାଣିଥିବା ଅବଶିଷ୍ଟ ୫୦ ପ୍ରତିଶତରୁ ପ୍ରାୟ ୨୫ ପ୍ରତିଶତ ରୋଗୀ ମଧ୍ୟ ନିଜର ଏହି କଠିନ ରୋଗର ନିଦାନ ଓ ନିରାକରଣ ବିଷୟରେ ନା ସଚେତନ ନା ସାବଧାନ। ଏହି ରୋଗୀମାନଙ୍କ ମଧ୍ୟରୁ ଅଧିକ ହେଲେ ଆର୍ଥିକ ସମ୍ବଳହୀନ ଓ ଅଜ୍ଞ ଗ୍ରାମୀଣ ଜନସାଧାରଣ ଏବଂ ସହରାଞ୍ଚଳର ଖାଦ୍ୟପେୟ ବିଷୟରେ ଅଜ୍ଞ ଓ ରୋଗ ନିଦାନ ସମ୍ବନ୍ଧରେ ଉଦାସୀନ। ବିଶୃଙ୍ଖଳିତ ଜୀବନଚର୍ଯ୍ୟା, ଖାଦ୍ୟ ପାନୀୟ ଓ ଉପଯୁକ୍ତ ଶାରୀରିକ ପୋଷଣ ଅଭାବରୁ, ବୟସ ବୃଦ୍ଧି ବା ଅନ୍ୟ କୌଣସି ଶାରୀରିକ ରୋଗ ବା ମାନସିକ ଚାପ ଇତ୍ୟାଦି କାରଣରୁ ଶାରୀରିକ ପ୍ରକ୍ରିୟା ଏବଂ ରସାୟନ ଅସନ୍ତୁଳିତ ହେଲେ ଶରୀରରେ ଉପଯୁକ୍ତ ଶର୍କରା ବା ଇନ୍‌ସୁଲିନ୍ ମାତ୍ରା ଆବଶ୍ୟକତାଠାରୁ କମ୍ ହୋଇଗଲେ ମଧୁମେହ ରୋଗ ଉପୁଜିଥାଏ। ଅନ୍ୟ ରୋଗ ତୁଳନାରେ ଏହି ରୋଗର ସବୁଠାରୁ ବଡ଼ ଦୁଷ୍ପ୍ରଭାବ ହେଲା ଏହା ଶରୀରର ବିଭିନ୍ନ ପ୍ରଧାନ ଅଂଶକୁ ଆକ୍ରାନ୍ତ କରି ମଣିଷର ଶାରୀରିକ ଶକ୍ତି ଓ ରୋଗ ପ୍ରତିରୋଧକ କ୍ଷମତାକୁ ଅତି ଦୁର୍ବଳ କରି ଦେଇଥାଏ। ମଧୁମେହ ପ୍ରଭାବରେ ମୁଖ୍ୟତଃ ହୃତ୍‌ପିଣ୍ଡର ରକ୍ତଚାପ, ଯକୃତ, ମୂତ୍ରାଶୟ, ଅଗ୍ନ୍ୟାଶୟ, ପାଚନ ବ୍ୟବସ୍ଥା ଇତ୍ୟାଦି ଆକ୍ରାନ୍ତ ହୋଇଥାଏ, ଯାହା ଶରୀରକୁ ଧୀରେ ଧୀରେ ଦୁର୍ବଳରୁ ଦୁର୍ବଳତର କରି ମୃତ୍ୟୁମୁଖକୁ ନେଇଯାଇଥାଏ।

ଏଲୋପାଥି, ହୋମିଓପାଥି, ଆୟୁର୍ବେଦିକ ଇତ୍ୟାଦି ଚିକିତ୍ସା ତୁଳନାରେ ପ୍ରାକୃତିକ ପଞ୍ଚକର୍ମ ପ୍ରକ୍ରିୟାର ଚିକିତ୍ସା ମଧୁମେହ ପାଇଁ ପ୍ରଭାବଶାଳୀ ଚିକିତ୍ସା ଭାବରେ ଆବହମାନକାଳରୁ, ଋଷୀ ଚରକ, ଶୁଶ୍ରୁତଙ୍କ ଯୁଗରୁ ଆମ ଭାରତବର୍ଷରେ ରହିଆସିଛି। ଯାହା ପ୍ରାକୃତିକ ଜୀବନଚର୍ଯ୍ୟାରେ, ସନ୍ତୁଳିତ ସୁଷମ ଖାଦ୍ୟପେୟରେ, ଶରୀରରୁ ନକାରାତ୍ମକ ଉତ୍ପାଦନର ନିଷ୍କାସନ ପଦ୍ଧତିରେ ମଧୁମେହର ନିଦାନ, ନିରାକରଣ ବା ଉପଶମ ପ୍ରଭାବଶାଳୀ ଭାବରେ କରିଆସିଛି।

ପଞ୍ଚକର୍ମ ପଦ୍ଧତିର ଚିକିତ୍ସା ପ୍ରଣାଳୀ ଶରୀରର ପଞ୍ଚଭୂତ ଯଥା– କ୍ଷିତି(ପୃଥ୍ୱୀ), ଆପ୍(ଜଳ), ତେଜ୍(ଅଗ୍ନି), ମରୁତ(ବାୟୁ) ଓ ବ୍ୟୋମ(ଆକାଶ) ଉପରେ ଆଧାରିତ, ଯାହା ଶାରୀରିକ ସନ୍ତୁଳନ, ପୋଷଣ, ଶୋଧନ, ନିଷ୍କାସନ, ସଶକ୍ତୀକରଣ ଇତ୍ୟାଦି ମାଧ୍ୟମରେ ଶରୀରକୁ ସମ୍ପୂର୍ଣ୍ଣ ନିରାମୟ ଓ ରୋଗମୁକ୍ତ କରିଥାଏ। ଉଦାହରଣସ୍ୱରୂପ– ମଡ୍ ଥେରାପି, ପ୍ରାଣାୟାମ ଥେରାପି, ଯୋଗ ଓ ଧ୍ୟାନ ତଥା ଡେଟୋକ୍ସିଫିକେଶନ ଇତ୍ୟାଦି ମାଧ୍ୟମରେ ଏହି ପ୍ରାକୃତିକ ଚିକିତ୍ସା ପ୍ରଣାଳୀ ଶରୀରକୁ କେବଳ ମଧୁମେହ ରୋଗ ନୁହେଁ ବରଂ ଅନ୍ୟ ବିଭିନ୍ନ ଦୁରାରୋଗ୍ୟରୁ ବିମୁକ୍ତ କରିଥାଏ। ତେଣୁ ନିଜ ଆଖପାଖରେ ଥିବା ପ୍ରାକୃତିକ ଚିକିତ୍ସାକେନ୍ଦ୍ରଗୁଡ଼ିକରେ ସ୍ୱଳ୍ପ ଖର୍ଚ୍ଚରେ ଏହି ପ୍ରାକୃତିକ ଚିକିତ୍ସାର ଲାଭ ଉଠାଇ ନିରାମୟ ରୁହନ୍ତୁ। ଭୁବନେଶ୍ୱର ବାରଙ୍ଗସ୍ଥିତ ଭାଲୁଙ୍କା ଅଞ୍ଚଳର ପ୍ରାୟ ୨୫ ଏକରର ବନାନୀ କୋଳରେ ପ୍ରତିଷ୍ଠିତ ଅତ୍ୟାଧୁନିକ ପ୍ରାକୃତିକ ସ୍ୱାସ୍ଥ୍ୟକେନ୍ଦ୍ର 'ହେଲ୍‌ଥଭିଲେ' ଓ ଶାନ୍ତିବନ, ଯେଉଁଠି ବିଶେଷଜ୍ଞ ପ୍ରାକୃତିକ ଚିକିତ୍ସକମାନଙ୍କ ତତ୍ତ୍ୱାବଧାନରେ, ସ୍ୱଳ୍ପ ଖର୍ଚ୍ଚରେ ମଧୁମେହ ରୋଗ ତଥା ଅନ୍ୟାନ୍ୟ ଦୁରାରୋଗ୍ୟକୁ ସମ୍ପୂର୍ଣ୍ଣ ନିର୍ମୂଳ କରିବାର ଚିକିତ୍ସା ବ୍ୟବସ୍ଥା ରହିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ପରିବେଶ, ବିଶେଷଜ୍ଞଙ୍କ ଦ୍ୱାରା ଚିକିତ୍ସା ପ୍ରଣାଳୀ, ସନ୍ତୁଳିତ ଖାଦ୍ୟପେୟ, ରହିବା ବ୍ୟବସ୍ଥା ଦେଶ ଓ ବିଦେଶର ମଧୁମେହ ରୋଗୀ ତଥା ଅନ୍ୟ ରୋଗ ପ୍ରପୀଡ଼ିତଙ୍କ ପାଇଁ ଆକର୍ଷଣର କେନ୍ଦ୍ର ହୋଇପାରିଛି। ଏହି ପ୍ରାକୃତିକ ଚିକିତ୍ସାକେନ୍ଦ୍ରକୁ ସପରିବାରରେ ଏବଂ ସମ୍ପର୍କୀୟମାନଙ୍କ ସହିତ ପରିଦର୍ଶନ କରିପାରନ୍ତି ତଥା ନିଃଶୁଳ୍କ ଡାକ୍ତରୀ ପରାମର୍ଶର ଲାଭ ଉଠାଇ ପାରନ୍ତି।



**–ଡା. ସତ୍ୟବ୍ରତ ମୀନକେତନ**
ଅଧ୍ୟକ୍ଷ, ହେଲ୍‌ଥଭିଲେ ପ୍ରାକୃତିକ ସ୍ୱାସ୍ଥ୍ୟକେନ୍ଦ୍ର
ଭାଲୁଙ୍କା, ବାରଙ୍ଗ, ଭୁବନେଶ୍ୱର

# ମେରୁଦଣ୍ଡ ଆଘାତ ଓ ଉପଚାର



ମେରୁଦଣ୍ଡ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହି ଅଙ୍ଗ ସାହାଯ୍ୟରେ ମନୁଷ୍ୟ ଶରୀରର ପ୍ରତ୍ୟେକ କାର୍ଯ୍ୟ ତଥା ଚାଲିବାର ସକ୍ଷମତା, ମେରୁଦଣ୍ଡ ଚାଳନ ଉପରେ ସୁଷୁମ୍ନାକାଣ୍ଡର ସୁରକ୍ଷା ନିର୍ଭର କରିଥାଏ। ମେରୁଦଣ୍ଡ ସାମାନ୍ୟ ଆଘାତ ହେଲେ ମଧ୍ୟ ଏହା ଶରୀରକୁ ସମ୍ପୂର୍ଣ୍ଣ ଅକ୍ଷମ କରିଦିଏ। ଆଘାତର ମାତ୍ରା ଅଧିକ ହେଲେ ଏହା ମନୁଷ୍ୟକୁ ସାରା ଜୀବନ ଶଯ୍ୟାଶାୟୀ କରାଇ ଦେଇଥାଏ। ମେରୁଦଣ୍ଡର ଆଘାତ ଅନେକ ସମୟରେ ଅସାବଧାନତା କିମ୍ବା ଅସଚେତନତାରୁ ହିଁ ହୋଇଥାଏ। ତେଣୁ ମେରୁଦଣ୍ଡର ଏହି ସମସ୍ୟାକୁ ଅବହେଳା ନ କରି ଅଭିଜ୍ଞ ସ୍ନାୟୁଶଲ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ପରୀକ୍ଷା ନିରୀକ୍ଷା ଏବଂ ନିୟମିତ ଚିକିତ୍ସା କଲେ ଏହାର ଉପଚାର କରାଯାଇପାରିବ।

ମେରୁଦଣ୍ଡ ଆଘାତର କାରଣ: ଦୁର୍ଘଟଣା, ଉଚ୍ଚ ସ୍ଥାନରୁ ପଡ଼ିଯିବା, ବହୁ ଜୋରରେ ଆଘାତ, କ୍ରୀଡ଼ାଜନିତ ଯେକୌଣସି ସ୍ପାଇନାଲକର୍ଡରେ ଆଘାତ। ପୂର୍ବରୁ ମେରୁଦଣ୍ଡଜନିତ ସମସ୍ୟାର କୌଣସି ପ୍ରକାର ଚିକିତ୍ସା ଆମ ରାଜ୍ୟରେ ଉପଲବ୍ଧ ନ ଥିଲା, କିନ୍ତୁ ଏବେ ଲେଜର ସାହାଯ୍ୟରେ ମଧ୍ୟ ଏହାର ସଫଳ ଉପଚାର କରାଯାଇପାରୁଛି ଏବଂ ସର୍ଜରିରେ ମଧ୍ୟ ଏହାର ସମ୍ପୂର୍ଣ୍ଣ ସଫଳ ଚିକିତ୍ସା କରାଯାଇପାରୁଛି ବୋଲି ବରିଷ୍ଠ ସ୍ନାୟୁଶଲ୍ୟ ବିଶେଷଜ୍ଞ ଡା. ପ୍ରଫୁଲ୍ଲ କୁମାର ସାହୁ କହିଛନ୍ତି।

ମେରୁଦଣ୍ଡ ଆଘାତର ଲକ୍ଷଣ: ପିଠି ଏବଂ ବେକରେ ଯନ୍ତ୍ରଣା, ସ୍ପାଇନାଲକର୍ଡ ଆଘାତ ଯୋଗୁ ଶରୀରର କୌଣସି ଅଙ୍ଗ କାମ ନ କରିବା, ଚାଲିବାରେ ଅକ୍ଷମତା, ଗୋଡ଼ ଏବଂ ହାତର ଚାଳନା ଗତିରେ ସମସ୍ୟା, ମାଂସପେଶୀ ଚାଳନାରେ ବ୍ୟତିକ୍ରମ ଦେଖାଦେଇଥାଏ। ପରିସ୍ରା ଓ ଝାଡ଼ାରେ ମଧ୍ୟ ଏହାର ଲକ୍ଷଣ ହୋଇଥାଏ। ଡାଏଗ୍ନୋସିସ୍ (ପରୀକ୍ଷା): ଏକ୍ସରେ, ସିଟି ସ୍କାନ, ଏମ୍‌ଆର୍‌ଆଇ।

ଚିକିତ୍ସା ପଦ୍ଧତି: ପ୍ରଥମତଃ ବିଶେଷଜ୍ଞଙ୍କ ଦ୍ୱାରା ଏକ୍ସରେ, ସିଟିସ୍କାନ, ଏମ୍‌ଆର୍‌ଆଇ ପରୀକ୍ଷାରୁ ଆଘାତର ସ୍ତର ଏବଂ ସ୍ଥିତି ପରଖିବା ପରେ ବିଶେଷଜ୍ଞ ଏହାର ଚିକିତ୍ସା ନିରୂପଣ କରିଥାନ୍ତି। ସ୍ଥିତି ଦେଖି ସ୍ଥିର କରାଯାଏ କି ଶଲ୍ୟ ଚିକିତ୍ସା ବା ଅତ୍ୟାଧୁନିକ ଚିକିତ୍ସା କରାଯିବ।

ସାବଧାନତା: ନିର୍ଦ୍ଦିଷ୍ଟ ବେଗରେ ଗାଡ଼ି ଚଳାନ୍ତୁ, ନିଶା ସେବନ କରି ଗାଡ଼ି ଚଳାନ୍ତୁ ନାହିଁ, ପାଣିକୁ ଲମ୍ଫ ଦେଲାବେଳେ ଗଭୀରତା ମାପନ୍ତୁ, ଖେଳକୁଦ ସମୟରେ ସାବଧାନତା ରଖନ୍ତୁ, ବୟସ୍କ ବ୍ୟକ୍ତି ଏବଂ ଶିଶୁଙ୍କ ଗତିବିଧିକୁ ଧ୍ୟାନ ଦିଅନ୍ତୁ।

**–ବ୍ରିଗେଡିୟର(ପ୍ରଫେସର) ଡା. ପ୍ରଫୁଲ୍ଲ କୁମାର ସାହୁ**
ସନସାଇନ୍ ହସ୍ପିଟାଲ, ଭୁବନେଶ୍ୱର















ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଜୁଲାଇ ୧/୨୦୨୩ Bhubaneswar, Saturday, July 1/ 2023

# ମେରୀ କମ୍‌ଙ୍କୁ ଗ୍ଲୋବାଲ ଇଣ୍ଡିଆନ ଆଇକନ୍ ପୁରସ୍କାର



ପୁରସ୍କାର ଗ୍ରହଣ ଅବସରରେ ଏମ୍.ସି. ମେରୀ କମ୍ (ମଝି)।

**ଲଣ୍ଡନ,୩୦।୬(ପି.ଟି.)**

କ୍ରୀଡ଼ା କିମ୍ବଦନ୍ତୀ ତଥା ମହିଳା ବକ୍ସିଂରେ ଭାରତର ପ୍ରଥମ ଅଲିମ୍ପିକ ପଦକ ବିଜେତା ଏମ୍.ସି. ମେରୀ କମ୍ ଗ୍ଲୋବାଲ ଇଣ୍ଡିଆନ ଆଇକନ ଅଫ୍ ଦି ଇୟର ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ସାଉଥ-ଇଷ୍ଟର୍ନ ଇଂଲଣ୍ଡର ୱିଣ୍ଡସରଠାରେ ଏହି ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ)-ଭାରତ ବାର୍ଷିକ ପୁରସ୍କାର ପ୍ରଦାନ କରାଯାଇଛି। ପୂର୍ବତନ ରାଜ୍ୟ ସଭା ସଦସ୍ୟା ମେରୀ କମ୍ ଗୁରୁବାର ରାତିରେ ଆୟୋଜିତ ଏକ ଆଡମ୍ବରପୂର୍ଣ୍ଣ ଉତ୍ସବରେ ୟୁକେରେ ଅବସ୍ଥାପିତ ଭାରତୀୟ ହାଇକମିଶନର ବିକ୍ରମ ଦୋରାଇସ୍ୱାମୀଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ଅବସରରେ ମେରୀ କମ୍ ତାଙ୍କ ୨୦ବର୍ଷର ବକ୍ସିଂ କ୍ୟାରିୟର ସମ୍ପର୍କରେ କହିଥିଲେ। ୟୁକେ-ଇଣ୍ଡିଆ ସପ୍ତାହ ପାଳନର ଅଂଶବିଶେଷ ସ୍ୱରୂପ ଇଣ୍ଡିଆ ଗ୍ଲୋବାଲ ଫୋରମ ତରଫରୁ ଏହି ପୁରସ୍କାର ଉତ୍ସବର ଆୟୋଜନ କରାଯାଇଥିଲା। ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ଶେଖର କପୁରଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାର ପାଇଥିଲେ। ଉଭୟ ଦେଶରେ ଚଳଚ୍ଚିତ୍ର କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। 'ଏଲିଜାବେଥ୍: ଦି ଗୋଲ୍ଡେନ ଏଜ୍' ଓସ୍କାର ପୁରସ୍କାର ପାଇଁ ସୁପାରିସ ହେବା ପଛରେ ତାଙ୍କର ଅବଦାନ ରହିଛି। ଲଣ୍ଡନରେ ଥିବା ଭାରତୀୟ ହାଇକମିଶନର ଏକ ସାଂସ୍କୃତିକ ଶାଖା ନେହେରୁ ସେଣ୍ଟର ୟୁକେ-ଇଣ୍ଡିଆ ପୁରସ୍କାର ଲାଭ କରିଛି। ୟୁକେ-ଭାରତ ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରିବା କ୍ଷେତ୍ରରେ ଏହି ସେଣ୍ଟରର ଉଲ୍ଲେଖନୀୟ ଅବଦାନ ରହିଛି। ୟୁକେ-ଇଣ୍ଡିଆ ବାର୍ଷିକ ପୁରସ୍କାର ୫ମ ବର୍ଷ ପଦାର୍ପଣ କରିଛି। ବ୍ୟବସାୟ ବୃତ୍ତିଗତ ସେବା, ସରକାରୀ, ସାଂସ୍କୃତିକ ଓ ସାମାଜିକ ପ୍ରଭାବ ଆଦି କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରିବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାର ଦିଆଯାଇ ଆସୁଛି।

# ଲର୍ଡ୍‌ସ ଟେଷ୍ଟ: ଦୃଢ଼ ସ୍ଥିତିରେ ଅଷ୍ଟ୍ରେଲିଆ

**ଲଣ୍ଡନ, ୩୦।୬**

ଲର୍ଡ୍‌ସ ଠାରେ ଚାଲିଥିବା ଦ୍ୱିତୀୟ ଆଶେସ ଟେଷ୍ଟରେ ଇଂଲଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆ ନିଜର ସ୍ଥିତି ମଜଭୁତ କରିଛି। ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୪୧୬ ରନ କରିଥିବାବେଳେ ଇଂଲଣ୍ଡ ପ୍ରଥମ ଇନିଂସରେ ୩୨୫ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ତୃତୀୟ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୨ ଉଇକେଟ ହରାଇ ୧୩୦ ରନ ସଂଗ୍ରହ କରି ନେଇଛି। ଫଳରେ ୮ ଉଇକେଟ ସୁରକ୍ଷିତ ଥାଇ ଦଳ ୨୨୧ ରନରେ ଅଗ୍ରଣୀଲାଭ କରିଛି। ଡେଭିଡ ୱାର୍ନର ୨୫ ଓ ମାର୍ନସ ଲାବୁସେନ ୩୦ ରନକରି ଆଉଟ ହୋଇଥିବାବେଳେ ଉସମାନ ଖ୍ୱାଜା ୫୮ ଓ ଷ୍ଟିଭେନ୍ ସ୍ମିଥ୍ ୬ ରନରେ ଅପରାଜିତ ରହିଛନ୍ତି। ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ବେନ୍ ଡକେଟ ସର୍ବାଧିକ ୯୮ ରନ କରିଥିଲେ। ହ୍ୟାରି ବ୍ରୁକ୍ ୫୦, ଜ୍ୟାକ୍ କ୍ରଲି ୪୮ ଓ ଓଲି ପୋପ୍ ୪୨ ରନରେ ଯୋଗଦାନ ଦେଇଥିଲେ। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ ମିଚେଲ ଷ୍ଟାର୍କ ୩ଟି, ଜୋଶ୍ ହାଜେଲଉଡ୍ ଓ ଟ୍ରାଭିସ ହେଡ୍ ୨ଟି ଲେଖାଏ ଏବଂ ପ୍ୟାଟ୍ କମିନ୍ସ, ନାଥାନ ଲିୟନ ଓ କାମେରନ ଗ୍ରୀନ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଅଲ୍ ଓଡ଼ିଶା ଆନ୍ତଃ କ୍ଲବ ଭାରୋତ୍ତୋଳନରେ ଚାମ୍ପିୟନ ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ ଦଳକୁ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ପୁରସ୍କୃତ କରୁଛନ୍ତି।

# ଫ୍ଲଏଡ୍ ପିଣ୍ଟୋ ଓଡ଼ିଶା ଏଫ୍‌ସିର ସହକାରୀ କୋଚ୍

**ଭୁବନେଶ୍ୱର, ୩୦।୬:** ଓଡ଼ିଶା ଏଫ୍‌ସି ଫ୍ଲଏଡ୍ ପିଣ୍ଟୋଙ୍କୁ ସିନିୟର ପୁରୁଷ ଦଳର ସହକାରୀ କୋଚ୍ ଭାବେ ନିଯୁକ୍ତି ଦେଇଛି। ଏଥିପାଇଁ ୨ ବର୍ଷିଆ ଚୁକ୍ତି ହୋଇଥିବା ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ୍)ର ଏହି ଫ୍ରାଞ୍ଚାଇଜ ତରଫରୁ ସୂଚନା ଦିଆଯାଇଛି। ପିଣ୍ଟୋଙ୍କ କୋଚିଂ କ୍ୟାରିୟର କେଙ୍କ୍ରେ ଏଫ୍‌ସି ସହ ଆରମ୍ଭ ହୋଇଥିଲା। ଏହାପରେ ସେ ୧୯ ବର୍ଷରୁ କମ୍ ଭାରତୀୟ ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଥିଲେ। ତାଙ୍କ ନେତୃତ୍ୱରେ ଦଳ ସାଫ୍ ୧୯ ବର୍ଷରୁ କମ୍ ଚାମ୍ପିୟନଶିପ୍ ଜିତିଥିଲା। ଜାତୀୟ ଦଳ ସହ ସଫଳତା ପାଇବା ପରେ ପିଣ୍ଟୋ ବିଭିନ୍ନ କ୍ଲବ ସହ ତାଙ୍କ କୋଚିଂ କ୍ୟାରିୟର ଜାରି ରଖିଥିଲେ। ସେ ରାଉଣ୍ଡଗ୍ଲାସ ପଞ୍ଜାବ ଏଫ୍‌ସି, ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ଏବଂ ଇଣ୍ଡିଆନ ଆରୋଜ ଦଳ ସହ ସଫଳତାର ସହିତ ଦାୟିତ୍ୱ ତୁଲାଇଛନ୍ତି। ନିକଟରେ ନେ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ଦଳ ପାଇଁ ଖେଳିଛନ୍ତି। ଏହି ଦଳ ତାଙ୍କ ସମୟରେ ସୁପର କପ୍ ସେମିଫାଇନାଲ ପାଇଁ କ୍ୱାଲିଫାଏ କରିଥିଲା।

# ରାଇଜିଂ ଷ୍ଟାର-ବିଡ଼ାନାସୀ କ୍ଲବ ଫାଇନାଲ

## ଫାଓ ସୁପରକପ୍

**ଭୁବନେଶ୍ୱର, ୩୦।୬**
**(ତପନ ସ୍ୱାଇଁ)**

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ୨ଟି ସେମିଫାଇନାଲ ଶୁକ୍ରବାର କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇ ରାଇଜିଂ ଷ୍ଟାର କ୍ଲବ ଓ ବିଡ଼ାନାସୀ କ୍ଲବ ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ସେମିଫାଇନାଲରେ ରାଇଜିଂ ଷ୍ଟାର କ୍ଲବ ୩-୨ ଗୋଲରେ ସନ୍‌ରାଇଜ୍ କ୍ଲବକୁ ପରାସ୍ତ କରିଥିଲା। ରାଇଜିଂ ଷ୍ଟାର ପକ୍ଷରୁ ମଧୁ ଜାନି ୬୩ ଓ ୮୧ତମ ମିନିଟରେ ୨ଟି ଓ ଜିତୁ ମୁଦୁଲି ୮୬ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ସନ୍‌ରାଇଜ୍ ପକ୍ଷରୁ ଫ୍ଲିଣ୍ଟୋ ଏଫ୍. ୫୩ ଓ ସମିର କେର୍କେଟା ୮୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ଦ୍ୱିତୀୟ ସେମିଫାଇନାଲରେ ବିଡ଼ାନାସୀ କ୍ଲବ ୫-୨ ଗୋଲରେ ଜୟଦୁର୍ଗା କ୍ଲବକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ରାଜେଶ କୁମାର ନାୟକ ୮ ଓ ୨୬ ଏବଂ ରାଜେଶ ନାୟକ ୪୩ ଓ ୪୪ତମ ମିନିଟରେ ୨ଟି ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ତର୍ଯ୍ୟାମୀ ନାୟକ ୪୯ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ଜୟଦୁର୍ଗାର ଜନମା ଖେସ୍ ୬୩ ଓ ୮୭ତମ ମିନିଟରେ ୨ଟି ଗୋଲ ପରିଶୋଧ କରିଥିଲେ। ଆସନ୍ତା ରବିବାର ଅପରାହ୍ନ ୫ଟା ୩୦ରେ ଫାଇନାଲ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ।



To locate your nearest store and know more on 6366920017. Buy online at tanishq.co.in or Download our App *Conditions apply.
**Showrooms at:** S.R Central Mall - Jeypore, Master Canteen Square & Chandrashekarpur - Bhubaneswar, Cantonment Road - Cuttack, Keshar Bhavan at Main Road - Rourkela, City High School - Brahmapur Buddharaja Road - Sambalpur, Amalapada - Angul, Vivekanand Marg - Balasore, Beheremal Chowk - Jharsuguda, Grand Road - Puri, Chorda Road Bypass - Jaipur Road, Bhatli Chowk Road - Bargarh.

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ